# ପ୍ରାର୍ଥନା

ତୁମର ଦିବ୍ୟ-ପୁଷ୍ପସ୍ତବକରେ ସମସ୍ତ ପୁଷ୍ପକୁ ବନ୍ଧନ ଯୋଗେ ଏକତ୍ର ରଖିବା ବ୍ୟତିରେକେ ପ୍ରେମ ଅନ୍ୟ କିଛି ନୁହେଁ । ତା'ର ଏହି ଭୂମିକା ଦୃଶ୍ୟମାନ ନୁହେଁ, ତାହା ନମ୍ର, ସ୍ୱୀକୃତି ରହିତ, ତାହା ଏକ ନୈର୍ବ୍ୟକ୍ତିକ ଭୂମିକା – ଯାହା ସେହି ନୈର୍ବ୍ୟକ୍ତିକତା ଭିତରେହିଁ ଆପଣାର ସମସ୍ତ ଉପଯୋଗିତା ଦେଖିପାରେ ।

ଯେହେତୁ ମୁଁ ଅଧିକରୁ ଅଧିକ ମାତ୍ରାରେ ବନି ଯାଉଛି ଏହି ବନ୍ଧନ, ତୁମ ଚେତନାର ବିକ୍ଷିପ୍ତ ବିଚ୍ଛିନ୍ନାଂଶସବୁକୁ ଏକତ୍ର କରିବାର ସଂଯୋଗ ସୂତ୍ର ସେମାନଙ୍କୁ ସମଷ୍ଟିଭୁକ୍ତ କରି ତୁମ ଚେତନାକୁ ଅଧିକରୁ ଅଧିକ ଉତ୍ତମ ରୂପେ ପୁନଃବିନ୍ୟସ୍ତ କରିବା ନିମନ୍ତେ – ଯାହା ଯୁଗପତ୍ ଏକକ ଏବଂ ବହୁ, ମହାଜାଗତିକ ଶକ୍ତିସମୂହର ଲୀଳାରେ ପ୍ରେମ ପ୍ରକୃତରେ କ'ଣ, ତାହାର ସ୍ଥାନ ଓ ଆଭିମୁଖ୍ୟ କ'ଣ, ତାହା ସ୍ପଷ୍ଟ ଭାବେ ଦେଖିପାରିବା ମୋ ପକ୍ଷରେ ସମ୍ଭବପର ହୋଇଛି । ଏହା ନିଜେ ଗୋଟାଏ ଅଭୀଷ୍ଟ ଲକ୍ଷ୍ୟ ନୁହେଁ, କିନ୍ତୁ ଏହା ତୁମର (ଅଭୀଷ୍ଟ ସିଦ୍ଧି ଦିଗରେ) ଏକ ପରମ ପନ୍ଥା । ସକ୍ରିୟ, ସର୍ବବ୍ୟାପ୍ତ, ଯାବତୀୟ ବସ୍ତୁ ମଧ୍ୟରେ, ସଂଯୋଗ ସାଧନ କରୁଥିବା ବସ୍ତୁସବୁ ମଧ୍ୟରେହିଁ ଏହା ସର୍ବତ୍ର ରହିଥାଏ ପ୍ରଚ୍ଛନ୍ନ । ସେସବୁ ବସ୍ତୁ ଏହାର ପ୍ରଭାବ ଅନୁଭବ କଲେ ମଧ୍ୟ ଏହାର ଉପସ୍ଥିତି ସଂପର୍କରେ କେବେ କେବେ ଅବହିତ ନଥା'ନ୍ତି ।

ହେ ପ୍ରଭୁ, ତୁମ ମାଧୁର୍ଯ୍ୟ ମୋ ଆତ୍ମାରେ ପ୍ରବିଷ୍ଟ ହୋଇଛି ଏବଂ ତୁମେ ମୋର ସମଗ୍ର ସତ୍ତାକୁ ଆନନ୍ଦରେ ପରିପୂର୍ଣ୍ଣ କରିଛ ।

ଏବଂ ଏହି ଆନନ୍ଦ ଭିତରେ ମୁଁ ତୁମକୁ ଅର୍ପଣ କରୁଛି ଏକ ପ୍ରାର୍ଥନା – ଯେମିତିକି ତାହା ତୁମ ପାଖରେ ଯାଇ ଉପନୀତ ହୋଇପାରିବ ।

ଜାନୁଆରୀ ୫, ୧୯୧୭ — ଶ୍ରୀମା



# ୨୦୧୭ ନବବର୍ଷ ଉପଲକ୍ଷେ ଆଶ୍ରମରେ ବିତରିତ ବାଣୀ

It is the Divine Presence that gives value to life. This Presence is the source of all peace, all joy, all security. Find this Presence in yourself and all your difficulties will disappear.

(CWM Vol. 14, p. 15) - The Mother

ଭାଗବତ ଉପସ୍ଥିତିହିଁ ଜୀବନକୁ ମୂଲ୍ୟ ପ୍ରଦାନ କରିଥାଏ । ଏହି ଉପସ୍ଥିତିହିଁ ଯାବତୀୟ ଶାନ୍ତି, ଯାବତୀୟ ଆନନ୍ଦ, ଯାବତୀୟ ନିରାପତ୍ତାର ଉତ୍ସ । ତୁମ ନିଜ ଭିତରେ ଏ ଉପସ୍ଥିତିକୁ ଖୋଜିନିଅ; ତୁମର ଯାବତୀୟ ବାଧାବିଘ୍ନ ଅନ୍ତର୍ହିତ ହୋଇଯିବ ।

ଶ୍ରୀମା



# ମନ୍ତ୍ରମୟୀ ସାବିତ୍ରୀ

### ଦ୍ୱିତୀୟ ପର୍ବ : ସପ୍ତମ ସର୍ଗ, ମହା-ରାତ୍ରି ମଧ୍ୟକୁ ଅବତରଣ

### (The Descent into Night)

### (୫୮)

## ଶ୍ରୀଅରବିନ୍ଦ

In high professions wrapped self-will
walked wide
And licence stalked prating of order and right :
There was no altar raised to Liberty;
True freedom was abhorred and hunted down :
Harmony and tolerance nowhere
could be seen;
Each group proclaimed its dire and naked Law.

ସମୁଚ୍ଚ ବାକ୍ ବୈଭବରେ ନିଜକୁ ଆବୃତ କରି ସ୍ୱେଚ୍ଛାବୃତ୍ତି ଏଣେ ତେଣେ ବିଚରଣ କରୁଥିଲା ଏବଂ ଉଚ୍ଛୃଙ୍ଖଳତା ନିର୍ବୋଧ ଭାବରେ ଶୃଙ୍ଖଳା ଓ ନ୍ୟାୟାଧିକାରର ବାର୍ତ୍ତା ବିଘୋଷିତ କରି ଗର୍ବିତ ଠାଣିରେ ଚାଲିଥିଲା । ସେଠାରେ ମୁକ୍ତି ପାଇଁ କୌଣସି ଯଜ୍ଞବେଦି ନଥିଲା । ଯଥାର୍ଥ ସ୍ୱାଧୀନତା ଘୃଣ୍ୟ ବିବେଚିତ ହେଉଥିଲା ଓ ବଧ ଶିକାରତୁଲ୍ୟ ତାହାର ଅନ୍ୱେଷଣ କରାଯାଉଥିଲା । ସୁସଙ୍ଗତି ଓ ସହନଶୀଳତା କେଉଁଠି ହେଲେ ଦୃଶ୍ୟମାନ ହେଉ ନଥିଲେ । ପ୍ରତ୍ୟେକ ଗୋଷ୍ଠୀ ସେମାନଙ୍କର ନିଜସ୍ୱ ନିର୍ମମ ଓ ନଗ୍ନ ନିୟମ ଘୋଷଣା କରୁଥିଲେ ।

A frame of ethics knobbed with scriptural rules
Or a theory passionately believed and praised
A table seemed of high Heaven's sacred code.

ଗୋଟାଏ ନୈତିକ ଢାଞ୍ଚାରେ ଅଙ୍କିତ ହୋଇରହିଥିବା ଶାସ୍ତ୍ରର ବିଧାନ ଅଥବା ଆବେଗମଭ ଭାବରେ ଆଦୃତ ଓ ପ୍ରଶଂସିତ ଏକ ମତବାଦ ସମୁଚ୍ଚ ସ୍ୱର୍ଗର ପୁଣ୍ୟ ବିଧାନର ଏକ ସାରଣୀ ପରି ମନେ ହେଉଥିଲା ।

A formal practice mailed and iron-shod
Gave to a rude and ruthless warrior kind
Drawn from the savage bowels of the earth
A proud stern poise of harsh nobility,
A civic posture rigid and formidable.

ବର୍ମାବୃତ ଓ ଲୌହ କବଚରକ୍ଷିତ ଏକ ବାହ୍ୟ ଅନୁଷ୍ଠାନ ଶିକ୍ଷାହୀନ, ହୃଦୟହୀନ ଯୋଦ୍ଧୃଗୋଷ୍ଠୀକୁ ଆଣି ଦେଉଥିଲା ଏକ ଗର୍ବିତ କଠୋର ଆଭିଜାତ୍ୟର ଭଙ୍ଗିମା, ଏକ ନିର୍ମମ ନିଦାରୁଣ ସଭ୍ୟତାର ସ୍ଥିତି ଯାହା ପୃଥିବୀର ଆଦିମ ଜଠର ମଧ୍ୟରୁ ଉଠି ଆସିଥିଲା ।

But all their private acts belied the pose :
Power and utility were their
Truth and Right,
An eagle rapacity clawed its coveted good,
Beaks pecked and talons tore
all weaker prey.

କିନ୍ତୁ ସେମାନଙ୍କର ସମସ୍ତ ବ୍ୟକ୍ତିଗତ କର୍ମ ସେମାନଙ୍କର ବାହ୍ୟ ଭଙ୍ଗିମାକୁ ମିଥ୍ୟା ପ୍ରମାଣିତ କରୁଥିଲା । ବଳ ଓ ତା'ର ପ୍ରୟୋଗ ଥିଲା ସେମାନଙ୍କ ପାଇଁ ସତ୍ୟ ଓ ଧର୍ମ । ଏକ ଇଗଲର ବୁଭୁକ୍ଷା ଚର୍ବଣ କରୁଥିଲା ତାହାର କାମ୍ୟ ଖାଦ୍ୟକୁ, ତା'ର ଶାଣିତ ଚଞ୍ଚୁ ଆଘାତ ଦେଉଥିଲା ଓ ନଖାଗ୍ରରେ ବିଦୀର୍ଣ୍ଣ କରୁଥିଲା ସମସ୍ତ ଦୁର୍ବଳ ଭକ୍ଷ୍ୟ ବସ୍ତୁକୁ ।

(କ୍ରମଶଃ)

ଗଦ୍ୟାନୁବାଦ : ସୁବୋଧ କୁମାର ଦାସ

❑❑❑

# ଆଗାମୀ ଅଭିମୁଖେ

## ଶ୍ରୀମା

### ଅତୀତ : ଆରୋହଣର ଏକ ସୋପାନ

ଆଉ ଏକ ଉଚ୍ଚତର ଓ ଅଧିକତର ଭଲ ଅବସ୍ଥାକୁ ଯିବା ଲାଗି ସମର୍ଥ ହେବାକୁ ହେଲେ ଯାହାକିଛି ଅଭିଜ୍ଞତା ତୁମେ ପାଇ ସାରିଲଣି, ସେଗୁଡ଼ିକୁ ଅଧିକରୁ ଅଧିକ ପଛରେ ଛାଡ଼ିଦେବା ନିମନ୍ତେ ପ୍ରସ୍ତୁତ ହେବାକୁ ହେବ । ତା'ହେଲେ ତୁମେ ଦ୍ରୁତଗତିରେ ଆଗକୁ ଯାଇ ପାରିବ; ଏବଂ ଅନ୍ୟ ପକ୍ଷରେ ଅତୀତର ସମସ୍ତ ବୋଝକୁ ଯଦି ତୁମେ ଫିଙ୍ଗି ନଦେଇ ସେଗୁଡ଼ିକୁ ତୁମ ସାଥିରେ ଟାଣିଟାଣି ନେଇ ଚାଲିଛ, ତେବେ ତୁମର ଅଗ୍ରଗତି ନିଶ୍ଚୟ ଖୁବ୍ ମନ୍ଥର ହୋଇଯିବ ।

ସମସ୍ତ ଅତୀତ ତୁମ ପାଇଁ ଖୁବ୍ ସରଳଭାବେ ଏକ ପ୍ରଗତିର ସୋପାନ ବା ଶିଡ଼ି ଭଳି ହେବା ଉଚିତ, ଯାହାକି ତୁମକୁ ଆଗକୁ ବା ଊର୍ଦ୍ଧ୍ୱକୁ ନେଇଚାଲିବ । ତୁମକୁ ଆଗକୁ ଠେଲିଦେବା ବ୍ୟତୀତ ଏହି ସୋପାନଗୁଡ଼ିକର ଆଉ କୌଣସି ବ୍ୟବହାର ନାହିଁ । ତୁମେ ଯଦି ଏହା ଅନୁଭବ କରୁଥାଅ ଏବଂ ସର୍ବଦା ଅତୀତକୁ ପଛରେ ପକାଇ ଆଗକୁ କ'ଣ କରିବାକୁ ହେବ ସେଦିଗରେ ଦୃଷ୍ଟି ରଖୁଥାଅ, ତେବେ ତୁମର ଗତି ଖୁବ୍ ଦ୍ରୁତ ହେବ, ତୁମେ ରାସ୍ତାରେ ଆଉ ବେଶୀ କାଳକ୍ଷେପଣ କରିବ ନାହିଁ । ତୁମର ଗତି ମନ୍ଥର ହେବାର କାରଣ ପଛରେ ସେଇ ଗୋଟିଏ କଥା ରହିଛି – ତୁମର ଯାହା ସରିଯାଇଛି ତାକୁ ଧରିରଖିବା, ଅତୀତର ଯାହା କିଛି ତୁମକୁ ଭଲ ବା ସୁନ୍ଦର ମନେ ହୋଇଛି ତାକୁ ଧରି ରଖିବା । ଏହା ଅବଶ୍ୟ ତୁମକୁ ସହାୟତା କରିବ, ତୁମକୁ ଏହା ଛାଡ଼ି ଦେବାକୁ କୁହାଯାଉ ନାହିଁ, କିନ୍ତୁ ଏହା ତୁମକୁ ଅଗ୍ରଗତି କରିବାରେ ସହାୟକ ହେବା ଉଚିତ । ଏହା ଏପରି ହେବା ଉଚିତ, ଯେପରିକି ତୁମେ ତାହା ଉପରେ ନିର୍ଭର କରି ଆଗକୁ ପାଦ ବଢ଼ାଇ ପାରିବ ।

### ଆଗକୁ ଚାଲ

ମଣିଷ ସବୁବେଳେ ତା' କାନ୍ଧରେ ଅସରନ୍ତି ବୋଝ ବୋହି ଆସୁଛି । ସେ ଅତୀତର କୌଣସି ଜିନିଷକୁ ଫିଙ୍ଗି ଦେବାକୁ ଚାହେଁ ନାହିଁ ଏବଂ ସେ ତା'ର ଏହି ସବୁ ଅନାବଶ୍ୟକ ସଞ୍ଚୟନଗୁଡ଼ିକର ଭାରରେ ଦିନକୁ ଦିନ ଅଧିକ ନଇଁ ପଡ଼ୁଥାଏ ।

ରାସ୍ତାର କିଛି ଦୂର ପର୍ଯ୍ୟନ୍ତ ତୁମେ ଜଣେ ପଥପ୍ରଦର୍ଶକ ଲୋଡ଼ିଥାଅ କିନ୍ତୁ ଯେତେବେଳେ ତୁମେ ସେତେକ ବାଟ ଅତିକ୍ରମ କରିଯାଅ, ସେତେବେଳେ ସେ ବାଟକୁ ଓ ପଥପ୍ରଦର୍ଶକଙ୍କୁ ସେଠାରେ ଛାଡ଼ି ଆଗକୁ ଗତିକର ! କିନ୍ତୁ ଏତେକ କରିବା ବହୁ ଲୋକଙ୍କ ପାଇଁ କଷ୍ଟକର ହୋଇପଡ଼େ । ଯେତେବେଳେ ସେମାନେ କିଛିର ବା କାହାର ସାହାଯ୍ୟ ନିଅନ୍ତି, ତାକୁ ସେମାନେ ଜାବୁଡ଼ି ଧରନ୍ତି, ଆଉ ଆଗକୁ ବଢ଼ିବାକୁ ଚାହାନ୍ତି ନାହିଁ । ଯେଉଁମାନେ ଖ୍ରୀଷ୍ଟଧର୍ମର ସହାୟତା ନେଇ କିଛି ଅଗ୍ରଗତି କରିଥା'ନ୍ତି ସେମାନେ ଆଉ ତାକୁ ଛାଡ଼ନ୍ତି ନାହିଁ । ସେମାନେ ତାକୁ ସେମାନଙ୍କ କାନ୍ଧରେ ବହନ କରିଥା'ନ୍ତି; ଯେଉଁମାନେ ବୌଦ୍ଧଧର୍ମର ସାହାଯ୍ୟ ନେଇ କିଛି ଅଗ୍ରଗତି କରିଛନ୍ତି, ସେମାନେ ମଧ୍ୟ ଏହାକୁ ଛାଡ଼ନ୍ତି ନାହିଁ, ତା'କୁ କାନ୍ଧରେ ଧରି ରଖିଥା'ନ୍ତି । ଏଣୁ ଏହି ମନୋଭାବ ଅଗ୍ରଗତିରେ ବାଧା ଦେଇଥାଏ ଏବଂ ତୁମେ ଅଯଥାରେ ବିଳମ୍ବିତ ହୋଇଥାଅ ।

ଯେତେବେଳେ ତୁମେ ଗୋଟିଏ ଅବସ୍ଥା ବା ସୋପାନ ଅତିକ୍ରମ କରି ସାରିଲ, ତାକୁ ଛାଡ଼ିଦିଅ, ତାହା ଚାଲିଯାଉ । ତୁମେ ଆଗକୁ ଗତିକର ।

(The Great Adventure
*A Diary for All Times* ପୁସ୍ତିକାରୁ)
ଅନୁବାଦ : ମହାପାତ୍ର ନୀଳମଣି ସାହୁ ❑

# ଶ୍ରୀଅରବିନ୍ଦ :
# ମହାଯୋଗୀଙ୍କ ଜୀବନ ଏବଂ ଯୁଗ
## (ପରିଚ୍ଛେଦ : ୫୧)
## ସୁରତ : ପ୍ରଭଞ୍ଜନର ସୂଚନା (୧)
## ମନୋଜ ଦାସ

''ଉପନିବେଶମାନଙ୍କରେ ଯେଉଁ ପ୍ରକାର ସ୍ୱାୟତ୍ତଶାସନ ପ୍ରଚଳିତ ଅଛି, କଂଗ୍ରେସ ସେତିକି ଦାବିରେ ଆତ୍ମ-ସନ୍ତୁଷ୍ଟ। କିନ୍ତୁ ଆମେ ନୂତନ ଗୋଷ୍ଠୀଭୁକ୍ତମାନେ ପୂର୍ଣ୍ଣ-ସ୍ୱରାଜଠୁଁ ଆମ ଆଦର୍ଶକୁ ତିଳେ ମଧ୍ୟ ଅବନମିତ କରିବୁ ନାହିଁ। ବ୍ରିଟେନରେ ଯେଉଁ ସ୍ୱାୟତ୍ତ ଶାସନ ଚାଲିଛି, ତାହାହିଁ ଆମର ଦାବି। ଆମର ବିଶ୍ୱାସ, ଜାତୀୟ ପୁନରୁଜ୍ଜୀବନ ସମ୍ଭବ କରିବା ନିମନ୍ତେ କିଂବା କେବଳ ମାତ୍ର ଯେଉଁ ଭୀଷଣ, ଅବିଚଳ ଏବଂ ବିରାଟ ସଂଗ୍ରାମ ଦ୍ୱାରା ଆମେ ପୁନର୍ବାର ଏକ ମହାଜାତି ହୋଇ ପାରିବା, ସେ ନିମନ୍ତେ ଭାରତର ଜନସାଧାରଣଙ୍କୁ ଏହାଠାରୁ କ୍ଷୁଦ୍ର କୌଣସି ଆଦର୍ଶ ଅନୁପ୍ରାଣିତ କରିପାରିବ ନାହିଁ।''

(୨୩.୪.୧୯୦୭) — ଶ୍ରୀଅରବିନ୍ଦ[୧]

'ବନ୍ଦେ ମାତରମ୍' ମାଧ୍ୟମରେ ଏବଂ ସଭା ସମିତିରେ ଭାରତର ଜାତୀୟ କଂଗ୍ରେସର ସୁରତ ଅଧିବେଶନରେ ବହୁ ସଂଖ୍ୟାରେ ଯୋଗଦେବା ଦିଗରେ ଜାତୀୟବାଦୀମାନଙ୍କୁ ଆହ୍ୱାନ ଦେବାର ସୁଫଳ ଅବଶ୍ୟ ମିଳିଲା — ସାଧାରଣ କର୍ମୀମାନଙ୍କ ପାଇଁ ସେ ଦୂର ସହରକୁ ଗମନ ଏବଂ ପ୍ରତ୍ୟାବର୍ତ୍ତନ ଯଥେଷ୍ଟ ବ୍ୟୟସାପେକ୍ଷ ହେବା ସତ୍ତ୍ୱେ। ଲୋକମାନ୍ୟ ତିଳକ ମଧ୍ୟ ମହାରାଷ୍ଟ୍ରରୁ ବହୁ ସଂଖ୍ୟକ ଜାତୀୟବାଦୀ ପ୍ରତିନିଧି କଂଗ୍ରେସ ଅଧିବେଶନରେ ଯୋଗଦେବା ଦିଗରେ କମ୍ ଚେଷ୍ଟା କରି ନଥିଲେ। ନରମପନ୍ଥୀ (ମାନ୍ଦା ପନ୍ଥୀ)ମାନେ ସେମାନଙ୍କ ଗୋଷ୍ଠୀର ପ୍ରତିନିଧି ସଂଖ୍ୟାଗରିଷ୍ଠ ହେବେ ବୋଲି ନିଶ୍ଚିତ ଥିଲେ। ତଥାପି ସେମାନେ ସମ୍ମିଳନୀର କିଛିଦିନ ପୂର୍ବରୁ ସୁରତର ଯଥାସମ୍ଭବ ଅଧିକ ସ୍ଥାନୀୟ ଲୋକଙ୍କୁ କଂଗ୍ରେସର ସଭ୍ୟ ବନାଇବାରେ ତତ୍ପର ଥା'ନ୍ତି। ଉଭୟ ଗୋଷ୍ଠୀର ନେତାମାନଙ୍କ ସକାଶେ ସେ ଆଗତପ୍ରାୟ ସମ୍ମିଳନୀ ଥିଲା ଗୋଟାଏ ପ୍ରଚଣ୍ଡ ପରୀକ୍ଷା; ନରମପନ୍ଥୀମାନଙ୍କ ପାଇଁ ତାହା ଖାଲି ସେମାନଙ୍କ ଆଦର୍ଶର ଜୟ-ପରାଜୟର ପ୍ରଶ୍ନ ନଥିଲା, ତାହା ଥିଲା ସେମାନଙ୍କ ବ୍ୟକ୍ତିଗତ ନେତୃତ୍ୱ-ଭିତ୍ତିକ ମାନସମ୍ମାନର ପ୍ରଶ୍ନ।

ସୁରତ ସ୍ୱଚ୍ଛଳ ସହର। ସେଠାରେ ବେପାର ବଣିଜରେ ଲିପ୍ତ ଲୋକଙ୍କରହିଁ ଆଧିପତ୍ୟ। ମୋଟାମୋଟି ମାନ୍ଦା-ପନ୍ଥୀମାନଙ୍କୁ ସମର୍ଥନ କରିବାଟା ସେମାନଙ୍କ ପାଇଁ ନିରାପଦ ବୋଲି ସେମାନେ ଧରି ନେଇଥିଲେ। କିନ୍ତୁ ସମ୍ମିଳନୀ ତାରିଖ ଯେତିକି ଯେତିକି ପାଖେଇ ଆସିଲା, ସହରର ବାତାବରଣକୁ ରାଜନୈତିକ ଆଲୋଚନା, ସମାଲୋଚନା ଉତ୍ତପ୍ତ କରିବାକୁ ଲାଗିଲା। ସୁବିଖ୍ୟାତ ନେତା ତଥା ଭାରତୀୟ ବିଦ୍ୟାଭବନର ପ୍ରତିଷ୍ଠାତା ଡଃ. କେ. ଏମ୍. ମୁନ୍‌ସୀ ସେତେବେଳେ ଜଣେ ଛାତ୍ର ସ୍ୱେଚ୍ଛାସେବକ ଭାବରେ ସମ୍ମିଳନୀର ଆୟୋଜନରେ ସମ୍ପୃକ୍ତ ଥିଲେ। ତାଙ୍କ ସ୍ମୃତିଚାରଣରୁ ଆମେ ପଢୁ : ''ସୁରତ ଜନସାଧାରଣଙ୍କର ଖ୍ୟାତି ଥିଲା, ସେମାନେ ସର୍ବଦା ମଉଜ ମଜଲିସରେ ଜୀବନ ନିର୍ବାହ କରନ୍ତି। କିନ୍ତୁ ଦେଖାଗଲା, ସେମାନେ ରାଜନୀତି ଚର୍ଚ୍ଚାରେ ମତ୍ତ। ଅଚିରେ ସେମାନେ ଦୁଇ ଗୋଷ୍ଠୀରେ ବିଭକ୍ତ ହେଲେ : ଚରମପନ୍ଥୀ ଏବଂ ମାନ୍ଦାପନ୍ଥୀ — 'ଜହଲ୍' ଓ 'ମାୱାଲ୍'। ଭାଇ ଭାଇ ଭିତରେ, ବାପ ପୁଅ ଭିତରେ ଲାଗିଗଲା କଳିତକରାଳ!''[୨]

ସମ୍ମିଳନୀ ଅନୁଷ୍ଠିତ ହେବାକୁ ଥିବା ସ୍ଥାନ 'ଫରାସୀ ଉଦ୍ୟାନ' (French Gardens) ଭାବରେ ପରିଚିତ ଥାଏ। ସ୍ଥାନୀୟ ଅଭ୍ୟର୍ଥନା ସମିତି ମାନ୍ଦାପନ୍ଥୀ ନେତୃବର୍ଗଙ୍କ ସକାଶେ ସହରର ସବୁଠୁଁ ଉତ୍ତମ ବଙ୍ଗଳାମାନ ଆୟତ୍ତ କରିନେଲେ। ଚରମପନ୍ଥୀ ଜାତୀୟବାଦୀମାନଙ୍କୁ କିଏ ପଚାରେ!

ରେଳଗାଡ଼ି-ଭର୍ତ୍ତି ପ୍ରତିନିଧିମାନଙ୍କ ଗହଣରେ ଶ୍ରୀଅରବିନ୍ଦ କଲିକତାରୁ ସୁରତ ଅଭିମୁଖେ ଯାତ୍ରା କରିଥିଲେ। ବାରୀନ୍ଦ୍ର କୁମାରଙ୍କ ସ୍ମୃତିକଥାରୁ ସେ ଯାତ୍ରାର ବିବରଣୀର କିୟଦଂଶ ଉଦ୍ଧୃତ ହେଲା :

''ମୁଁ ସୁରତ କଂଗ୍ରେସରେ ଯୋଗ ଦେବାକୁ ଯିବି, ଏହା ଥିଲା ମୋ କଳ୍ପନାର ବାହାରେ। ଆମ ଗୋପନ ବିପ୍ଳବୀ ସମିତିର

ଗୋଟାଏ ମୁଖ୍ୟ ନିୟମ ଅନୁସାରେ ସମିତିର ସଭ୍ୟମାନେ କୌଣସି ରାଜନୈତିକ ସମାବେଶ ବା ଆଲୋଚନା ସଭାରେ ଯୋଗ ଦେବେ ନାହିଁ । ସେମାନେ ଯେତେ କମ୍ ଚିହ୍ନା ପଡ଼ିବେ, ସେତେ ମଙ୍ଗଳ । ଜନସାଧାରଣଙ୍କ ଗୋଚରରୁ ଯେତିକି ଦୂରେଇ ରହିବେ, କାମ ପାଇଁ ସେତିକି ସୁବିଧା ହେବ । ସେଥିପାଇଁ ସେତେବେଳେ ଅନୁଷ୍ଠିତ ହେଉଥିବା ହଜାର ହଜାର ସ୍ୱଦେଶୀ ସଭାରୁ ଆମେ ଗୋଟିକରେ ମଧ ଉପସ୍ଥିତ ହୋଇ ନାହୁଁ । ଆମେ ବିଦେଶୀ ଦ୍ରବ୍ୟ ବ୍ୟବହାର କରୁଥାଉଁ – ଯାହା ଫଳରେ ପୁଲିସ ଆମକୁ ସନ୍ଦେହ କରିବାର କୌଣସି କାରଣ ବି ରହିବ ନାହିଁ । ଲକ୍ଷ୍ୟ ହାସଲ ସକାଶେ ଏହିସବୁ ଉତ୍ସର୍ଗୀକୃତ-ପ୍ରାଣ ନୀରବ କର୍ମୀଙ୍କ ପାଇଁ ଭାଷଣ, ଶୋଭାଯାତ୍ରା ଇତ୍ୟାଦି ବର୍ଜନୀୟ ଥାଏ ।''[୩]

ସେ ଯାହାହେଉ, ଶେଷ ମୁହୂର୍ତ୍ତରେ କେହି ଜଣେ ମିତ୍ର ବାରୀନ୍ଦ୍ର କୁମାରଙ୍କ ସକାଶେ ଟିକେଟ କାଟି ଆଣିଦେଲେ । ବାରୀନ୍ଦ୍ର କୁମାର ମଧ ଭାବିଲେ ସୁରତଠାରେ ଦେଶ-ପ୍ରେମୀମାନଙ୍କର ବିରାଟ ସମାବେଶ ଭିତରେ ସିଏ ହୁଏତ ତାଙ୍କ ବୈପ୍ଳବିକ ପନ୍ଥା ଅନୁସରଣ କରିବାକୁ ପ୍ରସ୍ତୁତ କିଛି ପ୍ରତିନିଧିଙ୍କୁ ଭେଟି ପାରିବେ । ଅତଏବ ଖଣ୍ଡିଏ କନା ଥଳିରେ ସାମାନ୍ୟ ଲୁଗାପଟା ପୂରାଇ ସେ ଯାଇ ପହଞ୍ଚିଗଲେ ହାଓଡ଼ା ଷ୍ଟେସନରେ ।

ହାଓଡ଼ା ଷ୍ଟେସନ ତା'ର ବିପୁଳତା ଲାଭ କରିଥିଲା ମାତ୍ର ବର୍ଷକ ତଳେ ।[୪] ବିଂଶ ଶତାବ୍ଦୀର ପଞ୍ଚମ ଦଶକ ପର୍ଯ୍ୟନ୍ତ ରେଳଗାଡ଼ିରେ ଚାରିଗୋଟି ଶ୍ରେଣୀ ରହୁଥାଏ : ପ୍ରଥମ, ଦ୍ୱିତୀୟ, ମାଧ୍ୟମିକ (Inter Class) ଏବଂ ତୃତୀୟ । ସେତେବେଳେ ଶୀତତାପ ନିୟନ୍ତ୍ରିତ ଡବା ସ୍ୱପ୍ନାତୀତ ଥାଏ । ପ୍ରଥମ ଅବସ୍ଥାରେ ତୃତୀୟ ଶ୍ରେଣୀରେ କେବଳ କାଠ ବେଞ୍ଚ ଏବଂ ମିଞ୍ଜି ମିଞ୍ଜି ଆଲୁଅ ଛଡ଼ା ଅନ୍ୟ କୌଣସି ସୁବିଧା ନଥିଲା । କିନ୍ତୁ 'ବୋମ୍ବେ-କଲିକତା ମେଲ୍'ରୁ ଏକ ସୂଚୀ-ବହିର୍ଭୂତ ସ୍ୱତନ୍ତ୍ର ଯାତ୍ରା ଯୋଗେ ୨୧ ଡିସେମ୍ବର ୧୯୦୭ ସକାଳେ ହାଓଡ଼ାରୁ କଂଗ୍ରେସ ପ୍ରତିନିଧିମାନଙ୍କୁ ନେଇ ମୁମ୍ବାଇରେ ପହଞ୍ଚାଇ ଦେବାର ବ୍ୟବସ୍ଥା କରିଥିଲେ କର୍ତ୍ତୃପକ୍ଷ ।

ସୁଦୀର୍ଘ ପ୍ଲାଟଫର୍ମ ଭିତରକୁ ଗାଡ଼ି ପଛକୁ ପଛକୁ ଆସି ସ୍ଥିର ହେବା ମାତ୍ରେ ବାରୀନ୍ଦ୍ର କୁମାର ଓ ଅନ୍ୟମାନେ ଯାଇ ତୃତୀୟ ଶ୍ରେଣୀରେ ସ୍ଥାନଟିମାନ ଦଖଲ କଲେ । ଖଡ଼ଗପୁରଠାରେ କେହି ଜଣେ ବାରୀନ୍ଦ୍ର କୁମାରଙ୍କୁ ଦେଖି ପକାଇ ତାଙ୍କୁ ଅନ୍ୟ ଏକ ତୃତୀୟ ଶ୍ରେଣୀ ଡବା ଭିତରକୁ ଯିବା ସକାଶେ ନିର୍ଦ୍ଦେଶ ଦେଲେ । ବାରୀନ୍ଦ୍ର କୁମାରଙ୍କ ଅନ୍ୟ ଏକ ସ୍ମୃତିଚାରଣ ପ୍ରତି ଦୃଷ୍ଟି ଦିଆଯାଉ :

''ସେ ତୃତୀୟ ଶ୍ରେଣୀ ଡବା ଭିତରେ ହସ ହସ ମୁହଁରେ ବସିଥା'ନ୍ତି ଶ୍ରୀଅରବିନ୍ଦ ଏବଂ ଶ୍ୟାମ ସୁନ୍ଦର ଚକ୍ରବର୍ତ୍ତୀ । କିନ୍ତୁ ମାନ୍ଦାପନ୍ଥୀ ଗୋଷ୍ଠୀ ଅନ୍ତର୍ଭୁକ୍ତ କଂଗ୍ରେସର ସାଧାରଣ ସଂପାଦକ ଘୋଷାଲ ମହାଶୟ ୟୁରୋପୀୟ ବେଶଭୂଷାରେ ସଜ୍ଜିତ ହୋଇ ପ୍ରଥମ ଶ୍ରେଣୀରେ ବିରାଜମାନ କରୁଥା'ନ୍ତି । ବାତାବରଣ ପ୍ରକମ୍ପିତ କରୁଥିବା 'ବନ୍ଦେ ମାତରମ୍' ଧ୍ୱନି ଭିତରେ ଗାଡ଼ି ଛାଡ଼ିଲା । ପ୍ରତି ଷ୍ଟେସନ ପ୍ଲାଟ୍‌ଫର୍ମରେ ପ୍ରତିନିଧିବର୍ଗଙ୍କୁ ସମ୍ବର୍ଦ୍ଧନା ଦେବା ନିମନ୍ତେ ବିପୁଳ ସଂଖ୍ୟକ ଲୋକ ଠୁଳ ହୋଇଥା'ନ୍ତି । ଏପରିକି ଯେଉଁସବୁ ଷ୍ଟେସନରେ ଗାଡ଼ି ଅଟକି ନାହିଁ, ସେଠାରେ ମଧ ଲୋକେ ଜୟଧ୍ୱନି ଦେଉଥା'ନ୍ତି ଏବଂ ସେ ଆଲୋକିତ ପରିବେଶ ଅତିକ୍ରମ କରି ଗାଡ଼ି ପୁନର୍ବାର ଅନ୍ଧକାରରେ ଅଦୃଶ୍ୟ ହେବା ଯାଏ ସେ ହର୍ଷ ଧ୍ୱନି ଅବ୍ୟାହତ ରହୁଥାଏ ।

''ଆମେ ଅମରାବତୀ ଏବଂ ନାଗପୁରଠାରେ ଓହ୍ଲାଇ ଥିଲୁ । ଉଭୟ ସ୍ଥାନରେ ଜନସମୁଦ୍ର ପ୍ଲାଟ୍‌ଫର୍ମ ବାହାର ପଡ଼ିଆ ପର୍ଯ୍ୟନ୍ତ ବ୍ୟାପ୍ତ ହୋଇ ରହିଥାଏ । ସଂକ୍ଷିପ୍ତ ଭାଷଣ ମଧ ଦିଆ ଯାଉଥାଏ ।

''ଦେଶର ନୂତନ ଦେବବିଗ୍ରହ (Idol) ଅରବିନ୍ଦଙ୍କ ମୁହଁ କ୍ୱଚିତ୍ କେହି ଦେଖିଥା'ନ୍ତି । ଛୋଟ ବଡ଼ ପ୍ରତ୍ୟେକ ଷ୍ଟେସନରେ ତାଙ୍କ ଦର୍ଶନ ପାଇଁ ବ୍ୟଗ୍ର ଜନତା ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଡବାସବୁ ପାଖକୁ ଦୌଡ଼ାଦୌଡ଼ି କରୁଥା'ନ୍ତି । ଶ୍ରୀଅରବିନ୍ଦ କିନ୍ତୁ ସମସ୍ତଙ୍କ ଅଗୋଚରରେ ବସି ରହିଥା'ନ୍ତି ଗୋଟାଏ ତୃତୀୟ ଶ୍ରେଣୀ ଡବାରେ । ସନ୍ଧାନୀମାନେ ତାଙ୍କୁ ଠାବ କରିବା ବେଳକୁ ଗାଡ଼ି ଛାଡ଼ିବା ସମୟ ହୋଇଯାଉଥାଏ । ଭ୍ରମଣ ସକାଶେ ଆରାମପ୍ରଦ ବ୍ୟବସ୍ଥା ଥିବା ସତ୍ତ୍ୱେ ଆବାଲ୍ୟ ଇଂଲଣ୍ଡରେ ଶିକ୍ଷାପ୍ରାପ୍ତ ଅରବିନ୍ଦ, ବରୋଦା ରାଜ ସରକାରରେ ଯିଏ ଥିଲେ ପଦସ୍ଥ କର୍ମଚାରୀ, ଯିଏ ଦିନ କେତୋଟି ଭିତରେ ସର୍ବଭାରତୀୟ ସୁଖ୍ୟାତି ଲାଭ କରିଛନ୍ତି, ସିଏ ତୃତୀୟ ଶ୍ରେଣୀରେ ଯାତ୍ରା କରୁଥିବେ, ଏକଥା କେହି ସ୍ୱପ୍ନରେ ମଧ କଳ୍ପନା କରିପାରି ନଥା'ନ୍ତେ । ଜେ. ଘୋଷାଲ ବଡ଼ ଅସ୍ୱସ୍ତି ଅନୁଭବ କରୁଥା'ନ୍ତି ଏବଂ ତାଙ୍କ ସହ ପ୍ରଥମ ଶ୍ରେଣୀ ଡବାକୁ ଆସିବା ନିମନ୍ତେ ଅରବିନ୍ଦଙ୍କୁ ବାରଂବାର ଅନୁରୋଧ କରୁଥା'ନ୍ତି ।

''ଅରବିନ୍ଦ ସ୍ୱାଭାବିକ ଓ ସ୍ୱତଃସ୍ଫୁର୍ତ୍ତ ଭାବରେହିଁ ସରଳ, ନିରାଡ଼ମ୍ବର ଜୀବନଯାପନ କରୁଥା'ନ୍ତି । ସେ ସର୍ବଦା ଖଣ୍ଡିଏ ଦେଶୀ ଧୋତି ଏବଂ ଜାମାଟିଏ ପିନ୍ଧୁଥା'ନ୍ତି । କାନିରେ ସୁନା ରଙ୍ଗର ଜରି ଲାଗିଥିବା ଖଣ୍ଡିଏ ଉତ୍ତରୀୟ ଦେହରେ ପକାଇଥା'ନ୍ତି । ତାଙ୍କ ସାଧାରଣ ଚେହେରା ଯୋଗୁଁ ତାଙ୍କୁ ଆସି

ବେଢ଼ି ଯାଉଥିବା ପ୍ରଶଂସକମାନଙ୍କ ଭିଡ଼ରେ ସେ ଚିହ୍ନା ପଡୁ ନଥା'ନ୍ତି । ସେ ବକ୍ତୃତା ଦେବାବେଳେ କେବଳ ପାଖରେ ବସିଥିବା ଶ୍ରୋତାମାନେହିଁ ତାଙ୍କ କଥା ଶୁଣି ପାରୁଥା'ନ୍ତି । କୋମଳ, ଲଳିତ, ଛନ୍ଦୋବଦ୍ଧ-ପ୍ରାୟ ତାଙ୍କର ଉଚ୍ଚାରଣୀ । ଶକ୍ତି ଓ ମାଧୁର୍ଯ୍ୟ ସହକାରେ ତାହା ସତ୍ୟ ପରିବେଷଣ କରୁଥାଏ । ସତେଅବା ଯାଦୁ ଯୋଗେ ହଜାର ହଜାର ଶ୍ରୋତା ଆକର୍ଷିତ ହୋଇ ଏକତ୍ର ହେଉଥା'ନ୍ତି ଏବଂ ନିର୍ବାକ୍ ମନ୍ତ୍ରମୁଗ୍ଧ, ସ୍ୱପ୍ନଚାଳିତ ଭଳି ତାଙ୍କୁ ଶୁଣୁଥା'ନ୍ତି । ଏମନ୍ତ ଥିଲା ତାଙ୍କ ବ୍ୟକ୍ତିଗତ ଚୁମ୍ବକୀୟ ଶକ୍ତି ।

''ବୋମ୍ବେରେ ଆମେ ସେ ଗାଡ଼ି ଛାଡ଼ିଲୁ । ସମୁଦ୍ର ଉପକଣ୍ଠରେ ଏକ ସଭାର ଆୟୋଜନ ହୋଇଥାଏ । ଚତୁର୍ଦ୍ଦିଗରୁ ମାଡ଼ି ଆସୁଥିବା ଜନତା ପ୍ରବାହ ଭିତର ଦେଇ ଆମେ ଅଗ୍ରସର ହେବା ଥିଲା କଷ୍ଟସାଧ୍ୟ । ସବୁ ଦିଗରୁ ଲୋକେ ଚାଲିଥା'ନ୍ତି ସଭାସ୍ଥଳ ଅଭିମୁଖେ; ଫଳରେ ଯାନବାହନ ଚଳାଚଳ ବନ୍ଦ ହୋଇ ଯାଇଥାଏ । ଦେବତାମାନେ ଦେଖିବା ଯୋଗ୍ୟ ସେ ଦୃଶ୍ୟ । ଯୁଗ ଯୁଗର ନିଦ୍ରା ଓ ଆଳସ୍ୟ ଉତ୍ତାରୁ ସଚେତନ ଆଗ୍ନେୟ-ଅଭୀପ୍ସା ପରିଚାଳିତ ହୋଇ ଜାଗି ଉଠିଥିଲା ଏ ମହାଜାତି... ।''(୪)

ସେଭଳି ବିପୁଳ ଜନସମାବେଶ ଦେଖି ବାରୀନ୍ଦ୍ର କୁମାର ବିସ୍ମିତ ହେବା ସ୍ୱାଭାବିକ । ସେତେବେଳେ କୌଣସି ସଭାସମିତି ସମ୍ପର୍କରେ ଜନସାଧାରଣଙ୍କୁ ଅବହିତ କରିବା ନିମନ୍ତେ ନା ଥିଲା ଟି. ଭି. ନା ଥିଲା ରେଡ଼ିଓ । ସମ୍ବାଦପତ୍ରମାନଙ୍କ ସଂଖ୍ୟା ସ୍ୱଳ୍ପ । ସେମାନଙ୍କ ପାଠକ ସଂଖ୍ୟା ସୀମିତ । ସବୁଠାରୁ ପ୍ରଭାବଶାଳୀ କାଗଜମାନେ ଇଂରେଜ ନିୟନ୍ତ୍ରଣରେ ଥିବା ହେତୁ କୌଣସି ଜାତୀୟବାଦୀ ଅନୁଷ୍ଠାନର ଅଗ୍ରିମ ସମ୍ବାଦ ସେସବୁରେ ପ୍ରକାଶ ପାଇବାର ପ୍ରଶ୍ନ ନଥିଲା । ଦୂରାନ୍ତରର ସାମ୍ବାଦିକମାନେ ପତ୍ରପତ୍ରିକା କାର୍ଯ୍ୟାଳୟକୁ ସମ୍ବାଦ ପ୍ରେରଣ କରିବା ନିମନ୍ତେ କୌଣସି ଆଶୁ ମାର୍ଗ ନଥିଲା । ସେତେବେଳେ ମାଇକ୍ରୋଫୋନ୍ ଯୋଗେ ପ୍ରଚାରର ସୁଯୋଗ ମଧ୍ୟ ଆସି ନଥିଲା । ପୁଣି ଶ୍ରୀଅରବିନ୍ଦ ସର୍ବ-ଭାରତୀୟ ନେତା ଭାବରେ ସଦ୍ୟ-ମାତ୍ର ପରିଚିତ ହୋଇଥିଲେ ।

ସେ ସମାବେଶ ପଶ୍ଚାତରେ ବାଳଗଙ୍ଗାଧର ତିଳକଙ୍କ ପ୍ରଭାବ ଏବଂ ପ୍ରଚାରହିଁ ସର୍ବାଧିକ କାର୍ଯ୍ୟକାରୀ ହୋଇଥିବ ବୋଲି ବିଶ୍ୱାସ ।

ସେତେବେଳର ମୁଖ୍ୟ ସମ୍ବାଦ ସରବରାହ ସଂସ୍ଥା 'ରଏଟର୍' ଲଣ୍ଡନର ସମ୍ବାଦପତ୍ରମାନଙ୍କୁ ପଠାଇଥିବା ଏକ ସମ୍ବାଦ :

''ସୁରତର ରାସ୍ତାସବୁ ପ୍ରତ୍ୟହ ସଜ୍ଜିତ ହୋଇ ଚାଲିଛି ନାନାଦି ପତାକା ଏବଂ ନାନାଦି ସଂଗତ ଉଦ୍ଧୃତି ଯୋଗେ । ଅସଂଖ୍ୟ ଜୟୋଲ୍ଲାସ-ସୂଚକ ତୋରଣମାନ ନିର୍ମିତ ହୋଇଛି । ରେଳଷ୍ଟେସନ ଅଭିମୁଖେ ପ୍ରସାରିତ ପଥର ଦୁଇ କଡ଼ରେ ଠିଆହୋଇ ଜନତା ଆଗନ୍ତୁକ ପ୍ରତିନିଧିମାନଙ୍କୁ ଆନନ୍ଦସୂଚକ ଧ୍ୱନି ଯୋଗେ ସମ୍ବର୍ଦ୍ଧନା ଜଣାଉଛନ୍ତି । ତାପ୍ତି ନଦୀ ତୀରରେ ଫରାସୀ ଉଦ୍ୟାନ ଭାବରେ ପରିଚିତ ଭୂମି ଉପରେ ସ୍ୱତନ୍ତ୍ର ମଣ୍ଡପରେ କଂଗ୍ରେସ ଅଧିବେଶନ ଅନୁଷ୍ଠିତ ହେବ । ଦେଢ଼ ହଜାର ସରିକି ପ୍ରତିନିଧି ଆସିବାର ଆଶା ଏବଂ ସେଥିସକାଶେ ପ୍ରାୟ ଶହେଟି ତମ୍ବୁ ସ୍ଥାପିତ ହୋଇଛି । ମଣ୍ଡପ ଆଖପାଖ ସ୍ଥାନ ବେଶ୍ ପ୍ରାଣୋଚ୍ଛଳ । କେତେ କିସମର ଗାଡ଼ି, ଶଗଡ଼ ତଥା ଲୋକଙ୍କର ଯାତାୟାତ ଅନବରତ ଲାଗି ରହିଛି ।''(୬)

ଏକ ସାମ୍ପ୍ରତିକ ଗବେଷଣା ଅନୁସାରେ :

''ଅଳ୍ପ ଅଳ୍ପ ସମୟର ବ୍ୟବଧାନରେ ଆଗନ୍ତୁକ ପ୍ରତିନିଧିମାନଙ୍କୁ ଲୋକେ ଫୁଲ ତୋଡ଼ା ବା ଫୁଲ ମାଳ ଯୋଗେ ସମ୍ମାନ ଜଣାଉଥିଲେ । ଅତର ଛିଞ୍ଚା ଚାଲିଥାଏ । ଗୋଲାପ ଜଳ ସବୁ ଆଡ଼େ । ଚତୁର୍ଦ୍ଦିଗରୁ ଶୁଭୁଥାଏ 'ବନ୍ଦେ ମାତରମ୍' ଧ୍ୱନି । ମନ୍ଦିର ଓ ମସଜିଦ ସଂଲଗ୍ନ କୋଠରି ଛାତ ସବୁ ଉପରେ ଦର୍ଶକମାନଙ୍କର ସମାବେଶ । ଏକ ନୂଆ ଧରଣର ଉତ୍ସାହ ପରିଲକ୍ଷିତ ହେଉଥାଏ ସଭିଙ୍କ ଭିତରେ ।''(୭)

ଶ୍ରୀଅରବିନ୍ଦ ଏବଂ ତାଙ୍କ ସହଯାତ୍ରୀବୃନ୍ଦ ଡିସେମ୍ବର ୨୩ ତାରିଖରେ ସୁରତରେ ପଦାର୍ପଣ କଲେ ।

(କ୍ରମଶଃ) ❑

---

### ତଥ୍ୟ ନିର୍ଦ୍ଦେଶିକା

(୧) 'ବନ୍ଦେ ମାତରମ୍' : CWSA, Vol. 6, ପୃ. 298; (୨) କେ. ଏମ୍. ମୁନସୀ, **Bhavan's Journal**, 26 Nov. 1960 (୩) 'ବାରୀନ୍ଦ୍ରେର ଆତ୍ମକାହିନୀ' (ବଙ୍ଗଳା); D. M. Library, କଲିକତା; (୪) **The Indian Millenium**, ସଙ୍କଳକ : ଗୋପା ସବରୱାଲ୍; ପେଙ୍ଗୁଇନ୍ ବୁକ୍‌ସ ଦିଲ୍ଲୀ; (୫) ବାରୀନ୍ଦ୍ର କୁମାର ଘୋଷ : "**Sri Aurobindo as I understood Him**"; ଶ୍ରୀଅରବିନ୍ଦ ଆଶ୍ରମ ସଂଗ୍ରହାଳୟ; (୬) Gordon Johnson : **Provincial Politics and Indian Nationalism**; Cambridge University Press, 1973; (୭) **Sri Aurobindo in Surat : A True Story** : ସମ୍ପାଦକ : ହିରଣ୍ମୟୀ, ଶ୍ରୀଅରବିନ୍ଦ କେନ୍ଦ୍ର ସୁରତ ।

## ଯୋଗସମନ୍ୱୟ (୬୯)

# ଆତ୍ମାର ଶକ୍ତି ଓ ଚତୁର୍ବିଧ ବ୍ୟକ୍ତିତ୍ୱ

[ମହାଯୋଗୀ ଶ୍ରୀଅରବିନ୍ଦଙ୍କ ରଚିତ **'The Synthesis of Yoga'** (ଯୋଗସମନ୍ୱୟ) ଗ୍ରନ୍ଥର ଉତ୍ତରାର୍ଦ୍ଧର ଚତୁର୍ଥ ଭାଗ ''ଆତ୍ମପରିପୂର୍ଣ୍ଣତାର ଯୋଗ''ର ପଞ୍ଚଦଶ ଅଧ୍ୟାୟ ''ଆତ୍ମାର ଶକ୍ତି ଓ ଚତୁର୍ବିଧ ବ୍ୟକ୍ତିତ୍ୱ'' (**The Synthesis of Yoga, Part - IV, The Yoga of Self-Perfection, Chapter - XV "Soul-Force and the Fourfold Personality"**ର ଅବଲମ୍ବନରେ ।]

**ପୂର୍ଣ୍ଣଚନ୍ଦ୍ର ମହାପାତ୍ର**

ଯେକୌଣସି କର୍ମ ସାଧନ ପାଇଁ କର୍ମର ପ୍ରଭୁ (Master), କର୍ମୀ (Worker) ଓ କର୍ମର ଯନ୍ତ୍ର (Instrument) ବା ସାଧନ ଆବଶ୍ୟକ । ଦିବ୍ୟକର୍ମ ସାଧନର ପ୍ରଭୁ ଆତ୍ମପୁରୁଷ ବା ଈଶ୍ୱର । କର୍ମୀ ହେଲେ ଶକ୍ତି ମାତା, ଯନ୍ତ୍ର ହେଲା ଆମ ହୃଦୟ, ମନ, ପ୍ରାଣ ଓ ଶରୀରଆଦି ।

ଦିବ୍ୟଜୀବନ ଉପଲବ୍ଧିରେ ସହାୟକ ହେବା ପାଇଁ ଆମର ପ୍ରଥମେ ଆବଶ୍ୟକ ଆତ୍ମପୁରୁଷର ଯନ୍ତ୍ରାବଳୀକୁ ଶୁଦ୍ଧ, ପୂର୍ଣ୍ଣାଙ୍ଗ ଓ ଶକ୍ତିଶାଳୀ କରିବା । ଏ ସମ୍ପର୍କରେ ଆମେ ପୂର୍ବବର୍ତ୍ତୀ ଅଧ୍ୟାୟରେ ଆଲୋଚନା କରିଛୁ – ମନ, ହୃଦୟ, ପ୍ରାଣ ଓ ଶରୀରକୁ କିପରି ପରିପୂର୍ଣ୍ଣ କରିବାକୁ ହେବ, ଶୁଦ୍ଧ ରୂପରେ ନୂଆ କରି ଗଢ଼ି କର୍ମୋପଯୋଗୀ କରିବାକୁ ହେବ । ଯେବେ ଏଇ ସାଧନଗୁଡ଼ିକ ପବିତ୍ର, ଶୁଦ୍ଧ, ନିର୍ମଳ ଓ ବୃହତ୍ ହୋଇ ଯାଆନ୍ତି ତେବେ ଯିଏ ପ୍ରକୃତ କର୍ମୀ, ପରମା ଶକ୍ତି ତାଙ୍କ ମଧ୍ୟରେ ଶୁଦ୍ଧ ରୂପେ ପ୍ରବାହିତ ହୋଇ କ୍ରିୟାଶୀଳା ହୋଇପାରନ୍ତି ଓ ପରମ ଅଦ୍ୱିତୀୟ ଈଶ୍ୱରଙ୍କର ବିଶ୍ୱଗତ ଅଭିପ୍ରାୟ ସାଧନ କରିଥା'ନ୍ତି । ଏବେ ବିମୋଚିତ ବ୍ୟକ୍ତି ସତ୍ତା ମଧ୍ୟରେ ଜୀବଭୂତ ପରାପ୍ରକୃତି ସକଳ କର୍ମର କର୍ମୀ । ଏହି ଶକ୍ତିଙ୍କ ପଶ୍ଚାତରେ ଅଛନ୍ତି କର୍ମର ପ୍ରଭୁ, ଈଶ୍ୱର । ସମସ୍ତଙ୍କର ପ୍ରଭୁ, ଈଶ୍ୱର ଆମ ଭିତରେ ମଧ୍ୟ ବିରାଜମାନ । ତାଙ୍କ ମଧ୍ୟରେ ଆମେ ବଞ୍ଚିଛୁ; ଗତିଶୀଳ ବା କ୍ରିୟାଶୀଳ ହେଉଛୁ । ତାଙ୍କରି ମଧ୍ୟରେ ଦିବ୍ୟଶକ୍ତି ଅଛନ୍ତି । ଆମକୁ ସେଇ ଈଶ୍ୱରଙ୍କ ଉପସ୍ଥିତି ନିଜ ମଧ୍ୟରେ ଅନୁଭବ କରିବାକୁ ହେବ । ଆମକୁ ଆମ ମଧ୍ୟରେ ବିରାଜମାନ ଈଶ୍ୱର ଓ ତାଙ୍କ ଶକ୍ତି ସହ ଯୋଗରେ ମଧ୍ୟ ଏକତ୍ୱ ଉପଲବ୍ଧି କରିବାକୁ ହେବ । ତାଙ୍କ ଶକ୍ତି ଆମ ସମସ୍ତ ସତ୍ତାରେ ଯେପରି ପ୍ରକଟିତ ହେବେ, ଏଥିପାଇଁ ଆମକୁ ଆସ୍ପୃହାଶୀଳ ହୋଇ ଆବାହନ କରିବାକୁ ହେବ । ଏହା ବ୍ୟତୀତ ସାଧନା ଶକ୍ତିହୀନ ଓ ନିଷ୍ଫଳ । ମନୁଷ୍ୟ ପଶୁବତ୍ ।

ଆମ ମଧ୍ୟରେ ପୁରୁଷ ଓ ପ୍ରକୃତିଙ୍କ ଦ୍ୱୈତଲୀଳା ଚାଲିଛି – ପୁରୁଷୋତ୍ତମହିଁ ଆମ ମଧ୍ୟରେ ଜୀବ ହୋଇଛନ୍ତି । ଆମେ ତାଙ୍କରି ଅଂଶ ବିଶେଷ – ସନାତନ ଅଂଶ । ଆମ ମଧ୍ୟରେ ତାଙ୍କରି ଅନ୍ତର୍ଗୂଢ଼ ଶକ୍ତି ସକ୍ରିୟ ହୋଇ କାର୍ଯ୍ୟ କରୁଛି ।

ଆମ ମଧ୍ୟରେ ଆତ୍ମାର ଯନ୍ତ୍ରାବଳୀ – ମନ, ହୃଦୟ, ପ୍ରାଣ ଓ ଶରୀର ଦିବ୍ୟକ୍ରିୟା ପାଇଁ ପ୍ରସ୍ତୁତ ହେବା ପରେ, ଦିବ୍ୟଶକ୍ତିଙ୍କୁ ଆମେ ଆମ ମଧ୍ୟରେ କ୍ରିୟା କରିବା ପାଇଁ ଆବାହନ କରିବା । ଏହି ଶକ୍ତି ଐଶ୍ୱରୀୟ ବା ଈଶ୍ୱର-ଶକ୍ତି । ଏହି ଶକ୍ତି ଈଶ୍ୱରଙ୍କର ସଂକଳ୍ପକୁ ବ୍ୟକ୍ତି ଓ ସଂସାର ମଧ୍ୟରେ ରୂପାୟିତ କରିଥା'ନ୍ତି । ପ୍ରସ୍ତୁତ ଯନ୍ତ୍ରମାନଙ୍କୁ ସେ ବ୍ୟବହାର କରନ୍ତି । ପରମେଶ୍ୱର ବ୍ୟକ୍ତି ମଧ୍ୟରେ 'ପୁରୁଷ' ଏବଂ ବିଶ୍ୱ ମଧ୍ୟରେ ସେ 'ଈଶ୍ୱର' । ତତ୍ତ୍ୱତଃ ସେ ସର୍ବତ୍ର ସମାନ । ବ୍ୟକ୍ତି ମଧ୍ୟରେ ପୁରୁଷର ଶକ୍ତି ଏବଂ ବିଶ୍ୱ ମଧ୍ୟରେ ଈଶ୍ୱରଙ୍କ ଶକ୍ତି । ଶକ୍ତି ଏକ । ପରା ଜଗତରେ ସେ ପରା ବା ଜ୍ଞାନ ଶକ୍ତି, ଅପରା ଜଗତରେ ସେ ଅପରା ବା ଅଜ୍ଞାନ ଶକ୍ତି ।

ପୁରୁଷ ବ୍ୟକ୍ତି ମଧ୍ୟରେ ଯେଉଁ ସଂକଳ୍ପ ବା ଇଚ୍ଛା ପ୍ରକାଶିତ ହୁଏ ତହିଁରେ ଆତ୍ମଶକ୍ତି ରୂପେ ସେହି ଶକ୍ତି ପ୍ରକଟିତ ହୁଅନ୍ତି । ଇଂରାଜୀରେ ତା' ନାମ 'Soul force' । କିନ୍ତୁ ଏହି ଶକ୍ତି ବ୍ୟକ୍ତିର ପ୍ରକୃତି ଅନୁରୂପ କ୍ରିୟା କରନ୍ତି । ଯେପରି ଗୋଟିଏ ଆଲୋକ ବିଭିନ୍ନ ରଙ୍ଗର କାଚ ମାଧ୍ୟମରେ ପ୍ରକାଶ ପାଇବା ବେଳେ କାଚର ରଙ୍ଗ ଅନୁରୂପ ପ୍ରତିଭାତ ହୁଏ । ଯେଉଁ ବ୍ୟକ୍ତିଙ୍କ ମଧ୍ୟରେ ଆତ୍ମଶକ୍ତି (Soul force) ଏକ ପ୍ରଭାବଶାଳୀ ଧାରାରେ ପ୍ରକାଶ ପାଏ, ସେମାନେ ସାଧାରଣ ମନୁଷ୍ୟ ନୁହନ୍ତି, ସେମାନେ ଈଶ୍ୱରଙ୍କ ବିଭୂତି । ବିଭୂତିସକଳ ଈଶ୍ୱରଙ୍କ ଏକ ବା ଏକାଧିକ ଗୁଣକୁ ସ୍ପଷ୍ଟଭାବେ ଅଭିବ୍ୟକ୍ତ କରନ୍ତି । ତାଙ୍କ ମଧ୍ୟରେ ଈଶ୍ୱରଙ୍କ ଶକ୍ତି କେନ୍ଦ୍ରୀଭୂତ ହୋଇ ରହିଥାଏ । କିନ୍ତୁ ଅବତାର

(Incarnation) ଏମାନଙ୍କଠାରୁ ଭିନ୍ନ । ସେମାନଙ୍କ ଆତ୍ମା ମଧ୍ୟରେ ଈଶ୍ୱର ମାନବ ରୂପେ ପ୍ରକଟିତ – ''ଧର୍ମସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ'', ଏହା ଗୀତାରେ ଈଶ୍ୱର କହୁଛନ୍ତି । ଈଶ୍ୱର ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନେଇ ମାନବର ରୂପ ନିଅନ୍ତି । ଏଠାରେ ବ୍ୟକ୍ତି ମଧ୍ୟରେ ନୈର୍ବ୍ୟକ୍ତିକତାର ଝଲକ ପରିଦୃଷ୍ଟ ହୁଏ । ଅବତାର ବିବର୍ତ୍ତନ କ୍ଷେତ୍ରରେ ଉତ୍ତରାୟଣର ଏକ ନୂତନ ପାବଚ୍ଛ ଯୋଡ଼ି ଦିଅନ୍ତି ।

ଭଗବାନ୍ ଅନନ୍ତ ଗୁଣର ଆଧାର । ପୁନଶ୍ଚ ଅନ୍ୟ ଏକ ଦିଗରୁ ସେ ଗୁଣାତୀତ । କିନ୍ତୁ ସେ ଯେତେବେଳେ ସଂସାରରେ ରୂପ ଗ୍ରହଣ କରନ୍ତି ସେତେବେଳେ ସେ ଅନନ୍ତ ରୂପ, ଅନନ୍ତ ଗୁଣ ସମ୍ପନ୍ନ ହୋଇ ବି ବ୍ୟକ୍ତି ମଧ୍ୟରେ ବ୍ୟକ୍ତିର ପ୍ରକୃତି ଅନୁରୂପ ପ୍ରକାଶିତ ହୁଅନ୍ତି । ମନୁଷ୍ୟର ଗୁଣକୁ ନେଇ ତା'ର ପରିଚୟ ସାତ୍ତ୍ୱିକ, ରାଜସିକ ବା ତାମସିକ ହୋଇଥାଏ । ଗୀତାର ଚତୁର୍ଦ୍ଦଶ ଅଧ୍ୟାୟର ଗୁଣତ୍ରୟ ବିଭାଗ ଯୋଗରେ କୁହାଯାଇଛି –

''ସତ୍ତ୍ୱଂ ରଜସ୍ତମ ଇତି ଗୁଣାଃ ପ୍ରକୃତିସମ୍ଭବାଃ ।''

(ଗୀତା - ୧୪/୫ ଶ୍ଳୋକ)

ହେ ଅର୍ଜୁନ ! ସତ୍ତ୍ୱ, ରଜଃ ଓ ତମଃ ଗୁଣ ଅବିନାଶୀ ଜୀବାତ୍ମାକୁ ଶରୀରରେ ବାନ୍ଧି ରଖିଥା'ନ୍ତି – ''ନିବଧ୍ନନ୍ତି ମହାବାହୋ ଦେହେ ଦେହିନମବ୍ୟୟମ୍'' । ଗୀତା ପୁନଃ କହନ୍ତି ଏଇ ତିନି ଗୁଣମାନଙ୍କ ମଧ୍ୟରୁ ଏକ ଗୁଣର ପ୍ରକାଶ ଅନ୍ୟଠାରୁ ଭିନ୍ନ । ଯେହେତୁ ବ୍ୟକ୍ତି ମଧ୍ୟରେ ଏକ ମୁଖ୍ୟ ଗୁଣ ଅନ୍ୟ ଦୁଇ ଗୁଣକୁ ଚାପି ଧରି ନିଜକୁ ପ୍ରକାଶ କରେ ତେଣୁ ବ୍ୟକ୍ତି ସେହି ମୁଖ୍ୟ ଗୁଣାନୁସାରେ ନାମିତ ହୁଏ । ସତ୍ତ୍ୱଗୁଣ ପ୍ରକାଶ ପାଇଲେ ବ୍ୟକ୍ତି ମଧ୍ୟରେ ନିର୍ମଳତା, ଶୁଦ୍ଧତା, ବିବେକ-ବୁଦ୍ଧି, ଜ୍ଞାନାନୁରକ୍ତି, ସୁଖଭାବ ପ୍ରକାଶ ପାଏ । ସେ ଜ୍ଞାନର ସାଧକ । 'ବ୍ରାହ୍ମଣ' ତା'ର ଉଦାହରଣ –

''ତତ୍ର ସତ୍ତ୍ୱଂ ନିର୍ମଳତ୍ୱାତ୍ ପ୍ରକାଶକମନାମୟମ୍ ।
ସୁଖସଙ୍ଗେନ ବଧ୍ନାତି ଜ୍ଞାନସଙ୍ଗେନ ଚାନଘ ।।''

(ଗୀତା - ୧୪/୬)

ରଜୋଗୁଣସମ୍ପନ୍ନ ବ୍ୟକ୍ତି କାମନା ପ୍ରବଣ, ତା'ର ବହୁ ଆସକ୍ତି ପ୍ରକାଶ ପାଏ । ସେ ଲୋଭପ୍ରବଣ ଓ ସ୍ୱାର୍ଥପର । ତଥାପି ସେ କର୍ମୀ, ଶୂର, ବୀର, ନେତା – ସତ୍ୟ ଓ ଜ୍ଞାନକୁ ରକ୍ଷା କରିବା ନିମନ୍ତେ ଯୁଦ୍ଧ କରେ; ସେ କ୍ଷତ୍ରିୟ । ଗୀତା କହିଲେ –

''ରଜୋ ରାଗାତ୍ମକଂ ବିଦ୍ଧି ତୃଷ୍ଣାସଙ୍ଗସମୁଦ୍ଭବମ୍ ।
ତନ୍ନିବଧ୍ନାତି କୌନ୍ତେୟ କର୍ମସଙ୍ଗେନ ଦେହିନମ୍ ।।''

(ଗୀତା - ୧୪/୭)

ତମୋଗୁଣସମ୍ପନ୍ନ ବ୍ୟକ୍ତି ଅଜ୍ଞାନାବଦ୍ଧ, ଅଳସ ପ୍ରକୃତିର, ତା'ର କର୍ମ ପ୍ରବୃତ୍ତି ନଥାଏ, ଜ୍ଞାନଚକ୍ଷୁ ତା'ର ଆଚ୍ଛାଦିତ ଏବଂ ସେ ଅନ୍ଧ ବ୍ୟକ୍ତି ସମ ପ୍ରମାଦରେ ପଡ଼ିଥାଏ ।

''ତମସ୍ତ୍ୱଜ୍ଞାନଜଂ ବିଦ୍ଧି ମୋହନଂ ସର୍ବଦେହିନାମ୍ ।
ପ୍ରମାଦାଳସ୍ୟନିଦ୍ରାଭିସ୍ତନ୍ନିବଧ୍ନାତି ଭାରତ ।।''

(ଗୀତା - ୧୪/୮)

ତିନି ଗୁଣ ମଧ୍ୟରେ ଯେଉଁ ଗୁଣ ସର୍ବାଧିକ ଶକ୍ତିଶାଳୀ, ତା'ର ପ୍ରଭାବ ଜୀବନ ଉପରେ ତଥା ବ୍ୟକ୍ତିର କର୍ମ ଉପରେ ବେଶୀ ପଡ଼େ । ତଦନୁସାରେ ସେ ସାତ୍ତ୍ୱିକ, ରାଜସିକ କି ତାମସିକ ତାହା ନିର୍ଣ୍ଣୀତ ହୁଏ । ଜଣେ ଖାଣ୍ଟି ସାତ୍ତ୍ୱିକ, ରାଜସିକ, ଅଥବା ତାମସିକ ବ୍ୟକ୍ତି ସମାଜରେ ମିଳିବା ପ୍ରାୟ ଅସମ୍ଭବ । ଗୁଣାଧିକ୍ୟ ବିଚାରରେ ବ୍ୟକ୍ତିର ଗୁଣଧର୍ମ ନିର୍ଣ୍ଣୟ ହୋଇଥାଏ । ସତ୍ତ୍ୱ ଗୁଣର ଆଧିକ୍ୟ ହେଲେ ବ୍ୟକ୍ତି ମଧ୍ୟରେ ଜ୍ଞାନ ଓ ଶାନ୍ତି (Enlightenment and Peace), ରଜୋଗୁଣର ଆଧିକ୍ୟ ହେଲେ ସକ୍ରିୟତା ଓ ଶକ୍ତି (Dynamism and Power), ତମୋଗୁଣର ଆଧିକ୍ୟ ହେଲେ ଆଳସ୍ୟ ଓ ବିଶ୍ରାନ୍ତି (Inertia and Rest) ପ୍ରକାଶ ପାଏ ।

ସମସ୍ତ ଗୁଣ ହେଲା ଆତ୍ମାରୁ ବିଧୃତ, ଆତ୍ମ ଶକ୍ତିର ପ୍ରକାଶ । ଆତ୍ମ-ଶକ୍ତି ବିବର୍ତ୍ତନ ଧାରାରେ ଚାରୋଟି ରୂପ ନିଏ । ପ୍ରଥମତଃ ଏହା ହେଲା ଜ୍ଞାନଶକ୍ତି ଓ ବୁଦ୍ଧି, ଦ୍ୱିତୀୟତଃ କ୍ରିୟାଶୀଳତା, ତୃତୀୟତଃ ସଙ୍ଗତି, ପାରସ୍ପରିକତା, ଉତ୍ପାଦନକ୍ଷମତା, ସର୍ବଗ୍ରହଣଶୀଳତା । ଚତୁର୍ଥଟି ହେଲା କର୍ମ ଶକ୍ତି ଓ ସେବା ଇତ୍ୟାଦି । ଏଣୁ ଏଥିରୁ ଉଦ୍ଭୂତ ଚତୁର୍ବର୍ଣ୍ଣ ଜାତିର ଚାରିଗୋଟି ସ୍ତମ୍ଭ ।

ପ୍ରକୃତି ମଧ୍ୟରେ ପ୍ରକଟିତ ଚିଦ୍‌ଗତତା ଏକ ଅନନ୍ତ ଗୁଣ ସାଗର । ମାତ୍ର ଅନନ୍ତ ଗୁଣର ସେହି ଚିଦ୍‌ଗତତ୍ତ୍ୱ ଯନ୍ତ୍ରାରୂଢ଼ା ପ୍ରକୃତିର କ୍ଷେତ୍ର ମଧ୍ୟରେ ଆପଣାକୁ ସତ୍ତ୍ୱ, ରଜଃ, ତମଃ ଭାବେ ତିନୋଟି ଗୁଣରେ ରୂପାୟିତ କରିଥାଏ । ମନୁଷ୍ୟ ମଧ୍ୟରେ ଏହି ଚିଦ୍‌ଗତତ୍ତ୍ୱ ଚାରି ପ୍ରକାର ସାମର୍ଥ୍ୟରେ ପ୍ରକାଶ ପାଏ । ଏହା ଚତୁର୍ବ୍ୟୂହ ବୋଲି କହିପାରିବା । ସ୍ମରଣ ରଖିବା ଏହା ହେଲା ଜ୍ଞାନ, ବଳ, ପାରସ୍ପରିକତା ଓ ଉତ୍ପାଦନଗତ ସାମର୍ଥ୍ୟ ଏବଂ ଶ୍ରମ ଓ ସେବା । ଏହି ସାମର୍ଥ୍ୟ ବ୍ୟକ୍ତିର ବାହ୍ୟ ଓ ଆଭ୍ୟନ୍ତର କ୍ରିୟାତ୍ମକତାର ଏକ ଛାଞ୍ଚ ମଧ୍ୟରେ ଢାଳି ଦିଆଯାଏ ।

ଏହି ଛାଞ୍ଚ ଯୋଗୁଁ ଭାରତୀୟ ସମାଜରେ ଚାରିଗୋଟି ବର୍ଣ୍ଣର ବ୍ୟକ୍ତି ଅଛନ୍ତି ବୋଲି ସେମାନେ ସ୍ୱୀକାର କରନ୍ତି । ବର୍ଣ୍ଣ ହେଲା ଏକ ମନସ୍ତାତ୍ତ୍ୱିକତା, ଗୁଣବତ୍ତା, ଏହା ସ୍ୱତନ୍ତ୍ର ସାମର୍ଥ୍ୟଯୁକ୍ତ, ଈଶ୍ୱର ଦତ୍ତ । ଗୀତା କହୁଛନ୍ତି :

''ଚାତୁର୍ବର୍ଣ୍ଣ୍ୟଂ ମୟା ସୃଷ୍ଟଂ ଗୁଣକର୍ମବିଭାଗଶଃ ।
ତସ୍ୟ କର୍ତ୍ତାରମପି ମାଂ ବିଦ୍ଧ୍ୟକର୍ତ୍ତାରମବ୍ୟୟମ୍ ।।''

(ଗୀତା – ୪/୧୩)

ବର୍ଣ୍ଣ ବ୍ୟବସ୍ଥାର ମୂଳ ଭିତ୍ତି ଆଧ୍ୟାତ୍ମିକତା । କାରଣ ଏହା ପରମପ୍ରଭୁଙ୍କ ଦ୍ୱାରା ରଚିତ ଗୁଣ-କର୍ମର ବିଭାଗକୁ ନେଇ ଗଠିତ । ଚାରି ଆଶ୍ରମ – ବ୍ରହ୍ମଚର୍ଯ୍ୟାଶ୍ରମ, ଗାର୍ହସ୍ଥ୍ୟାଶ୍ରମ, ବାନପ୍ରସ୍ଥାଶ୍ରମ ଓ ସନ୍ନ୍ୟାସ ପରି ଭାରତୀୟ ଜୀବନଧାରାରେ ଚତୁର୍ବର୍ଣ୍ଣର ପ୍ରାଧାନ୍ୟ ବହୁ କାଳରୁ ରହି ଆସିଛି । ଏହା ଥିଲା ସମାଜ ନୀତିର ମେରୁଦଣ୍ଡ । ମାତ୍ର ଏବେ ବର୍ଣ୍ଣ ବ୍ୟବସ୍ଥାର ବିକୃତ ରୂପ ନେଇଛି ଜାତି ପ୍ରଥା । ଗୁଣ-କର୍ମକୁ ନେଇ ବର୍ଣ୍ଣ, ମାତ୍ର ଜନ୍ମକୁ ନେଇ ଜାତି । ଏହାର ପରିଣତି ସ୍ୱରୂପ ପରବର୍ତ୍ତୀ କାଳରେ ପୁରୋହିତ ଦଳର ଅପସୃଷ୍ଟି । ଫକିର ମୋହନ ସେନାପତି ଏହି ପ୍ରଥାରେ ଆଜି ବ୍ରାହ୍ମଣ କିପରି ଜ୍ଞାନ ସାଧକ ନହୋଇ, ''ତାମ୍ପଡ଼ା ଶୁଖୁଆ ପଖାଳ ଭାତ, ପୋଥି ଅଫିଟା ଜ୍ଞାନ ବିହୀନ, ଯଜମାନ ଚାଉଳ ଚୋରି'' ପର୍ଯ୍ୟନ୍ତ ଗଲାଣି ତାହା ସୂଚାଇଛନ୍ତି –

''ଚିତା ପଇତା ହୀନ
ବିଲରୁ ଚିପନ୍ତି ମୀନ
ପୋଥିରୁ ନଫିଟେ ଡୋରି
ଯଜମାନ ଚାଉଳ ଚୋରି ।
ସଭାରେ ନଫିଟେ ପାଟି
ନାଁଟି ତା'ର ସୁନ୍ଦର ତ୍ରିପାଠୀ ।''

ପ୍ରାଚୀନ ସମାଜ ନିର୍ମାତାମାନେ ସାଂଖ୍ୟର ମନୋବୈଜ୍ଞାନିକ ତତ୍ତ୍ୱକୁ ନେଇ ସମାଜକୁ ସାତ୍ତ୍ୱିକ, ସାତ୍ତ୍ୱିକ-ରାଜସିକ, ରାଜସିକ-ତାମସିକ ତଥା ତାମସିକ ଏହି ପରି ଚାରି ଭାଗରେ ବିଭକ୍ତ କରିଥିଲେ । ଏଇ ଚାରିଗୋଟି ସ୍ୱାଭାବିକ ପ୍ରବୃତ୍ତିର ଭିତ୍ତି ଉପରେ ଯଥାକ୍ରମେ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର ଚାରିଗୋଟି ବର୍ଣ୍ଣ ଗଢ଼ି ଉଠିଥିଲା ।

ଏବେ ବର୍ଣ୍ଣ ପରିବର୍ତ୍ତେ ଜାତିର ଉଦ୍ଭବ ହୋଇଛି । ବ୍ରାହ୍ମଣର ଗୁଣ, କର୍ମ ନଥାଇ ମଧ୍ୟ ତଥାକଥିତ ବ୍ରାହ୍ମଣର ପୁତ୍ର ଏବେ ବ୍ରାହ୍ମଣ । ଜାତିରେ ଶ୍ରେଷ୍ଠ ଆଖ୍ୟା ନେଇ ସ୍ୱାର୍ଥ ସିଦ୍ଧି ପାଇଁ ଅନ୍ୟ ଉପରେ ଉଚ୍ଚ ବର୍ଣ୍ଣର ଲୋକେ ଏକାଧିପତ୍ୟ ଦେଖାଉଛନ୍ତି ଓ ତଥାକଥିତ ଅନ୍ୟ ଜାତିକୁ ଘୃଣା କରୁଛନ୍ତି । ସେମାନେ ସମସ୍ତଙ୍କର ସେବକ । ଏଣୁ ତାଙ୍କୁ ଉଚ୍ଚବର୍ଣ୍ଣ ଲୋକେ ଅଛୁଆଁ କହୁଛନ୍ତି । ଏହେତୁ ଏହା ବିରୋଧରେ ସମାଜରେ ବିପ୍ଳବ ସୃଷ୍ଟି ହେବା ଯୁକ୍ତିଯୁକ୍ତ ଓ ସ୍ୱାଭାବିକ । ଯଦି ସମାଜର ହିତୈଷୀ ନେତାମାନେ ଜାତି ପ୍ରଥା ଯୋଗୁଁ ଏପରି ବିଦ୍ୱେଷ, ବିରୋଧ ଓ ସଂଘର୍ଷ ସମାଜ ମଧ୍ୟରେ ଲାଗି ରହିଥିବାର ଦେଖୁଛନ୍ତି, ତେବେ ଏହି ବିକୃତ ସମାଜକୁ ସୁଧୁରିବା ପାଇଁ ଜାତି ପ୍ରଥାକୁ ସମ୍ପୂର୍ଣ୍ଣ ଧ୍ୱଂସ କରିବାକୁ ଯଦି ସେମାନେ ଚେଷ୍ଟିତ, ତେବେ ତାହା ସ୍ୱାଗତ ଯୋଗ୍ୟ ହେବା ଉଚିତ । ସମାଜ ସମସ୍ତଙ୍କୁ ସମ ଅଧିକାର ଓ ସମ୍ମାନ ଦେବା ଉଚିତ । ଏପରିକି ନାରୀମାନେ ଏଥିରୁ ବାଦ୍ ପଡ଼ିବା ଉଚିତ ନୁହେଁ ।

ବେଦରେ କେଉଁଠି ଘୃଣ୍ୟ ଓ ଅସ୍ପୃଶ୍ୟ ବିଷୟ ନାହିଁ । ବେଦ ପାଠରେ ଅଧିକାର ସମସ୍ତଙ୍କର ଅଛି । ବର୍ଣ୍ଣ ଭାବେ କିଏ ବଡ଼ ସାନ ବି ନୁହନ୍ତି । ଏକ ପରମଙ୍କର ସମସ୍ତେ ସନ୍ତାନ, ସମସ୍ତେ ତାଙ୍କରହିଁ ପ୍ରକାଶ । 'ବ୍ରାହ୍ମଣୋଽସ୍ୟ ମୁଖମାସୀତ୍, ବାହୂ ରାଜନ୍ୟଃ କୃତଃ' ଅର୍ଥାତ୍ – ତାଙ୍କ ମୁଖ ବା ମସ୍ତକରୁ ବ୍ରାହ୍ମଣ, ବାହୁରୁ କ୍ଷତ୍ରିୟ, ଉରୁରୁ ବୈଶ୍ୟ, ପାଦରୁ ଶୂଦ୍ର ବର୍ଣ୍ଣର ସୃଷ୍ଟି । ଏହା ଏକ ରୂପକ, ଏକ ସାଂକେତିକତା – ଜ୍ଞାନ, ଶକ୍ତି, ସଂହତି ଓ ପୁଷ୍ଟି ତଥା କର୍ମ ଓ ସେବାର । ଏଥିରେ ବଡ଼, ସାନର ପ୍ରଶ୍ନ ଉଠିବ କାହିଁକି ? 'ଶୂଦ୍ରଃ ପଦ୍‌ଭ୍ୟାମ୍ ଅଜାୟତ' । ଶୂଦ୍ର କାହିଁକି ଘୃଣ୍ୟ, କାହିଁକି ନୀଚ ହେବ ? ସେ ପରମପ୍ରଭୁଙ୍କ ପାଦରୁ ସୃଷ୍ଟ ବୋଲି ! ଭଗବାନଙ୍କ ପାଦ କ'ଣ ଅପବିତ୍ର ? ଯେଉଁ ପାଦରୁ ତ୍ରିଲୋକପାବନୀ ଗଙ୍ଗାର ସୃଷ୍ଟି, ସେଇ ପାଦରୁ ଜଗତର ସର୍ବସେବାକାରୀ ଶୂଦ୍ର କିପରି ଅପବିତ୍ର, ଅସ୍ପୃଶ୍ୟ ହେବ ? ସମାଜର ଚେତନା ବଦଳିବା ଆବଶ୍ୟକ । ସମାଜର ଦୃଷ୍ଟିକୋଣ ପରିବର୍ତ୍ତନ ହେବା ଆବଶ୍ୟକ । ଶୂଦ୍ର ଯଦି ପାଦ, ତେବେ ସେ ତ ସମାଜର ଚଳନ-ଶକ୍ତି । ତା' ବିନା ସବୁ ଅଚଳ । ସେ ସମାଜକୁ ସେବା କରି ବଞ୍ଚାଇ ରଖିଛି । ଏଣୁ ସେ ସମ୍ମାନନୀୟ ନୁହେଁ କି ?

ଆମକୁ ବୁଝିବାକୁ ହେବ ଦିନେ ଏହି ଜାତି ପ୍ରଥାର ବିକୃତି ସୃଷ୍ଟି ହେବା ପୂର୍ବରୁ ଈଶ୍ୱର ସୃଷ୍ଟ, ଋଷି ମୁନି ସମର୍ଥିତ, ମନସ୍ତାତ୍ତ୍ୱିକତାର ଭିତ୍ତିରେ ସୃଷ୍ଟି ହୋଇଥିବା ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର ବର୍ଣ୍ଣ ବ୍ୟବସ୍ଥା ସମାଜର ମେରୁଦଣ୍ଡ ରୂପେ ଥିଲା । ପ୍ରତ୍ୟେକଟି ବର୍ଣ୍ଣରେ ଆପଣା ଆପଣାର ସ୍ୱାଭାବିକ କର୍ମଧାରା,

ସ୍ୱଧର୍ମାନୁକୂଳ ଆଧାତ୍ମିକ ଦିଗ, ଆଦର୍ଶ, ବର୍ଣ୍ଣାନୁରୂପ ଶିକ୍ଷା, ତଦନୁସାରେ ଲାଳନପାଳନ ଓ କର୍ଷଣ ରହିଥିଲା । ଏହା ଯୋଗୁଁ ଏକ ଆଦର୍ଶ ସମାଜ ସୃଷ୍ଟି ହୋଇଥିଲା । ଏହି ଆଧାତ୍ମିକ ରୀତିଟି ମନୁଷ୍ୟ ମଧ୍ୟରେ ଥିଲା ସକ୍ରିୟ, ସୂକ୍ଷ୍ମତର ଓ ବିକାଶଧର୍ମୀ । ଯେତେବେଳେ ଏହି ରୀତିଟି ଅନମନୀୟ ଓ କଠିନ ହୋଇ ଜାତି ପ୍ରଥାର ଉଦ୍ଭବ ହେଲା ସେତେବେଳେ ଜଣେ ବ୍ୟକ୍ତି ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ବା ଶୂଦ୍ର ହୋଇ ଜନ୍ମଗ୍ରହଣ କରି କେବଳ ତାହାହିଁ ହୋଇ ରହିଗଲା । ଏହା ଏକ ଅଶୋଧିତ ବାହ୍ୟଧାରଣା, ଯାହା ସ୍ୱାର୍ଥପର, ଅଳ୍ପଜ୍ଞାନୀ ପୁରୋହିତଙ୍କ ମତ । ଏହାକୁ ଏକ ମନୋବୈଜ୍ଞାନିକ ସତ୍ୟ ବୋଲି ଗ୍ରହଣ କରାଯାଇ ପାରିବ ନାହିଁ । ପ୍ରକୃତ କଥା ହେଲା ଆମ ମଧ୍ୟରେ ଅଛି ଚିଦ୍‌ଗତତାର ଚାରିଗୋଟି ସାମର୍ଥ୍ୟ; ଯାହା କ୍ରିୟାଶୀଳ, ଯାହା ଆମ ମଧ୍ୟରେ ଯଥାର୍ଥ ପ୍ରବୃତ୍ତି ଓ ତାକୁ କାର୍ଯ୍ୟକାରୀ କରୁଥିବା ପ୍ରକୃତି । ଯେଉଁଟା ଆମର ମୁଖ୍ୟ ପ୍ରବୃତ୍ତି, ଶକ୍ତିଶାଳୀ ଗୁଣ, ସମର୍ଥତା ତାହା ହେବା କଥା ଆମ ଜୀବନର ବିଧାୟକ । ପ୍ରତ୍ୟେକଙ୍କ ମଧ୍ୟରେ କିଛି ନା କିଛି ପ୍ରବୃତ୍ତି ରହିଛି । କ୍ଷେତ୍ର ବିଶେଷରେ ସେସବୁ ଅଳ୍ପ ଶକ୍ତି ସମ୍ପନ୍ନ ଓ ଅବଦମିତ । ପୂର୍ଣ୍ଣ ମନୁଷ୍ୟ ମଧ୍ୟରେ ଶକ୍ତି ପୂର୍ଣ୍ଣ ପ୍ରକଟିତ ଓ ସେମାନଙ୍କ ମଧ୍ୟରେ ରହିଛି ସୁସମଞ୍ଜସତା ।

ଏଣୁ କୁହାଯାଇଛି ''ଜନ୍ମନା ଜାୟତେ ଶୂଦ୍ରଃ, ସଂସ୍କାରାଦ୍ (by culture) ଦ୍ୱିଜ ଉଚ୍ୟତେ । ବିଦ୍ୟାଭ୍ୟାସାତ୍ ଭବେଦ୍ ବିପ୍ରଃ, ବ୍ରହ୍ମ ଜାନାତି ବ୍ରାହ୍ମଣଃ ।'' ଯଦି ଚେତନା ଦୃଷ୍ଟିରୁ ବିଚାର କରିବା (ଜାତି ଦୃଷ୍ଟିରୁ ନୁହେଁ) ତେବେ ସମସ୍ତେ ଜନ୍ମରୁ ଶୂଦ୍ର, ଜଣେ ବ୍ରାହ୍ମଣର ପୁତ୍ର ହେଉ ବା କ୍ଷତ୍ରିୟର ପୁତ୍ର ହେଉ । ସଂସ୍କାର ବଳରେ ବ୍ୟକ୍ତିର ଚେତନାରେ ଏକ ଉତ୍ତରଣ, ବିକାଶ ଓ ପରିବର୍ତ୍ତନ ଘଟେ । ତା'ର ଦ୍ୱିତୀୟ ଜନ୍ମ ବା ଦ୍ୱିଜତ୍ୱ ହୁଏ, ବିଦ୍ୟାଧ୍ୟୟନ, ଶାସ୍ତ୍ରଜ୍ଞାନ ଦ୍ୱିଜକୁ ବିପ୍ର କରାଏ । ବ୍ରହ୍ମଜ୍ଞାନ ଯାହାର ଲାଭ ହୁଏ, ସେ ହୁଏ ପ୍ରକୃତ ଦ୍ୱିଜ ଭୂମିରୁ ଉତ୍ଥିତ ବ୍ରାହ୍ମଣ । ଜନ୍ମରୁ କେହି ବ୍ରାହ୍ମଣ ନୁହନ୍ତି କି ଛ'ପଟ ପଇତା ପକାଇ ଜଣେ ବ୍ରାହ୍ମଣ ହୋଇଯାଏ ନାହିଁ । କେବଳ ବ୍ରହ୍ମବାଦୀହିଁ ବ୍ରାହ୍ମଣ । ଏହା ଜାତିର ବିଷୟ ନୁହେଁ, ସର୍ବୋଚ୍ଚ ଚେତନାର ବିଷୟ । ଏହି ଦୃଷ୍ଟିରୁ ଚେତନାରେ ସମସ୍ତଙ୍କୁ ବ୍ରାହ୍ମଣ ହେବାକୁ ପଡ଼ିବ । ବିବର୍ତ୍ତନର ଗତି ଏହି ଦିଗରେ ।

ଜାତିପ୍ରଥା ଏ ଜାତିର ମେରୁଦଣ୍ଡ ନୁହେଁ । ରାଜଯକ୍ଷ୍ମା ପରି ଏହା ସମାଜକୁ ହୀନବଳ, ପଙ୍ଗୁ କରିଛି । ପରସ୍ପର ମଧ୍ୟରେ ଭୟ, ଘୃଣା ସଂଚାର କରିଛି । କେତେକଙ୍କର ମିଥ୍ୟା ବଡ଼ିମା ସୃଷ୍ଟି କରିଛି । ଏହା ଅଶାସ୍ତ୍ରୀୟ, ଅବୈଦିକ । ଏଣୁ ଏହାର ସଂସ୍କାର ଆବଶ୍ୟକ । ମହାତ୍ମାଗାନ୍ଧି, ବିବେକାନନ୍ଦ, ଶ୍ରୀଅରବିନ୍ଦଙ୍କ ବିଚାରରେ ଏପରି ଜାତିପ୍ରଥା ମନୁଷ୍ୟ ସମାଜ ପାଇଁ ପରିପନ୍ଥୀ । ସେମାନଙ୍କ ସ୍ପଷ୍ଟ ବାଣୀ ଆମ ଆଖି ଖୋଲି ଦେଇଛି । ଶ୍ରୀମାଙ୍କ ଦୃଷ୍ଟି ଅନୁସରଣ କରି ଆମ ସମସ୍ତଙ୍କୁ ବ୍ରହ୍ମମୟୀ ମା'ଙ୍କୁ ମା'ଭାବେ ଗ୍ରହଣ କରି ବ୍ରାହ୍ମଣ ହେବାକୁ ପଡ଼ିବ, ଆମେ ଏବେ ସମାଜ ଦୃଷ୍ଟିରେ ତଥାକଥିତ କ୍ଷତ୍ରିୟ, ବୈଶ୍ୟ ବା ଶୂଦ୍ର ହୋଇପାରୁ । ସମସ୍ତଙ୍କର ବ୍ରାହ୍ମଣ ହେବାର ଜନ୍ମଗତ ଅଧିକାର ରହିଛି । କାରଣ ସମସ୍ତଙ୍କୁ ଯୋଗ ଦୃଷ୍ଟିରେ ଅସଂସ୍କୃତ ପ୍ରକୃତି ମଧ୍ୟରୁ ଶୁଦ୍ଧତମ ପୁରୁଷ ବା ଆତ୍ମା ଦିଗରେ ଉତ୍ଥିତ ହୋଇ ପ୍ରକୃତିକୁ ଶୁଦ୍ଧ କରି ମହେଶ୍ୱର ହେବାକୁ ହେବ । ଏହା ତା'ର ବ୍ରହ୍ମତ୍ୱର ଉପଲବ୍ଧି । ଯଥାର୍ଥ ଲକ୍ଷ୍ୟ ସିଦ୍ଧି ହେଲା ବ୍ରାହ୍ମଣ ହେବାର ବିଷୟ, ଛ'ପଟ ପଇତାର ବିଷୟ ନୁହେଁ । ଏବେ ଅନ୍ୟ ଏକ ଦୃଷ୍ଟିରୁ ଏ କଥାର ବିଚାର କରାଯାଇପାରେ ।

ଯଦି ଚରମ ଲକ୍ଷ୍ୟର ଅନୁକୂଳ ପ୍ରଜ୍ଞା ଦୃଷ୍ଟିରୁ ଚତୁର୍ବର୍ଣ୍ଣକୁ ବିଚାରକୁ ନିଆଯାଏ, ତେବେ ବି ଶୂଦ୍ର ସମାଜରେ ଉପେକ୍ଷଣୀୟ ନୁହେଁ । ପରିବାରରେ ଛୋଟ ଶିଶୁଟିଏ ଆଦର ଯତ୍ନ ପାଏ । ତାକୁ କିଏ ଅସମ୍ମାନ କରେ କି ? ଆଜି ଯିଏ ଶିଶୁ, କାଲି ହେବ ସେ ଘରର ମୁରବି । ତାକୁ ଏଥିପାଇଁ ତାଲିମ ଦେବା, ସତ୍ ଶିକ୍ଷା ଦେବା ବଦଳରେ ତାଚ୍ଛଲ୍ୟ କରିବା ମୂର୍ଖତା । ତାକୁ ମର୍ଯ୍ୟାଦାର ସହ ବଢ଼ିବାକୁ ଦିଆଯିବା ଉଚିତ । ଯଦି କାହା ବିଚାରରେ ସେ ସମାଜରେ ସାନ, ତେବେ ତା' ପ୍ରତି ଆମ ବ୍ୟବହାର କିପରି ହେବା ଉଚିତ ? ପୁନଶ୍ଚ ସ୍ୱଧର୍ମର ଅନୁଶୀଳନ ଦ୍ୱାରା ପ୍ରତ୍ୟେକଙ୍କ ମଧ୍ୟରେ ସ୍ୱଭାବର ଚରମ ବିକାଶ ସମ୍ଭବ । ତା' ଛଡ଼ା ପ୍ରତ୍ୟେକ ବର୍ଣ୍ଣ ଅସମ୍ପୂର୍ଣ୍ଣ, କାରଣ ବ୍ୟକ୍ତି ମଧ୍ୟରେ ଅନ୍ୟାନ୍ୟ ବର୍ଣ୍ଣର ଗୁଣମାନଙ୍କର ବିକାଶ ଘଟି ପାରିନି । ଏଣୁ କେହି ସ୍ୱୟଂ ସମ୍ପୂର୍ଣ୍ଣ ନୁହନ୍ତି । ପରିପୂର୍ଣ୍ଣତା ଆମର ଲକ୍ଷ୍ୟ । ପରିପୂର୍ଣ୍ଣତା ପାଇଁ ପ୍ରତ୍ୟେକେ ନିଜ ନିଜ ଧାରାରେ ତପସ୍ୟା କରିବା ଉଚିତ । ମନୁଙ୍କ ମତରେ –

''ବ୍ରାହ୍ମଣସ୍ୟ ତପୋ ଜ୍ଞାନଂ ତପଃ କ୍ଷତ୍ରସ୍ୟ ରକ୍ଷଣମ୍ ।
ବୈଶ୍ୟସ୍ୟ ତୁ ତପୋବାର୍ତ୍ତା ତପଃ ଶୂଦ୍ରସ୍ୟ ସେବନମ୍ ।''

(ମନୁ ସଂହିତା ୧୧।୨୩୫)

ପ୍ରତ୍ୟେକଙ୍କ ମଧ୍ୟରେ ତିନୋଟି ଗୁଣ ଯଦି ରହିଛି ସେସବୁ ଗୁଣର ଶୁଦ୍ଧତମ ଓ ଶ୍ରେଷ୍ଠ ବିକାଶ ଆମ ପୂର୍ଣ୍ଣତା ପାଇଁ ଘଟିବା

ଅଯୌକ୍ତିକ ହେବ ବା କିପରି ? ଯେଉଁଠାରେ ଏହା ଘଟି ନାହିଁ, ସେଠାରେ କେବଳ ଜ୍ଞାନ ଥାଇ ବ୍ରାହ୍ମଣ ସଂକୀର୍ଣ୍ଣଚେତା, ପ୍ରଜ୍ଞାବାଦରତ; କ୍ଷତ୍ରିୟ ଅସୁରଭାବାପନ୍ନ, ଜ୍ଞାନ ଓ ବୀର୍ଯ୍ୟହୀନ; ବୈଶ୍ୟ ଭୟାଳୁ, ସ୍ୱାର୍ଥପର ଓ ବିତ୍ତଲୋଭୀ, ବଳହୀନ; ଶୂଦ୍ର ଜଡ଼ବୁଦ୍ଧି, କ୍ରୀତଦାସ, ଜ୍ଞାନହୀନ, ଆଳସ୍ୟ ପରାୟଣ ଓ ସୃଜନଶକ୍ତିହୀନ ।

ବ୍ୟକ୍ତିତ୍ୱର ଚାରିଗୋଟି ପ୍ରକାରରୁ ଯଦି କୌଣସି ଏକ ପ୍ରକାର ବା ବିଭାବ ଅନ୍ୟ ଗୁଣଗୁଡ଼ିକର କୌଣସି ଏକ ବା ଏକାଧିକ ଅଂଶକୁ ଗ୍ରହଣ କରି ନପାରେ, ତେବେ ସେ ନିଜ କ୍ଷେତ୍ରରେ ପରିପୂର୍ଣ୍ଣ ହୋଇ ପାରେ ନାହିଁ । ଧରାଯାଉ ବ୍ରାହ୍ମଣ ବା ଜ୍ଞାନୀ ମନୁଷ୍ୟଙ୍କର ଯଦି ବୌଦ୍ଧିକ ବା ନୈତିକ ସାହସ ଓ ବୀର୍ଯ୍ୟ ଯାହା କ୍ଷତ୍ରିୟ ମଧ୍ୟରେ ପ୍ରକାଶ ପାଏ, ତାହା ନଥା'ନ୍ତା, ନଥା'ନ୍ତା ଅସତ୍ୟ ବିରୋଧରେ ସଂଗ୍ରାମ କରିବାର କ୍ଷାତ୍ର ଶକ୍ତି, ତେବେ ସେ ସତ୍ୟର ସଂପୂର୍ଣ୍ଣ ସେବା କରିପାରିବେ ନାହିଁ । ଏପରିକି ସେମାନେ ନିଜର ସୀମାବଦ୍ଧ ବୁଦ୍ଧିର ଦାସ ହୋଇ ପଡ଼ନ୍ତି । ହୋଇ ପଡ଼ନ୍ତି ସୂତ୍ରଭୁକ୍, ଯୁକ୍ତିବାଦୀ, ଧରାବନ୍ଧା ନିୟମରେ ପରିଚାଳିତ । ତାଙ୍କର ଜିଜ୍ଞାସା ନଥାଏ କି ସତ୍ୟାନୁସନ୍ଧିତ୍ସା ଓ ଅଭୀପ୍ସା ନଥାଏ । ଏଣୁ ସେ ଅକୁଶଳ ।

ଏହି କାରଣରୁ କ୍ଷତ୍ରିୟ ସକଳ ବର୍ଣ୍ଣମାନଙ୍କ ମଧ୍ୟରେ ନିଜର ନିର୍ଭୀକତା, ବିଜୟଲାଭ ପାଇଁ ଉଦ୍ୟମ ହେତୁ ବେଦାନ୍ତର ମହାନ୍ ସତ୍ୟଗୁଡ଼ିକୁ ଆବିଷ୍କାର କରିବାରେ ନିଜର ଯୋଗ୍ୟତା ବଜାୟ ରଖିଛି । ବ୍ରାହ୍ମଣ ଭଳି ନିଜ ସ୍ଥିତିରେ ଅଟକି ଯାଇନି । ଭଗବାନ୍ ଶ୍ରୀକୃଷ୍ଣ କ୍ଷତ୍ରିୟପ୍ରବର ଅର୍ଜୁନଙ୍କୁ ଶିକ୍ଷାଦାନ କରିଛନ୍ତି ତାଙ୍କ ଯୋଗ୍ୟ ଶିଷ୍ୟଭାବେ, କୌଣସି ବ୍ରହ୍ମଜ୍ଞାନୀଙ୍କୁ ନୁହେଁ । କ୍ଷତ୍ରିୟ କେବଳ ଜ୍ଞାନକୁ କ୍ରିୟାଶୀଳ କରି ଜାଣେ ।

କ୍ଷତ୍ରିୟ ବ୍ରାହ୍ମଣ ପରି ଜ୍ଞାନ ପ୍ରଧାନ ନୁହେଁ, ସେ ଶକ୍ତି ପ୍ରଧାନ । କିନ୍ତୁ ଏହା ଶକ୍ତିର ନିୟନ୍ତ୍ରଣରେ ନରହି ତା'ର ବଳକୁ ଜ୍ଞାନଦ୍ୱାରା ଆଲୋକିତ କରିବାକୁ ହେବ । ତାକୁ ବିବେକର ଓ ଆତ୍ମାର ଆଲୋକରେ ଅନୁଶାସିତ କରିବାକୁ ହେବ । ତେବେ ହେବ ସେ ଆତ୍ମାର ଯଥାର୍ଥ ଯନ୍ତ୍ର । ନହେଲେ ସେ ହେବ ଅସୁର ଭାବାପନ୍ନ ଓ ମଦମତ୍ତ ।

ପ୍ରତ୍ୟେକ ବର୍ଣ୍ଣ ମଧ୍ୟରେ ପ୍ରଜ୍ଞା, ବୀର୍ଯ୍ୟ, ଅଭ୍ୟୁଦୟ କୈନ୍ଦ୍ରିକ କର୍ମ ଓ ସେବା ଆଦି ମୌଳିକ ଦିବ୍ୟଗୁଣର ସମାହାର ଯଦି ନାହିଁ ତେବେ ବ୍ରାହ୍ମଣ ସଂକୀର୍ଣ୍ଣଚେତା, କ୍ଷତ୍ରିୟ ଅସୁରଭାବାପନ୍ନ, ବୈଶ୍ୟ ସ୍ୱାର୍ଥପର, ଅର୍ଥଗୃଧ୍ନୁ, ଶୂଦ୍ର ସର୍ବ କର୍ମ ଅପାରଗ ଓ ଆଳସ୍ୟପରାୟଣ ହୋଇଯାଏ ।

ପୂର୍ବେ କହିଛୁ ଏହି ଚାରିବର୍ଣ୍ଣ ପ୍ରାଚୀନ ଭାରତରେ ସଂକେତଧର୍ମୀ ଓ ରୀତିଯୁଗରେ ଯେଉଁ ସାଂକେତିକତା ବହନ କରୁଥିଲା, ପରବର୍ତ୍ତୀ ଗତାନୁଗତିକ ଯୁଗରେ ତାହାର ବିକୃତ ରୂପ ହେଲା ଜାତିବାଦ । ଗୁଣ-କର୍ମକୁ ନେଇ ନୁହେଁ, ଜନ୍ମକୁ ନେଇ ଏହା ଗଡ୍ଡଳିକା ରୀତିରେ ଚଳି ଆସୁଥିଲା ଯାହାର ସଂସ୍କାର ଏବେ ଆବଶ୍ୟକ ।

ସତ୍ୟଯୁଗ ଯାହା ଯାଜ୍ଞିକ, ଜ୍ଞାନୀ ଋଷିବର୍ଗଙ୍କ ଯୁଗ ଯଦି ବ୍ରାହ୍ମଣର ଯୁଗ, ତ୍ରେତା ସେପରି ବଳଶାଳୀ କ୍ଷତ୍ରିୟଙ୍କର ଯୁଗ, ଦ୍ୱାପରରେ ଗୋପପୁରର କୃଷି ଓ ଗୋପାଳନ ସୂଚାଏ ଏହା ବୈଶ୍ୟର ଯୁଗ । ଏବେ ଚାଲିଛି କଳିଯୁଗ, ଶ୍ରମଜୀବୀ (Labour class)ଙ୍କ ପ୍ରାଧାନ୍ୟର ଯୁଗ, ଶୂଦ୍ରଙ୍କର ଯୁଗ । ଏବେ ଶ୍ରମକୁ ଘୃଣା କରାଯାଉନି । ଶ୍ରମର ମର୍ଯ୍ୟାଦା (dignity of labour) ସର୍ବଦା ସ୍ୱୀକୃତ । ଶ୍ରମଜୀବୀର ଆତ୍ମମର୍ଯ୍ୟାଦା ଓ ସେବାର ମହତ୍ତ୍ୱକୁ ସମାଜ ସମ୍ମାନ ଦେଉଛି ।

ଅବଶ୍ୟ ସବୁଠି ସେବା ମନୋଭାବ ନେଇ କର୍ମ ହେଉନି । ଅନେକ କ୍ଷେତ୍ରରେ ଆର୍ଥିକ ବାଧ୍ୟତା (economic compulsion)ରୁ ଲୋକେ କର୍ମ କରୁଛନ୍ତି । କିନ୍ତୁ ଶ୍ରମ ଯେଉଁ କାରଣରୁ ହେଉ, ଏହା ଅତି ଗୁରୁତ୍ୱପୂର୍ଣ୍ଣ; ଏପରିକି ଜ୍ଞାନ, ବୀର୍ଯ୍ୟ, ସମୃଦ୍ଧିଠାରୁ । କାରଣ ସବୁର ମୂଳ ତ ଶ୍ରମ । ଶୂଦ୍ର ବିଶ୍ୱପୁରୁଷର ପାଦ । ବେଦରେ ପୃଥିବୀକୁ ସୃଷ୍ଟିର ପାଦ ବା ଧାରକ କୁହାଯାଇଛି । କର୍ମର ଗୁରୁତ୍ୱ ମଧ୍ୟ ସାଧନାରେ ରହିଛି ।

''ତଥା କର୍ମାପି କୁର୍ଯ୍ୟାମ ଯଥା ଦୈବମୁପାସ୍ମହେ ।
କର୍ମୈବ ପରମା ପୂଜା ଦୈହିକୀ ଦୈବତଂ ପ୍ରତି ॥''

କର୍ମ ହେଲା ଶରୀରର ଈଶ୍ୱରଙ୍କ ନିକଟରେ ପୂଜା – 'Work is worship' । ଶ୍ରୀଅରବିନ୍ଦ ଈଶ୍ୱରଙ୍କ ସେବା ପାଇଁ ନିଜର ଶକ୍ତିକୁ ସମର୍ପିତ କରିବାକୁ କହିଛନ୍ତି । ମାତ୍ର ନିଜ ଆତ୍ମସତ୍ତାଠାରୁ ସେବାକୁ ବିଚ୍ଛିନ୍ନ କଲେ ନିଜର ବଞ୍ଚିବା ପାଇଁ କେବଳ ଶ୍ରମ କରିବାକୁ ହେବ । କିନ୍ତୁ ଯେତେବେଳେ ଶ୍ରମ ଈଶ୍ୱରଙ୍କ ନିକଟରେ ସମର୍ପିତ ହୁଏ ସେତେବେଳେ ସେ କର୍ମଯୋଗର ରୂପ ନିଏ । ମୂଳ କଥା ହେଉଛି କର୍ମରେ ଆମର ଚେତନା ଓ ମନୋଭାବ କ'ଣ ହେବା ଉଚିତ ? ଏହାକୁ ନେଇ ବିଚାର କରାଯାଇପାରେ ଯଥାର୍ଥରେ କେଉଁଟା ଯୋଗ, କେଉଁଟା ସ୍ୱାର୍ଥ ଓ ଭୋଗ । ପୁନଶ୍ଚ କର୍ମକୁ ଅନ୍ୟ ତିନୋଟି ସାମର୍ଥ୍ୟ –

ଜ୍ଞାନ, ଶକ୍ତି, ସଂଗଠନ ଓ ବିକାଶ ଆଦି ସହ ସମନ୍ୱିତ ନକଲେ ତାହା ଅପୂର୍ଣ୍ଣ । କର୍ମୀ ଏକ ଯନ୍ତ୍ର ହୋଇଯାଏ ।

ଏହି ଚାରିଶକ୍ତିକୁ ସମନ୍ୱିତ ଓ ସଂଗଠିତ କରିବାକୁ ହେବ । ପ୍ରାଚୀନ ଯୁଗରେ ଏହା ସମ୍ଭବ ଥିଲା । ବିବର୍ତ୍ତନର ଧାରାରେ ଅଗ୍ରଗତିଶୀଳ ମଣିଷମାନେ ଏହାର ଗୁରୁତ୍ୱ ବୁଝୁଥିଲେ । ଏହି ଚାରିଟି ବର୍ଣ୍ଣର ନାମ ଅନ୍ୟ ଦେଶରେ ସମ୍ଭବତଃ ଅନ୍ୟ ପ୍ରକାରରେ ପ୍ରକାଶ ପାଉଥିଲା । କିନ୍ତୁ ଏଇ ଏକହିଁ ମୂଳସତ୍ୟ ସବୁଠାରେ ଉପଲବ୍ଧ ହେଉଥିଲା । ପାଶ୍ଚାତ୍ୟ ଦେଶରେ ଆମ ଦେଶ ପରି ବ୍ରାହ୍ମଣର ଧର୍ମ ଓ ଆଧ୍ୟାତ୍ମିକତାର ଏକ ସଂକେତ ଥିଲା ଚର୍ଚ୍ଚ । ସାମନ୍ତ (noble) ମାନେ ଆମ ଦେଶର କ୍ଷତ୍ରିୟମାନଙ୍କ ପରି ଧର୍ମ ଓ ଦେଶ ରକ୍ଷକ ଥିଲେ । ବ୍ୟବସାୟୀ (merchantile) ବର୍ଗ ଆମ ବୈଶ୍ୟମାନଙ୍କ ସହ ତୁଳନୀୟ । ଆଉ ବି ଥିଲେ ଶ୍ରମିକ (labour) ଶ୍ରେଣୀ, ସେ ଚର୍ଚ୍ଚର ପାଦ୍ରି ଓ ସାମନ୍ତମାନଙ୍କର ସେବକ ଯିଏ ଆମର ଶୂଦ୍ରଙ୍କ ସହ ତୁଳନୀୟ । ତେଣୁ ଏଇ ଚତୁର୍ବର୍ଗ ମଧ୍ୟ ପାଶ୍ଚାତ୍ୟରେ ଥିଲା ।

ତେବେ ଜଣେ ବିକାଶଶୀଳ ମନୁଷ୍ୟ ନିଶ୍ଚୟ ଏଇ ଚାରି ସାମର୍ଥ୍ୟସମ୍ପନ୍ନ ହେବାକୁ ଚେଷ୍ଟା କରେ, କାରଣ ତାହା ତା'କୁ ପରିପୂର୍ଣ୍ଣତା ଦେବ ।

ଦିବ୍ୟଶକ୍ତି, ଭଗବତୀ ମା' ମଣିଷକୁ ଏଇ ଚାରିଗୋଟି ପୂର୍ଣ୍ଣତା ଦେଇପାରିବେ, ଏଥିପାଇଁ ତାଙ୍କ ଚାରିଗୋଟି ଶକ୍ତିର ସୃଷ୍ଟି, ପ୍ରଥମ ଶକ୍ତି ମହେଶ୍ୱରୀ । ସେ ଜ୍ଞାନ, ବିଶାଳ ଦୃଷ୍ଟି, ଜ୍ୟୋତିଃ ପ୍ରଦାନ କରନ୍ତି । ମହାକାଳୀ ହେଲେ ବଳ, ଶକ୍ତିର ଦେବୀ । ସେ ଏହା ବ୍ୟକ୍ତି ମଧ୍ୟରେ ଢାଳିଦିଅନ୍ତି । ମହାଲକ୍ଷ୍ମୀ ସୌନ୍ଦର୍ଯ୍ୟ ଓ ସଂହତିର ଦେବୀ । ସେ ମଣିଷକୁ ସଂସାରର ସମସ୍ତ ବିକୃତି, କୁତ୍ସିତତା ମଧ୍ୟରେ ସୌନ୍ଦର୍ଯ୍ୟ, ସମ୍ପତ୍ତି ଓ ସମନ୍ୱୟ ପ୍ରତିଷ୍ଠା କରିବାରେ ସହାୟତା ଦିଅନ୍ତି । ଶେଷରେ ମହାସରସ୍ୱତୀ ମଣିଷକୁ ଦିଅନ୍ତି କର୍ମସାମର୍ଥ୍ୟ, ସୂକ୍ଷ୍ମଦୃଷ୍ଟି, ସର୍ବପରିପୂର୍ଣ୍ଣତା । କାରଣ ସେ ସେହି ଶକ୍ତି ସାମର୍ଥ୍ୟର ପ୍ରକାଶିକା । ସେ ମଣିଷକୁ ଶିଖାନ୍ତି ନିଃସ୍ୱାର୍ଥ ଶ୍ରମଦାନ, ଯାହା ଈଶ୍ୱରାର୍ପିତ । ଏଣୁ ମହାସରସ୍ୱତୀଙ୍କ ପୁତ୍ର ଶ୍ରମିକ ବ୍ରାହ୍ମଣ ଓ କ୍ଷତ୍ରିୟଙ୍କଠାରୁ କ୍ଷୁଦ୍ର ହେବ କିପରି ? ସେ ତ ଦିବ୍ୟଜନନୀ ସରସ୍ୱତୀଙ୍କ ପ୍ରିୟ ସନ୍ତାନ ନା !

ମାନବର ପୂର୍ଣ୍ଣତା ପାଇଁ ଏଇ ଚାରିଶକ୍ତି ମଧ୍ୟରୁ ପ୍ରଥମା ଶକ୍ତି ମହେଶ୍ୱରୀଙ୍କଠାରୁ ଲାଭ ହେବ ବ୍ରହ୍ମତେଜଃ – ତାହା ହେଲା, ''ଜ୍ଞାନଲିପ୍ସା ଜ୍ଞାନପ୍ରକାଶଃ ବ୍ରହ୍ମବର୍ଚ୍ଚସଂ ସ୍ଥୈର୍ଯ୍ୟମିତି ବ୍ରହ୍ମତେଜଃ'' । ଜ୍ଞାନପ୍ରାପ୍ତିର ଇଚ୍ଛା, ଜ୍ଞାନର ପ୍ରକାଶ, ବ୍ରହ୍ମବର୍ଚ୍ଚସ ଓ ସ୍ଥିରତା ।

ମହାକାଳୀଙ୍କଠାରୁ ଲାଭ ହେବ କ୍ଷତ୍ର ତେଜଃ । ଏହା ହେଲା, ''ଅଭୟଂ ସାହସଂ ଯଶୋଲିପ୍ସାତ୍ମଶ୍ଲାଘେତି କ୍ଷତ୍ର-ତେଜଃ'' ।

ମହାଲକ୍ଷ୍ମୀଙ୍କଠାରୁ ଲାଭ ହେବ ବୈଶ୍ୟଶକ୍ତି – ''ଦାନଂ ବ୍ୟୟଃ କୌଶଳଂ ଭୋଗଲିପ୍ସେତି ବୈଶ୍ୟଶକ୍ତିଃ ।''

ମହାସରସ୍ୱତୀଙ୍କଠାରୁ ମିଳିବ ଶୂଦ୍ର ଶକ୍ତି । ''କାମଃ ପ୍ରେମ ଦାସ୍ୟଲିପ୍ସାତ୍ମସମର୍ପଣେତି ଶୂଦ୍ରଶକ୍ତିଃ ।''

ମାନବ ମଧ୍ୟରେ ଏଇ ଚାରିଦେବୀଙ୍କର ସର୍ବଶକ୍ତି ସମନ୍ୱିତ ହୋଇ କାର୍ଯ୍ୟ କଲେ ମାନବର ପୂର୍ଣ୍ଣତା ଲାଭ ହେବ ।

ବୈଦିକ ଋଷି ଚତୁର୍ବର୍ଣ୍ଣକୁ କଳ୍ପନା ଚକ୍ଷୁରେ ଦେଖିଛନ୍ତି ବିରାଟ ବିଶ୍ୱପୁରୁଷର ବିଭିନ୍ନ ଅବୟବରୂପେ । ସେଠାରେ ସବୁ ଅବୟବର ସୁଷମ ସମାବେଶ ହୋଇଛି । ପୂର୍ଣ୍ଣଯୋଗୀ ସେହିପରି ଚାତୁର୍ବର୍ଣ୍ଣରେ ଜୀବାତ୍ମଶକ୍ତିର ଯେ ବିଚିତ୍ର ବିଭୂତିର ପ୍ରକାଶ ପାଇଛି ତାକୁ ନିଜ ମଧ୍ୟରେ ସୌଷମ୍ୟରେ, ସମାହୃତ ବଳରେ ଅନୁଭବ କରିବ । ଏହା ହେବ ତାର ପୂର୍ଣ୍ଣତା ।

ସେ ବ୍ରହ୍ମତେଜଃ ଦୀପ୍ତ, ପ୍ରଶାନ୍ତ, ପ୍ରଜ୍ଞାମୟ ବ୍ରାହ୍ମଣ ଯେପରି ହେବ, ସତ୍ୟସଂକଳ୍ପର ସଂବେଗରେ ନିର୍ଭୀକ, ଦୁର୍ଦ୍ଧର୍ଷ, ଚିତ୍ତର କ୍ଷେମଙ୍କର ଔଦାର୍ଯ୍ୟରେ, କର୍ତ୍ତବ୍ୟ ସାଧନାର ଅବିଚଳ ନିଷ୍ଠାରେ ସେ ହେବ କ୍ଷତ୍ରିୟ । ସେହିପରି ଯାହା ନିଃଶ୍ରେୟସ ଓ ଅଭ୍ୟୁଦୟ ଅନୁକୂଳ ତାର ଅର୍ଜନ, ରକ୍ଷଣ ଏବଂ ବିତରଣରେ ଓ ସଂଭୋଗରେ ସେ ହେବ ବୈଶ୍ୟ । ଶେଷରେ ସକଳଙ୍କ ପ୍ରତି ସ୍ନେହ-ପ୍ରୀତି, ଅକୁଣ୍ଠ ଆତ୍ମଦାନ, ନିରଳସ ସେବାର ମାଧୁରୀରେ ସେ ହେବ ଶୂଦ୍ର । ''ତା'ର ଜୀବନ ହେବ ପ୍ରଜ୍ଞା, ବୀର୍ଯ୍ୟ, ଅଭ୍ୟୁଦୟ ଓ ନିଃଶ୍ରେୟସ, ସର୍ବସେବାର ସଂଗମ; ଜୀବାତ୍ମଶକ୍ତିର ଚତୁର୍ବ୍ୟୂହ ଦିବ୍ୟବିଭୂତିର ଘନବିଗ୍ରହ ।''

ପରବର୍ତ୍ତୀ ପ୍ରବନ୍ଧରେ ଆମେ ''ଜୀବାତ୍ମଶକ୍ତି'' ବା ''ଆତ୍ମସୃଜନର ଶକ୍ତି'' ସମ୍ପର୍କରେ ଆଲୋଚନା କରିବା । ଜାଣିବା ଶକ୍ତିର ପରିଚୟ କ'ଣ ।

❑❑❑

# ମୁଣ୍ଡକ ଉପନିଷଦ୍ (୪)

## ଦ୍ୱିତୀୟ ମୁଣ୍ଡକ - ଦ୍ୱିତୀୟ ଖଣ୍ଡ

## (ମୂଳ ପାଠ)

୧. ଆବିଃ ସଂନିହିତଂ ଗୁହାଚରଂ ନାମ ମହତ୍ପଦମତ୍ରୈତତ୍ ସମର୍ପିତମ୍ ।
ଏଜତ୍ପ୍ରାଣନ୍ନିମିଷଚ୍ଚ ଯଦେତଜ୍ଜାନଥ ସଦସଦ୍ୱରେଣ୍ୟଂ
ପରଂ ବିଜ୍ଞାନାଦ୍ ଯଦ୍ୱରିଷ୍ଠଂ ପ୍ରଜାନାମ୍ ॥୧॥

୨. ଯଦର୍ଚିମଦ୍ ଯଦଣୁଭ୍ୟୋଽଣୁ ଚ ଯସ୍ମିଁଲ୍ଲୋକା ନିହିତା ଲୋକିନଶ୍ଚ ।
ତଦେତଦକ୍ଷରଂ ବ୍ରହ୍ମ ସ ପ୍ରାଣସ୍ତଦୁ ବାଙ୍ମନଃ ।
ତଦେତତ୍ସତ୍ୟଂ ତଦମୃତଂ ତଦ୍ବେଦ୍ଧବ୍ୟଂ ସୌମ୍ୟ ବିଦ୍ଧି ॥୨॥

୩. ଧନୁର୍ଗୃହୀତ୍ୱୌପନିଷଦଂ ମହାସ୍ତ୍ରଂ ଶରଂ ହ୍ୟୁପାସାନିଶିତଂ ସଂଧୟୀତ ।
ଆୟମ୍ୟ ତଦ୍ଭାବଗତେନ ଚେତସା ଲକ୍ଷ୍ୟଂ ତଦେବାକ୍ଷରଂ ସୌମ୍ୟ ବିଦ୍ଧି ॥୩॥

୪. ପ୍ରଣବୋ ଧନୁଃ ଶରୋ ହ୍ୟାତ୍ମା ବ୍ରହ୍ମ ତଲ୍ଲକ୍ଷ୍ୟମୁଚ୍ୟତେ ।
ଅପ୍ରମତ୍ତେନ ବେଦ୍ଧବ୍ୟଂ ଶରବତ୍ ତନ୍ମୟୋ ଭବେତ୍ ॥୪॥

୫. ଯସ୍ମିନ୍ଦ୍ୟୌଃ ପୃଥିବୀ ଚାନ୍ତରିକ୍ଷମୋତଂ ମନଃ ସହ ପ୍ରାଣୈଶ୍ଚ ସର୍ବୈଃ ।
ତମେବୈକଂ ଜାନଥ ଆତ୍ମାନମନ୍ୟା ବାଚୋ ବିମୁଞ୍ଚଥାମୃତସ୍ୟୈଷ ସେତୁଃ ॥୫॥

୬. ଅରା ଇବ ରଥନାଭୌ ସଂହତା ଯତ୍ର ନାଡ଼୍ୟଃ ସ ଏଷୋଽନ୍ତଶ୍ଚରତେ ବହୁଧା ଜାୟମାନଃ ।
ଓମିତ୍ୟେବଂ ଧ୍ୟାୟଥ ଆତ୍ମାନଂ ସ୍ୱସ୍ତି ବଃ ପାରାୟ ତମସଃ ପରସ୍ତାତ୍ ॥୬॥

୭. ଯଃ ସର୍ବଜ୍ଞଃ ସର୍ବବିଦ୍ ଯସ୍ୟୈଷ ମହିମା ଭୁବି ।
ଦିବ୍ୟେ ବ୍ରହ୍ମପୁରେ ହ୍ୟେଷ ବ୍ୟୋମ୍ନ୍ୟାତ୍ମା ପ୍ରତିଷ୍ଠିତଃ ॥୭॥

୮. ମନୋମୟଃ ପ୍ରାଣଶରୀରନେତା ପ୍ରତିଷ୍ଠିତୋଽନ୍ନେ ହୃଦୟଂ ସଂନିଧାୟ ।
ତଦ୍ବିଜ୍ଞାନେନ ପରିପଶ୍ୟନ୍ତି ଧୀରା ଆନନ୍ଦରୂପମମୃତଂ ଯଦ୍ବିଭାତି ॥୮॥

୯. ଭିଦ୍ୟତେ ହୃଦୟଗ୍ରନ୍ଥିଶ୍ଛିଦ୍ୟନ୍ତେ ସର୍ବସଂଶୟାଃ ।
କ୍ଷୀୟନ୍ତେ ଚାସ୍ୟ କର୍ମାଣି ତସ୍ମିନ୍ଦୃଷ୍ଟେ ପରାବରେ ॥୯॥

୧୦. ହିରଣ୍ମୟେ ପରେ କୋଶେ ବିରଜଂ ବ୍ରହ୍ମ ନିଷ୍କଲମ୍ ।
ତଚ୍ଛୁଭ୍ରଂ ଜ୍ୟୋତିଷାଂ ଜ୍ୟୋତିସ୍ତଦ୍ୟଦାତ୍ମବିଦୋ ବିଦୁଃ ॥୧୦॥

୧୧. ନ ତତ୍ର ସୂର୍ଯୋ ଭାତି ନ ଚନ୍ଦ୍ରତାରକଂ
ନେମା ବିଦ୍ୟୁତୋ ଭାନ୍ତି କୁତୋଽୟମଗ୍ନିଃ ।
ତମେବ ଭାନ୍ତମନୁଭାତି ସର୍ବଂ
ତସ୍ୟ ଭାସା ସର୍ବମିଦଂ ବିଭାତି ॥୧୧॥

୧୨. ବ୍ରହ୍ମୈବେଦମମୃତଂ ପୁରସ୍ତାଦ୍ ବ୍ରହ୍ମ ପଶ୍ଚାଦ୍ ବ୍ରହ୍ମ ଦକ୍ଷିଣତଶ୍ଚୋତ୍ତରେଣ ।
ଅଧଶ୍ଚୋର୍ଧ୍ୱଂ ଚ ପ୍ରସୃତଂ ବ୍ରହ୍ମୈବେଦଂ ବିଶ୍ୱମିଦଂ ବରିଷ୍ଠମ୍ ॥୧୨॥ ❑

(ଦ୍ରଷ୍ଟବ୍ୟ : The Complete Works of Sri Aurobindo, Volume - 18, Kena and other Upanishads, pp. 139-141)

# ମୁଣ୍ଡକ ଉପନିଷଦ୍

## ଦ୍ୱିତୀୟ ମୁଣ୍ଡକ - ଦ୍ୱିତୀୟ ଖଣ୍ଡ

### ଶ୍ରୀଅରବିନ୍ଦଙ୍କ ଇଂରାଜୀ ଅନୁବାଦର ମୁକ୍ତ ବଙ୍ଗଳା ଅନୁବାଦ :

## ନଳିନୀକାନ୍ତ ଗୁପ୍ତ

୧. ଆତ୍ମପ୍ରକାଶ କରି ସେ ନିଜକୁ ଏଠାରେ ଅନ୍ତରରେ ଅବସ୍ଥିତ କଲେ, ହୃଦୟ-ଗୁହାରେ ତାଙ୍କର ବିଚରଣ, ସିଏ ହେଲେ ମହାନ୍ ପ୍ରତିଷ୍ଠା; ଯାହାକିଛି ଗତିମାନ୍ (ସଚଳ), ପ୍ରାଣବାନ୍ (ଶ୍ୱାସଯୁକ୍ତ), ଚକ୍ଷୁଷ୍ମାନ୍ (ଦୃଷ୍ଟିଯୁକ୍ତ) ସେସବୁ ତାଙ୍କୁହିଁ ସମର୍ପିତ । ଏହି ସେହି ମହତ୍ ପଦ ବା ମହାନ୍ ପ୍ରତିଷ୍ଠା — ତାଙ୍କୁହିଁ ଜାଣ — ସିଏ ହେଲେ ସତ୍ ଓ ଅସତ୍, ସର୍ବବରେଣ୍ୟ, ସର୍ବଶ୍ରେଷ୍ଠ, ସର୍ବୋଚ୍ଚ — ସୃଷ୍ଟ-ଜୀବଙ୍କ ଜ୍ଞାନର ପରପାରିରେ ସିଏ ରହିଛନ୍ତି ।

୨. ସିଏ ହେଲେ ଜ୍ୱଳମାନ୍ (ଜ୍ୟୋତିର୍ମୟ), ସିଏ ଅଣୁର ବି ଅଣୁ (ପରମାଣୁ), ତାଙ୍କରି ମଧ୍ୟରେହିଁ ସନ୍ନିହିତ (ପ୍ରତିଷ୍ଠିତ) ଲୋକସମୂହ ତଥା ସେହି ଲୋକସବୁରେ ରହୁଥିବା ଅଧିବାସୀ ସମସ୍ତ । ସେହିହିଁ ଏହି — ଅକ୍ଷର ବ୍ରହ୍ମ । ସେହିଁ ପ୍ରାଣ, ସେହିଁ ବାକ୍ ଆଉ ସେହିଁ ମନ । ସେହିହିଁ ଏହି — ସେ ସତ୍ୟ, ସେ ଅମୃତ । ହେ ସୌମ୍ୟ ସନ୍ତାନ ! ତାଙ୍କୁହିଁ ଭେଦ କରିବାକୁ ହେବ, ତାଙ୍କରି ମଧ୍ୟକୁ ପ୍ରବେଶ କର ।

୩. ମହାସ୍ତ୍ର ଉପନିଷଦ୍‌କୁ ଧନୁରୂପେ ଗ୍ରହଣ କର । ଉପାସନା-ରୂପକ ଶାଣିତ (ଧାରକରା ହୋଇଥିବା) ଶର ତା' ମଧ୍ୟରେ ସନ୍ଧାନ କର (ଯୁକ୍ତକର) । ତଦ୍‌ଗତଚିତ୍ତ ହୋଇ (ଏକାଗ୍ର ରହି, ସେହି ଏକହିଁ ଭାବନାରେ ଏକାତ୍ମ ହୋଇ) ଧନୁ ଆକର୍ଷଣ କର (ଟାଣ), ଆଉ ହେ ସୌମ୍ୟ ସନ୍ତାନ ! ସେହି ମହାନ୍ ଲକ୍ଷ୍ୟ, ସେହି ଅକ୍ଷର ମଧ୍ୟରେ ପ୍ରବେଶ କର ।

୪. ପ୍ରଣବ (ଓଁକାର) ହେଲା ଧନୁ, ଆତ୍ମା ଶର, ଆଉ ସେହି ବ୍ରହ୍ମ (ତତ୍ ବ୍ରହ୍ମ)କୁ ଲକ୍ଷ୍ୟ ବୋଲି କୁହାଯାଇଛି । ପ୍ରମତ୍ତ ନ ହୋଇ ଅଚଳ-ଚିତ୍ତରେ ସେହି ଲକ୍ଷ୍ୟକୁ ଭେଦ କରିବାକୁ ହେବ, ଏବଂ ତନ୍ମଧ୍ୟରେ ତନ୍ମୟ (ଏକୀଭୂତ) ହେବାକୁ ହେବ ଯେପରି ଶର ତା' ଲକ୍ଷ୍ୟରେ ହଜିଯାଏ ।

୫. ସେହି, ଯାହାଙ୍କ ମଧ୍ୟରେ ଦ୍ୟୌଃ ଅର୍ଥାତ୍ ସ୍ୱର୍ଗ, ପୃଥିବୀ ଓ ଅନ୍ତରୀକ୍ଷ (ମଧ୍ୟ ଆକାଶ) ଏବଂ ମନ ଓ ପ୍ରାଣଧାରା ସମସ୍ତ ଓତପ୍ରୋତ (ଏକୀଭୂତ), ଗ୍ରଥିତ ହୋଇ ରହିଛନ୍ତି, ତାଙ୍କୁହିଁ ଅଦ୍ୱିତୀୟ ବା ଏକକ ଆତ୍ମା ବୋଲି ଜାଣ; ଅନ୍ୟସବୁ ବାଚଃ (ବାଣୀ ବା କଥା)କୁ ପରିତ୍ୟାଗ କର; ଏହାହିଁ ଅମରତ୍ୱର ସେତୁ (ଅମରତ୍ୱ-ପ୍ରାପ୍ତିର ମାର୍ଗ) ।

୬. ରଥ-ନାଭିରେ ଅରସମୂହ ପରି ଯେଉଁ ସ୍ଥାନରେ ନାଡ଼ୀଗୁଡ଼ିକ ସଂହତ ବା ଏକତ୍ରିତ ହୋଇଛନ୍ତି ସେହି ଅନ୍ତର୍ଲୋକରେ ସିଏହିଁ ବହୁଧା ଜାୟମାନଃ ଅର୍ଥାତ୍ ବହୁ ଭାବରେ ଜନ୍ମଗ୍ରହଣ କରି (ସୃଷ୍ଟ ହୋଇ) ବିଚରଣ କରନ୍ତି ।

ଓଁ ରୂପରେ ଆତ୍ମାକୁ ଧ୍ୟାନ କର । ତମୋରାଶି (ଅନ୍ଧକାର)ର ପରପାରିକୁ ତୁମର ଯାତ୍ରା ସ୍ୱସ୍ତିକର ହେଉ ।

୭. ଯିଏ ସର୍ବଜ୍ଞ, ସର୍ବବିତ୍, ଭୁବନେ ଭୁବନେ (ବିଶ୍ୱରେ) ଏହିପରି ଯାହାଙ୍କର ମହିମା ସେହି ଆତ୍ମା ବ୍ରହ୍ମଙ୍କର ଦିବ୍ୟଲୋକରେ — ପରମ ବ୍ୟୋମରେ ପ୍ରତିଷ୍ଠିତ (ସିଂହାସନ-ଅଧିରୂଢ଼) ।

୮. ପ୍ରାଣ ଓ ଶରୀରର ନେତା ସିଏ ମନୋମୟ ପୁରୁଷ, ଅନ୍ନମୟ ମଧ୍ୟରେ (ଭୌତିକ ଶରୀରରେ) ହୃଦୟକୁ ସ୍ଥାପନା କରିଛନ୍ତି, ଅନ୍ନମୟ ଭୌତିକ ଶରୀରରେ ସିଏ ସଂସ୍ଥାପିତ ଅଛନ୍ତି । ତାଙ୍କୁ ଜାଣି, ତାଙ୍କରି ଜ୍ଞାନ ଲାଭ କରି ଜ୍ଞାନୀଗଣ, ଧୀମାନ୍‌ମାନେ ତାଙ୍କୁ ସର୍ବତ୍ର ସାକ୍ଷାତ୍ କରନ୍ତି — ସିଏ, ଯିଏକି ସ୍ୱକୀୟ ପ୍ରଭାରେ ଭାସ୍ୱର, ସୁପ୍ରକଟିତ ଏବଂ ସିଏ ଆନନ୍ଦ-ରସଘନ, ଆନନ୍ଦମୟ ଏବଂ ଅମୃତ ।

୯. ସିଏ ଯେତେବେଳେ ଦୃଷ୍ଟ ହୁଅନ୍ତି ବା ଦେଖାଦିଅନ୍ତି ସେତେବେଳେ ହୃଦୟର ଗ୍ରନ୍ଥିସମସ୍ତ (ଗଣ୍ଠିସବୁ) ଖୋଲିଯାଏ (ଫିଟିଯାଏ) । ସକଳ ସଂଶୟ (ସବୁ ସନ୍ଦେହ) ଛିନ୍ନ ହୁଏ, ଦୂର ହୁଏ । ମନୁଷ୍ୟ କୃତ କର୍ମାବଳୀ କ୍ଷୟିତ ହୁଏ (କ୍ଷୟ ପାଏ) । ସିଏ, ଯିଏକି ପରାବର — ପର ଓ ଅପର, ଊର୍ଦ୍ଧ୍ୱରେ ଏବଂ ଅଧଃରେ (ଉପରେ ଓ ତଳେ) ଯିଏ ଏକହିଁ ସମୟରେ (ଯୁଗପତ୍) ରହିଛନ୍ତି ।

୧୦. ପରମୋର୍ଦ୍ଧ୍ୱ (ସର୍ବୋଚ୍ଚ) ହିରଣ୍ମୟ (ସୁବର୍ଣ୍ଣ) କୋଷ (ସଂସ୍କୃତ ଶବ୍ଦ 'କୋଶ' ଅର୍ଥାତ୍ ଆବରଣ) ମଧ୍ୟରେ

ବ୍ରହ୍ମ ବିରଜ, ଅମଳ, ଧୂଳି ବିରହିତ ଏବଂ ନିଷ୍କଳ, ଅଖଣ୍ଡଭାବେ ରହିଛନ୍ତି । ତାହା ଶୁଭ୍ର, ଜ୍ୟୋତିର୍ମୟ; ଜ୍ୟୋତିର ଜ୍ୟୋତିଃ; ତାଙ୍କୁ ଆତ୍ମବିଦ୍ ବା ଆତ୍ମଜ୍ଞଗଣ ଜାଣନ୍ତି ।

୧୧. ସୂର୍ଯ୍ୟ ସେଠାରେ ପ୍ରତିଭାତ ହୁଅନ୍ତି ନାହିଁ, ଚନ୍ଦ୍ର-ତାରକା (ଜହ୍ନ-ତାରା) ବି ଦେଖା ଦିଅନ୍ତି ନାହିଁ, ଏଇ ବିଦ୍ୟୁତ୍‌ମାନ (ବିଜୁଳି ଚମକସବୁ) ବି ଦେଖା ଦିଅନ୍ତି ନାହିଁ ବା (ବିଜୁଳି ସେଠାରେ ମାରେ ନାହିଁ), ତା'ହେଲେ ଏଇ ଅଗ୍ନି (ପାର୍ଥିବ ବା ଭୌତିକ ନିଆଁ) ସେଠାରେ ଜଳିବ କିପରି ? ସିଏ (ପରମ ବ୍ରହ୍ମ) ପ୍ରଜ୍ୱଳିତ ବୋଲି ତାଙ୍କରି ଉଭାସରେ ଏହି ସବୁକିଛି ଉଭାସିତ, ତାଙ୍କରି ଜ୍ୱାଳାରେ ଏହି ସବୁକିଛି ପ୍ରଜ୍ୱଳିତ, ତାଙ୍କରି ଆଲୋକରେ ଏସବୁ ଆଲୋକିତ ।

୧୨. ଏହି ସବୁକିଛିହିଁ ଅମୃତମୟ ବ୍ରହ୍ମ, ଅନ୍ୟକିଛି ନୁହେଁ । ବ୍ରହ୍ମହିଁ ସମ୍ମୁଖରେ, ବ୍ରହ୍ମହିଁ ପଶ୍ଚାତରେ (ଆଗରେ ତଥା ପଛରେ ସେହି ବ୍ରହ୍ମ); ଦକ୍ଷିଣରେ ବ୍ରହ୍ମ, ଉତ୍ତରରେ ବି ବ୍ରହ୍ମ (ଡାହାଣ ଓ ବାମରେ ବି ସେହି ବ୍ରହ୍ମ), ଉର୍ଦ୍ଧ୍ୱରେ ଓ ଅଧଃରେ (ଉପରେ ତଥା ତଳେ) ସେହି ବ୍ରହ୍ମ ସର୍ବତ୍ର ପ୍ରସାରିତ । ବ୍ରହ୍ମହିଁ ଏହି ବରିଷ୍ଠ, ଅନୁପମ, ସୁନ୍ଦର ବିଶ୍ୱ ସଂସାର ।

(କ୍ରମଶଃ)

(ମୂଳ ବଙ୍ଗଳା ରଚନାବଳୀ, ୭ମ ଖଣ୍ଡରୁ ଅନୂଦିତ)

ଅନୁବାଦ : ରାମଚନ୍ଦ୍ର ପାଣି

❑❑❑

# ଅବତରି ଆସ ମଧୁମୟି !

## ଶରତ କୁମାରୀ ସ୍ୱାଇଁ

ଧୂଳି ଧରଣୀର କୋଣେ ଅନୁକୋଣେ
ଅବତରି ଆସ ମଧୁମୟି !
ଊଷର ବୁକୁରେ ଜନନି ଗୋ,
ଥାପିଦିଅ ସୁନାଚାନ୍ଦ ପାଦ ଦୁଇ ।

ନିଠୁର କଠୋର ଜଡ଼-ଚେତନାରେ
ସଞ୍ଚାରିତ ହେଉ ତବ ପ୍ରେମ,
କରୁଣା ବଶରେ ଛୁଇଁ ଦେଲେ ଥରେ
ରୂପ ତା'ର ହେବ ଅନୁପମ ।



କମଳ ଚରଣ ପରଶେ ଜନନୀ –
ଅମର ସୌନ୍ଦର୍ଯ୍ୟ ଫୁଟୁଥିବ,
ସବୁଜିମାଭରା କେଦାର-କାନନେ
ପାରିଜାତ-ବାସ ଛୁଟୁଥିବ ।

ମରତ ମାଟିର ସ୍ପନ୍ଦିତ ବୁକୁରେ
ଝରି ପଡୁଥିବ ମକରନ୍ଦ,
ବରାଭୟ କର ପ୍ରସାରି ଜନନି !
ଭରି ଦିଅ ପ୍ରାଣେ ଦିବ୍ୟାନନ୍ଦ । ❑

# ଧ୍ୟାନ

## (୨)

## ମାଧବ ପଣ୍ଡିତ

### ଦ୍ୱିତୀୟ ଅଧ୍ୟାୟ
(ଧ୍ୟାନର ପ୍ରକାରଭେଦ)

ସାଧାରଣତଃ ମାନବର ମନୋବୃତ୍ତିଚୟ ବହୁଧା ବିକ୍ଷିପ୍ତ ହୋଇଥା'ନ୍ତି । ତା'ର ଇନ୍ଦ୍ରିୟଗଣ ସର୍ବଦା ବିଭିନ୍ନ ଦିଗକୁ ଆକର୍ଷିତ ହେଉଥା'ନ୍ତି । ତା'ର ଚିନ୍ତନ ସମ୍ପ୍ରସାରିତ ଓ ମୁହୁର୍ମୁହୁଃ ପରିବର୍ତ୍ତିତ ହୋଇଥାଏ । ସେ ଯେତେବେଳେ କୌଣସି କାର୍ଯ୍ୟ କରିବାକୁ ଅଥବା ନିଜକୁ କୌଣସି ଚିନ୍ତନରେ ପ୍ରଯୁକ୍ତ କରିବାକୁ ଆଦିଷ୍ଟ ହୁଏ, ସେ ତା'ର ଏହି ବିକ୍ଷିପ୍ତତାର କ୍ଷେତ୍ରକୁ ସଙ୍କୁଚିତ କରେ ଏବଂ ତା'ର ଶକ୍ତିକୁ ତା'ର ସନ୍ନିକଟ ଅଭୀଷ୍ଟ ଦିଗରେ ପରିଚାଳିତ କରେ । ଏପରି ଶକ୍ତିରାଜିର ସ୍ୱଭାବସୁଲଭ ବିଶୃଙ୍ଖଳିତ କ୍ରିୟାଧାରାକୁ ସଚେତ ରୂପେ ଅନ୍ତର୍ମୁଖୀ କରାଇବା ଏବଂ କୌଣସି ଏକ ନିର୍ଦ୍ଦିଷ୍ଟ ବସ୍ତୁ ଉପରେ ଏକତ୍ରିତ କରାଇବାକୁ ଏକାଗ୍ରତା କୁହାଯାଏ । ଏହି ଏକାଗ୍ରତା ଜୀବନର ଭିନ୍ନ ଭିନ୍ନ କ୍ଷେତ୍ରରେ ଭିନ୍ନ ଭିନ୍ନ ମାତ୍ରାରେ ପରିଲକ୍ଷିତ ହୁଏ । ଆଧ୍ୟାତ୍ମିକ ଜୀବନରେ ବିଶେଷ କରି ପ୍ରାଚ୍ୟ-ଯୋଗ ପଦ୍ଧତିଗୁଡ଼ିକରେ ଏହି ମାନସ-ଶକ୍ତିଚୟର ନିୟନ୍ତ୍ରଣ ଓ ବିନିଯୋଗର କଳା ଧ୍ୟାନର ଏକ ସୂକ୍ଷ୍ମ ବିଜ୍ଞାନ ରୂପେ ବିକଶିତ ହୋଇଛି । ଯୋଗରେ ପୂର୍ଣ୍ଣତା ପ୍ରାପ୍ତ ଓ ପ୍ରଯୁକ୍ତ ଏହି ଧ୍ୟାନର ବିଭିନ୍ନ ପ୍ରକୃତି ତଥା ବିକାଶର ଭିନ୍ନ ଭିନ୍ନ ସୋପାନରେ ଖାପ ଖାଇବା ପାଇଁ ବହୁବିଧ ରୂପ ରହିଛି ।

ଏହିପରି ପ୍ରଥମ ହେଲା ମନନ (Contemplation) ଯାହା ହେଉଛି ମନକୁ କୌଣସି ବସ୍ତୁ ଉପରେ ସ୍ଥିରଭାବରେ ଧରି ରଖିବା । ଉଦାହରଣସ୍ୱରୂପ – ତାହା ହୋଇପାରେ ଗୋଟିଏ ଧାରଣା, ଗୋଟିଏ ଆକୃତି ବା ଗୋଟିଏ ପ୍ରତିରୂପ । ଏହା ହୁଏତ ମନର ଅଭ୍ୟନ୍ତରରେ କିଂବା ବାହ୍ୟ ସ୍ଥୂଳବସ୍ତୁ ଉପରେ ସମାହିତ ହୋଇପାରେ । କିନ୍ତୁ ମନୋନୀତ ହୋଇଥିବା ବସ୍ତୁ ନିଶ୍ଚିତ ରୂପେ ଗଭୀର ମର୍ମସ୍ପର୍ଶୀ ହେବା ଆବଶ୍ୟକ, ଅର୍ଥାତ୍, 'ଯଥାଭିମତମ୍'(୧) । ଏହିପରି ଏକ ଶ୍ରଦ୍ଧା କ୍ରମଶଃ ମନରେ ଅଭିନିବିଷ୍ଟ ବସ୍ତୁର ଜ୍ଞାନ ଉଜ୍ଜୀବିତ କରେ, ଯାହା ହୋଇପାରେ ଏକ ପବିତ୍ର ନାମ, ଆଧ୍ୟାତ୍ମିକ ଜ୍ଞାନର ଏକ ଶାବ୍ଦିକ ସୂତ୍ର ବା ଏକ ବିଗ୍ରହ, ପରମେଶ୍ୱରଙ୍କର ଏକ ଆକାର । କେବଳ ଜ୍ଞାନ ନୁହେଁ ବରଂ ଯେତେବେଳେ ଏକାଗ୍ରତା ନିଗୂଢ଼ ହୁଏ, କେନ୍ଦ୍ରୀୟ ସତ୍ୟଟି ମଧ୍ୟ ଉଦ୍‌ଘାଟିତ ହୁଏ । ଏପରିକି ଏହା ମଧ୍ୟ ଆଣି ଦେଇପାରେ ଏହି ସମ୍ମାନାସ୍ପଦ ଧ୍ୟେୟବସ୍ତୁର କାର୍ଯ୍ୟାବଳୀ ଉପରେ କେତେକ ନିର୍ଦ୍ଦିଷ୍ଟ ନିୟନ୍ତ୍ରଣ । ଉଦାହରଣସ୍ୱରୂପ ପରମେଶ୍ୱରଙ୍କର ପ୍ରତି ପ୍ରେମ ତଥା ଭକ୍ତି ଉପରେ ଏକାଗ୍ର ହେବା ଦ୍ୱାରା ଜଣେ ସେମାନଙ୍କର ପ୍ରକୃତି ଓ କ୍ରିୟାଧାରା ସମ୍ବନ୍ଧରେ ଗଭୀର ଜ୍ଞାନ ଲାଭ କରେ । ସେସବୁ ନିଜଠାରେ କର୍ଷଣ ତଥା ବ୍ୟବସ୍ଥିତ କରେ ଏବଂ ସେସବୁର ନମୁନାରେ ନିଜର ଜୀବନକୁ ନିୟନ୍ତ୍ରଣ କରେ । ଏହି ପ୍ରକାରର ଏକାଗ୍ରତା ମଧ୍ୟ ଚେତନାକୁ ସ୍ଥୂଳ ବ୍ୟକ୍ତିସତ୍ତାରୁ ତା'ର ଏପରି ଗଭୀରତର ସ୍ତରମାନଙ୍କୁ ଅପସୃତ କରାଇ ନେବାର ଏକ ନିଶ୍ଚିତ ସାଧନ ଅଟେ, ଯେଉଁ ସ୍ତର ସମୂହ ଏକାଗ୍ରତାର ଚରମାବସ୍ଥାରେ ସମାଧିରେ କ୍ରମନିମଜ୍ଜମାନ ହେବା ଅବସ୍ଥାରେହିଁ ଅନ୍ତରଙ୍ଗଭାବେ ଉପଲବ୍ଧ ହୁଏ ।

ତା'ପରେ ହେଉଛି ଧ୍ୟାନ – ଯାହାର ଅର୍ଥ ଗୋଟିଏ ବିଷୟ ସମ୍ପର୍କିତ ଭାବଧାରା ତଥା ଚିନ୍ତନ ଉପରେ ମନର ଏକ ନିରବଚ୍ଛିନ୍ନ ଅବସ୍ଥାନ । ଏହି ଭାବରେ ଜଣେ ଐଶୀଶକ୍ତିର କୌଣସି ବିଭାବ, ଈଶ୍ୱରଙ୍କର କୌଣସି ମୂର୍ତ୍ତ ଅଭିବ୍ୟକ୍ତି – ପ୍ରେମ, ସୌନ୍ଦର୍ଯ୍ୟ, ଶକ୍ତି, ଜ୍ଞାନ, ଆନନ୍ଦ କିଂବା ଈଶ୍ୱରଙ୍କୁ ନୈର୍ବ୍ୟକ୍ତିକ ସତ୍ତା ଭାବରେ ବା ଏପରିକି ବିଶ୍ୱାତୀତ ବ୍ରହ୍ମଭାବେ ଧ୍ୟାନ କରିପାରନ୍ତି । ସେହି ଧ୍ୟାନର କ୍ରିୟାରେହିଁ ଧ୍ୟେୟ ସତ୍ୟଟି ସାଧକର ଆଧାରରେ ବୃଦ୍ଧି ପାଇବାକୁ ଲାଗେ ।(୨) ସାଧାରଣ ଚେତନାଗତ ଚିନ୍ତା ଶକ୍ତିର ଏକ ସ୍ୱୟଂକ୍ରିୟ ସଙ୍ଗଠନ ଓ

---

(୧) ପତଞ୍ଜଳି : ଯୋଗସୂତ୍ର (୧, ୩୯)

(୨) 'ଯାତି ତତ୍‌ସ୍ୱରୂପତାମ୍' । ଜଣେ ଯାହା ଉପରେ ଧ୍ୟାନ କରେ ସେ ତାହାହିଁ ହୋଇଉଠେ ।

ସମ୍ପ୍ରସାରଣ ପରିଲକ୍ଷିତ ହୁଏ ଯାହା କ୍ରମଶଃ ଏହି ପ୍ରକ୍ରିୟାରୁ ନିରବଚ୍ଛିନ୍ନ ଉଦ୍ଭବ ଗଭୀରତର ତଥା ଊର୍ଦ୍ଧ୍ୱତର ଭାବପୁଞ୍ଜର ସଙ୍କେତ ବହନ କରେ । ଏହିପରି ଈଶ୍ୱରବତ୍ କୌଣସି ପ୍ରେମାସ୍ପଦ ବସ୍ତୁ ଉପରେ ଧ୍ୟାନ ଏକ ଚିନ୍ତା ଓ ଭାବପ୍ରବାହ ଉଦ୍ରେକ କରେ, ଯାହା ସତ୍ତାକୁ ଭକ୍ତି ଓ ପ୍ରେମର ସ୍ପନ୍ଦନରେ ପୂର୍ଣ୍ଣ ତଥା ଅବଗାହିତ କରାଏ ଏବଂ ଏହାକୁ ଏକ ଦେବଶିଶୁ, ଦିବ୍ୟପ୍ରେମିକ ବା ଦିବ୍ୟସେବକରେ ପରିବର୍ତ୍ତିତ ହେବା ପାଇଁ ପ୍ରସ୍ତୁତ କରାଏ । ଧ୍ୟାନ ମଧ୍ୟ ଜ୍ଞାନମାର୍ଗରେ ଆବଶ୍ୟକ ବିବେକର ଉଦ୍ରେକ ପାଇଁ ତଥା ଆତ୍ମାକୁ ଅନାତ୍ମାଠାରୁ, ସତ୍‌କୁ ଅସତ୍‌ଠାରୁ ଏବଂ ବ୍ୟକ୍ତି ସତ୍ତାକୁ ଏକ ବ୍ରହ୍ମ ସତ୍ୟରେ ପ୍ରଲୀନ ହେବା ନିମିତ୍ତ ପ୍ରଯୁକ୍ତ ହୋଇପାରେ । ଉଦାହରଣସ୍ୱରୂପ – 'ବ୍ରହ୍ମ ସମଗ୍ର ଅଭିବ୍ୟକ୍ତ ବିଶ୍ୱ-ଜଗତର ଧାରକ' – ଏତାଦୃଶ ଧାରଣା ଆଧ୍ୟାତ୍ମିକ ସାଧନାରେ ପ୍ରବିଷ୍ଟ ହେବାର ଏକ ବିପୁଳ ଶକ୍ତିପୂର୍ଣ୍ଣ ସାଧନଭାବେ ନିର୍ଣ୍ଣୀତ ହୋଇଛି । ଯଦି ବ୍ୟକ୍ତି ମନରେ ଗତିଶୀଳ ନାମ ବା ଆକୃତିର ପଶ୍ଚାତରେ ଏପରି ଏକ ନୀରବତାକୁ କଳ୍ପନା କରିପାରେ ଏବଂ ମନକୁ କ୍ଷଣକ ସକାଶେ ସନ୍ନିବିଷ୍ଟ କରାଏ; ପରିବ୍ୟାପ୍ତ ନିଶ୍ଚଳ ନିରବତା କେବେ ଉପଲବ୍ଧ ହେବ ଓ ସତ୍ତାରେ ଗମ୍ଭୀର ସ୍ଥିରତା ରୂପେ ପ୍ରତିଷ୍ଠିତ ହେବ ଏହା କେବଳ ସମୟର ପ୍ରଶ୍ନବାଚୀ ହୋଇ ରହିଯାଏ । ମନକୁ ଏହି ନିଶ୍ଚଳ ନିରବତାକୁ ନିଜ ମଧ୍ୟରେ ପ୍ରବେଶ କରିବାକୁ ଦେବାକୁ ହୁଏ । ଏହା ନିଶ୍ଚିତ ଭାବରେ ନିଶ୍ଚଳ ନିରବତାରେ ବାଧା ସୃଷ୍ଟି କରିବା ଉଚିତ ନୁହେଁ, ଯାହା ଏହା ଅନେକ ସମୟରେ କରିଥାଏ । ତା'ପରେ ଏହା ଆଧାର ମଧ୍ୟକୁ ପ୍ରବାହିତ ହୁଏ ଏବଂ କ୍ରମଶଃ ଚେତନାକୁ ଅଧିକାର କରିନିଏ । ଧ୍ୟାନକୁ ସେପର୍ଯ୍ୟନ୍ତ ପୁନରାବୃତ୍ତି କରିବା ଦରକାର ଯେପର୍ଯ୍ୟନ୍ତ ଲକ୍ଷ୍ୟ ସାଧିତ ନହୋଇଛି । ବଦରାୟଣ(Badarayana)ଙ୍କ ଭାଷାରେ ଏହା ଆବୃତ୍ତି ହେବା ଆବଶ୍ୟକ ।[୩]

(କ୍ରମଶଃ)

(ଇଂରାଜୀ *Dhyana* ପୁସ୍ତକରୁ)

ଅନୁବାଦ : ରଜନୀକାନ୍ତ ମିଶ୍ର ❑

(୩) ବ୍ରହ୍ମସୂତ୍ର (୪ର୍ଥ, ୧,୧)


*The best way to express one's gratitude to the Divine is to feel simply happy.*

*23 April 1954* - The Mother

**Collected Works of The Mother – 17 Vols.**
**Rs. 2500 only** *(Till stocks last)*

**The Great Adventure – A Diary for All Times : Rs. 185 only**

**Savitri (Pocket - HB - 1972 Edition) : Rs. 200 only**

**The Mother by Sri Aurobindo *with the Mother's comments***
**(***Sri Aurobindo's handwriting***) – Rs. 25.00**

**Ideal Child, Ideal Parent, Ideal Teacher – (3 in 1) – Rs. 40.00**

**VAK** - ***The Spiritual Book Shop***, Pondicherry - 605 001

E-mail : vakbooks@gmail.com, Contact Person : S. Patnaik (+91 9489063512)

ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୪୯)

### ‘ମନ୍ତ୍ରଦୀକ୍ଷା’ ନୁହେଁ, ‘ଶକ୍ତି-ସଞ୍ଚାର’ :

ନଳିନୀକାନ୍ତ ସରକାରଙ୍କର ‘ଆସା-ଯାଓୟା...’ରୁ ଉଦ୍ଧୃତି : ‘‘ସେଇଟି ଥିଲା ବୋଧହୁଏ ୧୯୨୧ର ଫେବ୍ରୁଆରୀ ମାସ । ଆଣ୍ଡାମାନରୁ ନିଷ୍କୃତି ପାଇବା ପରେ ବାରୀନ୍-ଦା’ ଜାନୁଆରୀ ମାସରେ ପଣ୍ଡିଚେରୀ ଯାଇଥିଲେ, ସେପର୍ଯ୍ୟନ୍ତ ବି ଫେରି ନଥିଲେ । ଉପେନ୍-ଦା’ ଓ ଅବି-ଦା’ (ଅବିନାଶ ଭଟ୍ଟାଚାର୍ଯ୍ୟ) – ଦୁଇ ଜଣହିଁ ପଣ୍ଡିଚେରୀ ଯାଇ ବୁଲି ଆସିଥିଲେ । ଦିନେ ହୃଷୀ-ଦା’ (ହୃଷୀକେଶ କାଞ୍ଜିଲାଲ୍) ମୋତେ କହିଲେ, ‘ପଣ୍ଡିଚେରୀ ଯିବୁ ? ଚାଲ୍ ନା, ଦୁଇ ଜଣ ଯିବା ।’ କହିବା ବାହୁଲ୍ୟ, ମୁଁ ରାଜି ହୋଇଗଲି ।...

‘‘ଆମ ଦୁଇ ଜଣଙ୍କର ଯିବା ସକାଶେ ପଣ୍ଡିଚେରୀକୁ ଚିଠି ଦେଲୁ । ବାରୀନ୍-ଦା’ ଉତ୍ତରରେ ଜଣାଇଲେ, ‘ସେଜ୍-ଦା’ଙ୍କର ଅନୁମତି ମିଳିଛି ।’ – ଦିନେ ଏକ ଶୁଭ ମୁହୂର୍ତ୍ତରେ ଆମେ ଦୁହେଁ କଲିକତାରୁ ପଣ୍ଡିଚେରୀ ଅଭିମୁଖେ ଯାତ୍ରାରମ୍ଭ କଲୁ । ଏହା ଉଲ୍ଲେଖଯୋଗ୍ୟ ଯେ ଆମ ଯାତ୍ରାପୂର୍ବରୁ ପଣ୍ଡିଚେରୀରେ ଆମର ପହଞ୍ଚିବାର ଦିନ ଏବଂ ସମୟ ବାରୀନ୍-ଦା’ଙ୍କୁ ଜଣାଇ ଦେଇଥିଲୁ ।...

‘‘ପୂର୍ବନିର୍ଦ୍ଧାରିତ ଦିନର ସକାଳେ ପଣ୍ଡିଚେରୀ ଷ୍ଟେସନରେ ଆମେ ଦୁଇ ଜଣ ଓହ୍ଲାଇଲୁ । ପୁଶ୍-ପୁଶ୍‌ରେ ଚଢ଼ି ଆମେ ଜାଣିଥିବା କୋଠାର ଠିକଣା ୪୧ନଂ ରୁ ଫ୍ରାଁସୁଆ ମାର୍ତ୍ତ୍ୟାଁ (ଏବେ ଗେଷ୍ଟ୍ ହାଉସ୍) ଦିଗରେ ଆଗେଇଲୁ । ଶିଷ୍ୟଗଣଙ୍କୁ ନେଇ ଏହିଠାରେହିଁ ଶ୍ରୀଅରବିନ୍ଦ ବାସ କରୁଥିଲେ । ଶ୍ରୀଅରବିନ୍ଦଙ୍କୁ ଦର୍ଶନ କରିବା କଥା ଯେତେ ଯେତେ ମନ ମଧ୍ୟରେ ଜାଗୁଥିଲା, ସେତେହିଁ ଯୁଗପତ୍ ଜାଗି ଉଠୁଥିଲା ଆନନ୍ଦ ଓ ଆଶଙ୍କା । ଅଳ୍ପ ସମୟ ମଧ୍ୟରେ ଆମେ କୋଠା ସାମନାରେ ଉପସ୍ଥିତ ହୋଇଗଲୁ । ଭିତରକୁ ପ୍ରବେଶ କରିବା ମାତ୍ରେ ଦେଖିଲୁ ସମ୍ମୁଖରେହିଁ ଶ୍ରୀଅରବିନ୍ଦ ଓ ସାଥିରେ ବାରୀନ୍-ଦା’ । ଆମେ ଦୁହେଁ ଶ୍ରୀଅରବିନ୍ଦଙ୍କୁ ପ୍ରଣାମ କଲୁ ।

‘‘ଶ୍ରୀଅରବିନ୍ଦ ଯେଉଁ ପ୍ରକାରେ ହୃଷୀକେଶଙ୍କୁ ସମ୍ଭାଷଣ କଲେ, ସେଇଥିରେହିଁ ମୋ ଭିତରେ ଜମାଟ ବାନ୍ଧିଥିବା ଭୟ-ଭାବନାସବୁ କୁଆଡ଼େ ଉଭେଇଗଲା । ତାଙ୍କର ସମ୍ଭାଷଣ ଥିଲା ବନ୍ଧୁ-ବନ୍ଧୁଙ୍କ ଭିତରେ ଥିବା ରହସ୍ୟାଳାପର ଉକ୍ତି । ଏହାର କାରଣ ଥିଲା ଶ୍ରୀଅରବିନ୍ଦଙ୍କ ସହିତ ପୂରା ଗୋଟିଏ ବର୍ଷ ହୃଷୀ-ଦା’ ଆଲିପୁର ଜେଲରେ କଟାଇଥିଲେ ।... ହୃଷୀ-ଦା’ ଯେ ଜଣେ ଅତ୍ୟନ୍ତ ହାସ୍ୟପ୍ରିୟ ବ୍ୟକ୍ତି, ସେକଥା ଆମେ ସମସ୍ତେ ଜାଣିଥିଲୁ, କିନ୍ତୁ ତାଙ୍କ ସହିତ ଶ୍ରୀଅରବିନ୍ଦଙ୍କର ଏହି ଧରଣର ରସିକତା ମୋର ସ୍ୱପ୍ନାତୀତ ଥିଲା ।

‘‘ଶ୍ରୀଅରବିନ୍ଦ ଥିଲେ ସରଳ ବ୍ୟକ୍ତିତ୍ୱଟିଏ, ଦେହର ରଙ୍ଗ ଉଜ୍ଜ୍ୱଳ ଶ୍ୟାମବର୍ଣ୍ଣ, ମଧ୍ୟମ ଗଢ଼ଣ, ଲମ୍ବା କେଶ, ଶ୍ମଶ୍ରୁମଣ୍ଡିତ ମୁଖଶ୍ରୀ, ଚକ୍ଷୁଦ୍ୱୟ ସ୍ୱଚ୍ଛ-ସମୁଜ୍ଜ୍ୱଳ, ନିରାଡ଼ମ୍ବର ପରିଚ୍ଛଦ, ଖଣ୍ଡିଏ ଧଳା ଧୋତି ମାତ୍ର, ପାଦରେ ଚପଲ ।

‘‘ଆଶ୍ରମର କୋଠାଟି ଦୁଇ ମହଲା । ଯଦିଓ ଶ୍ରୀଅରବିନ୍ଦଙ୍କର ଏହି ଆବାସଟି ସେତେବେଳେ ଆଶ୍ରମ ନାମରେ କଥିତ ନଥିଲା, ତଥାପି ଯେଉଁ ଗୃହରେ ଯୋଗୀ-ଋଷିଙ୍କର ବସବାସ, ସେହି ସ୍ଥାନକୁ ଆଶ୍ରମ କହିଲେ କ୍ଷତି କ’ଣ ?

‘‘ଆମ ଦୁଇ ଜଣଙ୍କ ସକାଶେ ଏହି ବାସଭବନର ତଳ ମହଲାର ଗୋଟିଏ ଘରେ ରହିବା ଲାଗି ବନ୍ଦୋବସ୍ତ କରାଯାଇଥିଲା । ଏହି କୋଠାରେ ସେତେବେଳେ ଶ୍ରୀଅରବିନ୍ଦ ଓ ଶ୍ରୀମାଙ୍କ ବ୍ୟତୀତ ମାତ୍ର ଆଠ, ଦଶ ଜଣ ବ୍ୟକ୍ତି : ନଳିନୀ-ଦା’ (ନଳିନୀକାନ୍ତ ଗୁପ୍ତ), ସୁରେଶ ଚକ୍ରବର୍ତ୍ତୀ, ଅମୃତ, ସୌରୀନ୍, ସତ୍ୟେନ (ବିନ୍ଧ୍ୟେଶ୍ୱରୀ ପ୍ରସାଦ), ଅରୁଣଚନ୍ଦ୍ର ଦତ୍ତ (ଚନ୍ଦନନଗର ନିବାସୀ) ଏବଂ ଦୁଇ ଜଣ ମହିଳା – ମିସ୍ ହଡ୍‌ସନ୍ (‘ଦତ୍ତା’) ଏବଂ ନଳିନୀ-ଦା’ଙ୍କର ସଦ୍ୟପରିଣୀତା ବଧୂ ଶ୍ରୀମତୀ ଇନ୍ଦୁଲେଖା ଦେବୀ ।...

‘‘ସେତେବେଳେ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା ଏହିପରି ଥିଲା – ଶ୍ରୀଅରବିନ୍ଦ ଓ ଶ୍ରୀମାଙ୍କ ସହିତ ସମସ୍ତେ ମିଶି ଏକସାଥିରେ ପଂକ୍ତିଭୋଜନ କରୁଥିଲେ । ଆମିଷ ଭୋଜନ ସମ୍ବନ୍ଧେ କୌଣସି ପ୍ରକାର ନିଷେଧ ନଥିଲା । ଏହି ପଂକ୍ତି-ଭୋଜନର ଗୋଟିଏ ପ୍ରାନ୍ତରେ ଶ୍ରୀମା ଓ ଦତ୍ତା ବସୁଥିଲେ ।

କାରଣ ସେ ଦୁହେଁ ଥିଲେ ନିରାମିଷାଶୀ । ମୋତେ ପ୍ରଥମେ ଟିକିଏ ଅବାକ୍ ଲାଗିଥିଲା । ମାଂସାଶୀର ଦେଶବାସୀ ଏଠାରେ ନିରାମିଷାଶୀ ! ପରେ ଶୁଣିଲି ଯେ ଶ୍ରୀମା ଫ୍ରାନ୍‌ସରେ ଥିବାବେଳେ ବି ନିରାମିଷାଶୀ ଥିଲେ ।

''ମଧ୍ୟାହ୍ନ ଭୋଜନ ପରେ ମୁଁ ବିଶ୍ରାମ କରୁଥିଲି । ଅନ୍ତର୍ଯାମୀରୂପେ ମୋ ମାନସପଟରେ ଶ୍ରୀଅରବିନ୍ଦ ଜାଗି ରହିଥା'ନ୍ତି । ସେ ଏକ ଅନନୁଭୂତ ଆନ୍ତର ଆସ୍ୱାଦନ ।

''ନାନା ଚିନ୍ତା, ମନ ମଧ୍ୟରେ ନାନା ପ୍ରଶ୍ନ ଭାସି ଉଠୁଥିଲା । ଜୀବନ-ଇତିହାସର ବିଭିନ୍ନ ପରିଚ୍ଛେଦର ପୃଷ୍ଠାସବୁ ଛାୟାଚିତ୍ର ଭଳି ଗୋଟିଏ ପରେ ଗୋଟିଏ ଉଦ୍ଭାସିତ ହୋଇ ଉଠୁଥିଲା : କେଉଁଠି ଜନ୍ମିଥିଲି, ଆଉ କେଉଁ ମହାଶକ୍ତିର ଆକର୍ଷଣରେ ଆଜି ଶ୍ରୀଅରବିନ୍ଦଙ୍କର ପଦପ୍ରାନ୍ତରେ ଆସି ଉପନୀତ ହୋଇଛି !...

''ଉପରଓଳି ଚାରିଟା ସମୟରେ ଚା'-ପର୍ବ ପରେ ଶ୍ରୀଅରବିନ୍ଦ ପ୍ରତ୍ୟହ ଉପର ମହଲାର ବାରଣ୍ଡାରେ ଶିଷ୍ୟମାନଙ୍କୁ ନେଇ ବସୁଥିଲେ । ଟେବୁଲର ଗୋଟିଏ ପାର୍ଶ୍ୱରେ ଚେୟାରରେ ଶ୍ରୀଅରବିନ୍ଦ ବସୁଥିଲେ ଏବଂ ଅନ୍ୟ ପାର୍ଶ୍ୱରେ ତାଙ୍କୁ ଘେରି ଶିଷ୍ୟଗଣ ଚେୟାରରେ ଉପବିଷ୍ଟ ହେଉଥିଲେ । ଶ୍ରୀମା କିନ୍ତୁ ଚଟାଣରେ ଆସନ ପକାଇ ଶ୍ରୀଅରବିନ୍ଦଙ୍କର ପାଦ ପାଖରେ ବସୁଥିଲେ ।

''ମୁଁ ବି ଅନ୍ୟମାନଙ୍କ ସଦୃଶ ଚେୟାରରେ ବସିଲି । ସେଇ ପ୍ରଥମ ଦିନରେହିଁ ଶ୍ରୀଅରବିନ୍ଦ ମୋତେ ଦୁଇଟି କି ତିନୋଟି ପ୍ରଶ୍ନ ପଚାରିଲେ । ନିତାନ୍ତ ସାଧାରଣ ବ୍ୟକ୍ତିଗତ ପ୍ରଶ୍ନ । କିନ୍ତୁ ସେଇ ମୁହୂର୍ତ୍ତରେହିଁ ମନେହେଲା ଶ୍ରୀଅରବିନ୍ଦ ମୋତେ ଗ୍ରହଣ କରି ନେଇଛନ୍ତି । ଏହି ଉପରଓଳି ବୈଠକରେ ଧର୍ମ, ରାଜନୀତି, ସାହିତ୍ୟ, ନନ୍ଦନତତ୍ତ୍ୱ (ସୌନ୍ଦର୍ଯ୍ୟ ବିଷୟକ ବିଶେଷ ଜ୍ଞାନ) ପ୍ରଭୃତି ନାନା ବିଷୟରେ ଆଲୋଚନା ହେଉଥିଲା । ଏହି ସମୟରେ ମହାତ୍ମା ଗାନ୍ଧିଙ୍କର ଅସହଯୋଗ ଆନ୍ଦୋଳନର ତୁମୁଳ ତରଙ୍ଗ ଉଠିଥାଏ । କୋଟିଏ ଟଙ୍କା ପାଇଲେ ମହାତ୍ମାଜି ଭାରତର ସ୍ୱରାଜ ଗୋଟିଏ ବର୍ଷରେ ଆଣିଦେବାର ପ୍ରତିଶ୍ରୁତି ଦେଇଛନ୍ତି । ପୁନଶ୍ଚ ଗଠିତ ହୋଇଛି 'ତିଳକ ସ୍ୱରାଜ ଫଣ୍ଡ୍' । ଆମମାନଙ୍କ ଭିତରୁ ଜଣେ ଶ୍ରୀଅରବିନ୍ଦଙ୍କୁ ପ୍ରଶ୍ନ କଲେ, 'ସତକୁ ସତ କ'ଣ ଗୋଟିଏ ବର୍ଷ ଭିତରେ ଦେଶ ସ୍ୱାଧୀନ ହୋଇଯିବ ?' ଶ୍ରୀଅରବିନ୍ଦ ସହାସ୍ୟରେ ଉତ୍ତର ଦେଲେ, 'ପାଗଳ ହୋଇଛ ! କୋଟିଏ ଟଙ୍କା ଦାମ୍‌ରେ ଭାରତର ସ୍ୱାଧୀନତା ଗୋଟିଏ ବର୍ଷ ଭିତରେ ମିଳିବ ! ଗାନ୍ଧିଙ୍କର ଆନ୍ଦୋଳନର ସାର୍ଥକତା ହେଉଛି ଦେଶର ସାଧାରଣ ଲୋକଙ୍କ ଭିତରେ ଜାତୀୟତାବୋଧ ଜାଗ୍ରତ୍ କରାଇବା ।'

''ଶ୍ରୀଅରବିନ୍ଦଙ୍କୁ ଦର୍ଶନ କରିବାର ପରମୁହୂର୍ତ୍ତରୁହିଁ ତାଙ୍କଠୁ ଦୀକ୍ଷା ନେବା ସକାଶେ ମୋର ମନ ବ୍ୟଗ୍ର ହୋଇଉଠେ । ଦିନେ ବାରୀନ୍-ଦା'ଙ୍କୁ ମୋର ଏହି ଏକାନ୍ତ ଇଚ୍ଛାର କଥା କହିଲି । ବାରୀନ୍-ଦା' କହିଲେ, 'ମୁଁ ସେଜ୍-ଦା'ଙ୍କୁ କହିବି ।'

''ଉପରଓଳିର ବୈଠକକୁ ପ୍ରତିଦିନ ସଦୃଶ ଦିନେ ଆମେ ସମସ୍ତେ ଯାଇଛୁ । ପ୍ରାୟ ଘଣ୍ଟାଏ ଆଲୋଚନା ପରେ ଆମେ ଯେତେବେଳେ ଚେୟାରରୁ ଉଠୁଥାଉ, ଶ୍ରୀଅରବିନ୍ଦ ମୋତେ କହିଲେ, 'ତୁମେ ଟିକିଏ ବସ ।' ଅନ୍ୟ ସମସ୍ତେ ଚାଲିଗଲେ । ମୁଁ ଏକୁଟିଆ ରହିଲି । ଶ୍ରୀଅରବିନ୍ଦ ମୋତେ କହିଲେ, 'ଗତକାଲି ଶ୍ରୀମା ତୁମକୁ ଦେଖିଛନ୍ତି ।' ମୁଁ କହିଲି, 'କିନ୍ତୁ ଶ୍ରୀମା ତ ମୋତେ ପ୍ରତ୍ୟେକ ଦିନ ଦେଖୁଛନ୍ତି ।' ଶ୍ରୀଅରବିନ୍ଦ : 'ଶ୍ରୀମା ଦେଖିଛନ୍ତି ତୁମ ଭିତରର ମଣିଷଟିକୁ । ତୁମ ଭିତରେ ଯେତେସବୁ ଦୋଷ-ଗୁଣ, ଭଲ-ମନ୍ଦ, ତୁମର ବର୍ତ୍ତମାନ-ଭବିଷ୍ୟତ୍ — ସବୁକିଛି ସେ ମୋତେ ଜଣାଇଛନ୍ତି । ମୁଁହିଁ ତାଙ୍କୁ ଏହି କାର୍ଯ୍ୟର ଭାର ଦେଇଥିଲି ।'

''ଏଇସବୁ କଥା କହିବା ପରେ ଶ୍ରୀଅରବିନ୍ଦ ମୋତେ ମୋର ଯଥାର୍ଥ ସ୍ୱରୂପ ସମ୍ବନ୍ଧେ କହିଲେ । ତାଙ୍କ କଥା ଶୁଣି ମୋର ମନେ ହେଲା ମୁଁ ମୋ ନିଜ ସମ୍ବନ୍ଧେ କେତେ ଟିକିଏ ବା ଜାଣିଥିଲି ! ଯୁଗପତ୍ ବିସ୍ମୟାଭିଭୂତ ହୋଇ ଶ୍ରୀମାଙ୍କ କଥା ବି ଭାବିବାକୁ ଲାଗିଲି । ଶୁଣିଥିଲି, ଶ୍ରୀମା ଉଚ୍ଚସ୍ତରର ସାଧିକା — ବାସ୍ ଏତିକି । କିନ୍ତୁ ସେ ଯେ ଏ ପ୍ରକାରର ଶକ୍ତିମୟୀ — ଏ ଧାରଣା ମୋର ନଥିଲା । ମନେ ମନେ ତାଙ୍କୁ ପ୍ରଣାମ ଜଣାଇଲି ।

''ଶ୍ରୀଅରବିନ୍ଦ ଆଉ କିଛି ନକହି ନିଜ କକ୍ଷକୁ ଉଠିଗଲେ । ମୁଁ ବି ତାଙ୍କଠାରୁ ବିଦାୟ ନେଲି ।

''ଏହାର କିଛିଦିନ ପରେ, ସେହି ଉପରଓଳିର ବୈଠକରୁ ଆମେ ସମସ୍ତେ ଉଠି ବାହାରି ଆସୁଛୁ, ବାରୀନ୍-ଦା' ମୋତେ କହିଲେ, 'ସେଜ୍-ଦା' ମୋତେ କହିଛନ୍ତି ଯେ ତୁମେ ଆଜି ଆଉ ବାହାରକୁ ବୁଲିଯିବନି, ସନ୍ଧ୍ୟା ସମୟରେ ତୁମ ଘର ଭିତରେ ରହିବ ।' ପଚାରିଲି, 'କ'ଣ ପାଇଁ କୁହନ୍ତୁ ତ ?' ବାରୀନ୍-ଦା' କହିଲେ, 'ବୋଧହୁଏ ତୁମକୁ *ଉତ୍ସର୍ଗ* କରିବାକୁ ହେବ ।'— ଏତିକି କହି ସେ ଚାଲିଗଲେ ।

''ମୋତେ *ଉତ୍ସର୍ଗ* କରିବାକୁ ହେବ ! ଦୀକ୍ଷା ? ଶ୍ରୀଅରବିନ୍ଦ ମୋତେ ଦୀକ୍ଷା ଦେବେ ?

''ସନ୍ଧ୍ୟା ହେବାକୁ ବେଶୀ ଡେରି ନଥିଲା । ଖୁବ୍ ସମ୍ଭବତଃ ଅଧଘଣ୍ଟାଏ ଥିଲା । ନିଜ ଘରେ ଚୁପ୍‌ଚାପ୍ ବସିଛି । ମନ ଭିତରେ ନାନା ଚିନ୍ତା : ଶ୍ରୀଅରବିନ୍ଦ ମୋ କକ୍ଷକୁ ଆସିବେ ! କି ପ୍ରକାର ଦୀକ୍ଷା ଦେବେ ! — ଏଇସବୁ କଥା ମନ ମଧ୍ୟରେ ଜାଗି ଉଠୁଥାଏ । ଏଇସବୁ ଚିନ୍ତା ଭିତରେ କେତେବେଳେ ମୋର ମନଟି ଏକାଗ୍ର ହୋଇଉଠିଛି, ତା' ଜାଣେନି — ହଠାତ୍ ମୋର ଅନ୍ତର୍ଲୋକରେ ଏକ ଅନନୁଭୂତପୂର୍ବ ଉପଲବ୍ଧିର ଜାଗରଣ ହେଲା — ଏହାଠୁ ବେଶୀ ଆଉ କହିବା ଅସମ୍ଭବ — ମୁଁ ଯେମିତି ନିଜକୁ ହରାଇ ବସିଲି ।

''ରାତି ନଅଟା ସମୟରେ ବାରୀନ୍-ଦା' ଘର ଭିତରକୁ ପ୍ରବେଶ କରି ମୋତେ ଡାକିଲେ, 'ନଳିନୀ, ଖାଇବାକୁ ଆସ ।'

''ମୁଁ ଚେତା ଫେରିପାଇଲି । ଖାଇବା ଘରେ ଯାଇ ବସିଲି । ଦେଖିଲି — ଶ୍ରୀଅରବିନ୍ଦ ସ୍ଥିର ଦୃଷ୍ଟିରେ ମୋ ଆଡ଼କୁ ଚାହିଁ ରହିଛନ୍ତି ।...

''ସେତେବେଳେ ଶ୍ରୀଅରବିନ୍ଦଙ୍କ କକ୍ଷକୁ ସାଧାରଣତଃ କାହାରି ବି ଯିବାର ଅନୁମତି ନଥିଲା । ଯଦି କୌଣସି ସାଧକର କିଛି ନୂତନ ଅଭିଜ୍ଞତା ବା ଉପଲବ୍ଧି ହେଉଥିଲା, ସେହିଁ କେବଳ ଅନୁମତି ପ୍ରାପ୍ତହୋଇ ଯାଇ ପାରୁଥିଲା ।

''ତା' ପରଦିନ ସକାଳଓଳି ମୁଁ ତାଙ୍କ କକ୍ଷକୁ ଗଲି । ସେ ହାତ ନଥିବା ଚେୟାରଟିରେ ବସିଥିଲେ । ତାଙ୍କ ପାଖକୁ ଯାଇ ପ୍ରଣାମ କଲି । ସେ ପ୍ରଶ୍ନ କଲେ, 'କାଲି କ'ଣ ପାଇଲ ?'

''ସବୁକିଛି କହିଲି । ତା'ପରେ ସେ ମୋର ଯାହାସବୁ କରଣୀୟ, ସବୁ କହିଲେ । ଶେଷରେ ତାଙ୍କୁ ପ୍ରଣାମ କରି ଚାଲିଆସିଲି ।

''ଗୋଟିଏ କଥା କହିବା ଆବଶ୍ୟକ ଯେ ଏ ଦୀକ୍ଷା ମନ୍ତ୍ରଦୀକ୍ଷା ନୁହେଁ, ଶକ୍ତି-ସଂଚାର । ଏଥି ସକାଶେ ଗୁରୁଙ୍କୁ ସଶରୀରରେ ଶିଷ୍ୟ ପାଖକୁ ଯିବାର ପ୍ରୟୋଜନ ହୁଏ ନାହିଁ । ଦୂରରୁ ଏହି ଶକ୍ତି-ସଂଚାର ସମ୍ଭବ ହୁଏ । ଏହି ଦୀକ୍ଷାଦାନ ସମୟରେ ଶ୍ରୀଅରବିନ୍ଦ ମୋ ଘରକୁ ଆସି ନଥିଲେ । ଯାହା କରଣୀୟ, ଉପର ମହଲାରେ ନିଜ କକ୍ଷରେ ବସିହିଁ କରିଥିଲେ ।''

ନଳିନୀକାନ୍ତ ସରକାର ୧୯୨୧ରେ ପଣ୍ଡିଚେରୀ ଆସି ୫ ମାସ ରହି ହୃଷୀକେଶଙ୍କ ସହିତ ନିଜର ଅନିଚ୍ଛାସତ୍ତ୍ୱେ କର୍ତ୍ତବ୍ୟ-କର୍ମର ଚାପରେ କଲିକତା ଫେରିଯାଇଥିଲେ ସତ, କିନ୍ତୁ ପରବର୍ତ୍ତୀ କାଳରେ ବାର ବାର ଆଶ୍ରମକୁ ଯିବା ଆସିବା କରି ୧୯୪୭ରେ ସପରିବାରେ ଆଜୀବନ ଆଶ୍ରମରେ ରହିଲେ ।

*

ଡାକ୍ତର ରାଜଙ୍ଗମ୍‌ଙ୍କର 'ଅତୀତ ସ୍ମୃତି'ରୁ ଉଦ୍ଧୃତି : ''ମାଡ୍ରାସର ଭିକ୍‌ଟୋରିଆ ହଷ୍ଟେଲ୍‌ରେ ରହୁଥିବାବେଳେ ମୁଁ ନିୟମିତ 'ଆର୍ଯ୍ୟ' ପତ୍ରିକା ପଢୁଥିଲି । ମୋର ବୟସ ସେତେବେଳେ ଷୋହଳ । ମୋର ଅନ୍ତର ଯାହା ଖୋଜୁଥିଲା, 'ଆର୍ଯ୍ୟ'ର ପୃଷ୍ଠାରେ ସେସବୁ ଲିପିବଦ୍ଧ ହୋଇଥିଲା । ଅଧିକନ୍ତୁ ଏହି ସମୟରେ ମୋ ହାତକୁ *ଉତ୍ତରପଡ଼ା ଅଭିଭାଷଣ* ପୁସ୍ତିକାଟି ମଧ୍ୟ ଆସିଥିଲା । ଏହାର ବିଷୟବସ୍ତୁ ଅତ୍ୟନ୍ତ ହୃଦୟସ୍ପର୍ଶୀ ଥିଲା । ଏହିସବୁ ପାଠ କରିବା ପରଠୁ ଶ୍ରୀଅରବିନ୍ଦଙ୍କର ଦର୍ଶନଲାଭ ନିମିତ୍ତ ମୋ ଭିତରେ ତୀବ୍ର ଆସ୍ପୃହା ଜାଗିଉଠିଲା ।

''ସେଦିନ ଥିଲା ୧୯୨୧ ମସିହାର ଏପ୍ରିଲ ୭ ତାରିଖ । ମୁଁ ପଣ୍ଡିଚେରୀରେ ଆସି ପହଞ୍ଚିଲି । ଶ୍ରୀଅରବିନ୍ଦଙ୍କୁ ପ୍ରଥମେ 'ଗେଷ୍ଟ୍ ହାଉସ୍'ର ଉପର ମହଲା ବାରଣ୍ଡାରେ ମୁଁ ଦର୍ଶନ କଲି । ଆମେମାନେ ଦେଖିଥିବା ତାଙ୍କର ସୁପରିଚିତ ଫଟୋଗ୍ରାଫ୍‌ଠାରୁ ସେ ସଂପୂର୍ଣ୍ଣ ଭିନ୍ନ ଥିଲେ । ତାଙ୍କର ଶରୀର ଥିଲା ବୃହତ୍, ଦେହର ରଙ୍ଗ ଥିଲା ସୁବର୍ଣ୍ଣ, ବିଶେଷ କରି ତାଙ୍କ ମସ୍ତକରେ ସୁବର୍ଣ୍ଣ ଆଲୋକର ବଳୟ ଥିଲା ଏବଂ ତାଙ୍କର ପଦଯୁଗଳ ଥିଲା ମୋର ପ୍ରଗାଢ଼ ସୂକ୍ଷ୍ମଦର୍ଶନରେ ପ୍ରତ୍ୟକ୍ଷ ହୋଇଥିବା ତାଙ୍କ ପଦଯୁଗଳ ସଦୃଶ । ମୁଁ ତାଙ୍କର ପାଦପଦ୍ମରେ ପ୍ରଣାମ କଲି ।

''ତା'ପରେ ଶ୍ରୀଅରବିନ୍ଦ ମୋତେ ପଚାରିଲେ, 'ଯୋଗମାର୍ଗରେ କ'ଣ ସବୁ ଅଭ୍ୟାସ କରିଛ ?' ମୁଁ କହିଲି, 'ମୁଁ ଆପଣଙ୍କର *Ideal of Karmayogin* ପୁସ୍ତକ ପାଠ କରିଛି ଏବଂ ସେଥିରେ ବର୍ଣ୍ଣିତ ଭାବଧାରାକୁ ଦୈନନ୍ଦିନ ଜୀବନରେ ପ୍ରୟୋଗ କରିବାକୁ ଚେଷ୍ଟା କରୁଛି । ମୁଁ ମୋ ଶରୀରକୁ ଏକ ରଥସଦୃଶ ଏବଂ ଶ୍ରୀକୃଷ୍ଣଙ୍କୁ ମୋର ସାରଥି ବୋଲି ଜ୍ଞାନକରେ । ମୁଁ ତାଙ୍କୁହିଁ ଆରାଧନା କରେ ।' ତା'ପରେ ସେ କହିଲେ, 'ବେଶ୍, ଅଭ୍ୟାସ କରିଚାଲ ।'

''ସେଦିନ ତାଙ୍କଠାରୁ ବିଦାୟ ନେଇ ମୁଁ ଯାହାଙ୍କର ବାସଭବନରେ ଆତିଥ୍ୟ ଗ୍ରହଣ କରିଥିଲି, ସେଠାରେ ଆସି ପହଞ୍ଚିବା ପରେ ମୁଁ ମୋର ଶରୀର-ଚେତନା ହରାଇ ବସିଲି । ମୁଁ ସ୍ପଷ୍ଟ ଅନୁଭବ କରିବାକୁ ଲାଗିଲି ଯେ ମୁଁ ଏକ ପକ୍ଷୀ ହୋଇଉଠିଛି ଏବଂ ଆକାଶର ଦୂରଦୂରାନ୍ତରେ ଉଡ଼ିବୁଲୁଛି । ଏହି

ଅନୁଭୂତିଟି ଥିଲା ସମ୍ପୂର୍ଣ୍ଣରୂପେ ଆଲୋକ ଓ ଆନନ୍ଦୋଚ୍ଛ୍ୱାସର ଏକ ଅନୁଭୂତି ।

''ପରବର୍ତ୍ତୀ ଦର୍ଶନରେ ମୁଁ ଶ୍ରୀଅରବିନ୍ଦଙ୍କୁ ମୋର ଏହି ଅନୁଭୂତିର କଥା ଉଲ୍ଲେଖ କରିବାରୁ ସେ କହିଲେ, 'ଏହା ଏକ ପ୍ରତୀକାତ୍ମକ ସୂକ୍ଷ୍ମଦର୍ଶନ । ଭବିଷ୍ୟତରେ ଦିବ୍ୟ-ଆଲୋକ ଅବତରଣର ଏକ ଅନୁକୂଳ ପୂର୍ବ-ଲକ୍ଷଣ । ପକ୍ଷୀ ହେଉଛି ଆତ୍ମାର ପ୍ରତୀକ ।' – ଶ୍ରୀଅରବିନ୍ଦ ଏହି ବର୍ଣ୍ଣନା କରୁଥିବାବେଳେ ମୁଁ ଅତ୍ୟନ୍ତ ଖୁସୀ ହୋଇ ମୁହୂର୍ତ୍ତକ ସକାଶେ ଭାବିନେଲି ଯେ ମୁଁ ଅସାଧାରଣ କିଛି ବସ୍ତୁ ଲାଭକରିଛି । କିନ୍ତୁ ତତ୍‌କ୍ଷଣାତ୍ ଅନ୍ତର୍ଯାମୀ ଶ୍ରୀଅରବିନ୍ଦ କହିଉଠିଲେ, 'ଯୋଗ-ମାର୍ଗରେ ଏହା ଏକ ସାଧାରଣ ଅନୁଭୂତି ।'

''ପନ୍ଦର ଦିନ ପଣ୍ଡିଚେରୀରେ ଶ୍ରୀଅରବିନ୍ଦଙ୍କ ସାନ୍ନିଧ୍ୟରେ ବିତାଇବା ପରେ ତାଙ୍କଠାରୁ ବିଦାୟ ନେବା ମୁହୂର୍ତ୍ତରେ ସେ ମୋତେ କହିଲେ, 'ପତ୍ର ମାଧ୍ୟମରେ ମୋତେ ସବୁକଥା ଜଣାଇବ; କିନ୍ତୁ ମୋ'ଠୁ ପତ୍ରର ଉତ୍ତର ଆଶା କରିବ ନାହିଁ ।' ତାଙ୍କର ନିର୍ଦ୍ଦେଶ ମୁତାବକ ମୁଁ ପ୍ରତି ସପ୍ତାହରେ ତାଙ୍କୁ ପତ୍ର ଲେଖୁଥିଲି । ସବୁଠାରୁ ବିଶେଷ ଲକ୍ଷଣୀୟ କଥା ହେଉଛି ଯେ ପତ୍ରଟିକୁ ଡାକରେ ପଠାଇବା ପୂର୍ବରୁ ସାଧାରଣତଃ ତା'ର ଫଳାଫଳ ସମ୍ବନ୍ଧେ ଅନୁଭୂତି ଲାଭ ହୋଇସାରିଥାଏ ।

''୧୯୨୩ରେ ମେଡ଼ିକାଲ କଲେଜରୁ ପାସ କରି ମୁଁ ଚିରଦିନ ସକାଶେ ଶ୍ରୀଅରବିନ୍ଦଙ୍କର ନିକଟ ସାନ୍ନିଧ୍ୟରେ ଆଶ୍ରୟ ନେବାକୁ ଚାଲିଆସିଲି । ସେତେବେଳେ ପୁରାଣୀ ଆଶ୍ରମ ପରିଚାଳନା କରିବାର ଭାର ନେଇଥିଲେ । ପରେ ଜାଣିବାକୁ ପାଇଥିଲି ଯେ ମୁଁ ଚିରଦିନ ସକାଶେ ଆଶ୍ରମରେ ରହିବାର ସିଦ୍ଧାନ୍ତ ନେଇଛି ବୋଲି ଖବର ପାଇବା ମାତ୍ରେ ପୁରାଣୀଙ୍କୁ ଶ୍ରୀଅରବିନ୍ଦ କହିଥିଲେ, 'ଆସିଲେ ତାକୁ କାମରେ ନିଯୁକ୍ତ କର ।' ଏବଂ ମୋତେ ପରମ ସୁଖକର କାମ ମିଳିଲା, ଅର୍ଥାତ୍ ମୋତେ ପ୍ରଦତ୍ତ ହୋଇଥିବା କାମଟିକୁ ପରମ ସୁଖରେ କରିବାକୁ ଲାଗିଲି । ଆଶ୍ରମର ବ୍ୟବହାର୍ଯ୍ୟ ଦ୍ରବ୍ୟ କିଣାକିଣି କରିବା କାର୍ଯ୍ୟରେ ମୋତେ ମୁଖ୍ୟ ହିସାବରେ ନିଯୁକ୍ତ କରାଯାଇଥିଲା । ନିୟମିତ ଭାବରେ ମାସକୁ ପ୍ରତ୍ୟେକ ସାଧକର ଖିଆପିଆ ବାବଦକୁ ୧୫ ଟଙ୍କା ଏବଂ ସମସ୍ତଙ୍କର ଘରଭଡ଼ା ବାବଦକୁ ୪୦ ଟଙ୍କା କରି ଶ୍ରୀଅରବିନ୍ଦ ମୋତେ ଦେଉଥିଲେ ।

''ଏହି ସମୟରେ ଶ୍ରୀଅରବିନ୍ଦଙ୍କ ସହିତ ଧ୍ୟାନ କରିବାର ଅପୂର୍ବ ସୁଯୋଗ ଲାଭ କରିଥିଲି । ମୋ ସହିତ ଆଉ ଜଣେ, ଦୁଇ ଜଣ ବି ଥିଲେ । ଧ୍ୟାନ ସମୟରେ କେବେ କେବେ ତଳ ମହଲାର ଅଗଣାରେ କାଠପେଟୀ ବାକ୍ସ ଖୋଲିବାର ଜୋର୍ ଶବ୍ଦ ହେଉଥିଲା । ଦିନେ ଆମମାନଙ୍କ ଭିତରୁ ଜଣେ ଶ୍ରୀଅରବିନ୍ଦଙ୍କୁ କହିଲେ ଯେ ଏହି ଶବ୍ଦ ଧ୍ୟାନ କରିବାରେ ବାଧା ଦେଉଛି । ଉତ୍ତରରେ ଶ୍ରୀଅରବିନ୍ଦ କହିଲେ, 'ଯୁଦ୍ଧକ୍ଷେତ୍ରରେ ବସି ମଧ୍ୟ ତୁମେ ଧ୍ୟାନ କରିବାକୁ ସକ୍ଷମ ହେବା ଉଚିତ ।' ('You must be able to meditate in the battle-field.')

''ସ୍ୱାଭାବିକରୂପେ ତାଙ୍କ ଉପସ୍ଥିତିରେ ଧ୍ୟାନ କରିବା ସମୟରେ ମୋର ବିଭିନ୍ନ ଅନୁଭୂତି ହେଉଥିଲା । ଏମିତି ଅପୂର୍ବ ଆନନ୍ଦର ଅନୁଭୂତି ହେଉଥିଲା ଯେ ମୋ ଶରୀର ପକ୍ଷରେ ସେସବୁକୁ ଧାରଣ କରିବା ଅସହ୍ୟ ହୋଇ ଉଠୁଥିଲା । କେବେ କେବେ ବିଶାଳ ଶାନ୍ତିର ଅନୁଭୂତି ହେଉଥିଲା । ମୁଁ ଯେତେବେଳେ ଶ୍ରୀଅରବିନ୍ଦଙ୍କୁ ଏହି ଶାନ୍ତି ସମ୍ବନ୍ଧେ କହିଲି, ସେ କହିଲେ, 'ମାନସିକ ଶାନ୍ତି ଏବଂ ଆଧ୍ୟାତ୍ମିକ ଶାନ୍ତି ଏକ ବସ୍ତୁ ନୁହେଁ । ଆଧ୍ୟାତ୍ମିକ ଶାନ୍ତି କୌଣସି କିଛି ବାହ୍ୟବସ୍ତୁର ପ୍ରଭାବରେ ଅପରିବର୍ତ୍ତିତ ରହିଥାଏ ।'

''ମୋ ମଧ୍ୟରେ ଊର୍ଦ୍ଧ୍ୱରୁ କିଛି ଅବତରଣର କଥା ଯେତେବେଳେ ତାଙ୍କୁ କହିଲି, ସେ ମନ୍ତବ୍ୟ ଦେଲେ ଯେ ଯାହା ଊର୍ଦ୍ଧ୍ୱରୁ ଆଧାର ମଧ୍ୟକୁ ଅବତରଣ ଘଟୁଛି ମନ ସେଇଟିକୁ ଦୃଢ଼ ଭାବରେ ନିଜସ୍ୱ ଧାରାରେ କ୍ରିୟା କରିବାକୁ ଜାବୁଡ଼ି ଧରୁଛି ଏବଂ ଅନ୍ୟାନ୍ୟ ବସ୍ତୁର ମଧ୍ୟ ମିଶ୍ରଣ ଘଟୁଛି । ମୁଁ ତାଙ୍କ କଥାରେ ବାଧା ଦେଇ କହିଲି ଯେ ମୋ କ୍ଷେତ୍ରରେ କିନ୍ତୁ କୌଣସି ମିଶ୍ରଣ ଘଟୁ ନାହିଁ ।

''ଶ୍ରୀଅରବିନ୍ଦ : 'ତିରିଶ ବର୍ଷ ସାଧନା କରିବା ପରେ ବି ମୁଁ ଦେଖୁଛି ଯେ ସେଥିରେ ମିଶ୍ରଣ ଘଟୁଛି । ଆଉ ତୁମେ...!'

''ସେତେବେଳେ ଆମମାନଙ୍କ ସକାଶେ ଏହା ଏକ ସାଧାରଣ ଦୃଶ୍ୟ ଥିଲା – ଆମେମାନେ ଦେଖୁଥିଲୁ ଶ୍ରୀଅରବିନ୍ଦ ଆମମାନଙ୍କ ଗହଣରେ ଉପବିଷ୍ଟ ଅଛନ୍ତି, କିନ୍ତୁ ପ୍ରକୃତରେ ସେ ବିହାର କରୁଥିଲେ ଆମମାନଙ୍କର ଧାରଣାତୀତ, ଅନଧିଗମ୍ୟ ଅନ୍ୟ କୌଣସି ଏକ ଜଗତରେ ।''

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା

❑❑❑

ଆରବ୍ୟ ରଜନୀର ଅଜଣା କାହାଣୀ :

# ଅଦ୍ଭୁତ ଅଜ୍ଞାତ ଯୁବକ


## ମନୋଜ ଦାସ


ବିଖ୍ୟାତ ଖଲିଫା ହାରୁନ-ଅଲ୍-ରସିଦ୍ ମଝେ ମଝେ ତାଙ୍କ ପ୍ରାସାଦର ଅଦୂରବର୍ତ୍ତୀ ନିଜର ଏକ ଉଦ୍ୟାନକୁ ବୁଲି ଯାଉଥା'ନ୍ତି । ସେ ଅବସରରେ ବହୁ ଲୋକ ପଥପ୍ରାନ୍ତରେ ଠିଆ ହୋଇ ତାଙ୍କୁ ଅଭିବାଦନ ଜଣାଉଥା'ନ୍ତି । ସେମାନଙ୍କ ଅନ୍ତର୍ଭୁକ୍ତ ତାଙ୍କ କୃପାପ୍ରାର୍ଥୀ ନାଗରିକବୃନ୍ଦ ତଥା କୌତୂହଳୀ ଜନତା । ଖଲିଫାଙ୍କ ବେଶ ଭୂଷାର ଚାକଚକ୍ୟ କାହାର ବା ଦୃଷ୍ଟି ଆକର୍ଷଣ ନକରିବ !

ଦିନେ ଖଲିଫା ଉଦ୍ୟାନ ଅଭିମୁଖେ ପ୍ରାସାଦରୁ ବାହାରିବା ମାତ୍ରେ ତାଙ୍କ ଦର୍ଶନାର୍ଥୀ ଭିଡ଼ ଭିତରୁ ଜଣେ ଲୋକ ତାଙ୍କ ଉଜିରଙ୍କ ପାଖକୁ ଲାଗି ଆସି କହିଲା, ''ଆଜ୍ଞା, ମୁଁ ଧର୍ମାବତାର ଖଲିଫାଙ୍କ ସହ ଟିକିଏ କଥାବାର୍ତ୍ତା କରିପାରିବି ?''

''ପାଗଳ ?'' ତାଚ୍ଛଲ୍ୟଭରେ ଉତ୍ତର ଦେଲେ ଉଜିର ।

''ବେଶ୍ ! ତେବେ ଦୟାକରି ତାଙ୍କୁ ଏ ଗୋଟିକ ଦେଇ ଦେବେ !'' ଏହା କହି ସେ ଅଜ୍ଞାତ ଲୋକଟି ଉଜିରଙ୍କୁ ଗୋଟିଏ ଛୋଟ ମୁଣି ଧରାଇ ଦେଲା । ଉଜିର ତତ୍‌କ୍ଷଣାତ୍ ମୁଣିଟି ଖୋଲି ଦେଖିଲେ, ତହିଁ ଭିତରେ ରହିଛି ଖଣ୍ଡିଏ ଦୁର୍ମୂଲ୍ୟ ପଦ୍ମରାଗମଣି !

କାଳ ବିଳମ୍ବ ନକରି ଉଜିର ତାହା ଖଲିଫାଙ୍କୁ ଦେବାମାତ୍ରେ ଖଲିଫା ମୁହୂର୍ତ୍ତକ ପାଇଁ ସ୍ତବ୍ଧ ହୋଇ ରହିଲେ । ତା'ପରେ ଗମ୍ଭୀର ଭାବରେ ଲୋକଟିକୁ ତାଙ୍କ ପାଖକୁ ଆଣିବା ନିମନ୍ତେ ଉଜିରଙ୍କୁ ନିର୍ଦ୍ଦେଶ ଦେଇ ଉଦ୍ୟାନ ଦର୍ଶନ ସ୍ଥଗିତ ରଖି ପ୍ରାସାଦକୁ ଫେରିଗଲେ ।

ଉଜିର ସେ ଅଜ୍ଞାତ ଲୋକକୁ ଖୋଜି ବାହାର କଲେ । ସେ ଆସିଥିଲେ ଦୂର ଦେଶରୁ । ତାଙ୍କୁ ନେଇ ସେ ଖଲିଫାଙ୍କ ପାଖରେ ପହଞ୍ଚାଇଲେ ।

ଖଲିଫା ପ୍ରଶ୍ନ କଲେ, ''ଏ ପଦ୍ମରାଗମଣି ତୁମେ କେଉଁଠାରୁ ପାଇଲ ? ମୋତେ ଦେବାର ବା ଉଦ୍ଦେଶ୍ୟ କ'ଣ ?''

ଦୂରାଗତ ଭଦ୍ରଲୋକ ବଖାଣିଲେ ସେ ମଣି ପାଇବାର ବୃତ୍ତାନ୍ତ :

ଦିନେ ସେ ତାଙ୍କ ଘରେ ଗୋଟାଏ ବିଶେଷ ଶ୍ରମସାଧ କାମ କରିବା ନିମନ୍ତେ ମୂଲିଆ ଖୋଜିବାକୁ ବାହାରି ଜଣେ ସୁଠାମ ସକ୍ଷମ ଯୁବକକୁ ଦେଖିଲେ ଓ ପଚାରି ବୁଝିଲେ ସେ କାମ କରିବାକୁ ପ୍ରସ୍ତୁତ । ଭଦ୍ରଲୋକ ଦିନକର ମଜୁରି ଯାହା ଦେବେ, ତାହା କହିଲେ ଏବଂ ଯୁବକ ସେଥିରେ ଆପତ୍ତି କଲେ ନାହିଁ ।

ଯୁବକ ଜଣକ କାମ କଲେ ଏକାଗ୍ର ଏବଂ ଏକନିଷ୍ଠ ଭାବରେ । ଯେଉଁ କାମ ଶେଷ କରିବାକୁ ତାଙ୍କୁ ଦିନଟିଏ ଲାଗିବ ବୋଲି ଭଦ୍ରଲୋକ ଭାବୁଥିଲେ ବାସ୍ତବରେ ଯୁବକ ସେ କାମଟି ଅଧା ଦିନରେ ଶେଷ କରିଦେଲେ । ତାଙ୍କ ଆଚରଣରେ ଏଭଳି କୌଣସି ବିଶେଷତ୍ୱ ଥିଲା, ଯାହା ଭଦ୍ରଲୋକଙ୍କୁ ବିଶେଷ ଆକୃଷ୍ଟ କରୁଥାଏ ।

''ତୁମେ ଏଥର ମଜୁରି ନେଇଯାଇପାର !'' ସେ କହିଲେ ।

''ନା, ମୁଁ ପୂରା ଦିନଟିଏ ପାଇଁ କାମ କରିବା କଥା । ମୋତେ ଅନ୍ୟ କିଛି କାମ ଦିଅନ୍ତୁ ।'' ଯୁବକ ନମ୍ର ଭାବରେ କହିଲେ ।

ଭଦ୍ରଲୋକ ତାଙ୍କୁ ସନ୍ଧ୍ୟା ପର୍ଯ୍ୟନ୍ତ ଖଟାଇ ତାଙ୍କ ପ୍ରାପ୍ୟଠାରୁ କିଛି ଅଧିକ ଦେଲେ । କିନ୍ତୁ ଯେତିକି ମୂଲରେ ଯୁବକ କାମ କରିବାକୁ ରାଜି ହୋଇଥିଲେ, ତାହାଠୁଁ ଅଧିକ ଗ୍ରହଣ କଲେ ନାହିଁ ।

ରାତିରେ ଜଣେ ପରିଚାରକଠାରୁ ଭଦ୍ରଲୋକ ଶୁଣିଲେ, ଯୁବକ ତାଙ୍କ ଉପାର୍ଜନର ଏକ-ତୃତୀୟାଂଶ ଯୋଗେ ଗୋଟାଏ ଭୋଜନାଳୟରୁ କିଛି ଖାଦ୍ୟ କିଣି ନେଇ ବାକିତକ ଭୋଜନାଳୟ ଆଗରେ ଥିବା କ୍ଷୁଧାର୍ତ୍ତମାନଙ୍କୁ ଦେଇଦେଲେ ।

ପରଦିନ ଭଦ୍ରଲୋକ ଗୋଟାଏ ସାର୍ବଜନୀନ ଉଦ୍ୟାନ ଭିତରେ ପଦଚାରଣା କରିବାକୁ ଯାଇ ଦେଖିଲେ, ଯୁବକ ଗୋଟାଏ ଗଛ ତଳେ ଶୋଇଛନ୍ତି । ଆଖ ପାଖରେ କେହି ନାହିଁ । ଭଦ୍ରଲୋକ ତାଙ୍କୁ କିଛି ସମୟ ପର୍ଯ୍ୟନ୍ତ ନିରୀକ୍ଷଣ କଲେ । ତାଙ୍କର ମନେ ହେଲା, ସେମିତି ଜଣେ ମହତ୍, ଅସାଧାରଣ ମଣିଷ ସେ ଜୀବନରେ କଦାଚ ଦେଖି ନାହାନ୍ତି । ତାଙ୍କ ପାଖକୁ ଯାଇ ସେ ବସି ପଡ଼ିଲେ ଏବଂ କହିଲେ, ''ମୋର କାହିଁକି ଉଦ୍‌ବେଳ ଆକାଂକ୍ଷା, ମୁଁ ତୁମର କୌଣସି କାମରେ ଲାଗନ୍ତି !''

''ସତେ ?'' ଯୁବକ ଜଣକ କହିଲେ, ''ଭଲ କଥା । କିନ୍ତୁ ମୁଁ ଯାହା କହିବି ତାହା ଗୋପନ ରଖିପାରିବ ?''

''ନିଶ୍ଚୟ !'' ଜବାବ୍ ଦେଲେ ଭଦ୍ରଲୋକ ।

''ତେବେ ଆଗାମୀ କାଲି ସକାଳେ ଏଠାକୁ ଆସି ଦେଖିବ – ମୁଁ ପରପାରିକୁ ପ୍ରସ୍ଥାନ କରିଥିବି । ମୋର ସତ୍କାର କରିବ । ମୋ କମିଜ୍ ମୁଣିରେ ପାଇବ ଗୋଟାଏ ଚିଜ । ସେ ଗୋଟିକ ବାଗ୍‌ଦାଦ୍ ଯାଇ ଖଲିଫାଙ୍କୁ ଦେଇଦେବ । ଏହା ମୋର ଅନୁରୋଧ ।''

ଯୁବକଙ୍କର ଏ ଅପ୍ରତ୍ୟାଶିତ ଅନୁରୋଧରେ ମର୍ମାହତ ହେଲେ ଭଦ୍ରଲୋକ । କିନ୍ତୁ ତାଙ୍କର ମନେ ହେଲା, ଯୁବକଙ୍କୁ କିଛି କହିବାର ଯୋଗ୍ୟତା ତାଙ୍କର ନାହିଁ । ସେ କିଛି ସମୟ ବସି ରହି ସ୍ଥାନ ତ୍ୟାଗ କଲେ । ଯୁବକ ତାଙ୍କ ଆଡ଼େ ଥରେ ଅନାଇ ଦେଇ ଅଳ୍ପ ହସିଲେ । ସେ ହସ ଭଦ୍ରଲୋକଙ୍କ ଭିତରେ ଏକ ଅଦ୍ଭୁତ ଶିହରଣର ସଞ୍ଚାର କଲା ।

ଭଦ୍ରଲୋକ ରାତିଯାକ ଶୋଇ ପାରିଲେ ନାହିଁ । ପ୍ରଭାତରେ ନିଜର କେତେଜଣ ବିଶ୍ୱସ୍ତ ମିତ୍ରଙ୍କୁ ନେଇ ଉଦ୍ୟାନ ଭିତରକୁ ଗଲେ । ଯୁବକଙ୍କ ପ୍ରାଣଶୂନ୍ୟ ଦେହ ନେଇ ଯଥାବିଧି ସତ୍କାର କଲେ । ଏକ ସପ୍ତାହ ପରେ ସେ ବାଗ୍‌ଦାଦ୍ ଅଭିମୁଖେ ଯାତ୍ରାରମ୍ଭ କଲେ – ଯୁବକଙ୍କଠୁଁ ମିଳିଥିବା ରତ୍ନଟି ଧରି ।

ଭଦ୍ରଲୋକ ତାଙ୍କ କଥା ଗପିଲାବେଳେ ଖଲିଫା ଅଶ୍ରୁପାତ କରୁଥା'ନ୍ତି । କେତେବେଳେ ତାଙ୍କ ରାଣୀ ଆସି ତାଙ୍କ ପଛରେ ଠିଆ ହୋଇଥିଲେ । ସବୁ ଶୁଣି ସାରିବା ପରେ ସେ ଚେତା ହରାଇ ପଡ଼ିଗଲେ ।

ବିସ୍ମିତ ଆଗନ୍ତୁକଙ୍କୁ ଖଲିଫା ଜଣାଇଲେ : ''ମହାଶୟ ! ସେ ଯୁବକଟି ଆଉ କେହି ନୁହେଁ, ଏହି ହତଭାଗ୍ୟ ପିତାର ପୁତ୍ର । ଆବାଲ୍ୟ ସେ କୌଣସି ଜାକଜମକ, ମଉଜ ମଜ୍‌ଲିସ୍‌ରେ ଆଗ୍ରହୀ ନଥାଏ । ଦୀର୍ଘ ସମୟ ଉଦ୍ୟାନରେ ବସି ରହୁଥାଏ । କେହି ବିପଦ ଆପଦରେ ପଡ଼ିଲେ ନିଜର ପରିଚୟ ଗୋପନ ରଖି ସେମାନଙ୍କୁ ସାହାଯ୍ୟ କରୁଥାଏ । ଥରେ ସେ ବିଦେଶ ଭ୍ରମଣରେ ଯିବାକୁ ବାହାରନ୍ତେ ତା' ମା' ତାକୁ ଏ ପଦ୍ମରାଗମଣି ଖଣ୍ଡିକ ଦେଇ କହିଥିଲେ, ଯଦି ସେ କେବେ ହଠାତ୍ ଅଭାବରେ ପଡ଼ିଯିବ, ତେବେ କୌଣସି ରତ୍ନ ବ୍ୟବସାୟୀକୁ ସେ ଖଣ୍ଡିକ ବିକ୍ରୟ କରି ଖର୍ଚ୍ଚ ତୁଲାଇ ପାରିବ ।''

ଏହାପରେ ଖଲିଫା ଯାହା କହିଲେ, ତା'ର ସଂକ୍ଷିପ୍ତ ବିବରଣୀ ହେଲା – ରାଜପୁତ୍ର କ୍ରମେ ଅଧିକରୁ ଅଧିକ ଅଣ-ରାଜକୀୟ ଆଚରଣ କରିବାକୁ ଲାଗିଲେ । ପ୍ରାସାଦର କୌଣସି ଅନୁଷ୍ଠାନରେ ଯୋଗ ଦେଲେ ନାହିଁ । କୌଣସି ରାଜକୀୟ ଅତିଥି ଆସିଲେ ତାଙ୍କୁ ସାକ୍ଷାତ୍ କଲେ ନାହିଁ । ଅଧିକାଂଶ ବେଳ ବାଗ୍‌ଦାଦ୍ ନଗରୀ ଭିତରେ ବୁଲାବୁଲି କରୁଥା'ନ୍ତି ଓ ଲୋକଙ୍କୁ ସାହାଯ୍ୟ କରୁଥା'ନ୍ତି – ନିଜ ପରିଚୟ ନଦେଇ ।

ଦିନେ ସେ ଅତି ସାଧାରଣ ବେଶରେ ରାଜ ଉଦ୍ୟାନ ଭିତରେ ବୁଲୁଥା'ନ୍ତି । ଖଲିଫାଙ୍କ ମିଜାଜ୍ ସେଦିନ ଭଲ ନଥାଏ । ସେ ମଧ୍ୟ ଉଦ୍ୟାନ ଭିତରକୁ ଯାଇଥା'ନ୍ତି । ପୁଅକୁ ପାଖକୁ ଡାକି କହିଲେ, ''ତୋ ଭଳି କୁଳାଙ୍ଗାର ପୁଅଟିଏ ମୋ'ରି ଭାଗ୍ୟରେ ଥିଲା ! ତୁ ଖଲିଫାଙ୍କ ପୁଅ; ଆଚରଣ କରୁଛୁ ଗୋଟାଏ ବାରବୁଲା ଅପଦାର୍ଥ ଭଳି । ତୋ ବାପାଙ୍କ ଆଦେଶରେ ସମସ୍ତେ ନତମସ୍ତକ ହୁଅନ୍ତି । ତୋ କଥାକୁ କୀଟପତଙ୍ଗ ମଧ୍ୟ ପରୁଆ କରିବେ ନାହିଁ । ହାୟରେ ହତଭାଗ୍ୟ !''

ରାଜପୁତ୍ର ଖଲିଫାଙ୍କୁ ଅନାଇଲେ । ତାଙ୍କ ଦୃଷ୍ଟିରେ କ'ଣ ଥିଲା କେଜାଣି, ଖଲିଫା ଆହୁରି କଡ଼ା ଗାଳିଗୁଲଜ ବର୍ଷଣ କରିବାକୁ ଚାହୁଁଥିଲେ ମଧ୍ୟ ଚୁପ୍ ରହିଲେ ।

''ହେ ମହାମହିମ ପିତୃଦେବ ! ଆପଣ ଅବଶ୍ୟ ପ୍ରଭାବଶାଳୀ ! ତେବେ ଟିକିଏ ପରୀକ୍ଷା ହୋଇଯାଉ !'' ଏତକ କହି ରାଜପୁତ୍ର ଗୋଟିଏ ଉଚ୍ଚ ବୃକ୍ଷ ଡାଳରେ ବସିଥିବା ପକ୍ଷୀକୁ ଚାହିଁ କହିଲେ, ''ପକ୍ଷି ! ତୁ ଟିକିଏ ମୋ ହାତରେ ଆସି ବସନ୍ତୁ ନାହିଁ ?''

ତତ୍‌କ୍ଷଣାତ୍ ପକ୍ଷୀଟି ତଳକୁ ଉଡ଼ି ଆସି ରାଜପୁତ୍ରଙ୍କ ପ୍ରସାରିତ ପାପୁଲି ଉପରେ ବସି ପଡ଼ିଲା ।

''ବେଶ୍ ! ଏଥର ଯା' !'' ରାଜପୁତ୍ର କହିଲେ ।

ପକ୍ଷୀଟି ଉଡ଼ି ଚାଲିଗଲା ଏବଂ ଥରେ ଦୁହିଁଙ୍କ ମୁଣ୍ଡ ଉପରେ ଚକ୍କର ମାରି ଗଛ ଉପରେ ବସିଲା ।

''ଶୁଣ, ଶୁଣ ! ତୁ ଟିକିଏ ମହାମାନ୍ୟ ଖଲିଫାଙ୍କ ହାତରେ ବା କାନ୍ଧରେ ଆସି ବସନ୍ତୁ ନାହିଁ ?''

ପକ୍ଷୀଟି ଏ ନିର୍ଦ୍ଦେଶ ଶୁଣି ଗଛ ଛାଡ଼ି ଉଡ଼ି ଉଡ଼ି ଅଦୃଶ୍ୟ ହୋଇଗଲା ।

''ମହାମାନ୍ୟ ପିତୃଦେବ ! ଏଥର ଆପଣଙ୍କ ପ୍ରଭାବର ମୂଲ୍ୟ ହୃଦୟଙ୍ଗମ କଲେ ବୋଲି ଆଶା !'' ମନ୍ତବ୍ୟ ଦେଲେ ରାଜପୁତ୍ର ।

ତାହାହିଁ ଖଲିଫାଙ୍କ ସହ ତାଙ୍କର ଶେଷ ବାକ୍ୟ ବିନିମୟ ! ରାଜପୁତ୍ର କୁଆଡ଼େ ଗଲେ ଅନୁସନ୍ଧାନ କରି ମଧ୍ୟ ଖଲିଫା ତା'ର ସୂତ୍ର ପାଇଲେ ନାହିଁ ।

ଆଗନ୍ତୁକ ଭଦ୍ରଲୋକ ନୀରବରେ ବସି ରହିଲେ । ଖଲିଫାଙ୍କ ନିର୍ଦ୍ଦେଶରେ ତାଙ୍କୁ ରାଜ-ଅତିଥି ଭାବରେ ରଖାଗଲା ।

ସେ ବିଦାୟ ନେବା ବେଳେ ଖଲିଫା ଅଶ୍ରୁପାତ କଲେ ଏବଂ ତାଙ୍କୁ ନାନାଦି ଉପହାର ଦେଇ ନିଜ କୃତଜ୍ଞତା ଜ୍ଞାପନ କଲେ । ❑

# ଚନ୍ଦ୍ରବିନ୍ଦୁ

**ହୃଷୀକେଶ ପଣ୍ଡା**

ସେ କେଉଁ ନୀରବ ପ୍ରତୀକ୍ଷା
ଅନ୍ତହୀନ ଅଭୀପ୍‌ସା
ସ୍ୱପ୍ନର ବଳାକା ସମ
ଖୋଜୁଥାଏ ଆକାଶରେ
ଗୋଟେ କେଉଁ ସ୍ୱତନ୍ତ୍ର ଇଲାକା !

ସେ କେଉଁ ସ୍ଥିତପ୍ରଜ୍ଞ ନଦୀ
ଆପଣାର କୂଳ ଖୋଜୁଥାଏ
ଅନ୍ୱେଷାର ଆବେଗରେ
ଗାଉଥାଏ ସପ୍ତସ୍ୱର
ଜୀବନର ଭିନ୍ନ ସ୍ୱରଲିପି !



ସେ କେଉଁ ହସର ଜୁଆର
ଦୁଃଖରେ ହସାଏ ପୁଣି
ସୁଖରେ କନ୍ଦାଏ
ନିଜ କୂଳ ଉଛୁଳାଏ
ସୃଷ୍ଟି କରି ନିଶବ୍ଦ ଝଙ୍କାର !

ସେ କେଉଁ ନିମଗ୍ନ ମାଟି
ମୋ ଭିତରେ ବତରୁ ଥାଏ
ଗଛ ଲଗାଏ ପାଣି ଦିଏ
ମୋତେ ମୁଠାଏ ଅବିର ଦିଏ
କିଛି ସ୍ୱପ୍ନ ବୁଣି ଦେବା ପାଇଁ !

ସେ କେଉଁ ଉଦିତ ସୂର୍ଯ୍ୟ
ମୋତେ ହାତ ଧରି ଟାଣେ
ଚନ୍ଦ୍ରବିନ୍ଦୁ ଆଡ଼କୁ
ମୁଁ ଶୋଇଲେ ଜଗିଥାଏ
ମୋ ଆତ୍ମାର ସିଂହାସନକୁ ! ❑

# ଦୁଇଟି କ୍ଷୁଦ୍ର କାହାଣୀ

## ଶ୍ରୀମା

ତୁମମାନଙ୍କୁ ମୁଁ ଆଉ ଗୋଟିଏ ସାନ ଗଳ୍ପ କହିବି । ବହୁ ପୂର୍ବକାଳରେ କେତେକ ଲୋକେ ବିଶ୍ୱାସ କରୁଥିଲେ ଯେ, ଗୋଟିଏ କଣା ପଇସା ... ବର୍ତ୍ତମାନ ବି କେତେକ ଦେଶରେ କଣା ପଇସା ରହିଛି ନୁହେଁ ? ମାତ୍ର ଆଗକାଳରେ ସେପରି କଣା ପଇସା ମିଳୁ ନଥିଲା । ତଥାପି ବେଳେବେଳେ କୌଣସି ମୁଦ୍ରାରେ କଣା ରହିଥିବାର ଦେଖାଯାଉଥିଲା । ସେତେବେଳେ ମଧ ଏପରି ଅନ୍ଧବିଶ୍ୱାସ ଥିଲା ଯେ, ଯଦି କୌଣସି ବ୍ୟକ୍ତି କଣା ମୁଦ୍ରା ପାଉଥିଲା ତେବେ ସେ ସୌଭାଗ୍ୟର ଅଧିକାରୀ ହେଉଥିଲା । ଏହି କଣା ପଇସା ଲାଭ କରିବା ଫଳରେ ତୁମେ ଯାହା କରିବାକୁ ଇଚ୍ଛା କରୁଛ, ସେଥିରେ ତୁମକୁ ସୌଭାଗ୍ୟ ଓ ସଫଳତା ମିଳୁଥିଲା ।

ଜଣେ ଗରିବ ଲୋକ ଗୋଟିଏ ଅଫିସରେ କାର୍ଯ୍ୟ କରୁଥିଲେ । ସେ ଜଣେ ସୌଭାଗ୍ୟବାନ୍ ବ୍ୟକ୍ତି ନଥିଲେ, ମାତ୍ର ଦିନେ ସେ ଗୋଟିଏ କଣା ପଇସା ପାଇଲେ । ସେ ତାହାକୁ ପକେଟରେ ରଖି ନିଜ ମନକୁ ମନ କହିଲେ, ''ବର୍ତ୍ତମାନ ମୁଁ ବିଭବଶାଳୀ ହେବାକୁ ଯାଉଛି ।'' ଏବଂ ସେ ଆଶା, ଶକ୍ତି ଓ ସାହସ ପାଇଲେ, କାରଣ ସେ ଭାବୁଥିଲେ : ''ମୋ ପାଖରେ ଏହି ମୁଦ୍ରାଟି ଥିବା ପର୍ଯ୍ୟନ୍ତ ମୁଁ ନିଶ୍ଚିତ ସଫଳତା ଲାଭ କରିବି ।'' ବାସ୍ତବରେ ସେ ଅଧିକରୁ ଅଧିକ ସମୃଦ୍ଧି ଲାଭ କରିବାରେ ଲାଗିଲେ । ସେ ଅଧିକରୁ ଅଧିକ ଅର୍ଥ ଉପାର୍ଜନ କଲେ ଏବଂ ତାଙ୍କୁ ସମାଜରେ ଅଧିକରୁ ଅଧିକ ଉଚ୍ଚ ଆସନ ମିଳିଲା; ଏବଂ ଲୋକମାନେ କହିଲେ, ''ଲୋକ ଜଣକ କେତେ ଅଦ୍ଭୁତ ଧରଣର ! ସେ କେତେ ଭଲ ଭାବରେ କାମ କରୁଛନ୍ତି ! ସବୁ ସମସ୍ୟାର ସେ କେତେ ସୁନ୍ଦର ସମାଧାନ କରି ପାରୁଛନ୍ତି !'' ପ୍ରକୃତରେ ସେ ଜଣେ ବିଶିଷ୍ଟ ବ୍ୟକ୍ତି ହେଲେ, ଏବଂ ପ୍ରତିଦିନ ସକାଳେ ନିଜ କୋଟଟିକୁ ପିନ୍ଧିବା ବେଳେ ସେ ମୁଦ୍ରାଟି ତାଙ୍କ ପକେଟ ଭିତରେ ରହିଛି ବୋଲି ସୁନିଶ୍ଚିତ ଭାବରେ ଜାଣିବାକୁ ହାତମାରି ଦେଖୁଥିଲେ । ସେ ହାତରେ ମୁଦ୍ରାଟିକୁ ସ୍ପର୍ଶ କରୁଥିଲେ, ମୁଦ୍ରାଟି ସେଠାରେ ଅଛି ବୋଲି ଅନୁଭବ କରୁଥିଲେ ଏବଂ ତଦ୍ଦ୍ୱାରା ବିଶ୍ୱାସ ଲାଭ କରୁଥିଲେ । ଏହିପରି ବର୍ଷ ପରେ ବର୍ଷ ବିତିଗଲା । ଦିନେ ସେ ଟିକିଏ କୌତୂହଳୀ ହୋଇଉଠିଲେ ଏବଂ କହିଲେ, ''ମୁଁ ଆଜି ମୁଦ୍ରାଟିକୁ ଦେଖିବି ।'' ସେ ତାଙ୍କର ସ୍ତ୍ରୀଙ୍କ ସହ ପ୍ରାତଃ ଭୋଜନ କରୁଥିବା ସମୟରେ ସ୍ତ୍ରୀଙ୍କୁ କହିଲେ, ''ମୁଁ ଆଜି ମୁଦ୍ରାଟିକୁ ଦେଖିବି ।'' ତାଙ୍କର ସ୍ତ୍ରୀ କହିଲେ, ''ତୁମେ କାହିଁକି ମୁଦ୍ରାଟିକୁ ଦେଖିବ ? ଏହାର ଆବଶ୍ୟକତା ନାହିଁ ।'' ''ହଁ, ହଁ, ତଥାପି ମୁଁ କେବଳ ଥରେ ମାତ୍ର ମୁଦ୍ରାଟିକୁ ଦେଖିବି ।'' ସେ ଯେଉଁ ସାନ ମୁଣିଟିରେ ମୁଦ୍ରାଟିକୁ ରଖିଥିଲେ ତାକୁ ନେଇ ଖୋଲିକରି ମୁଦ୍ରାଟିକୁ ଦେଖିଲେ, ମାତ୍ର ସେଥିରେ କଣା ନଥିଲା !

ସେ କହିଲେ, ''ଆଶ୍ଚର୍ଯ୍ୟ ! ଏହା ମୋର ମୁଦ୍ରା ନୁହେଁ ! ଏହା କେଉଁଠୁ ଆସିଲା ? ମୋ ମୁଦ୍ରା କିଏ ନେଲା ?'' ତା'ପରେ ତାଙ୍କ ସ୍ତ୍ରୀ ତାଙ୍କୁ କହିଲେ, ''ଦିନେ ତୁମ କୋଟରେ ଧୂଳି ଲାଗିଥିଲା... ମୁଁ ଝରକାବାଟେ ବାହାରକୁ ଦେଖାଇ କୋଟଟିକୁ ଝାଡ଼ିଦେଲି ଓ ସେତିକିବେଳେ ତୁମ ମୁଦ୍ରାଟି ଖସି କେଉଁଆଡ଼େ ପଡ଼ିଗଲା । ତା' ଭିତରେ ମୁଦ୍ରାଟି ଥିଲା ବୋଲି ମୋର ମନେ ନଥିଲା । ଦଉଡ଼ିଯାଇ କେତେ ଖୋଜିଲି, ମାତ୍ର ପାଇଲି ନାହିଁ । ତାହାକୁ ଆଉ କେହି ଉଠାଇ ନେଇ ଯାଇଥିଲେ । ତୁମେ ବେଶୀ ମନ ଖରାପ କରିବ ବୋଲି ଭାବି ମୁଁ ଆଉ ଗୋଟିଏ ମୁଦ୍ରା ଆଣି କୋଟ ପକେଟରେ ରଖିଦେଲି ।'' (ସମସ୍ତେ ହସିଲେ) ମାତ୍ର ସେ ଲୋକ ସମ୍ପୂର୍ଣ୍ଣ ବିଶ୍ୱାସ କରୁଥିଲେ ଯେ ତାଙ୍କ ମୁଦ୍ରାଟି ଯଥାସ୍ଥାନରେ ରହିଛି । ଏହାହିଁ ଯଥେଷ୍ଟ ଥିଲା ।

ତେଣୁ ବିଶ୍ୱାସ, ଆସ୍ଥାହିଁ ଯାହାକିଛି ଏହି କ୍ଷେତ୍ରରେ କରିଥାଏ ।... ଛିଦ୍ରଥିବା ମୁଦ୍ରା ପ୍ରକୃତରେ କିଛି କରେ ନାହିଁ । ତୁମେ ମଧ ସର୍ବଦା ଏକଥା ଚେଷ୍ଟାକରି ଦେଖିପାର । ଯଦି ତୁମର ବିଶ୍ୱାସ ଥାଏ, ତେବେ ତୁମକୁ ଫଳ ମିଳିବ ଯେତେବେଳ ପର୍ଯ୍ୟନ୍ତ ବ୍ୟକ୍ତିର ବିଶ୍ୱାସ ଥାଏ ।...

*

ବାସ୍ତବ କ୍ଷେତ୍ରରେ କଳ୍ପନା ହେଉଛି ମାନସିକ ଗଠନ ପାଇଁ ଶକ୍ତି ... ଯାହା ହେଲେ ବି ଏପରି କୌଣସି ଗୋଟିଏ ହେଲେ ପଦାର୍ଥ ନାହିଁ ଯାହାର ଗଠନ ଅବାସ୍ତବ ପରି ପ୍ରତୀତ ହୁଏ, କାରଣ ମାନସିକ ସ୍ତରରେ ପ୍ରତ୍ୟେକ ଛବିର ବାସ୍ତବତା

ଅଛି । ଉଦାହରଣସ୍ୱରୂପ ଗୋଟିଏ ଉପନ୍ୟାସର ବିଷୟବସ୍ତୁ ଭୌତିକ ଜୀବ ପରି ମାନସିକ ସ୍ତରରେ ସ୍ୱାଧୀନ ଭାବରେ ଥାଏ । ଏକ ନିର୍ଦ୍ଦିଷ୍ଟ ସୀମା ମଧ୍ୟରେ ଆମେ ପ୍ରତ୍ୟେକେ ଜଣେ ଜଣେ ଔପନ୍ୟାସିକ ଏବଂ ସେହି ସୀମା ପର୍ଯ୍ୟନ୍ତ ଆମର ବିଭିନ୍ନ ରୂପ ଗଠନ କରିବାର ସାମର୍ଥ୍ୟ ରହିଛି । ଆମ କଳ୍ପନା ଅନୁସାରେ ଜୀବନର ଘଟନାବଳୀ ମୂର୍ତ୍ତିମନ୍ତ ହୁଏ । ପ୍ରତ୍ୟେକ ଥର ଯେତେବେଳେ ଏକ ଅପ୍ରୀତିକର କଳ୍ପନା ମଧ୍ୟରେ ତୁମେ ନିଜକୁ ହଜାଇ ଦିଅ, ସେତେବେଳେ ଏହା ତୁମର ଆଶଙ୍କା, ସମ୍ଭାବିତ ଦୁର୍ଘଟନା, ଦୁର୍ଭାଗ୍ୟସବୁକୁ ରୂପଦେଇ ତୁମର ଭବିଷ୍ୟତକୁ ଅତଳ ଗର୍ଭକୁ ଟାଣିନିଏ । ଅପର ପକ୍ଷରେ ତୁମର କଳ୍ପନା ଯେତେ ଆଶାବାଦୀ ହେବ, ସେତେ ତୁମେ ତୁମର ଲକ୍ଷ୍ୟକୁ ଉପଲବ୍ଧି କରିବାର ସମ୍ଭାବନା ଲାଭ କରିବ । ମୋନ୍‌ସିଅର କୋ ଏହି ମୌଳିକ ସତ୍ୟକୁ ଧାରଣ କରିଥିଲେ ଓ ସେ ଶହ ଶହ ଲୋକଙ୍କୁ ସେମାନଙ୍କ ଦୁଃଖକଷ୍ଟରୁ ମୁକ୍ତ ହୋଇଛନ୍ତି ବୋଲି କଳ୍ପନା କରିବାକୁ ସହଜ ଭାବରେ ଉପଦେଶ ଦେଇ ଭଲ କରି ପାରୁଥିଲେ । ଥରେ ସେ ଜଣେ ମହିଳାଙ୍କ ସମ୍ପର୍କରେ ଆସିଲେ ଯାହାଙ୍କର ମୁଣ୍ଡର ବାଳଗୁଡ଼ିକ ଉପୁଡ଼ି ଯାଉଥିଲା । ସେ ମହିଳା ଜଣକ ନିଜକୁ ନିଜେ ପ୍ରବର୍ତ୍ତାଇଲେ ଯେ ତାଙ୍କ ମୁଣ୍ଡରେ ପ୍ରତ୍ୟେକ ଦିନ ଅଧିକ ସଂଖ୍ୟକ ବାଳ ସୃଷ୍ଟି ହେଉଛି ଓ ତାଙ୍କର ଅଗ୍ରଗତି ହେଉଛି । ଏହିପରି କଳ୍ପନାରେ ଲାଗି ରହିବା ଫଳରେ ବାସ୍ତବରେ ତାଙ୍କର ବାଳ ବୃଦ୍ଧି ହେବାକୁ ଲାଗିଲା ଏବଂ ନିଜର ପରବର୍ତ୍ତୀ ସ୍ୱପରାମର୍ଶ ପର୍ଯ୍ୟନ୍ତ ଆଶାନୁରୂପ ଦୀର୍ଘ ହେବାକୁ ଲାଗିଲା ।

❑❑❑

# ଆଗମନୀ

## ଝରଣା ଘୋଷାଲ



ବର୍ଣ୍ଣମୟ ପ୍ରତ୍ୟୁଷର ସୁକୁମାର ସୂର୍ଯ୍ୟୋଦୟ ପରି
ଆହ୍ୱାନ କରେ ଅବତରି ଆସ ଏଇ ମର୍ତ୍ତ୍ୟମାଟିରେ,
ଦୁର୍ଲଭ ଦୂରାଗତ ଗଙ୍ଗଶିଉଳି ବାସନା ସାଥେ –
ଅସୁମାରି ଆଶା ଆଉ ବିଶ୍ୱାସର ଦିବ୍ୟ-ସମ୍ଭାବନା ନେଇ
ତୁମ ଆଗମନର ଭାବମୟ ମହାର୍ଘ ସ୍ପନ୍ଦନର ବାର୍ତ୍ତା ।
ସଞ୍ଚରି ଯାଉ ଚେତନାର ପରସ୍ତ ପରସ୍ତ ସାନ୍ଦ୍ର ନୀଳିମାରେ
ପବିତ୍ରତାର ସ୍ନିଗ୍ଧ ଶୀତଳ ଚଳଚଞ୍ଚଳ ଶୀତଳ ପୀୟୂଷଧାରା,
ବ୍ୟାପିଯାଉ ଦିଗ ଦିଗନ୍ତେ ଗଙ୍ଗୋତ୍ରୀରୁ କୁମାରିକା ଯାଏ
ନିର୍ବାସିତ ହେଉ ସବୁ ସମୟର ଯନ୍ତ୍ରଣା ଜର୍ଜର କ୍ଳାନ୍ତି
ସଂତ୍ରାସ, ହିଂସା ଆଉ ଅସୂୟାର ଘନ ଅନ୍ଧକାର ।
ପୋଛିଦେଉ ବିଗତ ବର୍ଷର ଜଞ୍ଜାଳ-କାତର ଜୀବନର ବୋଝ –
ଶୀତ ଦିନର ହେମାଳ କୁହୁଡ଼ି ପରି ମିଳେଇ ଯାଉ
ବହୁ ଅଭିମାନରେ ଲାଳିତ ହୃଦୟର ଉଷ୍ମ ଉପତ୍ୟକାରେ ।
ଇହକାଳ, ପରକାଳ, ବର୍ତ୍ତମାନର ଲୋଭନୀୟ ଆକର୍ଷଣର ମାୟା
ଅହଂକାରର ଅର୍ଥହୀନ ନିଭୃତ ଜ୍ୱଳନ –
ଏକାକାର ହୋଇଯାଉ ରତ୍ନଗର୍ଭା ନବବର୍ଷର ମହିମାରେ
ଐଶ୍ୱର୍ଯ୍ୟମୟ ବିପୁଳ ପ୍ରତ୍ୟୟରେ ପ୍ରତିଟି ମୁହୂର୍ତ୍ତ
ଭାସ୍ୱର ହେଉ ତୁମ ଆଗମନର ସ୍ୱର୍ଣ୍ଣୀମ ଦ୍ୟୁତିରେ । ❑

# ଶ୍ରୀଅରବିନ୍ଦଙ୍କ ପତ୍ର ସମ୍ପଦ

## (୩୪)

## ସାହାନା ଦେବୀ

**ସାହାନା :** ମୋର ବହିଃପ୍ରାଣଟିକୁ ମନେ ହୁଏ ଯେମିତି ଏକ ଜଙ୍ଗଲୀ ଘୋଡ଼ା – ଏତେ ପ୍ରଖର ଯେ ଏହାକୁ ରୋକିବା ମୁସ୍କିଲ । କୌଣସି ନିୟମକାନୁନ ମଧ୍ୟଦେଇ ସହଜରେ ଯିବାକୁ ଚାହେଁ ନାହିଁ, ନିଜର ଖିଆଲ ଅନୁସାରେ ଚାଲି ପାରିଲେ ଖୁସି । ତୁମେମାନେ ଯେମିତି କହିଛ ଯେ ବହିଃପ୍ରାଣ ନିମନ୍ତେ ନିୟମକାନୁନ ମଧ୍ୟଦେଇ ଯିବା ଏକାନ୍ତ ଆବଶ୍ୟକ, ମୁଁ ତେଣୁ ସେହିଭାବେ ଚାଲିବା ପାଇଁ ଯେଉଁ ମନୋଭାବ(Attitude) ନେଇଛି କାର୍ଯ୍ୟ ସମ୍ପର୍କରେ, ସେଥିରୁ ମନେ ହେଉଛି ତୁମ କୃପାରୁ ଯେପରି ଅଳ୍ପ ଟିକିଏ ସୁଫଳ ଫଳିବାକୁ ଆରମ୍ଭ କରିଛି ।

**ଶ୍ରୀଅରବିନ୍ଦଙ୍କ ପତ୍ର :** ଏହା ସତ୍ୟ ଯେ ବହିଃପ୍ରାଣର ପରିଶୁଦ୍ଧି ନିମନ୍ତେ ବାହାରର ନିୟମ ଅଭ୍ୟାସ କରିବା ପ୍ରୟୋଜନ, ତା' ନହେଲେ ସେ ହୁଏ ଅସ୍ଥିର, ଖିଆଲୀ ଓ ନିଜର ଆବେଗରେ ମଜ୍ଜି ରହେ, ଯାହା ପାଇଁ ଉର୍ଦ୍ଧ୍ୱତର ଚେତନାର କୌଣସି ସ୍ଥିର ଏବଂ ସ୍ଥାୟୀ ଭିତ୍ତି ସ୍ଥାପନା କରାଯାଇ ପାରେନା ଯାହା କି ଦୃଢ଼ ରୂପେ ରହିପାରେ । କର୍ମ ନିମନ୍ତେ ତୁମେ ଯେଉଁ ମନୋଭାବ(Attitude) ଗ୍ରହଣ କରିଛ ତାହା ଅବଶ୍ୟ ସବୁଠାରୁ ଭଲ, ଏବଂ ତାହାକୁ ଅବିରତ କାର୍ଯ୍ୟରେ ନିୟୋଜିତ କରିବା ଫଳରେ ତୁମେ ଯେଉଁ ପ୍ରଗତି ଅନୁଭବ କରୁଛ ତାହା ଘଟି ଥାଆନ୍ତା ଏବଂ ତାହା ନିଶ୍ଚିତ ବୃଦ୍ଧି ଲାଭ କରିବ ।

**ସାହାନା :** ମୁଁ ଠିକ୍ ବୁଝି ପାରୁଛି ଯେ ମୋର ଚେତନା ବହିର୍ମୁଖୀ ହୋଇଯାଇଛି । ଏହି ସବୁ ଲୋକମାନଙ୍କର ନାନା ପ୍ରକାର ପରଚର୍ଚ୍ଚା, ଆଲୋଚନା ଇତ୍ୟାଦି ସମ୍ବନ୍ଧରେ ମୋର ଆକର୍ଷଣ ବୋଧ କରିବାରୁ କେବେ ଯେ ମୁକ୍ତ ହୋଇ ପାରିବି ! ଦେଖୁଛି, ମୋର ଗୋଟିଏ ଅଂଶ ଖୁବ୍ ଆଗ୍ରହୀ ଏସବୁ ଆଲୋଚନା ଆଦିରେ ଯୋଗ ଦେବାକୁ, କେବଳ ଜବରଦସ୍ତି ଚାପି ରଖିଛି ବୋଲି, ନହେଲେ ସୁଯୋଗ ପାଇଲେହିଁ ସେ ଆଗେଇ ଆସିବାକୁ ଚାହେଁ । ମଝିରେ ମଝିରେ ଯେତେବେଳେ ଏକ ପ୍ରକାର ବିଶ୍ୱାସ ଆସିଯାଏ ସେତେବେଳେ ବୁଝିପାରେ ଏସବୁ ସହ ମୋର ଯୋଗାଯୋଗ କିଛି ବି ନାହିଁ । ମୁସ୍କିଲ ତ ସେହିଠାରେ ଯେ ଏହି ଭାବ ସବୁବେଳେ ବଜାୟ ରଖିପାରୁଛି କେଉଁଠି ? ଏହା ନଥିଲେହିଁ ବୁଝିବାକୁ ଅସୁବିଧା ହୁଏ ନା ଯେ ମୁଁ ଠିକ୍ ଅବସ୍ଥାରେ ନାହିଁ । ଯାହାହେଉ ଚେତନାର ସମ୍ମୁଖରେ ଅନ୍ୟ କିଛି ଡାକିଁ ହୋଇଗଲେ ଖୁବ୍ ଅଣନିଃଶ୍ୱାସୀ ବୋଧହୁଏ । ମନେ ହୁଏ ଏହି ଅବସ୍ଥାରୁ ବାହାର ହୋଇ ପାରିଲେ ଯେମିତି ବଞ୍ଚି ଯିବି ।

**ଶ୍ରୀଅରବିନ୍ଦଙ୍କ ପତ୍ର :** ସାଧାରଣ ମନ ନେଇ ଅନ୍ୟମାନଙ୍କ ବିଷୟରେ ଆଲୋଚନା ବା ସମାଲୋଚନା ନ କରିବା ସମ୍ପର୍କରେ ଆହୁରି କଠୋର ହେବାହିଁ ଭଲ – କେବଳ ମାତ୍ର 'କ' ଅବା 'ଖ'ର କ୍ଷେତ୍ରରେ ନୁହେଁ, ସମସ୍ତଙ୍କ ବିଷୟରେ ସେଇ ଏକା କଥା । ତାହା କରିବା ଏହି କାରଣରୁ ପ୍ରୟୋଜନ ଯାହାକୁ କରି ଗଭୀରତର ଚେତନା ଏବଂ ସବୁ ଜିନିଷକୁ ଦେଖିବାର ପ୍ରଗାଢ଼ ଦୃଷ୍ଟିଭଙ୍ଗୀ ଗଢ଼ି ତୋଳିବା ଯାହା ନିରବତାର ଭିତରେ ନିଜର ଏବଂ ଅନ୍ୟ ମଧ୍ୟରେ ଥିବା ପ୍ରକୃତିର ଗତିବିଧି ବୁଝିପାରେ ଏବଂ ଅଭିଭୂତ ବା ବିଚଳିତ ହୁଏ ନାହିଁ ବା ଉପର ଠାଉରିଆଭାବେ ବାହ୍ୟିକ ଗତି ବିଧିରେ ଆକୃଷ୍ଟ ହୁଏ ନାହିଁ ।

ଏସବୁକୁ ଏକେବାରେ ବିଦାୟ ଦେଇ ତୁମ ନିଜର ସମତାବସ୍ଥା ମଧ୍ୟକୁ ଫେରିଆସ ।

୨୬.୦୮.୩୩

**ସାହାନା :** ମାଗୋ, ଆଜି ସନ୍ଧ୍ୟାବେଳେ ଗୀତ ଅଭ୍ୟାସ କରି ସାରିଲା ପରେ ମନଟା ଅନେକ ହାଲୁକା ହୋଇଗଲା । ମନେ ହେଉଛି ଆଲୋକ ଆସି ପଡ଼ିଛି ଟିକିଏ । ମୋର ପୂରା ଦିନଟା ନିରାନନ୍ଦ ନଥିଲା କି ଆନନ୍ଦ ମଧ୍ୟ ନଥିଲା । ଆଲୋକ ଯେତେବେଳେ ଆସେ ସେତେବେଳେ କି ଆନନ୍ଦ, ପୁଣି ଯେତେବେଳେ ଆଲୋକଟି ଲିଭି ଯାଏ ସେତେବେଳେ କି କଷ୍ଟ । ଚୈତ୍ୟସତ୍ତା ମଧ୍ୟରେ ବୁଡ଼ି ରହିଲେ କି ଅଫୁରନ୍ତ ଆନନ୍ଦ, ପୁଣି ପ୍ରାଣିକ ସତ୍ତାର କବଳରେ ପଡ଼ିଲେ କି ଅମାନୁଷିକ କଷ୍ଟ, କି ପ୍ରକାର ଅସ୍ଥିରତା ! – କେତେ ଅବା ସେଇ ଏକା ଜିନିଷ ଲେଖିବି ।

**ଶ୍ରୀଅରବିନ୍ଦଙ୍କ ପତ୍ର :** ଏହାର କାରଣ ହେଉଛି ବହୁକାଳ ଧରି ସମାନ ଧରଣର ଅଭ୍ୟାସକୁ ପ୍ରଶ୍ରୟ ଦିଆଯାଇଛି । ଶରୀର, ପ୍ରାଣର ଏହିସବୁ ଅଭ୍ୟାସଗୁଡ଼ିକ ସେମାନଙ୍କର କର୍ମରେ ପ୍ରାୟହିଁ ସ୍ୱୟଂ କ୍ରିୟାଶୀଳ ହୋଇଥା'ନ୍ତି ଏବଂ ଏହି ସ୍ୱୟଂ-କ୍ରିୟାଶୀଳତା ପ୍ରାୟ ପ୍ରତିକ୍ରିୟା ଜନିତ, ଏଇ କର୍ମରୁ ମୁକ୍ତ ହେବାକୁ ହେଲେ ହୁଏତ ଖୁବ୍ ବଳବତ୍ତର ଇଚ୍ଛାଶକ୍ତି କିଂବା ଆତ୍ମାନୁବର୍ତ୍ତିତାର ପଶ୍ଚାତରେ କଠୋର ପ୍ରଚେଷ୍ଟା ସହ ଲାଗି ରହିବା ଦ୍ୱାରା ହୋଇପାରେ । ଅତଏବ ତୁମେ ଏଇ କଷ୍ଟକର ବାଧାରେ ନିରୁତ୍ସାହିତ ହୁଅ ନାହିଁ, ବରଂ ତା'ର ଅସ୍ତିତ୍ୱକୁ ସମୂଳେ ଶେଷ କରିଦେବାର ସଂକଳ୍ପ ନେଇ ପ୍ରୟୋଜନୀୟ ଅଧ୍ୟବସାୟ ସହ ଚାଲ ।

୨୭.୮.୩୩

(କ୍ରମଶଃ)

ଅନୁବାଦ : ଶୁଭ୍ରା ଦାସ ❑

## ଯେଉଁମାନେ ମନିଅର୍ଡ଼ର ପଠାଉଛନ୍ତି :

ନବଜ୍ୟୋତି କାର୍ଯ୍ୟାଳୟ ଗ୍ରହଣ କରୁଥିବା EMO (Electronic Money Order) ଫର୍ମର ବାର୍ତ୍ତା ଉଲ୍ଲେଖ ଥିବା ସ୍ଥାନ (Space for Communication)ରେ ପ୍ରାୟଶଃ ଟଙ୍କା ପଠାଇବାର କାରଣ ସମ୍ପର୍କରେ ବାର୍ତ୍ତାଟି ଆସୁ ନାହିଁ । ତେଣୁ ଆପଣ ଏଠାକୁ ପଠାଇଥିବା ଗ୍ରାହକ (To) ଠିକଣାରେ ପ୍ରଣାମୀ ପଠାଉଥିଲେ, 'The Offering Section' କିଂବା ନବପ୍ରକାଶ ଓ ନବଜ୍ୟୋତି ପତ୍ରିକା ପାଇଁ ଟଙ୍କା ପଠାଉଥିଲେ 'The Magazine Section' ବୋଲି ନିଶ୍ଚିତ ଭାବରେ ଲେଖନ୍ତୁ । ତା'ଛଡ଼ା ପ୍ରେରକ(From) ଠିକଣାରେ ନିଜର ସମ୍ପୂର୍ଣ୍ଣ ଠିକଣା ସହ **Mobile** ନମ୍ବରଟିକୁ ଲେଖିବାକୁ ଯେମିତି ନଭୁଲନ୍ତି । ଯଦି ପତ୍ରିକାର ପୁରୁଣା ଗ୍ରାହକ ହୋଇଥା'ନ୍ତି ନିଜର ନାମ ସହ ଗ୍ରାହକ ନମ୍ବର ଲେଖିବା ଆବଶ୍ୟକ ।

କୌଣସି କାରଣରୁ ଗ୍ରାହକମାନେ ନବପ୍ରକାଶ ପାଇ ନଥିଲେ ତା'ର ପରବର୍ତ୍ତୀ ମାସର ପହିଲାଠାରୁ ପାଞ୍ଚ ତାରିଖ ମଧ୍ୟରେ ସକାଳ ୮.୩୦ରୁ ୧୧.୩୦ ମଧ୍ୟରେ ନବଜ୍ୟୋତି କାର୍ଯ୍ୟାଳୟକୁ ୦୪୧୩-୨୨୩୩୬୩୩ ଏହି ଫୋନ୍ ଯୋଗେ ଗ୍ରାହକ ନମ୍ବର ସହ ଜଣାଇ ଦେଲେ, ଆମ ପାଖରେ ପତ୍ରିକାଟି ମହଜୁଦ ଥିଲେ ପଠାଇବାକୁ ପ୍ରଯତ୍ନ କରିବୁ ।

**– ନବଜ୍ୟୋତି କାର୍ଯ୍ୟାଳୟ**

| ପତ୍ରିକାର ନାମ | ଖଣ୍ଡ ପ୍ରତି ମୂଲ୍ୟ | ବାର୍ଷିକ ଦେୟ | ଆଜୀବନ ଦେୟ (୨୦ ବର୍ଷ ପାଇଁ) |
|---|---|---|---|
| **ନବପ୍ରକାଶ** | ୧୫ ଟଙ୍କା | ୧୫୦ ଟଙ୍କା | ୧୫୦୦ ଟଙ୍କା |
| **ନବଜ୍ୟୋତି** | ୨୦ ଟଙ୍କା | ୮୦ ଟଙ୍କା | ୮୦୦ ଟଙ୍କା |

# ଆଦର୍ଶ ମାତାପିତା

## (୩)

## ଶ୍ରୀମା

**ଉତ୍ତମ ଅଭ୍ୟାସ :**

କୁହାଯାଇପାରେ ଯେ ଜନ୍ମର ପ୍ରଥମ କେତେଦିନରେ, ଏପରିକି ପ୍ରଥମ କେତେଘଣ୍ଟା ମଧ୍ୟରେ ଶିଶୁ-ଶିକ୍ଷାର ପ୍ରଥମଭାଗ, ତା'ର ଆହାର, ନିଦ୍ରା, ମଳମୂତ୍ରାଦି ତ୍ୟାଗ ଇତ୍ୟାଦିର ଶିକ୍ଷା ଆରମ୍ଭ ହୋଇଯିବା ଉଚିତ । ଯଦି ଏକେବାରେ ଆରମ୍ଭରୁହିଁ ଶିଶୁ ଉତ୍ତମ ଅଭ୍ୟାସଗୁଡ଼ିକୁ ଆୟତ୍ତ କରିନେଇପାରେ ତେବେ ଏହା ତାକୁ ତା'ର ଅବଶିଷ୍ଟ ଜୀବନର ନାନା ଅସୁବିଧା ଓ ବିପତ୍ତିରୁ ରକ୍ଷା କରିବ । ଖାଲି ଏତିକି ନୁହେଁ ଯେଉଁମାନେ ଶୈଶବ ଅବସ୍ଥାରେ ଶିଶୁର ଯତ୍ନ ନେବା ଦାୟିତ୍ୱରେ ଥାଆନ୍ତି ସେମାନେ ମଧ୍ୟ ଦେଖିବେ ଯେ ସେମାନଙ୍କର କାର୍ଯ୍ୟ ଅଧିକରୁ ଅଧିକ ସହଜ ହୋଇଯାଉଛି ।

**ଖାଦ୍ୟ :**

ଶିଶୁକୁ ଯତ୍ନର ସହ ଶିକ୍ଷାଦେବାକୁ ହେବ ଯାହାଫଳରେ ସେ ଲାଳସା ଓ ଆବଶ୍ୟକତା ମଧ୍ୟରେ ପାର୍ଥକ୍ୟକୁ ଭଲଭାବେ ବୁଝିପାରେ । ଯେଉଁ ଖାଦ୍ୟ ସରଳ, ସ୍ୱାସ୍ଥ୍ୟକର, ସାରବାନ୍ ଓ କ୍ଷୁଧାବର୍ଦ୍ଧକ ଅଥଚ ନିରର୍ଥକ ଜଟିଳତାରୁ ମୁକ୍ତ ସେଭଳି ଖାଦ୍ୟ ଲାଗି ତା'ର ରୁଚି ବର୍ଦ୍ଧନରେ ସାହାଯ୍ୟ କରିବାକୁ ହେବ । ଯେଉଁ ଖାଦ୍ୟ ତା' ଉଦର ପାଇଁ କେବଳ ବୋଝସ୍ୱରୂପ ଓ ତା' ଉଦରକୁ ଭାରୀ କରେ ସେସବୁକୁ ତା'ର ଦୈନନ୍ଦିନ ଖାଦ୍ୟ ତାଲିକାରୁ ବାଦ୍ ଦେବାକୁ ହେବ । ବିଶେଷ କରି ତାକୁ ଶିକ୍ଷା ଦେବାକୁ ହେବ ଯେ ସେ ଯେପରି ତା'ର କ୍ଷୁଧା ଅନୁଯାୟୀ ଖାଦ୍ୟ ଗ୍ରହଣ କରେ, ବେଶୀ ନୁହେଁ କି କମ୍ ନୁହେଁ ଏବଂ ତାହା ଯେପରି ତା'ର ଲାଳସା କିଂବା ପେଟୁପଣିଆର ଚରିତାର୍ଥ କରିବା ସକାଶେ ନହୁଏ । ଅତି ପିଲାଦିନୁ ବ୍ୟକ୍ତି ଏକଥା ଜାଣିବା ଉଚିତ ଯେ ଖାଦ୍ୟ ଗ୍ରହଣ କରାହୁଏ ଶରୀରକୁ ଶକ୍ତି ଏବଂ ସ୍ୱାସ୍ଥ୍ୟ ଦେବା ସକାଶେ, ଜିହ୍ୱା ଲାଳସା ମେଣ୍ଟାଇବା ସକାଶେ ନୁହେଁ ।

**ପରିଷ୍କାର ପରିଚ୍ଛନ୍ନତା :**

ଆଉ ଗୋଟିଏ କଥା ଶିଶୁକୁ ପିଲାଦିନୁ ଶିକ୍ଷା ଦିଆଯିବା ଉଚିତ; ସେଇଟି ହେଉଛି ପରିଷ୍କାର ପରିଚ୍ଛନ୍ନତା ପ୍ରତି ଅନୁରାଗ ଓ ସ୍ୱାସ୍ଥ୍ୟକର ଅଭ୍ୟାସକୁ ପାଳନ କରିବା । କିନ୍ତୁ ସାବଧାନ ହେବାକୁ ହେବ ଯେପରି ପରିଷ୍କାର ପରିଚ୍ଛନ୍ନତା ଓ ସ୍ୱାସ୍ଥ୍ୟକର ନିୟମାବଳୀ ପ୍ରତି ଆଗ୍ରହ ସୃଷ୍ଟି କରିବାକୁ ଯାଇ ଶିଶୁ ମନରେ ରୋଗ ଭୟ ପ୍ରବେଶ କରିବାକୁ ନଦିଆଯାଏ । ଶିକ୍ଷାଦେବା କ୍ଷେତ୍ରରେ ଭୟ ହେଲା ସବୁଠାରୁ ଖରାପ ଉପାୟ ଓ ଭୟର ବସ୍ତୁକୁ ଆକର୍ଷଣ କରି ଆଣିବାର ତାହା ହେଲା ନିଶ୍ଚିତତମ ମାର୍ଗ । ତଥାପି ରୋଗ ପ୍ରତି ଭୟ ନକରିବା ସଙ୍ଗେ ସଙ୍ଗେ ଆସକ୍ତି ବି ଯେପରି ନରହେ ।

**ନିଦ୍ରା :**

ଶିଶୁର ଦୈନନ୍ଦିନ କାର୍ଯ୍ୟକ୍ରମ ଯାହା ଥାଉ ପଛେ, ଯଥେଷ୍ଟ ନିଦ୍ରା ନିମନ୍ତେ ତା'ର ସମୟ ରହିବା ଉଚିତ । ବୟସର ବୃଦ୍ଧି ସଙ୍ଗେ ସଙ୍ଗେ ଏହି ସମୟର ପରିମାଣ ମଧ୍ୟ ବଦଳିବ । ଦୋଳିରେ ଝୁଲୁଥିବା ଅବସ୍ଥାରେ ଶିଶୁର ଚେଇଁବା ସମୟଠାରୁ ଶୋଇବା ସମୟ ଅଧିକ ଦୀର୍ଘ ହେବା ଉଚିତ । ବୟସ ବଢ଼ିବା ସଙ୍ଗେ ସଙ୍ଗେ ଏହି ଶୋଇବା ସମୟ ଧୀରେ ଧୀରେ କମିଯିବ । ଯୌବନ ଅବସ୍ଥା ଆସିବା ପର୍ଯ୍ୟନ୍ତ ନିଦ୍ରାର ସମୟ ଯେପରି ଏକ ନୀରବ, ଉତ୍ତମ ବାୟୁ ଚଳାଚଳ ସ୍ଥାନରେ ଆଠ ଘଣ୍ଟାରୁ କମ୍ ନହୁଏ । ରାତ୍ରିରେ ଶିଶୁର ନିଦ୍ରା ଯେପରି ଅଯଥା ବିଳମ୍ବ ନହୁଏ ।

**ତିରସ୍କାର କରିବା :**

ବିଶେଷ କାରଣ ନଥିଲେ ତୁମେ ପିଲାକୁ କେବେ ବି ତିରସ୍କାର କରନା, ତା' ପୁଣି ବିଶେଷ ଅପରିହାର୍ଯ୍ୟ ନହେଲେ । ଯେଉଁ ପିଲା ଅନେକ ସମୟରେ ଗାଳି ଖାଏ, ତାହା ଦ୍ୱାରା ସେ ଗାଳି ପ୍ରତି କଠିନ ହୋଇଯାଏ ଓ ଶେଷରେ କଡ଼ା କଥା କିଂବା କଠୋର ସ୍ୱରକୁ ସେ ଆଉ ଗୁରୁତ୍ୱ ଦିଏ ନାହିଁ । ବିଶେଷ କରି ଏ ବିଷୟରେ ଖୁବ୍ ସାବଧାନ ହୁଅ ଯେ, ତୁମେ ନିଜେ ଯେଉଁ ଦୋଷ କରୁଛ ସେହି ଦୋଷ ସକାଶେ ତାକୁ ଯେପରି ତିରସ୍କାର

ନକର । ପିଲାମାନେ ଖୁବ୍ ବିଚକ୍ଷଣ ଓ ତୀକ୍ଷ୍ଣ ଦୃଷ୍ଟିସମ୍ପନ୍ନ । ସେମାନେ ଖୁବ୍ ଶୀଘ୍ର ତୁମର ଦୁର୍ବଳତାଗୁଡ଼ିକୁ ବୁଝିପାରନ୍ତି ଓ ନିର୍ମମ ଭାବରେ ଲକ୍ଷ୍ୟ କରିପାରନ୍ତି ।

ଶିଶୁ ଯେତେବେଳେ ଭୁଲ୍ କରେ, ଦେଖ ସେ ଯେପରି ତାହା ତୁମ ନିକଟରେ ସ୍ୱତଃସ୍ଫୂର୍ତ୍ତ ରୂପେ ଓ ଅକପଟ ଭାବରେ ସ୍ୱୀକାର କରେ; ଏବଂ ଯେତେବେଳେ ସେ ନିଜେ ନିଜେ ଦୋଷ ସ୍ୱୀକାର କରିନିଏ, ତାକୁ ସଦୟ ଓ ସ୍ନେହପୂର୍ଣ୍ଣଭାବେ ବୁଝାଇ ଦିଅ ଯେ ତା'ର ଆଚରଣରେ କ'ଣ ଭୁଲ୍ ଥିଲା ଯାହାଫଳରେ ସେ ଆଉ ତା'ର ପୁନରାବୃତ୍ତି କରିବ ନାହିଁ । କିନ୍ତୁ ତାକୁ କେବେ ତିରସ୍କାର କର ନାହିଁ; କାରଣ କରିଥିବା ଦୋଷ ସ୍ୱୀକାର କଲେ ସବୁବେଳେ ସେ କ୍ଷମାର ପାତ୍ର ହେବା ଉଚିତ ।

(C.W.M., Vol. 12)

### କୌଣସି ଭୟକୁ ଯେପରି ପ୍ରଶ୍ରୟ ଦିଆ ନଯାଏ :

ତୁମେ ଆଉ ତୁମ ପିଲା ମଧ୍ୟରେ କୌଣସି ଭୟ ଆସିବାକୁ ଯେପରି ପ୍ରଶ୍ରୟ ନଦିଅ, କାରଣ ଭୟ ହେଉଛି ଶିକ୍ଷାଦାନର ଏକ ଅତିଶୟ କ୍ଷତିକାରକ ପଦ୍ଧତି । ଏହା ଅନିବାର୍ଯ୍ୟ ରୂପେ ମିଥ୍ୟା ଓ ପ୍ରବଞ୍ଚନାକୁ ଜନ୍ମ ଦେଇଥାଏ ।

### ସୌନ୍ଦର୍ଯ୍ୟ ଲାଗି ଅଭୀପ୍ସା ନିମନ୍ତେ ଶିଶୁ ଶିକ୍ଷା ପାଇବା ଉଚିତ :

ମୁଁ କହିଛି ଯେ ଅତି ଅଳ୍ପ ବୟସରୁ ପିଲାମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟ, ଶାରୀରିକ ସାମର୍ଥ୍ୟ ଓ ସମତା ପ୍ରତି ଆଗ୍ରହ ଜନ୍ମାଇବା ଉଚିତ । ସୌନ୍ଦର୍ଯ୍ୟର ମହାନ୍ ଗୁରୁତ୍ୱ ସମ୍ପର୍କରେ ଜୋର୍ ଦିଆଯିବା ଉଚିତ । ତେବେ ଛୋଟ ପିଲା ସୌନ୍ଦର୍ଯ୍ୟ ଲାଗି ଯେଉଁ ଅଭୀପ୍ସା କରିବ ତାହା ଅନ୍ୟମାନଙ୍କୁ ମୁଗ୍ଧ କରିବାକୁ ବା ସେମାନଙ୍କ ପ୍ରଶଂସାଭାଜନ ହେବା ଲାଗି ନୁହେଁ; କିନ୍ତୁ କେବଳ ସୌନ୍ଦର୍ଯ୍ୟକୁ ଭଲପାଇବା ଯୋଗୁଁ । କାରଣ ସୌନ୍ଦର୍ଯ୍ୟ ହେଉଛି ଏକ ଆଦର୍ଶ ଯାହାକୁ ଶାରୀରିକ ଜୀବନରେ ଲାଭ କରିବାକୁ ହେବ । ପ୍ରତ୍ୟେକ ମଣିଷ ତା'ର ଶରୀରର ବିଭିନ୍ନ ଅଙ୍ଗ-ପ୍ରତ୍ୟଙ୍ଗ ମଧ୍ୟରେ ତଥା ସକ୍ରିୟ ଅବସ୍ଥାରେ ଶରୀରର ବିଭିନ୍ନ ଅଙ୍ଗଭଙ୍ଗୀ ମଧ୍ୟରେ ଗୋଟିଏ ସୁସମଞ୍ଜସତା ପ୍ରତିଷ୍ଠା କରିପାରିବାର ସମ୍ଭାବନା ରହିଛି ।

### ଔଷଧ :

ମୋ ମତରେ ଔଷଧକୁ ଏଡ଼ାଇବା ସମ୍ପୂର୍ଣ୍ଣ ଅସମ୍ଭବ ହୋଇ ନପଡ଼ିଲେ ଔଷଧ ବ୍ୟବହାର କରିବା ଆଦୌ ଉଚିତ ନୁହେଁ । ଆଉ ଏହି 'ସମ୍ପୂର୍ଣ୍ଣ ଅସମ୍ଭବ' କଥାଟିକୁ କଡ଼ାକଡ଼ି ଅର୍ଥରେ ବ୍ୟବହାର କରିବାକୁ ହେବ ।

### ଶିଶୁର ଯତ୍ନ :

ସବୁଠୁ ବେଶୀ ଖରାପ କଥା (ଯାହା ସାଧାରଣତଃ ଲୋକମାନେ କରିଥା'ନ୍ତି) ହେଉଛି ପିଲାମାନଙ୍କୁ ଚାକର-ବାକରମାନଙ୍କ ପାଖରେ ଛାଡ଼ିଯିବା । ଏହା ଏକ ଅପରାଧ । କାରଣ ଏସବୁ ଲୋକମାନଙ୍କର ସମ୍ପୂର୍ଣ୍ଣରୂପେ ଏକ ଅଶ୍ଳୀଳ, ନିମ୍ନ ତଥା ଅନ୍ଧକାରାଚ୍ଛନ୍ନ ଚେତନା ରହିଥାଏ ଏବଂ ଏହି ଚେତନାକୁ ସେମାନେ ପୂରାପୂରି ସ୍ୱତଃସ୍ଫୂର୍ତ୍ତଭାବେ, ନିଜେ ଜାଣିଶୁଣି ଇଚ୍ଛା ନକରି ବି ଶିଶୁମାନଙ୍କ ମଧ୍ୟରେ ପ୍ରବେଶ କରାଇ ଦେଇଥା'ନ୍ତି ।

### ଯେଉଁ ମୂଳ କଥାଟି ଶିକ୍ଷା ଦେବାକୁ ହେବ :

ମୂଳତଃ, ଯେଉଁ ଏକମାତ୍ର କଥା ତୁମକୁ ଖୁବ୍ କଠୋର ଭାବରେ ଅବଲମ୍ବନ କରିବାକୁ ହେବ ତା'ହେଲା ପିଲାମାନଙ୍କୁ ନିଜକୁ ଜାଣିବା ଲାଗି, ସେମାନଙ୍କର ନିୟତି ତଥା ଯେଉଁ ପଥ ସେମାନେ ଅନୁସରଣ କରିବେ ସେ ପଥ ବାଛି ନେବା ଲାଗି, ନିଜ ପ୍ରତି ଦୃଷ୍ଟିପାତ କରିବା ଲାଗି, ନିଜକୁ ବୁଝିବା ଲାଗି ଓ ନିଜେ ଯାହା ହେବାକୁ ଚାହାନ୍ତି ତା' ହେବା ନିମନ୍ତେ ସଂକଳ୍ପ କରିବା ଲାଗି ଶିକ୍ଷା ଦେବାକୁ ହେବ ।

ପିଲାକୁ ସବୁଠାରୁ ଯେଉଁ ମୂଲ୍ୟବାନ୍ ଉପହାର ଦିଆଯାଇ ପାରେ ତା'ହେଲା ଶିକ୍ଷା କରିବାକୁ, ସବୁବେଳେ ଓ ସବୁ କ୍ଷେତ୍ରରେ ଶିକ୍ଷା କରିବାକୁ ତା' ମଧ୍ୟରେ ଏକ ଭଲ ପାଇବା ସୃଷ୍ଟି କରିବା ।

(C.W.M., Vol. 12, P. 5-8)

### ଚୈତ୍ୟସତ୍ତାର ଜନ୍ମ ନିର୍ବାଚନ :

ଆଗରୁ ଚୈତ୍ୟସତ୍ତା ଅନେକଗୁଡ଼ିଏ ଅଭିଜ୍ଞତା ହାସଲ କରି ସାରିଥାଏ । ତେଣୁ ସେ ଭଲଭାବେ ଜାଣିଥାଏ ଯେ ଏ ଦେଶରେ ତା' ଚେତନାର ଗୋଟିଏ ଅଂଶ ବିକାଶ ପ୍ରାପ୍ତ ହୋଇଛି ଇତ୍ୟାଦି; ତେଣୁ ସେ ଏଭଳି ଏକ ସ୍ଥାନ ବାଛେ ଯାହାକି ତା'ର

ଉନ୍ନତି ନିମନ୍ତେ ଅତ୍ୟନ୍ତ ସହଜ ଓ ଅନୁକୂଳ ହୋଇଥିବ : ଦେଶ, ଜୀବନଯାପନ କରିବାର ବ୍ୟବସ୍ଥା, ମାତାପିତାଙ୍କର ମୋଟାମୋଟି ସ୍ୱଭାବ, ଏପରିକି ଶରୀରଟିର ଅବସ୍ଥା, ଏହାର ଭୌତିକ ଗଠନ ପ୍ରଣାଳୀ ଓ ଏହାର ଗୁଣଧର୍ମ ଇତ୍ୟାଦି ତାହାର ଆବଶ୍ୟକ ହେଉଥିବା ଅନୁଭୂତିରେ ସହାୟକ ହେବେ ନା ନାହିଁ ତାହା ମଧ୍ୟ ସେ ବିଚାର କରେ । ସେ ଟିକେ ବିଶ୍ରାମ ନିଏ ଏବଂ ଠିକ୍ ସମୟରେ ବିଶ୍ରାମ ତ୍ୟାଗ କରେ । ତା'ପରେ ପୃଥିବୀର ଯେଉଁ ଅଂଶକୁ ଓ ଯେଉଁ ପରିବେଶକୁ ସେ ବାଛିଥାଏ ତାହାରି ଉପରେ ନିଜର ଚେତନାକୁ ଏକାଗ୍ର କରେ – ବା ସେହିପରିହିଁ ପ୍ରାୟ କରିଥାଏ । ଏ କ୍ଷେତ୍ରରେ ଟିକିଏ ତଫାତ ଥାଏ, କାରଣ ଚୈତ୍ୟ-ଚେତନାରେ ଥିଲାବେଳେ ଜଣେ ଏହି ସ୍ଥୂଳଭୌତିକ ଚେତନାଠାରୁ ବହୁତ ଦୂରରେ ଥାଏ ଏବଂ ଏହାକୁ ସେତେ ସ୍ପଷ୍ଟ ଦୃଷ୍ଟିରେ ଦେଖିପାରେ ନାହିଁ । ଯାହା ଦେଖେ ତାହା ଏକ ଆନୁମାନିକ ହୋଇରହେ, କେବଳ ଏକ ଦୃଷ୍ଟିରେହିଁ ଦେଖିଥାଏ । ଦେଶ ଏବଂ ପରିବେଶ ସମ୍ବନ୍ଧରେ ସେ ଆଦୌ କୌଣସି ଭୁଲ୍ କରେ ନାହିଁ, ଏବଂ ବାଛିଥିବା ବ୍ୟକ୍ତିମାନଙ୍କର ଅନ୍ତର ସ୍ପନ୍ଦନକୁ ସେ ବେଶ୍ ସ୍ପଷ୍ଟଭାବରେ ଦେଖିପାରେ; ତେବେ ତଥାପି ବି ଏଥିରେ କୌଣସି ଭୁଲ୍‌ଭଟକା ଘଟିଯାଇପାରେ । ମାତ୍ର ଯଦି ଠିକ୍ ଏହି ସମୟରେ ପୃଥିବୀପୃଷ୍ଠରେ ଏପରି ଗୋଟିଏ ଦମ୍ପତି ଥିବେ ବା ହୁଏତ ଏପରି ଜଣେ ନାରୀ ବାସ କରୁଥିବେ ଯାହାଙ୍କ ମଧ୍ୟରେ ଏକ ଚୈତ୍ୟ-ଅଭୀପ୍ସା ରହିଥାଏ ଏବଂ ଯିଏକି କୌଣସି ଏକ କାରଣରୁ, କାହିଁକି ବା କିପରି ଏସବୁ ନଜାଣି, ଏକ ଅତ୍ୟନ୍ତ ଅସାଧାରଣ ସନ୍ତାନ ପାଇବାକୁ ଇଚ୍ଛା କରୁଥା'ନ୍ତି, ଅନନ୍ୟ ସାଧାରଣ ଅବସ୍ଥାର ଜବାବ ଦେବାଭଳି ସନ୍ତାନଟିଏ ପାଇବାକୁ ଇଚ୍ଛା କରୁଥା'ନ୍ତି; ଯଦି ସେହି ମୁହୂର୍ତ୍ତରେ ପୃଥିବୀପୃଷ୍ଠରେ ଏକ ଜାଗାରେ ଏହି ଅଭୀପ୍ସା ଥାଏ ତେବେ ତାହା ଏକ ପ୍ରକାର ସ୍ପନ୍ଦନ ସୃଷ୍ଟି କରେ, ଏକ ଚୈତ୍ୟ-ଆଲୋକ ସୃଷ୍ଟି କରେ । ସଙ୍ଗେ ସଙ୍ଗେ ଚୈତ୍ୟସତ୍ତାଟି ତାହାକୁ ଦେଖିବାକୁ ପାଏ ଏବଂ ତାହା କୌଣସି ଦ୍ୱିଧା ନରଖି ସେହି ଆଲୋକଟି ଆଡ଼କୁ ଧାଇଁ ଯାଏ । ତା'ପରେ ଠିକ୍ ସେହି ମୁହୂର୍ତ୍ତରୁହିଁ (ଯାହା ହେଉଛି ଗର୍ଭାଧାନର ସମୟ) ତାହା ଶିଶୁଟିର ଗଠନ ଉପରେ ସତତ ଦୃଷ୍ଟି ରଖିବାକୁ ଆରମ୍ଭ କରେ, ଯେପରିକି ସେହି ଗଠନ ତା'ର ନିଜ ଯୋଜନାକୁ କାର୍ଯ୍ୟକାରୀ କରିବା ଲାଗି ଯେତେଦୂର ସମ୍ଭବ ଅଧିକ ଅନୁକୂଳ ହୋଇପାରିବ ।

(C.W.M., Vol. 4, p. 145)

**ବ୍ୟକ୍ତିଗତ ଜୀବନ ମଧ୍ୟରେ ଆବଦ୍ଧ ବ୍ୟକ୍ତି :**

ନିଜର ସଂକୀର୍ଣ୍ଣ ବ୍ୟକ୍ତିଗତ ଜୀବନକୁ ନେଇ ବ୍ୟସ୍ତ ରହିବାଠାରୁ ବଳି ଆଉ କିଛି ଅଧିକ କଦର୍ଯ୍ୟ ବସ୍ତୁ ଏ ସଂସାରରେ ନାହିଁ । ଏ ପ୍ରକାର ବ୍ୟକ୍ତିଙ୍କୁ ଜୀବନ ଗୋଟାଏ ପ୍ରକାର ଶୂନ୍ୟ, ଫମ୍ପା, ନିରର୍ଥକ ଜୀବନ ଭଳି ବୋଧ ହେଉଥାଏ । ତାଙ୍କର ଆଉ ଜୀବନରେ ଆଗ୍ରହ ନଥାଏ । ଏମିତି ଲୋକ ଅଛନ୍ତି ଯେଉଁମାନେ ସେମାନଙ୍କର ଛୋଟିଆ ପରିବାରଟିକୁ ନେଇହିଁ ବ୍ୟସ୍ତ ଥାଆନ୍ତି । ଏବଂ ଯଦି ପିଲାର କାହାର ଟିକିଏ କାଶ ହେଲା ତେବେ ସେମାନେ ଘଣ୍ଟା ଘଣ୍ଟା ଏହିପରି ଏକ ବିରକ୍ତିକର ଚିନ୍ତାରେହିଁ କାଳ କଟାନ୍ତି, ଯଦି ଖାଇବା ଟିକେ ସ୍ୱାଦକର ହୋଇ ନାହିଁ ତେବେ ସେମାନେ କଳିରେ ମାତିଯା'ନ୍ତି, କିଂବା ଯଦି ଜଣେ ଲୋକ ତାଙ୍କର ଚାକିରି ହରେଇ ଆଉ ଗୋଟିଏ ଚାକିରି ଖୋଜି ପାଉ ନଥା'ନ୍ତି ତେବେ ସେ କାନ୍ଦି କୁଣ୍ଢେଇ ହୋଇ ବଡ଼ ଦୁଃଖରେ କହନ୍ତି, ''କେମିତି ମୁଁ ମୋ ପିଲାଙ୍କ ମୁଖରେ ଆହାର ଦେବି ?''– ସତେ ଯେପରି ସେମାନେ ଗୋଟିଏ ଗାତ ଭିତରେ ଜିଆର ଜୀବନ ବିତାଉ ଥାଆନ୍ତି !

(C.W.M., Vol. 5, p. 393-394)

(କ୍ରମଶଃ)

❑❑❑

ଏହା ଖାଲି ବାକ୍ୟଟିଏ, କିଂବା କେତୋଟି ଶବ୍ଦର ସମାହାର ମାତ୍ର ନୁହେଁ, ଏହା ଏକ ବାସ୍ତବ ଘଟଣା । ମୁଁ ତୁମ ସହ ଅତି ସ୍ଥୂଳଭାବେ ରହିଛି ଏବଂ ଯେଉଁମାନଙ୍କର ଏକ ସୂକ୍ଷ୍ମଦୃଷ୍ଟି ଅଛି ସେମାନେ ମୋତେ ଦେଖିପାରନ୍ତି ।

– ଶ୍ରୀମା

# ‘ହୁ ଶୁ’ଙ୍କ ସ୍ମରଣେ

## (୧)

ସେଦିନ ଥିଲା ୪ ମେ ୧୯୬୭ (୪-୫-୬-୭)। ଶ୍ରୀଅରବିନ୍ଦ ଆଶ୍ରମରେ ଶ୍ରୀମା’ଙ୍କର ଦର୍ଶନ ଦିବସ। ଏହି ବିଶେଷ ଦିନରେ ଆଶ୍ରମରେ ବିଭିନ୍ନ ସ୍ଥାନରୁ ଆଗତ ଦର୍ଶନାର୍ଥୀଙ୍କର ଭିଡ଼ ଜମିଥାଏ। ବଡ଼ିଭୋରରୁ ଶ୍ରୀଅରବିନ୍ଦଙ୍କ ସମାଧିରେ ପ୍ରଣାମ କରି ଆଶ୍ରମ ଭିତରେ ଥିବା ବିଜ୍ଞାପନ-ବାରଣ୍ଡାରେ ପାଦ ଦେଉ ଦେଉ ସେମାନେ ଦେଖୁଥିଲେ ଚାଇନିଜ୍ ଶୈଳୀରେ ଅଙ୍କିତ ରଙ୍ଗିନ ପଦ୍ମ ଫୁଲସବୁ ଥାଇ ମା’ଙ୍କ ସ୍ୱହସ୍ତରେ ଲିଖିତ ଏକ ବିଜ୍ଞାପନ – ଆଶ୍ରମର ‘ପ୍ରଦର୍ଶନୀ ଗୃହ’ରେ ଆୟୋଜିତ ଏକ ଶିଳ୍ପକଳାର ବିଜ୍ଞାପନ; ନିମ୍ନରେ ମା’ଙ୍କର ‘ଆଶୀର୍ବାଦ’।




ଏହି ପ୍ରଦର୍ଶନୀରେ ଜଣେ ବିଦ୍ୱାନ୍ ଯିଏକି ଏକାଧାରରେ ଜଣେ ଶିଳ୍ପୀ ଓ ଯୋଗୀ, ତାଙ୍କର ଚିତ୍ରକଳା ସବୁ ପ୍ରଦର୍ଶିତ ହୋଇଛି।
ମୋର ଆଶୀର୍ବାଦ ସହ। — ଶ୍ରୀମା

ଏକାଧାରରେ ଜଣେ ବିଦ୍ୱାନ୍, ଶିଳ୍ପୀ ଓ ଯୋଗୀ ଥିଲେ ହୁ ଶୁ; ଆଶ୍ରମର ଜନୈକ ଚାଇନିଜ୍ ଅନ୍ତେବାସୀ। ମାତୃପିତୃଦତ୍ତ ନାମ ଶୁ ଫାନ୍-ଚେଙ୍ଗ୍ (Shu Fan-Cheng)। ଆଶ୍ରମରେ ହୁ ଶୁ (Hu Shu) ନାମରେ ସୁପରିଚିତ।

ହୁ ଶୁ ୨୬ ଅକ୍‌ଟୋବର ୧୯୦୯ରେ ଚୀନର ହୁନାନ୍ ପ୍ରଦେଶର ଚାଙ୍ଗ୍‌ଶାରେ ଏକ ବିତ୍ତଶାଳୀ ପରିବାରରେ ଜନ୍ମ ଗ୍ରହଣ କରିଥିଲେ। ଏହି ପରିବାର ସିଲ୍‌କ୍ ବ୍ୟବସାୟରେ ଖୁବ୍ ସଫଳତା ଅର୍ଜନ କରିଥିଲେ ମଧ୍ୟ ପୂର୍ଣ୍ଣାଙ୍ଗ ଭାବରେ ଶାସ୍ତ୍ରୀୟ ସାହିତ୍ୟ ଓ ଶିଳ୍ପକଳା ଅଧ୍ୟୟନକୁ ପରିବାରର ଏକ ଅତ୍ୟାବଶ୍ୟକୀୟ ରୀତି ରୂପେ ଗ୍ରହଣ କରିଥିଲେ। ଏହି ସୂତ୍ରରେ ବାଲ୍ୟକାଳରୁ ହୁ ଶୁ ତଦାନୀନ୍ତନ ଆଧୁନିକ ଚାଇନିଜ୍ ସାହିତ୍ୟର ପ୍ରତିଷ୍ଠାତାରୂପେ ମାନ୍ୟ ଦିଆଯାଉଥିବା ପ୍ରସିଦ୍ଧ ଲେଖକ, ବିଦ୍ୱାନ୍ ସମାଜ-ସଂସ୍କାରକ ଲୁ ଶାନ୍‌ଙ୍କ ସଂସ୍ପର୍ଶରେ ଆସିଥିଲେ। କହିବା ବାହୁଲ୍ୟ ପରବର୍ତ୍ତୀ କାଳରେ ଏହି ମନୀଷୀ ହୋଇ ଉଠିଥିଲେ ଯୁବକ ହୁ ଶୁଙ୍କର ଘନିଷ୍ଠ ବନ୍ଧୁ ଓ ବିଶ୍ୱସ୍ତ ଉପଦେଷ୍ଟା। କୃତଜ୍ଞତା ଜ୍ଞାପନ ସ୍ୱରୂପ ହୁ ଶୁ ତାଙ୍କର ଏକ ଆବକ୍ଷ ପ୍ରତିକୃତିର ଉଡ୍‌ବ୍ଲକ୍ ପ୍ରିଣ୍ଟିଂ କରିଥିଲେ।

ଚୀନର ଗୁଆଗଙ୍ଗର ଖ୍ୟାତନାମା ସାନ୍ ୟାତ୍-ସେନ୍ ୟୁନିଭରସିଟିରେ ହୁ ଶୁ ଇତିହାସ ଅଧ୍ୟୟନ କରିବା ପରେ ଲଳିତ ଶିଳ୍ପକଳା ଓ ଦର୍ଶନ ଶାସ୍ତ୍ର ଅଧ୍ୟୟନ କରିବା ସକାଶେ ସେ ଛାତ୍ରବୃତ୍ତି ଲାଭ କଲେ ଏବଂ ଲୁ ଶାନ୍‌ଙ୍କର ପୃଷ୍ଠପୋଷକତାରେ ଜର୍ମାନୀର କନିସ୍‌ବର୍ଗର ସ୍ୱନାମଖ୍ୟାତ ଆଲ୍‌ବାର୍ଟିନା ୟୁନିଭରସିଟିରେ ଭର୍ତ୍ତି ହେଲେ।

୧୯୨୯ରୁ ୧୯୩୨ ପର୍ଯ୍ୟନ୍ତ ସେ ସେଠାରେ ଅଧ୍ୟୟନରତ ଥିବା ସମୟରେ ପ୍ରସିଦ୍ଧ ଜର୍ମାନୀ ଦାର୍ଶନିକ

ନିଡ୍‌ସେଙ୍କ ଗ୍ରନ୍ଥର କେତେକାଂଶକୁ ଚାଇନିଜ୍ ଭାଷାରେ ଅନୁବାଦ କରିଥିଲେ । ତେଣୁ ତାଙ୍କୁ 'ଚାଇନିଜ୍ ଅଫ୍ କନିସ୍‌ବର୍ଗ' କହିଲେ ଅତ୍ୟୁକ୍ତି ହେବ ନାହିଁ । ଅବଶ୍ୟ ନିଡ୍‌ସେ ଏଥି ପୂର୍ବରୁ ଇମାନୁୟେଲ୍ କ୍ୟାଣ୍ଟଙ୍କୁ ସମାନ ଉପାଧି ଦେଇଥିଲେ ।

ଏହାର ଠିକ୍ ପରେ ପରେ ସିନୋ-ଜାପାନିଜ୍ ଯୁଦ୍ଧ ଆରମ୍ଭ ହୁଏ । ତରୁଣ ହୁ ଶୁ କଥାଛଳରେ ତାଙ୍କର ଜନୈକ ବନ୍ଧୁଙ୍କୁ କହିଥିଲେ ଯେ ଆଖି ଆଗରେ ମଣିଷର କଦର୍ଯ୍ୟ ଭାବରେ ଅଚାନକ ମୃତ୍ୟୁବରଣ କରିବାର ଏପରିକି ବେଳେବେଳେ ଗୋଟିଏ ଗୋଟିଏ ଗ୍ରାମର ସମଗ୍ର ଜନବସତି ଏକସଙ୍ଗେ ମୃତ୍ୟୁ ମୁଖରେ ପଡ଼ିବାର କରାଳ ବିଭୀଷିକା ସେ ଆଖିରେ ଦେଖି ଅତ୍ୟନ୍ତ ମର୍ମାହତ ହୋଇ ପଡ଼ୁଥିଲେ ମଧ୍ୟ ପରକ୍ଷଣରେ ଧୈର୍ଯ୍ୟ ହରାଉ ନଥିଲେ । ୧୯୪୫ରେ, ଯୁଦ୍ଧ ଶେଷ ହୋଇଯିବାର ଅବ୍ୟବହିତ ପରେ ହୁ ଶୁ ଭାରତବର୍ଷକୁ ଆସିବାର ସିଦ୍ଧାନ୍ତ ନେଲେ ।

ଚୀନରେ ଅଧୁନା ବହୁ ବ୍ୟାପକ ଭାବରେ ପ୍ରସାରିତ ଏକ ରାଷ୍ଟ୍ରୀୟ ଇଂରାଜୀ ଖବରକାଗଜ 'ଚାଇନିଜ୍ ଡେଲି'ରେ ହୁ ଶୁଙ୍କର ଏହି ଆଗମନ ସମ୍ବନ୍ଧେ ୨୦୦୯ ଡିସେମ୍ବର ୧୭ରେ ପ୍ରକାଶିତ 'ଆଧ୍ୟାତ୍ମିକତା ପାଇଁ ଏକ ଅସରନ୍ତି ଅନ୍ୱେଷଣ' ଶୀର୍ଷକ ପ୍ରବନ୍ଧରେ ଲେଖକ ୟୁ ନୋ ଏହି ମର୍ମରେ ବର୍ଣ୍ଣନା ଦେଇଛନ୍ତି :

''ଚତୁର୍ଦ୍ଦିଗରେ ଯୁଦ୍ଧ ପରେ ଯୁଦ୍ଧ, ଦୁର୍ଭିକ୍ଷ, ସରକାର ପତନ, ବିପ୍ଳବ ପରେ ବିପ୍ଳବ, ସମାଜ ସଂସ୍କାର, ଆକସ୍ମିକ ମୂଲ୍ୟବୃଦ୍ଧି । ବିଂଶ ଶତାବ୍ଦୀରେ ଯେତେବେଳେ ଏହିସବୁ କରାଳ ଦୃଶ୍ୟ ଚୀନକୁ ଗ୍ରାସ କରିଥିଲା, ସେତେବେଳେ ପୃଥିବୀର ଅଧିକାଂଶ ବ୍ୟକ୍ତିଙ୍କର ଚୀନ୍ ସମ୍ବନ୍ଧେ ଏସବୁ କଥା ବ୍ୟତୀତ ଅନ୍ୟ କିଛି ଭାବିବାର ବୋଧହୁଏ ଅବକାଶ ନଥିଲା । ପ୍ରକୃତରେ କହିବାକୁ ଗଲେ, ଚାଇନିଜ୍‌ମାନଙ୍କ ପକ୍ଷରେ ଏସବୁ କଥା ବ୍ୟତୀତ ଅନ୍ୟ କିଛି ଭାବିବା ଏକେବାରେ ଅସମ୍ଭବ ଥିଲା । ସେମାନେ କଳ୍ପନାରେ କେବେବି ଭାବିପାରି ନଥିଲେ ଯେ ଅବିରତ ଲାଗିରହିଥିବା ବିପ୍ଳବ ଓ ଆନ୍ଦୋଳନରେ ନିପୀଡ଼ିତ ସେମାନଙ୍କ ସମାଜରୁ ଜଣେ ବୃତ୍ତିଧାରୀ ଯୁବ-ଛାତ୍ର ଆଧ୍ୟାତ୍ମିକତା ଓ ଜୀବନର ଯଥାର୍ଥ ମୂଲ୍ୟର ଅନ୍ୱେଷଣରେ ତୀବ୍ର ଭାବରେ ମଗ୍ନ ରହିବା ନିମିତ୍ତ ଅନୁକୂଳ ପୀଠସ୍ଥାନଟିଏ ଖୋଜି ବାହାର କରିପାରିବ । କିନ୍ତୁ ଜୁ ଫାନ୍‌ସେଙ୍ଗ୍ (୧୯୦୯-୨୦୦୦), ଯିଏକି 'ଚାଇନିଜ୍ ଏକାଡ଼େମୀ ଅଫ୍ ସୋସିଆଲ୍ ସାଇନ୍‌ସେସ୍'ର ଜଣେ ନେତୃସ୍ଥାନୀୟ ଗବେଷକ ଥିଲେ, ଭାରତବର୍ଷରେ ପଦାର୍ପଣ କରିହିଁ ସେ ଏହା ସମ୍ଭବ କରିପାରିଥିଲେ । (ତେଣୁ ଚୀନରେ ହୁ ଶୁଙ୍କର ପରବର୍ତ୍ତୀ ନାମ ଥିଲା ଜୁ ଫାନ୍‌ସେଙ୍ଗ୍) । ପ୍ରଫେସର୍ ସାନ୍ ବୋ ଏହି ଏକାଡ଼େମୀରେ ଜୁ'ଙ୍କର ଜନୈକ ସହକାରୀ ଥିଲେ । ତାଙ୍କ ଉକ୍ତିରେ : 'ଏକବିଂଶ ଶତାବ୍ଦୀରେ ଜୁ'ଙ୍କୁ ଚୀନର ମାନବ-ହିତୈଷୀ ମନୀଷିଗଣଙ୍କ ମଧ୍ୟରୁ ଅନ୍ୟତମ ହିସାବରେ ଗଣ୍ୟ କରାଯାଏ ଏବଂ 'ଦ୍ୱିତୀୟ ହୁଏନ୍‌ସାଂ' ହିସାବରେ ସମ୍ମାନ ଦିଆଯାଏ ।'

''ପ୍ରାଚୀନ କାଳରୁ ଚୀନର ମନୀଷିଗଣ ବୌଦ୍ଧଧର୍ମ ସମ୍ବନ୍ଧେ ଜ୍ଞାନ ଆହରଣ ଉଦ୍ଦେଶ୍ୟରେ ଏବଂ ବୌଦ୍ଧ ଧର୍ମଗ୍ରନ୍ଥସବୁକୁ ସ୍ୱଦେଶକୁ ନେଇଆସିବା ସକାଶେ ଭାରତବର୍ଷକୁ ପରିଭ୍ରମଣରେ ଯାଉଥିଲେ । ଏସମ୍ବନ୍ଧରେ ଅନେକ ଚିତ୍ତାକର୍ଷକ ବୃତ୍ତାନ୍ତ ଚାଇନିଜ୍ ଇତିହାସ ପୃଷ୍ଠାକୁ ଅଳଂକୃତ କରିଛି । କିନ୍ତୁ ଜୁ ଫାନ୍‌ସେଙ୍ଗଙ୍କ ପୂର୍ବରୁ ଭାରତକୁ ଗମନ କରିଥିବା ମନୀଷିଗଣ ତାଙ୍କ ସଦୃଶ ଅଧିକ କାଳ ଭାରତରେ ବସବାସ କରି ନଥିଲେ, ଯଦିଓ ତାଙ୍କୁ ତାଙ୍କର 'ସ୍ୱପ୍ନ ରାଜ୍ୟ ବା କଳ୍ପନା ରାଜ୍ୟ'ରେ ପହଞ୍ଚିବାକୁ ଅନ୍ୟମାନଙ୍କ ସଦୃଶ ପାଦରେ ଚାଲିଚାଲି, ଘୋଡ଼ା ଚଢ଼ି ଓ ଓଟ ପିଠିରେ ବସି ମରୁଭୂମି ଓ ବରଫାବୃତ ପର୍ବତଶ୍ରେଣୀକୁ ଅତିକ୍ରମ କରିବାକୁ ପଡ଼ି ନଥିଲା ।''

ହୁ ଶୁ ବାଛି ନେଇଥିଲେ ଅତ୍ୟନ୍ତ ବିପଦ୍‌ସଙ୍କୁଳ ଓ ଅନିଶ୍ଚିତପ୍ରାୟ ବ୍ୟୋମପଥ । ସେ ଚୀନର କୁମିଙ୍ଗରୁ ଯାତ୍ରାରମ୍ଭ କରି ୟୁନାନ୍ ଦେଇ ବ୍ୟୋମପଥରେ ଆସି କଲିକତାରେ ଅବତରଣ କରିଥିଲେ । ଯୁଗ୍ମ ପିଷ୍ଟନ୍ ଇଞ୍ଜିନ୍ ଥାଇ DC-3 ବିମାନଟି ତା'ର ସର୍ବୋତ୍ତମ ଗତିବେଗରୁ କିଞ୍ଚିତ୍ କମ୍ ୧୫୦୦ କି. ମି. ବେଗରେ ଉଡ଼ି ବର୍ମା ପର୍ଯ୍ୟନ୍ତ ବିସ୍ତୃତ ହିମାଳୟର ସମଗ୍ର ପୂର୍ବାଞ୍ଚଳକୁ ଅତିକ୍ରମ କରୁଥିଲା । ଯାତ୍ରୀମାନଙ୍କ ସକାଶେ ଥିବା କ୍ୟାବିନରେ ସ୍ୱାଭାବିକ ବାୟୁର ବା ଅମ୍ଳଜାନର ଚାପ ନଥିଲା ବା ସେହି ଅଞ୍ଚଳର ରେଡ଼ିଓ ନେଭିଗେସନ୍ ଓ ନିର୍ଭରଯୋଗ୍ୟ ପାଣିପାଗର ପୂର୍ବାଭାସ ଜାଣିବାର କୌଣସି ଉପାୟ ନଥିଲା । ତେଣୁ ପରମୁହୂର୍ତ୍ତରେ କ'ଣ ଘଟିବ ଜାଣିବା ଅସମ୍ଭବ ଥିଲା । କିନ୍ତୁ ହୁ ଶୁଙ୍କର ସିଦ୍ଧାନ୍ତ ଥିଲା ସ୍ଥିରନିଶ୍ଚିତ ।

କଲିକତାରେ ପହଞ୍ଚି ହୁ ଶୁ ଶାନ୍ତିନିକେତନରେ ଥିବା ରବୀନ୍ଦ୍ରନାଥଙ୍କର 'ବିଶ୍ୱଭାରତୀ'ରେ ବାସ କଲେ । ସେଠାରେ ସେ ସଂସ୍କୃତରେ ଅଧିକ ଜ୍ଞାନ ଆହରଣରେ ଏବଂ ରବୀନ୍ଦ୍ରନାଥ ଓ ତାନ୍ ୟାନ୍-ସାଙ୍କର ମିଳିତ ପ୍ରଚେଷ୍ଟାରେ ପ୍ରତିଷ୍ଠିତ ଏକ ଚାଇନିଜ୍ ଷ୍ଟଡି ସେଣ୍ଟର୍ 'ଚାଇନା ଭବନ'ରେ ଚାଇନିଜ୍ ବୁଦ୍ଧିଜିମର

ଇତିହାସ ପଢ଼ାଇବାରେ ନିଜକୁ ନିୟୋଜିତ କଲେ । ଏହି ତାନ୍ ୟାନ୍-ସାଂଙ୍କ ନିକଟରୁ ହୁ ଶୁ ପ୍ରଥମ କରି ଶ୍ରୀଅରବିନ୍ଦଙ୍କ ସମ୍ବନ୍ଧେ ଜାଣିବାକୁ ପାଇଥିଲେ ।

କଥା ପ୍ରସଙ୍ଗରେ ମା' ଥରେ ଜନୈକ ସାଧକଙ୍କୁ ତାନ୍ ୟାନ୍-ସାଂଙ୍କ ସମ୍ବନ୍ଧେ କହିଥିଲେ : ''ଶାନ୍ତିନିକେତନରେ ଜଣେ ଚାଇନିଜ୍ ଥିଲେ, ତାଙ୍କ ନାମ ମୁଁ ଏବେ ଭୁଲି ଯାଇଛି (ତାନ୍ ୟାନ୍-ସାଂ) ଯିଏକି ଥରେ ଶ୍ରୀଅରବିନ୍ଦଙ୍କୁ ସାକ୍ଷାତ୍ କରିବାକୁ ଆସିଥିଲେ; ମୁଁ ତାଙ୍କୁ ଜାଣିଥିଲି, ସେ ମୋ ସହିତ ବି କଥାବାର୍ତ୍ତା ହୋଇଥିଲେ । ସେ ଥିଲେ ଜଣେ ଦାର୍ଶନିକ । ତାଙ୍କର ଚୀନରେ ସମ୍ପତ୍ତିବାଡ଼ି ଥିଲା, କିନ୍ତୁ ସେ ଭାରତବର୍ଷରେ ବାସ କରୁଥିଲେ । ସେ ଚାଇନିଜ୍ କମ୍ୟୁନିଷ୍ଟମାନଙ୍କୁ ତାଙ୍କର ସମସ୍ତ ସମ୍ପତ୍ତି ଦେଇଦେବା ସମୟରେ ସେମାନଙ୍କୁ କହିଥିଲେ, 'ମୁଁ ଆପଣମାନଙ୍କୁ ଏସବୁ ଦେଇଦେଉଛି ଯଦ୍ୱାରା ଆପଣମାନଙ୍କୁ ମୋ ପାଖରୁ ଛଡ଼ାଇ ନେବାକୁ ହେବ ନାହିଁ ।'...ସେ ମୋତେ ବ୍ୟକ୍ତିଗତ ଭାବରେ କହିଥିଲେ : (ଏହା ଅନେକ ଆଗକାର କଥା, ମୁଁ ତଳମହଲାରେ ରହୁଥିଲି, ଶ୍ରୀଅରବିନ୍ଦ ପାର୍ଶ୍ୱ କକ୍ଷରେ ରହୁଥିଲେ; ୧୯୩୯ ନଭେମ୍ବର ୨୪ ଦର୍ଶନକୁ ସେ ଆସିଥିଲେ ।) 'ଚୀନ ହେଉଛି ଏକ ଅତ୍ୟନ୍ତ ତୀକ୍ଷ୍ଣବୁଦ୍ଧିସମ୍ପନ୍ନ ଦେଶ; ସେମାନେ ଶ୍ରୀଅରବିନ୍ଦଙ୍କ ରଚନାବଳିକୁ ବେଶ୍ ବୁଝିପାରିବେ ଏବଂ ପୃଥିବୀକୁ ତା'ର ଚରମ ବିଶୃଙ୍ଖଳ ଅବସ୍ଥାରୁ ଉଦ୍ଧାର କରିବାର ଅନ୍ୟ କୌଣସି ପନ୍ଥା ମୁଁ ଦେଖୁ ନାହିଁ ।...' କେବଳ, ସ୍ୱାଭାବିକ ରୂପେ, ଏହା ଚାଇନିଜ୍ ଭାଷାରେ ହେବା ଉଚିତ ।...'' (୧୬ ଅଗଷ୍ଟ ୧୯୬୯)

ଏହି ତାନ୍ ୟାନ୍-ସାଂ ଅନ୍ୟତ୍ର ପ୍ରକାଶ କରିଥିଲେ : ''... ଅତୀତରେ ଯେମିତି ଜଣେ ମହାନ୍ ଭାରତୀୟ ମନୀଷୀ (ବୁଦ୍ଧ) ଆଧ୍ୟାତ୍ମିକତାରେ ଚୀନ ଉପରେ ବିଜୟଲାଭ କରିଥିଲେ, ଠିକ୍ ସେମିତି ଭବିଷ୍ୟତରେ ମଧ୍ୟ ଅନ୍ୟ ଏକ ମହାନ୍ ଭାରତୀୟ ମନୀଷୀ ଶ୍ରୀଅରବିନ୍ଦ ଆଧ୍ୟାତ୍ମିକତାରେ ଚୀନ ଉପରେ ବିଜୟଲାଭ କରିବେ; ଏହି ମହାଯୋଗୀ ଯିଏକି ଆଜିର ପୃଥିବୀକୁ ଗ୍ରାସ କରିଥିବା ଅନ୍ଧକାରକୁ ସମ୍ପୂର୍ଣ୍ଣରୂପେ ଦୂର କରିବା ସକାଶେ ଉର୍ଦ୍ଧ୍ୱରୁ ଆଲୋକକୁ ଅବତରଣ କରାଇଛନ୍ତି ।''

'ଚାଇନା ଭବନ'ରେ ସିନୋ-ଇଣ୍ଡିଆନ୍ ଷ୍ଟଡ଼ି ସେଣ୍ଟରରେ ହୁ ଶୁ ଅଧ୍ୟାପକ ଥିବା ସମୟରେ ଚୀନରୁ ଅନେକ ସଂଖ୍ୟକ ବିଦ୍ୱାନ୍ ଛାତ୍ର ଆସି ସେଠାରେ ଯୋଗ ଦେଇଥିଲେ । ୧୯୪୯ରେ ଯେତେବେଳେ ଚାଇନିଜ୍ କ୍ୟୁ ମିନ୍ ଟାଙ୍ଗ୍ ଗଭର୍ଣ୍ଣମେଣ୍ଟ ତାଇୱାନ୍‌କୁ ପଳାୟନ କଲେ ଏବଂ କମ୍ୟୁନିଷ୍ଟ ପାର୍ଟି 'ପିଉପିଲ୍‌ସ୍ ରିପବ୍ଲିକ୍ ପାର୍ଟି ଅଫ୍ ଚାଇନା' ଗଠନ କଲେ, ସେତେବେଳେ ଭାରତରେ ଥିବା ଚାଇନିଜ୍ ସଂସ୍ଥାକୁ ଅର୍ଥ ସାହାଯ୍ୟ ବନ୍ଦ ହୋଇଗଲା । ହୁ ଶୁ ସିଦ୍ଧାନ୍ତ ନେଲେ ଚୀନକୁ ଫେରିବେ ନାହିଁ । ସେ ସେଇଠୁ ଆଧ୍ୟାତ୍ମିକ ପଥରେ ସହ-ଅନୁଗାମିନୀ ୟୁ ୟାନ୍-ସାଂଙ୍କ ସହିତ ବାରାଣସୀ ହିନ୍ଦୁ ୟୁନିଭରସିଟିକୁ ପରିଦର୍ଶନରେ ଗଲେ । ହୁ ଶୁ ବାରାଣସୀରେ ରହି ଶାସ୍ତ୍ରୀୟ ସଂସ୍କୃତ ଅଧ୍ୟୟନ କରି କାଳିଦାସଙ୍କର 'ମେଘଦୂତ' କାବ୍ୟକୁ ଚୀନ ଭାଷାରେ ଅନୁବାଦ କରିଥିଲେ । କିନ୍ତୁ ତାନ୍ ୟାନ୍-ସାଂଙ୍କ ପାଖରୁ ଶ୍ରୀଅରବିନ୍ଦଙ୍କ ସମ୍ବନ୍ଧରେ ଜାଣିବା ପରେ ସେ ଭିତରେ ଭିତରେ ନିଜକୁ ପ୍ରସ୍ତୁତ କରୁଥିଲେ, କିପରି ଥରେ ପଣ୍ଡିଚେରୀ ଆସିବେ ।

୧୯୫୧ରେ ହୁ ଶୁ ପଣ୍ଡିଚେରୀରେ ଆସି ପହଞ୍ଚିଲେ ଏବଂ ମା'ଙ୍କ ଦର୍ଶନ ଲାଭ କଲେ । ଠିକ୍ ପରମୁହୂର୍ତ୍ତରେ ସେ ମା'ଙ୍କୁ ନିଜର ଆନ୍ତର କଥା ବ୍ୟକ୍ତ କଲେ । ମା' ଅତ୍ୟନ୍ତ ପ୍ରୀତ ହୋଇ ତାଙ୍କୁ ର୍ୟୁ ଦ୍ୟୁମା ଷ୍ଟ୍ରୀଟ୍‌ରେ ଥିବା ଏକ ବଡ଼ ଔପନିବେଶିକ କୋଠାରେ ରହିବାର ବନ୍ଦୋବସ୍ତ କରିଦେଲେ । ଏହି କୋଠାଟି ଆଶ୍ରମର ଆୟୁର୍ବେଦ ଔଷଧାଳୟର ସାମନାରେ ଥିଲା । ମା'ଙ୍କର ଏକ ନିଷ୍ଠାବାନ୍ ସେବକ ହିସାବରେ ହୁ ଶୁ ଏକାଦିକ୍ରମେ ୩୩ ବର୍ଷ କାଳ ଆଶ୍ରମରେ ରହିଥିଲେ ।

ହୁ ଶୁ ଯେତେଦିନ ଆଶ୍ରମରେ ଥିଲେ ସେ ପ୍ରତିବର୍ଷ ତାଙ୍କ ଜନ୍ମଦିନରେ ମା'ଙ୍କ ପାଖକୁ ଯାଉଥିଲେ । କିନ୍ତୁ ସେ ତାଙ୍କର ଜନ୍ମଦିନ ଚୀନ ପଞ୍ଜିକାନୁସାରେ ପାଳନ କରୁଥିଲେ । ହୁ ଶୁଙ୍କର ଜନ୍ମ ଶତବାର୍ଷିକୀ (୧୯୦୯-୨୦୦୯)ପାଳନ ଉଦ୍ଦେଶ୍ୟରେ ସୁହୃଦ୍ ବନ୍ଧୁଗଣ ଅରୋଭିଲ୍‌ରେ ଏକ ପ୍ରଦର୍ଶନୀର ଆୟୋଜନ କରିଥିଲେ । ସେମାନେ ଏହାର ଉଦ୍‌ଘାଟନ ଦିବସ ହିସାବରେ ଆନ୍ତର ପ୍ରେରଣାର ବଶବର୍ତ୍ତୀ ହୋଇ ୨୦ ଅକ୍‌ଟୋବର ୨୦୧୦ ଦିବସଟିକୁ ନିର୍ଦ୍ଧାର୍ଯ୍ୟ କରିଥିଲେ । କହିବା ବାହୁଲ୍ୟ ଚୀନ ପଞ୍ଜିକାନୁସାରେ ୨୦୧୦ରେ ହୁ ଶୁଙ୍କର ଜନ୍ମ ଦିନଟି ଥିଲା ୨୦ ଅକ୍‌ଟୋବର ।

(କ୍ରମଶଃ)

[ଏହି ପ୍ରବନ୍ଧ ତଥା ପରବର୍ତ୍ତୀ ପ୍ରବନ୍ଧଗୁଡ଼ିକ ଅରୋଭିଲ୍‌ରେ ଆୟୋଜିତ ହୋଇଥିବା ସେହି ପ୍ରଦର୍ଶନୀ 'Remembering Hu Shu'ରୁ ସଂଗୃହୀତ ।]

ସଂଗ୍ରହ ଓ ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା ❑

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୪)

## ମହେନ୍ଦ୍ର ନାଥ ସ୍ୱାଇଁ

**ପ୍ରଥମ ବିଶ୍ୱଯୁଦ୍ଧର ଛାୟା :**

ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ପୃଥିବୀରେ ଯେଉଁ ପ୍ରଦୂଷଣ ଦେଖାଦେଇଥିଲା ସେଥିପାଇଁ ମା' ଖୁବ୍ ଚିନ୍ତିତ ହୋଇ ପଡ଼ିଥିଲେ । ତାହା ଅଗଷ୍ଟ ୮, ୧୯୧୪ ପ୍ରାର୍ଥନାଟିରେ ପ୍ରତିଫଳିତ ହୋଇଛି । ମା' ଲେଖିଛନ୍ତି :

''Monstrous forces have swooped down upon the earth like a hurricane, forces dark and violent and powerful and blind. Give us strength, O Lord, to illumine them. Thy splendour must break out everywhere in them and transfigure their action : their devastating passage must leave behind it a divine sowing...''

''ଭୟଙ୍କର ଶକ୍ତିମାନେ ଝଞ୍ଜା ବେଗରେ ପୃଥିବୀପୃଷ୍ଠକୁ ସହସା ଓହ୍ଲାଇ ଆସିଛନ୍ତି । ସେହିସବୁ ପ୍ରଚଣ୍ଡ, ଅନ୍ଧକାର ବଳଶାଳୀ ଶକ୍ତିମାନେ ଅନ୍ଧଭଳି ଅଟନ୍ତି । ହେ ପରମ ପ୍ରଭୁ, ଆମକୁ ଶକ୍ତି ପ୍ରଦାନ କରନ୍ତୁ ସେମାନଙ୍କୁ ଆଲୋକିତ କରିବା ପାଇଁ । ଆପଣଙ୍କ ଦୀପ୍ତି ସର୍ବତ୍ର ସୁନିଶ୍ଚିତ ଭାବେ ବ୍ୟାପିଯାଉ, ସେମାନଙ୍କ ଭିତରେ ପ୍ରବେଶ କରି ତାଙ୍କ ରୂପ ପରିବର୍ତ୍ତନ ତଥା କାର୍ଯ୍ୟକଳାପ ବଦଳାଇ ଦେଉ : ସେମାନେ ଯେଉଁ ଧ୍ୱଂସ ସୃଷ୍ଟିକାରୀ ରାସ୍ତାରେ ଯାଉଛନ୍ତି ସେଠାରେ ଦିବ୍ୟ-ବୀଜ ବପନ କରାଯାଉ ।''

ଯୁଦ୍ଧ-ବିଧ୍ୱସ୍ତ ପୃଥିବୀର ଏକ କଳା-ଛବି ମା' ପରମ ପ୍ରଭୁଙ୍କ ସମକ୍ଷରେ ଉପସ୍ଥାପନ କରିଛନ୍ତି । ମା' ''ଧ୍ୟାନ ଓ ପ୍ରାର୍ଥନା'' ମାଧ୍ୟମରେ ଅତ୍ୟନ୍ତ ଭାବପ୍ରବଣ ହୋଇ ଉଠିଛନ୍ତି । ଆତ୍ମ ନିଶ୍ଚଳତା ଭାବର ସହିତ ପ୍ରାର୍ଥନା କରି ସେ କହିଛନ୍ତି, ''ଏହି ଯୁଦ୍ଧ ହେଉଛି ଏକ ଧ୍ୱଂସ-ସୃଷ୍ଟିକାରୀ ବ୍ୟବସ୍ଥା ।'' ଜଣେ ମାନବ ସେହି ଯୁଦ୍ଧର ରକ୍ତପାତକୁ ସମର୍ଥନ ନକରିବା କିଛି କମ୍ କଥା ନୁହେଁ । ଏହା ଭବିଷ୍ୟତ୍ ଅତିମାନବର ଦିବ୍ୟଦୃଷ୍ଟି । ମା' ଯୁଦ୍ଧକୁ ବନ୍ଦ କରିବା କଥା କହି ନାହାନ୍ତି । ଯୁଦ୍ଧର ବିଭୀଷିକାରେ ଯେଉଁ ନିଷ୍ଠୁରତା ପ୍ରକାଶ ପାଇଛି, ଯେଉଁ ରକ୍ତପାତ ଓ ଜୀବନହାନୀ ହୋଇଛି ସେସବୁର ଖୁବ୍ ଶୀଘ୍ର ଭରଣପୂରଣ ନିମନ୍ତେ ସର୍ବୋତ୍ତମ ଉତ୍ସ ପରମ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା ଉପସ୍ଥାପନ କରିଛନ୍ତି । ଏହିସବୁ ବିଷୟ ପ୍ରତିଫଳିତ ହୋଇଛି ଅଗଷ୍ଟ ୨୧, ୧୯୧୪ ପ୍ରାର୍ଥନାରେ ।

''O LORD, Lord, the whole earth is in an upheaval; it groans and suffers, it is in agony ... all this suffering that has descended upon it must not be in vain; grant that all this bloodshed may produce a swifter germination of the seeds of beauty and light and love which must blossom and cover the earth with their rich harvest. Out of the depths of this abysm of darkness the whole being of the earth cries to Thee that Thou mayst give it air and light; it is stifling, wilt Thou not come to its aid ?

"O Lord, what must we do to triumph?

"Hear us, for we must conquer at any price. Break down every resistance: appear !''

''ହେ ପ୍ରଭୁ, ପରମ ପ୍ରଭୁ, ପୃଥିବୀ ଓଲଟ-ପାଲଟ ହୋଇଯାଉଛି; କ୍ଲେଶ ଓ ଯନ୍ତ୍ରଣାରେ ଜର୍ଜରିତ ହୋଇ ଆର୍ତ୍ତନାଦ କରୁଛି ... ଏହି ଯେତେ ଦୁଃଖକଷ୍ଟ ପୃଥିବୀପୃଷ୍ଠକୁ ଓହ୍ଲାଇ ଆସିଛି ତାହା ନିଶ୍ଚିତ ଭାବରେ ନିଷ୍ଫଳ ହେବ ନାହିଁ; ବୃଥା ଯିବ ନାହିଁ । ହେ ପ୍ରଭୁ ! ଏହି ବରପ୍ରଦାନ କର ଯେପରି ଏହି ରକ୍ତପାତ ମଧ୍ୟରେ ସୌନ୍ଦର୍ଯ୍ୟ, ଆଲୋକ ଓ ପ୍ରେମର ବୀଜଗୁଡ଼ିକରେ ଶୀଘ୍ର ଅଙ୍କୁରୋଦ୍‌ଗମ ହେବ । ଯେଉଁଗୁଡ଼ିକ ନିଶ୍ଚିତ ଭାବରେ ପୁଷ୍ପିତ ହୋଇଉଠିବେ ଏବଂ ଏହାର ମହାର୍ଘ ଉତ୍ପାଦନରେ ସମଗ୍ର ପୃଥିବୀପୃଷ୍ଠକୁ ଆଚ୍ଛାଦିତ କରିଦେବେ । ଏହି ଅନ୍ଧକାରର ଗଭୀର ଗହ୍ୱର ଭିତରୁ ପୃଥିବୀର ସାମଗ୍ରିକ ସତ୍ତା ଆପଣଙ୍କୁ ଆକୁଳ ଚିତ୍କାର କରି ଡାକୁଛି – ଆପଣ ତାକୁ ସମ୍ପୂର୍ଣ୍ଣ ଶୁଦ୍ଧ ବାୟୁ ଓ ଆଲୋକ ପ୍ରଦାନ କରନ୍ତୁ; ତା'ର ଶ୍ୱାସରୋଧ ହୋଇ ଯାଉଛି,

ଆପଣ କ'ଣ ତା' ଆଡ଼କୁ ସାହାଯ୍ୟର ହସ୍ତ ପ୍ରସାରିତ କରିବେ ନାହିଁ ?

''ହେ ପ୍ରଭୁ ! ବିଜୟ ହାସଲ କରିବା ପାଇଁ ଆମେ କ'ଣ କରିବା ଉଚିତ ?

''ହେ ପ୍ରଭୁ ! ଆମ କଥା ଶୁଣନ୍ତୁ, ଆମେ ନିଶ୍ଚିତ ଭାବରେ ଯେକୌଣସି ମୂଲ୍ୟ ଦେଇ ବିଜୟ ହାସଲ କରିବୁ । ସକଳ ବାଧାବିଘ୍ନକୁ ଚୂର୍ଣ୍ଣ କରି ଦିଅନ୍ତୁ : ଅବତରି ଆସନ୍ତୁ !''

(ଅଗଷ୍ଟ ୨୧, ୧୯୧୪)

ପରମ ପ୍ରଭୁଙ୍କ ସମ୍ମୁଖରେ ଉକ୍ତ ପ୍ରାର୍ଥନାଟିର ଉପସ୍ଥାପନର ଗାମ୍ଭୀର୍ଯ୍ୟତା ପ୍ରାରମ୍ଭରୁହିଁ ଅନୁଭୂତ ହେଉଛି । ମା' ''ପ୍ରଭୁ'' (Lord) ଶବ୍ଦଟିକୁ ଦୁଇ ଥର ଉଚ୍ଚାରଣ କରିଛନ୍ତି । ଏଥିରୁ ପୃଥିବୀର ଦୁଃଖରେ ମା' ଅସ୍ଥିର ହୋଇ ପଡ଼ିଥିବାର ସୂଚନା ମିଳେ । ଗ୍ରୋନ୍‌ସ (groans) ଏବଂ ସଫର୍ସ (suffers) କ୍ରିୟା ଶବ୍ଦ ଦୁଇଟିରୁ ମା' ଭୂଲୁଣ୍ଠିତ ଗ୍ରହ ପୃଥିବୀ (Planet) ସହିତ କିପରି ଏକାକାର ହୋଇଯାଇ ନିଜକୁ ତା' ଭିତରେ ହଜାଇ ଦେଇଛନ୍ତି ତାହାର ସୂଚନା ମିଳୁଛି । ମା' ସାଧାରଣ ଲୋକଙ୍କ ପରି ''ଯୁଦ୍ଧ ବନ୍ଦ ହେଉ, ଶାନ୍ତି ପ୍ରତିଷ୍ଠିତ ହେଉ'' ବୋଲି ପ୍ରାର୍ଥନାରେ ଉଲ୍ଲେଖ କରି ନାହାନ୍ତି । କହିଛନ୍ତି ''ହେ ପ୍ରଭୁ ! ଏହି ରକ୍ତପାତ ପରିଶେଷରେ ସୌନ୍ଦର୍ଯ୍ୟ, ଆଲୋକ ଓ ପ୍ରେମରେ ରୂପାନ୍ତରିତ ହୋଇଯାଉ ।'' ସେ ତତ୍କାଳୀନ ବିଶୃଙ୍ଖଳାର କାରଣକୁ ହୃଦୟଙ୍ଗମ କରି ପାରିଛନ୍ତି, କିନ୍ତୁ ତାକୁ ସହ୍ୟ କରି ପାରି ନାହାନ୍ତି । ପ୍ରାର୍ଥନାଟିରେ ପରିଷ୍କାର ଭାବରେ ଆଶାପୋଷଣ କରାଯାଇଛି, ''ଯଥାଶୀଘ୍ର ସୌନ୍ଦର୍ଯ୍ୟ, ଆଲୋକ ଓ ପ୍ରେମର ବୀଜ ମଧ୍ୟରୁ ଅଙ୍କୁରୋଦ୍‌ଗମ ହେଉ, ପୃଥିବୀ ପୁଷ୍ପିତ ହୋଇଉଠୁ ଏବଂ ମହାର୍ଘ ଉତ୍ପାଦନରେ ଭରପୂର ହୋଇଯାଉ ।''

ଅଗଷ୍ଟ ୨୫, ୧୯୧୪ ପ୍ରାର୍ଥନାଟିରେ ପୁନଶ୍ଚ ଅନ୍ଧକାରର ଛାୟା ପ୍ରତ୍ୟାବର୍ତ୍ତନ କରିଛି । ଉପର ପ୍ରାର୍ଥନାଟିର ଚିତ୍ରମାନେ ବାରଂବାର ଦେଖା ଦେଇଛନ୍ତି । ବୋଧହୁଏ ମା' ନିରବଚ୍ଛିନ୍ନ ଭାବରେ ପୃଥିବୀର ଆର୍ତ୍ତଚିତ୍କାର ଶୁଣିପାରିଛନ୍ତି । ଯଥା –

''O Lord, the earth groans and suffers; chaos has made this world its abode.''

''ହେ ପ୍ରଭୁ, ଏହି ପୃଥିବୀ ଯନ୍ତ୍ରଣାରେ ଛଟପଟ ହେଉଛି, ଅସ୍ଥିର ହୋଇଉଠୁଛି, ଆର୍ତ୍ତ-ଚିତ୍କାର କରୁଛି; ବିଶୃଙ୍ଖଳିତ ପରିସ୍ଥିତି ପୃଥିବୀରେ ଘର କରି ରହିଗଲାଣି ।''

ଅଗଷ୍ଟ ୩୧, ୧୯୧୪ ପ୍ରାର୍ଥନାରେ ମା', ''ଭୟ ସୃଷ୍ଟିକାରୀ ବିଶୃଙ୍ଖଳା'' ଏବଂ ''ଭୟଙ୍କର ଧ୍ୱଂସ'' କଥା କହିଛନ୍ତି । ପୁନଶ୍ଚ ସେପ୍‌ଟେମ୍ବର ୪, ୧୯୧୪ ପ୍ରାର୍ଥନାର ଉପକ୍ରମ ବାକ୍ୟଟିରେ ମଧ୍ୟ ପ୍ରଥମ ବିଶ୍ୱଯୁଦ୍ଧର ବିଭୀଷିକା ପ୍ରତିଫଳିତ ହୋଇଛି । ମା' କହୁଛନ୍ତି :

''DARKNESS has descended upon the earth, thick, violent, victorious... All is sadness, terror, destruction in the physical world, and the splendour of Thy light of love seems darkened by a veil of mourning...''

''ଅନ୍ଧକାର ପୃଥିବୀପୃଷ୍ଠକୁ ଅବତରଣ କରିଛି; ଘନ, ବିଶୃଙ୍ଖଳିତ, ବିଜୟ-ଗର୍ବରେ ଉନ୍ମତ୍ତ... ଭୌତିକ ପୃଥିବୀରେ ସର୍ବତ୍ର ଦୁଃଖ, ଆତଙ୍କ, ଧ୍ୱଂସର ଲୀଳା । ଆପଣଙ୍କର ଆଲୋକ ଏବଂ ପ୍ରେମର ଜାଜ୍ୱଲ୍ୟମୟ ମୁଖ ଅନ୍ଧକାର ଦ୍ୱାରା ଆବୃତ ହୋଇ ବିଳାପ କରୁଛି ।

ସମଗ୍ର ପୃଥିବୀ ମା'ଙ୍କର କର୍ମକ୍ଷେତ୍ର । ସେଥିପାଇଁ ପ୍ରଥମ ବିଶ୍ୱଯୁଦ୍ଧକୁ ନେଇ ମା' ଅଧିକ ଭାବପ୍ରବଣ ହୋଇ ଉଠିଛନ୍ତି । ତାଙ୍କ ନିଜ ଭିତରର ଦୁଃଖଦ ଅନୁଭୂତିସବୁ ଏତାଦୃଶ ପ୍ରାର୍ଥନାଗୁଡ଼ିକରେ ପ୍ରତିଫଳିତ ହୋଇଛି ।

ସେପ୍‌ଟେମ୍ବର ୯, ୧୯୧୪ରେ ମା' ଲେଖନ୍ତି :

''ଏହି ବିଶ୍ୱ ଦୁଇଟି ପରସ୍ପର ବିରୋଧିଶକ୍ତିରେ ବିଭକ୍ତ ହୋଇଯାଇ ନିଜ ନିଜର ଅଧିକାର ଜାହିର କରିବା ନିମନ୍ତେ ଯୁଦ୍ଧ କରୁଛନ୍ତି, ଏବଂ ହେ ପରମ ପ୍ରଭୁ ! ପ୍ରତ୍ୟେକେ ସମାନ-ଭାବରେ ଆପଣଙ୍କ ନିୟମର ବିରୋଧାଚରଣ କରି ଚାଲିଛନ୍ତି ।''

ମା'ଙ୍କର ''ଧ୍ୟାନ ଓ ପ୍ରାର୍ଥନା''ରେ ପ୍ରଥମ ବିଶ୍ୱଯୁଦ୍ଧର ପ୍ରତିଫଳନ ଏହି କତିପୟ ପ୍ରାର୍ଥନାମାନଙ୍କରେ ପରିଲକ୍ଷିତ ହୋଇଥାଏ । ଯେ କୌଣସି କବି ବା ଲେଖକ ସେମାନେ ବାସ କରୁଥିବା ଯୁଗର ପ୍ରଭାବରୁ ମୁକ୍ତ ହୋଇପାରନ୍ତି ନାହିଁ । ମା'ତ ଦିବ୍ୟଜନନୀ, ସମଗ୍ର ବିଶ୍ୱ ତାଙ୍କର କର୍ମକ୍ଷେତ୍ର, ସେ ତାଙ୍କର ଏହି ଯୁଦ୍ଧ-ପ୍ରଭାବିତ ଅନୁଭବକୁ ପ୍ରାର୍ଥନା ମାଧ୍ୟମରେ ପ୍ରକାଶ କରିଛନ୍ତି ।

(କ୍ରମଶଃ) ❑

**ତଥ୍ୟ ନିର୍ଦ୍ଦେଶିକା**

(୧) ଧ୍ୟାନ ଓ ପ୍ରାର୍ଥନା - ଶ୍ରୀମା; (୨) Notes on Prayers and Meditation - Goutam Ghosal

# ଶ୍ରୀମାଙ୍କର ପ୍ରଥମ ଦର୍ଶନ ଓ କିଛି ଅନୁଭୂତି

## ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ

ପ୍ରଣବ ଦା' ଲେଖିଛନ୍ତି :

୧୯୩୪ ମସିହାରୁ ଆମ ପରିବାରର ପଣ୍ଡିଚେରୀ ଶ୍ରୀଅରବିନ୍ଦ ଆଶ୍ରମ ସହିତ ସମ୍ପର୍କ ରହିଥିଲା । ଆମେ ବେଳେ ବେଳେ ଆଶ୍ରମରୁ ଶ୍ରୀଅରବିନ୍ଦ ଓ ଶ୍ରୀମାଙ୍କର ବହି, ଆଶୀର୍ବାଦ ପୁଷ୍ପ ଓ ବାଣୀ ପାଉଥିଲୁ । ୧୯୪୨ ମସିହାରେ ମୁଁ ପ୍ରଥମଥର ଶ୍ରୀଅରବିନ୍ଦ ଆଶ୍ରମକୁ ଆସିଥିଲି । ମୁଁ ଯେଉଁଦିନ ପ୍ରଥମ କରି ଶ୍ରୀମାଙ୍କୁ ଦେଖିଲି, ମୋର ମନେହେଲା ସେ ଯେପରି ପ୍ରକୃତରେ ଜଣେ ଦେବୀ – ସେ ଅସୀମା ବିଶ୍ୱରୂପା ଜନନୀ । ମା' ସ୍ୱୟଂ ଦିବ୍ୟପ୍ରେମର ମାନୁଷୀ ପ୍ରତିମା । ତାଙ୍କୁ ଦର୍ଶନ କଲାବେଳେ ମୁଁ ମନ୍ତ୍ରମୁଗ୍ଧ ଭାବେ ତାଙ୍କ ମୁହଁକୁ କିଛି ସମୟ ଚାହିଁ ରହିଥିଲି । ତାଙ୍କ ପାଖରେ ଠିଆ ହେଲାବେଳେ ମୋର ସମଗ୍ର ଶରୀରରେ ଏକ ଶାନ୍ତିର ହିଲ୍ଲୋଳ ଖେଳି ଯାଉଥିଲା । ମୁଁ ମନେ ମନେ ସ୍ଥିର କଲି ତାଙ୍କ ପଣତକାନିରେ ଚିରଦିନ ବନ୍ଧାହୋଇ ରହିବି । କିନ୍ତୁ ସେଥର ଶ୍ରୀମାଙ୍କୁ ଭୂମିଷ୍ଠ ପ୍ରଣାମ କରି ତାଙ୍କଠାରୁ ଆଶୀର୍ବାଦ ନେଇ ମୋତେ ଫେରିଆସିବାକୁ ହୋଇଥିଲା କଲିକତାକୁ ।

*

ମା'ଙ୍କ ସହିତ ମୋର ପ୍ରଥମ ଦର୍ଶନରେ ଆମେ କେହି କୌଣସି କଥା କହି ନଥିଲୁ । କିନ୍ତୁ ଅନୁଭବ କରିଥିଲି, ମା' ମୋ ଉପରେ ବିଶେଷ କୃପା ବର୍ଷଣ କରିଥିଲେ । ସେଇ କୃପାଦାନ ଉତ୍ତରୋତ୍ତର ବଢ଼ିବାକୁ ଲାଗିଲା, ମା କ୍ରମେ ମୋତେ ତାଙ୍କର ସ୍ନେହାବେଷ୍ଟନ ମଧ୍ୟକୁ ଟାଣିନେଲେ ।

୧୯୪୫ ମସିହାରେ ମୁଁ ପଣ୍ଡିଚେରୀ ଆସି ସବୁଦିନ ପାଇଁ ଆଶ୍ରମବାସୀ ହୋଇ ଶ୍ରୀଅରବିନ୍ଦ ଆଶ୍ରମରେ ରହିଗଲି । ମୁଁ ଆସିବା ପରେ ଶ୍ରୀମା ମୋର ବକ୍ସିଂ କରିବାକୁ ଭଲପାଇବା ଓ ଶାରୀରିକ ଶିକ୍ଷା ପାଇଁ ଆଗ୍ରହ ବିଷୟ ଜାଣି ମୋତେ ଆଶ୍ରମର ଶାରୀରିକ ଶିକ୍ଷା ପାଇଁ ସମସ୍ତ ଦାୟିତ୍ୱ ଦେଇଦେଲେ । ମୁଁ ପ୍ରାଣପଣେ ଆଶ୍ରମର ଶାରୀରିକ ଶିକ୍ଷାର ଉନ୍ନତି କରିବା ପାଇଁ ଲାଗିପଡ଼ିଲି । ଶ୍ରୀମାଙ୍କର ଆଶୀର୍ବାଦରୁ ମୁଁ ଏହାର ଉନ୍ନତି କରିବା ପାଇଁ ଯାହା ଯାହା ପ୍ରସ୍ତାବ ଦେଉଥିଲି, ସେଥିରେ ମା' ରାଜି ହୋଇ ସେହି ଅନୁସାରେ ବ୍ୟବସ୍ଥା କରୁଥିଲେ । ଏପରିକି ଝିଅମାନେ ଖେଳ କସରତ କଲାବେଳେ ପ୍ୟାଣ୍ଟ, ସାର୍ଟ ଓ କିଟିକ୍ୟାପ ପିନ୍ଧିବା ପାଇଁ ପ୍ରସ୍ତାବ ଦେବାରୁ ଶ୍ରୀମା ନିଜେ ତାହାକୁ ଖୁବ୍ ଆନନ୍ଦରେ ଅନୁମୋଦନ କରି ତାହା ପ୍ରଚଳିତ କରାଇଥିଲେ ।...

*

ମା' ଯାହାକିଛି କରୁଥିଲେ ସେସବୁକୁହିଁ ଏକ ମହତ୍ ଆଧ୍ୟାତ୍ମିକ ଲକ୍ଷ୍ୟ ସ୍ଥିର କରି କରୁଥିଲେ । ଶିକ୍ଷା ଓ ଶିଶୁମାନଙ୍କର ଖେଳାଖେଳି ବି ତା'ର ବ୍ୟତିକ୍ରମ ନୁହେଁ । ଶିଶୁମାନଙ୍କର ଖେଳାଖେଳିହିଁ କ୍ରମେ ରୂପ ନେଲା ଶାରୀର-ଶିକ୍ଷାରେ । ସାଧାରଣ ଶିକ୍ଷାକ୍ରମ ମାଧ୍ୟମରେ ଏବଂ ବିଶେଷ କରି ଶାରୀର-ଶିକ୍ଷା ମାଧ୍ୟମରେ, ପିଲାମାନଙ୍କୁ ପୂର୍ଣ୍ଣାଙ୍ଗ-ସିଦ୍ଧିର ଉପଯୋଗୀ କରି ଗଢ଼ି ତୋଳିବାକୁ ମା' ଚାହୁଁଥିଲେ; ଯାହାକି ପରିଶେଷରେ ସେମାନଙ୍କୁ ନେଇଯିବ ପୂର୍ଣ୍ଣ ରୂପାନ୍ତର ଦିଗରେ । ଯାହାର ଚରମ ଲକ୍ଷ୍ୟ ଶାରୀର-ରୂପାନ୍ତର ସିଦ୍ଧି ।

ମା ମୋତେ ତାଙ୍କର ଯନ୍ତ୍ର କରି ଶାରୀର-ଶିକ୍ଷା ସଂଗଠନ ଗଢ଼ି ତୋଳିଲେ ।

(ହଠାତ୍ ମନେ ପଡ଼େ, ପୃଷ୍ଠା ୩୦୨)

*

ପ୍ରଣବ ଦା'ଙ୍କୁ ଥରେ ପ୍ରଶ୍ନ କରାଯାଇଥିଲା,
*ମା'ଙ୍କ ସହିତ ଆପଣଙ୍କର ସମ୍ପର୍କ କି ଧରଣର ?...*

ଉତ୍ତରରେ ପ୍ରଣବ ଦା' କହିଥିଲେ, ମା'ଙ୍କ ସହିତ ମୋର ସମ୍ପର୍କ – ସନ୍ତାନ ଓ ମାଆର, ଗୁରୁ ଓ ଶିଷ୍ୟର, ଦିଶାରୀ ଓ ଅନୁରାଗୀର ଏବଂ ଯଥାର୍ଥ ବନ୍ଧୁତ୍ୱର... ।

(ହଠାତ୍ ମନେ ପଡ଼େ, ପୃଷ୍ଠା ୩୩୧)

ସଂଗ୍ରହ ଓ ଉପସ୍ଥାପନା : ପ୍ରୀତି ପଟ୍ଟନାୟକ

❑❑❑

# ଶୁଭେଚ୍ଛା ହୃଦୟର

## (୧)

## ସୂର୍ଯ୍ୟକାନ୍ତି ମହାନ୍ତି

ମାନବଜାତି ହେଉଛି ଏକ ବିବର୍ତ୍ତନଶୀଳ ବିସ୍ମୟ । ବିକାଶ ଶିଡ଼ିର ସର୍ବୋଚ୍ଚ ପାହାଚରେ ବିରାଜମାନ ହୋଇ ମସ୍ତିଷ୍କ ଓ ହୃଦୟର ଚମତ୍କାରିତାର ଅଧିକାରୀ ଏହି ମଣିଷ । ମସ୍ତିଷ୍କର ବୋଧଶକ୍ତି ଏବଂ ହୃଦୟର ଭାବାବେଗ ମନୁଷ୍ୟର କ୍ଷମତା ଓ ସାମର୍ଥ୍ୟର ପରିସରକୁ ପ୍ରଶସ୍ତ କରିଛି । ଫଳରେ ତା' ଭାବନାର ଭଣ୍ଡାର ବ୍ୟାପକ ଓ ବିବିଧତାପୂର୍ଣ୍ଣ ହୋଇଛି । ତେବେ ଆନନ୍ଦ ଆଦିମ ଭାବନା ମଧ୍ୟରେ ଅନ୍ୟତମ । ଏହାର ଅନୁଭବ ସ୍ୱର୍ଗୀୟ ଏବଂ ଅଭିବ୍ୟକ୍ତି ଦୀପ୍ତିମୟ ଯାହା ମନକୁ ଉନ୍ମୁକ୍ତ କରି ଆତ୍ମାକୁ ଆଲୋକିତ କରିଥାଏ । ଜଣେ ପ୍ରସନ୍ନଚିତ୍ତ କୃଷକ ଯେତେବେଳେ ପୂର୍ଣ୍ଣ ଫସଲର ଅମଳ ଦର୍ଶନ କରି ବିଭୋର ହୋଇଉଠେ, ତା' ମନରେ ରଙ୍ଗିନ ଫୁଲ ଫୁଟି ଉଠେ ଏବଂ ହୃଦୟରେ ତା'ର ସୁବାସକୁ ଅନୁଭବ କରେ । ଏହିପରି ଅନେକ ଛୋଟବଡ଼ ଘଟଣାରେ ମଣିଷ ମୁଗ୍ଧ ହୋଇଥାଏ । ଏହି ଆନନ୍ଦର ଅନୁଭୂତିକୁ ସେ ଅନ୍ୟମାନଙ୍କ ମଧ୍ୟରେ ବିତରଣ କରିବାକୁ ଯାଇ ଶୁଭ କାମନାର ସନ୍ଦେଶ ପ୍ରେରଣ କରିଥାଏ । ଏହା ଫଳରେ ପାରସ୍ପରିକ ଉତ୍ତମ ସମ୍ପର୍କ ରକ୍ଷା ହୋଇଥାଏ ।

ସଦିଚ୍ଛା ପ୍ରକାଶର ଭାବକୁ ଅଭିବ୍ୟକ୍ତ କରିବାର ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ହେଲା ଶୁଭକାମନା । ବ୍ୟାପକ ଅର୍ଥରେ କହିବାକୁ ଗଲେ ଲୋକମାନଙ୍କ ମଧ୍ୟରେ ସାମାଜିକ ସମ୍ପର୍କ ରକ୍ଷା କରିବାରେ ଶୁଭେଚ୍ଛା ଭାବ ମଧୁର ଓ ମଙ୍ଗଳମୟ ହୋଇଥାଏ । ଏପରିକି ଶୁଭେଚ୍ଛାର ବାର୍ତ୍ତାଟିଏ ମଣିଷ ଜୀବନରେ ବିଶେଷ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । ମଣିଷ ମଣିଷ ଭିତରେ ସୁସମ୍ପର୍କ ରକ୍ଷା କରିବାରେ ସଦିଚ୍ଛାର ସନ୍ଦେଶଟିଏ ଏକ ଅତି ଉନ୍ନତ ସଂସ୍କୃତି ବହନ କରେ । ଶତାବ୍ଦୀ ଶତାବ୍ଦୀ ଧରି ଏହି ଶୁଭେଚ୍ଛାର ବାର୍ତ୍ତା ବିଭିନ୍ନ ଭାବରେ ପ୍ରେରଣ କରାଯାଇ ଆସୁଛି । ପୁରାତନ ଯୁଗରେ ଗୁଡ଼ା ହୋଇଥିବା ଅଳଙ୍କୃତ କାଗଜରେ ଲିଖିତ ପତ୍ର ଏବଂ ସୁନା, ରୁପା ଓ ତାମ୍ର ଫଳକ ଉପରେ ଅଙ୍କିତ ଲେଖାଠାରୁ ଆରମ୍ଭ କରି ଆଧୁନିକ ଯୁଗରେ ଡାକ ଓ ଇଲେକ୍ଟ୍ରୋନିକ୍ ମାଧ୍ୟମ ଦ୍ୱାରା ସଦିଚ୍ଛା ଆସିପାରୁଛି ।

ଅତୀତରେ ଯୁଦ୍ଧରେ ବିଜୟୀ ବୀରଙ୍କ ଉଦ୍ଦେଶ୍ୟରେ, ସାମାଜିକ ଜୀବନରେ ବିଭିନ୍ନ ପର୍ବ ପାଳନରେ ଏବଂ ବ୍ୟକ୍ତିଗତ ଜୀବନରେ ଜନ୍ମଦିନ ଉପଲକ୍ଷେ ଶୁଭକାମନାର ବାର୍ତ୍ତା ପ୍ରେରଣ ପ୍ରଥା ରୂପେ ପ୍ରଚଳିତ ଥିଲା । ଆଧୁନିକ ଯୁଗରେ ନବବର୍ଷ, ମାତୃପିତୃ ଦିବସ, ଭ୍ରାତୃ ଦିବସ, ବନ୍ଧୁତ୍ୱ ଦିବସ, ପ୍ରେମ ଦିବସ ଆଦିରେ ଏବଂ ବିଭିନ୍ନ ଉତ୍ସବ ପାଳନରେ ତଥା ଜଣକର ଶାରୀରିକ ସୁସ୍ଥତା କାମନା କରିବାରେ, ସମ୍ମାନସହ ସ୍ୱାଗତ କରିବାରେ, ଧନ୍ୟବାଦ ଦେବାରେ, କୃତଜ୍ଞତା ପ୍ରକାଶ କରିବାରେ, ପରୀକ୍ଷାରେ କୃତୀ ଶିକ୍ଷାର୍ଥୀ ଓ ପ୍ରତିଯୋଗିତାରେ ବିଜୟୀ ପ୍ରାର୍ଥୀଙ୍କୁ ଅଭିନନ୍ଦିତ କରିବାରେ, ଚିଠିପତ୍ରର ପ୍ରାପ୍ତି ସ୍ୱୀକାରରେ ଏବଂ ଏପରିକି ବିଦାୟ ସମ୍ଭାଷଣରେ ମଧ୍ୟ ଶୁଭେଚ୍ଛା ଜ୍ଞାପନ କରାଯାଏ । ଏହା ଭଦ୍ରତା, ନମ୍ରତା ଓ ସମ୍ମାନବୋଧକୁ ସୂଚିତ କରେ ।

ପୃଥିବୀର ପ୍ରାୟ ସମସ୍ତ ସଭ୍ୟତାରେ ନିଜ ନିଜ ସଂସ୍କୃତିରେ ଭିନ୍ନ ଭିନ୍ନ ଭାବରେ ଶୁଭକାମନା ବା ଶୁଭେଚ୍ଛାର ବ୍ୟବହାର ଅଛି । ଆମ ଦେଶରେ ରଙ୍ଗ ବେରଙ୍ଗର ଉତ୍ସବ ପାଳନ ପ୍ରାୟ ବର୍ଷ ତମାମ ଚାଲିଥାଏ, ଯେପରିକି ଏହାର ଶେଷ ନାହିଁ । ଭାରତ ଏପରି ଏକ ଦେଶ ଯେଉଁଠି ପରିଦୃଶ୍ୟ ହୁଏ ବୈଷମ୍ୟର ବିବିଧ ରଙ୍ଗମଞ୍ଚ, ବିଭିନ୍ନ ପ୍ରଥା, ଐତିହ୍ୟ ଓ ପରମ୍ପରାର ଇନ୍ଦ୍ରଧନୁ, ବହୁ ଭାଷା ଓ ପରିଧାନର ପୁଷ୍ପମାଲ୍ୟ । ବାସ୍ତବରେ ଭାରତ ହେଉଛି ଏକ କ୍ଷୁଦ୍ର ବିଶ୍ୱର ନମୁନା । ଏପରି ଏକ ଦେଶରେ ବର୍ଷର ଅଧିକାଂଶ ସମୟରେ ଶୁଭେଚ୍ଛା ବାର୍ତ୍ତାର ପ୍ରେରଣ ଏବଂ ଉପହାର ପ୍ରଦାନ ପ୍ରାୟ କ୍ରମାଗତ ଚାଲିଥାଏ ।

ଶୁଭକାମନା ଓ ସମ୍ମାନ ପାଇଁ ଓଡ଼ିଆରେ 'ନମସ୍କାର' ବା 'ନମସ୍ତେ', ତାମିଲରେ 'ୱାଣକ୍କାମ୍', ତେଲୁଗୁରେ ଏକବଚନରେ 'ଦାଣ୍ଡମ୍' ବା 'ନମସ୍କାରମ୍' ଏବଂ ବହୁ ବଚନରେ 'ଦାଣ୍ଡାଲୁ' ବା 'ନମସ୍କାରାଲୁ', କାନାଡ଼ା (କର୍ଣ୍ଣାଟକୀ ଭାଷା)ରେ 'ନମସ୍କାର' ବା 'ନମସ୍କାରଗାଲୁ', ମାଲୟାଲମ୍(କେରଳୀ ଭାଷା)ରେ 'ନମସ୍କାର' । ଅସମୀୟାରେ 'ନମୋସ୍କାର' ଏବଂ ହିନ୍ଦୀ, ଗୁଜରାଟୀ, ପଞ୍ଜାବୀ ଓ ରାଜସ୍ଥାନୀ ଭାଷାରେ 'ନମସ୍କାର'

ବା ନମସ୍ତେ କୁହାଯାଏ । ଭୋଜପୁରୀ ଭାଷାରେ ପ୍ରଣାମକୁ 'ଗୋଡ଼ଲାଗି' ବା 'ପାଉଁଲାଗି' କୁହାଯାଏ । ସେହିପରି ଇଂରାଜୀରେ 'ଗ୍ରୀଟିଂସ୍' ଓ 'ଗୁଡ୍‌ଡ଼େ', ଫ୍ରେଞ୍ଚରେ 'ବଁଜୁର', ଇଟାଲିଆନ୍‌ରେ 'ସିଆଓ', ହାୱାଇଆନ୍‌ରେ 'ଆଲୋହା', ହିବ୍ରୁ୍ୟରେ 'ସାଲୋମ୍' ଆଦି କୁହାଯାଏ । ଶୁଭେଚ୍ଛା ଜଣାଇବା ପାଇଁ ବିଭିନ୍ନ ପ୍ରକାର ଅଙ୍ଗଭଙ୍ଗୀର ପ୍ରଦର୍ଶନ ମଧ୍ୟ କରାଯାଏ, ଯେପରି କରମର୍ଦ୍ଦନ, ଆଲିଙ୍ଗନ, ହସ, ଦୁଇ ହାତ ଯୋଡ଼ି ମୁଣ୍ଡ ନୁଆଁଇବା ଇତ୍ୟାଦି ।

ଚୀନାମାନେ ଡାହାଣ ପାପୁଲିକୁ ବାମ ପାପୁଲି ଉପରେ ରଖି କରମର୍ଦ୍ଦନ କରନ୍ତି । ଏପ୍ରକାର ପ୍ରଦର୍ଶନ ସାଧାରଣତଃ ସ୍ୱାଗତ, ବିଦାୟ, ଧନ୍ୟବାଦ ଦେବା ଓ କ୍ଷମା ମାଗିବା ସମୟରେ କରାଯାଏ । ହିନ୍ଦୁମାନଙ୍କର 'ନମସ୍କାର' ଏବଂ ଶିଖମାନଙ୍କର 'ସତ୍ ଶ୍ରୀଆ କାଲ' ପ୍ରାୟଶଃ ସମାନ । ଉଭୟରେ ଯୋଡ଼-ହସ୍ତରେ ମୁଣ୍ଡ ନୁଆଁଇବାକୁ ହୁଏ ।

ଜାଭାର ପରମ୍ପରା ଅନୁଯାୟୀ ଶୁଭକାମନାକୁ କୁହାଯାଏ 'ସୁଂକେମ୍' । ଏଥିରେ ଦୁଇ ହସ୍ତରେ ଧୀରେ ଧୀରେ ତାଳି ମରାଯାଏ । ଯେତେବେଳେ ମଥା ତଳ ଆଡ଼କୁ ନଇଁ ଥାଏ, ସେହି ସମୟରେ ନାରୀମାନେ 'ସାୱାଦିକା' ଏବଂ ପୁରୁଷମାନେ 'ସାୱାଦି କ୍ରାପ୍' କହିଥା'ନ୍ତି । ଆଜିକାଲି ଯୁକ୍ତରାଷ୍ଟ୍ର ଆମେରିକାରେ ମଧ୍ୟ 'ନମସ୍ତେ' କହିବା ଚାଲିଛି । ଯୋଗ କ୍ଲାସରେ ନମସ୍ତେକୁ ଆଧ୍ୟାତ୍ମିକ ଶୁଭେଚ୍ଛା ଅର୍ଥରେ ଗ୍ରହଣ କରାଯାଏ ।

ନମସ୍ତେ ବା ନମସ୍କାର ହିନ୍ଦୁଧର୍ମରେ ଏକ ପ୍ରଥାରୂପେ ପ୍ରଚଳିତ । ନମସ୍କାର କହିବା ବେଳେ ଦୁଇପାପୁଲି ଓ ଅଙ୍ଗୁଳିଗୁଡ଼ିକ ପରସ୍ପରକୁ ଲାଗିକରି ଉପର ଆଡ଼କୁ ରହେ ଏବଂ ଦୁଇ ପାପୁଲି ମଧ୍ୟରେ ସାମାନ୍ୟ ଫାଙ୍କ ଥାଏ । ବୃଦ୍ଧାଙ୍ଗୁଷ୍ଠି ଦ୍ୱୟ ବକ୍ଷର ଖୁବ୍ ନିକଟରେ ରହେ । ମଥା ଆଗକୁ ଟିକେ ନୁଆଁଇବାକୁ ହୁଏ । ଏହାକୁ ମଧ୍ୟ 'ଆତ୍ମାଞ୍ଜଳି ମୁଦ୍ରା' କୁହାଯାଏ । ଏହି ମୁଦ୍ରା କରିବା ଫଳରେ ମସ୍ତିଷ୍କର ବାମ ଗୋଲାର୍ଦ୍ଧ ଓ ଦକ୍ଷିଣ ଗୋଲାର୍ଦ୍ଧ ସନ୍ତୁଳିତ ଅବସ୍ଥାରେ ରହୁଥିବାରୁ ମନ ଶାନ୍ତ ଏବଂ ଶରୀର ସୁସ୍ଥ ରହେ । ଅବଶ୍ୟ ବିନା ମୁଦ୍ରାରେ 'ନମସ୍କାର' କୁହାଯାଇପାରେ କିଂବା ବିନା କଥାରେ ମୁଦ୍ରା କରାଯାଇପାରେ ।



(ଚିତ୍ର : ଆତ୍ମାଞ୍ଜଳି ମୁଦ୍ରା)

ମନ୍ଦିରରେ ପୂଜା ସମୟରେ ଷୋଡ଼ଶୋପଚାର ମଧ୍ୟରୁ ନମସ୍କାର ଏକ ଅଂଶ ବିଶେଷ । ଷୋଡ଼ଶୋପଚାର ଯଥା : ଆସନ, ସ୍ୱାଗତ, ଅର୍ଘ୍ୟ, ପାଦ୍ୟ, ଆଚମନୀୟ, ମଧୁପର୍କ, ସ୍ନାନ, ବସନ-ଆଭରଣ, ସୁଗନ୍ଧ, ପୁଷ୍ପ, ଧୂପ, ଦୀପ, ନୈବେଦ୍ୟ, ମାଲ୍ୟ, ନମସ୍କାର, ବିସର୍ଜନ ।

ସେହିପରି ନମସ୍କାର ମଧ୍ୟ 'ପ୍ରଣାମ'ର ଛଅଟି ରୂପରୁ ଏକ ରୂପ ଅଟେ । ଛଅ ରୂପ ଯଥା : – ଅଷ୍ଟାଙ୍ଗ, ସାଷ୍ଟାଙ୍ଗ, ପଞ୍ଚାଙ୍ଗ, ଦଣ୍ଡବତ, ନମସ୍କାର, ଅଭିନନ୍ଦନ ।

'ନମସ୍ତେ' ଏକ ସଂସ୍କୃତ ଶବ୍ଦ । ଏହା ଅନ୍ୟ ଦୁଇଟି ଶବ୍ଦର ସନ୍ଧିରୁ ଉତ୍ପନ୍ନ । ଯଥା : ନମଃ + ତେ = ନମସ୍ତେ । 'ନମଃ'ର ଅର୍ଥ ନମସ୍କାର । 'ତେ'ର ଅର୍ଥ ତୁମକୁ । 'ତେ' ଯୁଷ୍ମଦ୍ ଶବ୍ଦ ଚତୁର୍ଥୀ ବିଭକ୍ତି ଏକ ବଚନର ରୂପ । 'ନମସ୍ତେ'ର ଅର୍ଥ ''ତୁମ ମଧ୍ୟରେ ଥିବା ଈଶ୍ୱରଙ୍କୁ ମୁଁ ନମସ୍କାର କରୁଛି ।''

ସିନ୍ଧୁ ସଭ୍ୟତା ଖନନରୁ ପ୍ରାପ୍ତ କେତେକ ପୁରୁଷ ଓ ନାରୀର ମୃଣ୍ମୟ ମୂର୍ତ୍ତି 'ନମସ୍ତେ' ଭଙ୍ଗୀରେ ଥିବାର ଦେଖାଯାଇଛି । ମହେଞ୍ଜୋଦାରୋରେ ଖ୍ରୀ: ପୂ: ୩୦୦୦ ରୁ ୨୦୦୦ ମଧ୍ୟରେ ସିନ୍ଧୁ ସଭ୍ୟତା ସମୃଦ୍ଧି ଲାଭ କରିଥିଲା ।

ଜାନୁଆରୀ ପହିଲାକୁ ନବବର୍ଷ ଦିବସ ଭାବେ ପୃଥିବୀର ବିଭିନ୍ନ ଦେଶରେ ପାଳନ କରାଯାଏ । ବାସ୍ତବରେ ନବବର୍ଷ ମାନବ ଇତିହାସରେ ସର୍ବ ପୁରାତନ ପର୍ବର ପରମ୍ପରାକୁ ବହନ କରେ । ବେବିଲୋନିଆନମାନେ ପ୍ରାୟ ୪୦୦୦ ବର୍ଷ ପୂର୍ବେ ଏହା ପାଳନ କରୁଥିଲେ । ଭାରତରେ ଏହି ଦିନଟିକୁ ଶସ୍ୟ ଅମଳର ଦିବସଭାବେ ପାଳନ କରନ୍ତି । କାରଣ ଏବେ ମଧ୍ୟ ଭାରତ ଅପେକ୍ଷା କରେ ମେଘ ଦେଉଥିବା ବର୍ଷାର ସନ୍ଦେଶକୁ, ସୂର୍ଯ୍ୟ ଓ ଚନ୍ଦ୍ରର ଗତିକୁ, ପୌରାଣିକ ଗାଥା ଓ କିଂବଦନ୍ତୀକୁ ଏବଂ ସର୍ବୋପରି ନିଜ କ୍ଷେତରେ ପକ୍ୱ ଶସ୍ୟକୁ । ଶୀତ ଋତୁରେ ଶସ୍ୟ ଅମଳ ପରେ ସମଗ୍ର ଦେଶ ଆନନ୍ଦରେ ଉଲ୍ଲସିତ ହୋଇ ନବବର୍ଷକୁ ଅଭିନନ୍ଦନ ଜଣାଏ । ତେବେ ଭାରତୀୟ ସଂସ୍କୃତିରେ ଅନ୍ୟାନ୍ୟ ବିଭିନ୍ନ ଦିବସକୁ ମଧ୍ୟ ନବବର୍ଷ ରୂପେ ପାଳନ କରାଯାଏ । ନବବର୍ଷକୁ ଓଡ଼ିଶାରେ 'ମହାବିଷୁବ ସଂକ୍ରାନ୍ତି', ଆସାମରେ 'ବିହୁ', ମହାରାଷ୍ଟ୍ରରେ 'ଗୁଡ଼ିପଡ଼ୱା', ଆନ୍ଧ୍ରରେ 'ଉଗାଦି', ତାମିଲନାଡୁରେ 'ପୁତ୍‌ତାଣ୍ଡୁ', କେରଳରେ 'ପୁରମବିଶୁ', ହିନ୍ଦୀ, ଗୁଜରାଟୀ, ପଞ୍ଜାବୀ ଓ ରାଜସ୍ଥାନୀ ଭାଷାରେ 'ନବବର୍ଷ' କୁହାଯାଏ । ଏ ସମସ୍ତ ଉତ୍ସବ ପ୍ରାୟ ମାର୍ଚ୍ଚ, ଏପ୍ରିଲ ବା ଚୈତ୍ର, ବୈଶାଖ ମାସରେ ପଡ଼ିଥାଏ ।

ଇତିହାସରୁ ଜଣାଯାଏ ଯେ ପ୍ରାଚୀନ ଗ୍ରୀସ୍ ଓ ରୋମ୍‌ରେ ନବବର୍ଷ ଉପଲକ୍ଷେ ଲୋକମାନେ ନିଜ ନିଜ ମଧ୍ୟରେ ଅତର ବା ଅଲିଭ୍ ବୃକ୍ଷର ଶାଖା ଆଦି ଉପହାର ଭାବରେ ଆଦାନ ପ୍ରଦାନ କରୁଥିଲେ । ଏହି ପ୍ରଥା ବହୁବର୍ଷ ପର୍ଯ୍ୟନ୍ତ ଖ୍ରୀଷ୍ଟିଆନମାନଙ୍କ ମଧ୍ୟରେ ଚାଲିଥିଲା । ତେବେ ମୁଦ୍ରଣାଳୟର ସ୍ଥାପନା ଏବଂ ୧୮୪୦ ମସିହାରେ Sir Rowland Hillଙ୍କ ଦ୍ୱାରା ପେନିପୋଷ୍ଟ (Penny Post)ର ପ୍ରଚଳନ ହେବା ପରେ ଶୁଭକାମନା ସନ୍ଦେଶ ପ୍ରେରଣ ସାମାଜିକ ଜୀବନରେ ଏକ ଅଂଶ ବିଶେଷ ହୋଇଗଲା । ଏଠାରେ ଉଲ୍ଲେଖଯୋଗ୍ୟ ଯେ Sir Rowland Hill ପ୍ରଥମେ ଇଂଲଣ୍ଡରେ ଡାକ ବିଭାଗରେ ତତ୍କାଳୀନ ଏକୋଇଶ ବର୍ଷୀୟା ମହାରାଣୀ ଭିକ୍‌ଟୋରିଆଙ୍କର ଫଟୋ ଥାଇ ଏକ ଡାକ ଟିକଟ (Postal Stamp) ପ୍ରଚଳନ କରିଥିଲେ । ଏହାର ଦାମ୍ ଥିଲା ଏକ ପେନି (One Penny) । ଅବଶ୍ୟ ଭାରତରେ ୧୮୫୨ ମସିହାରେ ଡାକଟିକଟର ପ୍ରଚଳନ ଆରମ୍ଭ ହୋଇଥିଲା । ୧୯୯୦ ମସିହାରେ ଭାରତୀୟ ଡାକ ବିଭାଗ ଦ୍ୱାରା ଆରମ୍ଭ ହୋଇଥିଲା ନବବର୍ଷ ପାଇଁ ଶୁଭକାମନା ସମ୍ବଳିତ ଡାକ ଟିକଟ ଯାହା ଡାକ ବିଭାଗର ମହତ୍ତ୍ୱ ବୃଦ୍ଧି କରିଥିଲା ।

ଆଜିକାଲି ଶୁଭକାମନା ଉପଲକ୍ଷେ ରଙ୍ଗ ବେରଙ୍ଗର କାର୍ଡ଼ରେ ପ୍ରକୃତିର ବିଭିନ୍ନ ତତ୍ତ୍ୱ ଏବଂ ଏହାର ପାରସ୍ପରିକ ପ୍ରଭାବ ପ୍ରତିବିମ୍ବିତ ହୋଇଚାଲିଛି । ଆଧୁନିକ ଇଲେକ୍‌ଟ୍ରୋନିକ୍ ଯୁଗରେ ଏହି ସୁନ୍ଦର କାର୍ଡ଼ ଖୁବ୍ କମ୍ ସମୟ ମଧ୍ୟରେ ହଜାର ହଜାର କି.ମି. ଦୂରରେ ଥିବା ବ୍ୟକ୍ତି ନିକଟକୁ ପ୍ରେରିତ ହୋଇପାରୁଛି ।

ବାସ୍ତବରେ, ଯେପରି ବର୍ଷାର ପ୍ରଥମ ସ୍ପର୍ଶରେ ବୀଜର କମ୍ପନ, ନବପ୍ରଭାତର ସ୍ୱାଗତାର୍ଥେ ପକ୍ଷୀର ପ୍ରଥମ କୂଜନ, ହିମଶୈଳରୁ ସୃଷ୍ଟ ଜଳଧାରାର ସଂଗୀତମୟ ପ୍ରବାହନ ହୋଇଥାଏ ସେହିପରି ନବବର୍ଷର ଅଭିନନ୍ଦନ ନିମିତ୍ତ ମାନବର ଆବେଗମୟ ଅନୁଭୂତିର ପ୍ରସ୍ଫୁଟନ ମଧ୍ୟ ହୋଇଥାଏ ।

ଶ୍ରୀଅରବିନ୍ଦ ଆଶ୍ରମରେ ଶ୍ରୀମା ଭକ୍ତମାନଙ୍କୁ ନବବର୍ଷରେ ଫରାସୀ ଭାଷାରେ 'ବନ ଆନେ' (Bonne Année) ଶୁଭ ନବବର୍ଷ ଲେଖାଥିବା କାର୍ଡ଼ ବଣ୍ଟନ କରୁଥିଲେ ଯାହା ଏବେ ବି ଚାଲିଛି । ସେହିପରି ପ୍ରତ୍ୟେକ ଭକ୍ତର ଜନ୍ମଦିନ ଉପଲକ୍ଷେ ଫରାସୀ ଭାଷାରେ 'ବନ୍ ଫେଥ୍' (Bonne Fête) ଶୁଭ ଜନ୍ମଦିନ ଲେଖାଥିବା ଏକ କାର୍ଡ଼ ମା' ଦେଉଥିଲେ, ଯାହା ଆଜି ପର୍ଯ୍ୟନ୍ତ ମଧ୍ୟ ଚାଲିଛି । ଅବଶ୍ୟ ଜନ୍ମଦିନରେ ଶ୍ରୀଅରବିନ୍ଦଙ୍କ କକ୍ଷରେ ଧ୍ୟାନପୂର୍ବକ ଭକ୍ତଟିଏ ଏହି କାର୍ଡ଼ ଓ ଆଶୀର୍ବାଦ ପୁଷ୍ପ ପାଇଥାଏ ଯାହା ବ୍ୟକ୍ତିକୁ ନୂତନ ପ୍ରେରଣା ଓ ଶକ୍ତି ପ୍ରଦାନ କରିବା ସହିତ ଆଧ୍ୟାତ୍ମିକ ଅଗ୍ରଗତିରେ ସହାୟକ ହୋଇଥାଏ ।

ସମଗ୍ର ବିଶ୍ୱରେ, ସବୁ ଦେଶରେ, ସବୁ ପରମ୍ପରାରେ, ସବୁ ସଂସ୍କୃତିରେ ମଣିଷ ଏହି ଗୋଟିଏ ବିଶ୍ୱ ପରମ୍ପରାକୁ ବଜାୟ ରଖିଛି । ଏହି ବିଶୃଙ୍ଖଳିତ ଓ ସମସ୍ୟାବହୁଳ ସମାଜରେ ଅମାପ ଶକ୍ତିଭରା ଶୁଭେଚ୍ଛାର ଏହି ପଦେ କଥା ବା ଧାଡ଼ିଏ ଲେଖାଠାରୁ ଆଉ ଅଧିକ କ'ଣ ବା ଥାଇପାରେ, ଯାହା ସମସ୍ତଙ୍କୁ ପ୍ରେମରେ ବାନ୍ଧି ରଖିପାରିବ ?

ବିଜୟୀ ହେଉ ହୃଦୟର ଶୁଭେଚ୍ଛା, ସୌହାର୍ଦ୍ଦ୍ୟର ବାର୍ତ୍ତା ଓ ମାନବସମାଜର ମଙ୍ଗଳମୟ ବନ୍ଧନ !

(କ୍ରମଶଃ) ❑

Good will for all and good will from all is the basis of peace and harmony.

14 August 1969 – The Mother

ସଭିଙ୍କ ପାଇଁ ଶୁଭେଚ୍ଛା ଓ ସଭିଙ୍କଠାରୁ ଶୁଭେଚ୍ଛା ହେଉଛି ଶାନ୍ତି ଓ ସଙ୍ଗତିର ଭିତ୍ତି ।

– ଶ୍ରୀମା

ପୃଥିବୀର କେତେକ ବିଶିଷ୍ଟ ଦାର୍ଶନିକ :

# ଆଧୁନିକ ଦାର୍ଶନିକଗଣ

## (୩)

ଶ୍ରୀପତି ଦାସ

[ଏହି ପ୍ରବନ୍ଧଗୁଡ଼ିକ Clifford Sawhneyଙ୍କ ଲିଖିତ "The World's Greatest Seers & Philosophers" ପୁସ୍ତକର ଅବଲମ୍ବନରେ ଲିଖିତ । – ଲେଖକ ।]

### ଜର୍ଜ ଡବ୍ଲୁ. ଏଫ୍. ହେଗେଲ୍
GEORG W. F. HEGEL (1770-1831)

### ଜର୍ମାନ୍ ଆଦର୍ଶବାଦୀ

ଅଗ୍ରଗଣ୍ୟ ଜନୈକ ଦାର୍ଶନିକ ଜର୍ଜ ଉଇଲ୍‌ହେଲ୍‌ମ୍ ଫ୍ରେଡ୍‌ରିକ୍ ହେଗେଲ୍ (Georg Wilhelm Friedrich Hegel) ଜର୍ମାନ୍ ତଥା ଅନ୍ୟ ସ୍ଥାନରେ ଥିବା ଦାର୍ଶନିକମାନଙ୍କୁ ପ୍ରଭାବିତ କରିଥିଲେ । ରାଜସ୍ୱ ବିଭାଗର ଏକ ଉଚ୍ଚ ପଦସ୍ଥ କର୍ମଚାରୀଙ୍କ ପୁତ୍ରଭାବେ ହେଗେଲ୍ ଷ୍ଟୁଟ୍‌ଗାର୍ଟ (Stuttgart) ସହରରେ ୨୭ ଅଗଷ୍ଟ, ୧୭୭୦ ଖ୍ରୀଷ୍ଟାବ୍ଦରେ ଜନ୍ମଗ୍ରହଣ କରିଥିଲେ ।

ତାଙ୍କ ମାତାଙ୍କ ଦ୍ୱାରା ପ୍ରାଥମିକ ଲାଟିନ ଭାଷା ଶିକ୍ଷା କରିବା ପରେ ସେ ଷ୍ଟୁଟ୍‌ଗାର୍ଟରେ ବ୍ୟାକରଣ ଶିକ୍ଷା ଦିଆ ଯାଉଥିବା ଏକ ବିଦ୍ୟାଳୟରେ ନାମ ଲେଖାଇଥିଲେ । ସେଠାରେ ସେ ତାଙ୍କୁ ୧୮ ବର୍ଷ ବୟସ ହେବା ପର୍ଯ୍ୟନ୍ତ ଶିକ୍ଷା ଲାଭ କରିଥିଲେ ।

ରୋମର କ୍ୟାଥଲିକମାନଙ୍କଠାରୁ ପୃଥକ୍ ହୋଇ ଯାଇଥିବା ଖ୍ରୀଷ୍ଟିଆନ ସମ୍ପ୍ରଦାୟର ସଭ୍ୟ ଓ ପରମ୍ପରାଗତ ମତର ସମର୍ଥକମାନଙ୍କ ପରିବେଶରେ ଲାଳିତପାଳିତ ହୋଇ ସେ ଗ୍ରୀକ୍ ଓ ରୋମୀୟ ଆଦର୍ଶ ସହିତ ସମ୍ପୂର୍ଣ୍ଣରୂପେ ପରିଚିତ ହୋଇଥିଲେ । ତାଙ୍କ ମାତାପିତାଙ୍କର ଇଚ୍ଛା ଅନୁସାରେ ୧୭୮୮ ଖ୍ରୀଷ୍ଟାବ୍ଦରେ ସେ ଟୁବିଞ୍ଜେନ୍ (Tubingen) ବିଶ୍ୱବିଦ୍ୟାଳୟର ଧର୍ମଯାଜକମାନଙ୍କ ଅଧ୍ୟୟନ ପାଇଁ ଥିବା ଏକ ବିଦ୍ୟା-ମନ୍ଦିରରେ ପ୍ରବେଶ କରିଥିଲେ । ଏହିଠାରେହିଁ ସେ କବି ଫ୍ରେଡ୍‌ରିକ୍ ହୋଲଡର୍‌ଲିନ୍ (Friedrich Holderlin)ଙ୍କ ସହିତ ଏବଂ ତାଙ୍କଠାରୁ ପାଞ୍ଚବର୍ଷ ଛୋଟଥିବା ଦାର୍ଶନିକ ଫ୍ରେଡ୍‌ରିକ୍ ଉଇଲ୍‌ହେଲ୍‌ମ୍ ଜୋସେଫ୍ ଭନ ସ୍କେଲିଙ୍ଗ (Friedrich Wilhelm Joseph Von Schelling)ଙ୍କ ସହିତ ବନ୍ଧୁତା ସୂତ୍ରରେ ଆବଦ୍ଧ ହୋଇଥିଲେ । ସେ ଦର୍ଶନ ଓ ପ୍ରାଚୀନ ଗ୍ରୀକ୍ ତଥା ରୋମୀୟ ସଭ୍ୟତା ଦୁଇ ବର୍ଷ ଅଧ୍ୟୟନ କରି ୧୭୯୦ ଖ୍ରୀଷ୍ଟାବ୍ଦରେ ସ୍ନାତକ ଉପାଧି ପ୍ରାପ୍ତ ହୋଇଥିଲେ ।

ତତ୍ପରେ ହେଗେଲ୍ ଧର୍ମତତ୍ତ୍ୱ ସମ୍ବନ୍ଧୀୟ ପାଠ୍ୟକ୍ରମ ଗ୍ରହଣ କରିଥିଲେ କିନ୍ତୁ ଅଳ୍ପଦିନ ପରେ ତାଙ୍କ ଶିକ୍ଷକଙ୍କର ପରମ୍ପରାଗତ ମତବାଦ ତାଙ୍କୁ ଅସ୍ଥିର କରି ପକାଇଥିଲା । ତେଣୁ ସେ ତାଙ୍କର ମତ ବଦଳାଇ ଥିଲେ ଏବଂ ସ୍ଥିର କରିଥିଲେ ଯେ ମନ୍ତ୍ରିମଣ୍ଡଳ ଅଧୀନରେ ଥିବା ସରକାରୀ ବିଭାଗରେ ଯୋଗ ଦେବେ ନାହିଁ । ୧୭୯୩ ଖ୍ରୀଷ୍ଟାବ୍ଦରେ ସେ ଏହା ତ୍ୟାଗ କରିଥିଲେ । ଯଥେଷ୍ଟ ସମୟ ପାଇବା ପାଇଁ ସେ ଦର୍ଶନ ଓ ଗ୍ରୀକ୍ ସାହିତ୍ୟରେ ନିଜକୁ ନିୟୋଜିତ କଲେ ଏବଂ ସ୍ୱିଜରଲାଣ୍ଡର ବର୍ଣ୍ଣ (Berne) ନାମକ ସ୍ଥାନରେ ଏକ ଘରୋଇ ଶିକ୍ଷକ ହୋଇଥିଲେ । ଏଠାରେ ସେ ପରବର୍ତ୍ତୀ ତିନିବର୍ଷ ବାସ କରିଥିଲେ । ଏହି ସମୟ ମଧ୍ୟରେ ସେ ଗ୍ରୀକ୍ ଓ ରୋମାନ୍ କଳା ଓ ସାହିତ୍ୟରେ ନିଜକୁ ନିୟୋଜିତ କଲେ ।

### ଇମାନୁଏଲ କାଣ୍ଟ୍‌ଙ୍କ ପ୍ରଭାବ ଓ ପରବର୍ତ୍ତୀ ସମୟ :

ଏହି ସମୟରେ ହେଗେଲ୍ ଦାର୍ଶନିକ ଇମାନୁଏଲ କାଣ୍ଟ୍‌ଙ୍କ ଦର୍ଶନ ଅଧ୍ୟୟନ କରି ତଦ୍ଦ୍ୱାରା ବିଶେଷଭାବେ ପ୍ରଭାବିତ ହୋଇଥିଲେ । ତତ୍ପରେ କାଣ୍ଟ୍‌ଙ୍କ ପ୍ରଭାବରେ ସେ ତାହାର

ପୁନର୍ବ୍ୟାଖ୍ୟା କରିଥିଲେ ଏବଂ ସେତେବେଳେ ଖ୍ରୀଷ୍ଟିଆନ ଧର୍ମ କିପରି ଏକଛତ୍ରବାଦୀ ହୋଇଉଠିଥିଲା ଯଦିଓ ଯିଶୁଖ୍ରୀଷ୍ଟଙ୍କ ଶିକ୍ଷା ଏକଛତ୍ରବାଦୀ ନହୋଇ ଯୁକ୍ତିଯୁକ୍ତ ଥିଲା, ସେସବୁ ସମ୍ବନ୍ଧେ ଉତ୍ତର ଦେଉଥିଲେ । ତାଙ୍କର ଉତ୍ତର କଦାପି ଧର୍ମତତ୍ତ୍ୱ ବିରୋଧରେ ନହୋଇ ତାହା ପରମ୍ପରାଗତ ଧର୍ମ ବିରୋଧରେ ହୋଇଥିଲା ।

୧୭୯୬ ଖ୍ରୀଷ୍ଟାବ୍ଦରେ ହେଗେଲ୍ ଫ୍ରାଙ୍କଫର୍ଟ (Frankfurt) ସହରକୁ ଯାଇଥିଲେ ଏବଂ ସେଠାରେ ଘରୋଇ ଶିକ୍ଷକତା କରିଥିଲେ । ତତ୍ପରବର୍ତ୍ତୀ କେତେକ ବର୍ଷ ହେଗେଲ୍ କ୍ରମଶଃ କାଣ୍ଟଙ୍କ ଦର୍ଶନର ପ୍ରଭାବରୁ ମୁକ୍ତ ହୋଇ ଖ୍ରୀଷ୍ଟିଆନ ଧର୍ମର ଐଶ୍ୱରିକ ତତ୍ତ୍ୱ ସମ୍ବନ୍ଧେ ପ୍ରଭାବିତ ହୋଇଥିଲେ । ହେଗେଲ୍ ବିଶ୍ୱାସ କରିଥିଲେ ଯେ ମନୁଷ୍ୟର ଆତ୍ମା ହେଉଛି ଈଶ୍ୱରଙ୍କର ଏକ ଆଲୋକ ଏବଂ ଏହାକୁ କାଣ୍ଟ୍ ଯେଉଁ ଭାବରେ ବର୍ଣ୍ଣନା କରିଥିଲେ, ତାହା ଗ୍ରହଣ କରିବା ପାଇଁ କାହାକୁ ବାଧ୍ୟ କରାଯାଇ ପାରିବ ନାହିଁ । ତେଣୁ ତାଙ୍କର ସକଳ କର୍ମ କାଣ୍ଟ୍ଙ୍କ ଦର୍ଶନକୁ ଅନୁସରଣ ନକରି ଏକ ଐତିହାସିକ ଦୃଷ୍ଟିକୋଣକୁ ଅନୁସରଣ କରିଥିଲା । କାରଣ କାଣ୍ଟ୍ ଭୌତିକ ବିଜ୍ଞାନ ଦିଗରେ ନିଜର ମତ ପରିବର୍ତ୍ତନ କରିଥିଲେ ।

ଦୁଇ ବର୍ଷ ପରେ କାଣ୍ଟ୍ଙ୍କ ଚିନ୍ତା ଦ୍ୱାରା ପ୍ରଭାବିତ ହୋଇ ହେଗେଲ୍ ଯାହାକିଛି ଲେଖିଥିଲେ, ତାହା ଉପରେ ପୁନର୍ଦୃଷ୍ଟି ନିକ୍ଷେପ କରିଥିଲେ । ସେ ଉପଲବ୍ଧି କରିଥିଲେ ଯେ କାଣ୍ଟ୍ଙ୍କ ଦ୍ୱାରା ପ୍ରଭାବିତ ହୋଇ ସେ ଯାହାକିଛି ଲେଖିଥିଲେ ତଦ୍ଦ୍ୱାରା ଯିଶୁଖ୍ରୀଷ୍ଟଙ୍କର ଏବଂ ଗିର୍ଜାର ଶିକ୍ଷାକୁ ଭ୍ରାନ୍ତଭାବେ ବ୍ୟାଖ୍ୟା କରାଯାଇଛି । ଏହି ସଂଶୋଧିତ ଚିନ୍ତାକୁ ସେ ତାଙ୍କର ଯେଉଁସବୁ ଲେଖାରେ ପ୍ରକାଶ କରିଥିଲେ ସେସବୁ ହେଉଛି ''ଖ୍ରୀଷ୍ଟିଆନ ଧର୍ମର ଅନ୍ତର୍ନିହିତ ଭାବ ଓ ଭାଗ୍ୟ'' (The Spirit of Christianity and Its Fate) ଯାହା ପରବର୍ତ୍ତୀ କାଳରେ ୧୯୦୭ ଖ୍ରୀଷ୍ଟାବ୍ଦରେ ପ୍ରକାଶିତ ହୋଇଥିଲା ଏବଂ ତାଙ୍କର ଶ୍ରେଷ୍ଠ ଲେଖାଗୁଡ଼ିକ ମଧ୍ୟରୁ ଅନ୍ୟତମ ବୋଲି ବିବେଚିତ ହୋଇଥିଲା ।

କାଣ୍ଟ୍ଙ୍କର ମତ ଥିଲା ଯେ ମନୁଷ୍ୟ କେବଳ ଦୃଶ୍ୟମାନ ଜଗତର ସୀମିତ ଅଂଶ ଜାଣିବାକୁ ସକ୍ଷମ ଏବଂ ଏହାର ଊର୍ଦ୍ଧ୍ୱକୁ ଯାଇ ଅସୀମ ବା ଚରମ ସତ୍ୟ ସମ୍ବନ୍ଧେ ଜାଣିବାକୁ ଚେଷ୍ଟା କରିବା ତାହା ସକାଶେ ଏକ ଅସମ୍ଭବ ବିଷୟ ।

ହେଗେଲ୍ଙ୍କ ପିତା ୧୭୯୯ ଖ୍ରୀଷ୍ଟାବ୍ଦରେ ଶରୀର ତ୍ୟାଗ କରିଥିଲେ । ଏହା ଫଳରେ ଯଦିଓ ପିତାଙ୍କର ଯଥେଷ୍ଟ ସମ୍ପତ୍ତି ନଥିଲା ତଥାପି ସ୍ୱାଧୀନଭାବେ ଜୀବନଯାପନ କରିବାକୁ ସେ ସକ୍ଷମ ହେଲେ । ସେ ୧୮୦୧ ଖ୍ରୀଷ୍ଟାବ୍ଦ ଜାନୁଆରୀ ମାସରେ ଜେନା (Jena) ବିଶ୍ୱବିଦ୍ୟାଳୟରେ ନାମ ଲେଖାଇଥିଲେ ଏବଂ ପଢ଼ା ଶେଷ କରି ଜଣେ ଅଧ୍ୟାପକ ହୋଇଥିଲେ । ଏହିଠାରେ ଦାର୍ଶନିକ ସ୍କେଲିଙ୍ଗ୍ (Schelling) ତାଙ୍କ ପୂର୍ବରୁ ୧୭୯୮ ଖ୍ରୀଷ୍ଟାବ୍ଦରୁ ଅଧ୍ୟାପକ ରୂପେ କାର୍ଯ୍ୟ କରୁଥିଲେ । ୧୮୦୧-୨ ଖ୍ରୀଷ୍ଟାବ୍ଦରେ ହେଗେଲ୍ ନ୍ୟାୟଶାସ୍ତ୍ର (Logic) ଓ ତତ୍ତ୍ୱଜ୍ଞାନ (Metaphysics) ସମ୍ବନ୍ଧେ ସେଠାରେ ଶିକ୍ଷା ଦେଇଥିଲେ । ୧୮୦୩ ଖ୍ରୀଷ୍ଟାବ୍ଦରେ ହେଗେଲ୍ ଜେନା ବିଶ୍ୱବିଦ୍ୟାଳୟ ତ୍ୟାଗ କରି ସ୍ୱାଧୀନଭାବେ କାର୍ଯ୍ୟ କରିଥିଲେ ।

ତଥାପି ହେଗେଲ୍ଙ୍କର ଲିଖିତ ପୁସ୍ତକରେ ବିଭିନ୍ନ ଦାର୍ଶନିକଙ୍କର ପ୍ରଭାବ ପରିଲକ୍ଷିତ ହୁଏ । ସେ ଡଚ୍ (Dutch) ଦାର୍ଶନିକ ବାରୁଚ୍ ସ୍ପିନୋଜା (Baruch Spinoza), ଫ୍ରେଞ୍ଚ ଲେଖକ ଜିନ୍ ଜାକ୍ ରୁଷୋ (Jean Jacques Rousseau) ଏବଂ ସେ ସମୟର ଜର୍ମାନ୍ ଦାର୍ଶନିକମାନଙ୍କ ଦ୍ୱାରା ପ୍ରଭାବିତ ହୋଇଥିଲେ ।

ଫେବ୍ରୁଆରୀ ୧୮୦୫ ଖ୍ରୀଷ୍ଟାବ୍ଦରେ ହେଗେଲ୍ ଜେନା ବିଶ୍ୱବିଦ୍ୟାଳୟରେ ଏକ ବିଶିଷ୍ଟ ଅଧ୍ୟାପକ ରୂପେ ନିଯୁକ୍ତ ହୋଇଥିଲେ । ଗୋଥେ (Goethe)ଙ୍କ ସହାୟତାରେ ୧୮୦୬ ଖ୍ରୀଷ୍ଟାବ୍ଦରେ ପ୍ରଥମ ଥର ସକାଶେ ଏକ ବୃତ୍ତି ପାଇଥିଲେ ।

ସେହି ବର୍ଷ ଅକ୍ଟୋବର ମାସରେ, ଯେତେବେଳେ ଜେନା ବିଶ୍ୱବିଦ୍ୟାଳୟ ଫ୍ରେଞ୍ଚମାନଙ୍କ ଅଧୀନକୁ ଆସିଥିଲା, ସେତେବେଳେ ହେଗେଲ୍ଙ୍କୁ ସେହି ବିଶ୍ୱବିଦ୍ୟାଳୟ ତ୍ୟାଗ କରିବାକୁ ବାଧ୍ୟ କରାଯାଇଥିଲା । ଏତିକିବେଳକୁ ସେ ତାଙ୍କ ପିତାଙ୍କ ଦ୍ୱାରା ପ୍ରଦତ୍ତ ସମ୍ପତ୍ତି ଖର୍ଚ୍ଚ କରି ସାରିଥିଲେ । ୧୮୦୭ ଓ ୧୮୦୮ ଖ୍ରୀଷ୍ଟାବ୍ଦରେ ବାଭାରିଆରେ (Bavaria) ବାମ୍ବର୍ଜର ଜିଟୁଙ୍ଗ୍ (Bamberger Zeitung) ନାମକ ଏକ ପତ୍ରିକାର ସମ୍ପାଦକ ହେବାକୁ ତାଙ୍କୁ ବାଧ୍ୟ କରାଯାଇଥିଲା ।

### ପରମାତ୍ମା :

ହେଗେଲ୍ଙ୍କର ପ୍ରଥମ ମହାନ୍ ପୁସ୍ତକ : ମନର ପ୍ରତ୍ୟକ୍ଷଭାବେ ପରିଦୃଷ୍ଟ ଘଟଣା ବା ସତ୍ୟ (The Phenomenology of mind) ୧୮୦୭ ଖ୍ରୀଷ୍ଟାବ୍ଦରେ

ପ୍ରକାଶିତ ହୋଇଥିଲା । ଯଦିଓ ଏହା ବୁଝିବା କଠିନ, ତଥାପି ପୁସ୍ତକଟି ମନୁଷ୍ୟର ମନର ଏକ ଚମତ୍କାର ପରିପ୍ରକାଶ । ଏହା ମନୁଷ୍ୟକୁ ସାଧାରଣ ଚେତନାରୁ ଆତ୍ମ-ଚେତନା, କାରଣ (Reason) ଆତ୍ମା ଓ ଧର୍ମ ଏବଂ ପରିଶେଷରେ ପରମ ଜ୍ଞାନ ଦିଗରେ ନେଇଯାଏ ।

ସାମ୍ବାଦିକତା ପ୍ରତି ହେଗେଲ୍‌ଙ୍କର ଇଚ୍ଛା ନଥିବାରୁ ସେ ନ୍ୟୁରେମ୍‌ବର୍ଗ (Nuremberg) ସହରକୁ ଯାଇଥିଲେ ଏବଂ ସେଠାରେ ଏକ ବ୍ୟାୟାମଶାଳାରେ ଡିସେମ୍ବର ୧୮୦୮ରୁ ୧୮୧୬ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ପ୍ରଧାନ ଶିକ୍ଷକ ରୂପେ କାର୍ଯ୍ୟ କରିଥିଲେ । ସେଠାରେ ଯଦିଓ ତାଙ୍କର ଆୟ ଯଥେଷ୍ଟ ନଥିଲା, ତଥାପି ତାଙ୍କର ଘରୋଇ ଖର୍ଚ୍ଚ ପାଇଁ କିଛି ଅଭାବ ହେଉ ନଥିଲା । ନ୍ୟୁରେମ୍‌ବର୍ଗରେ ସେ ମାରି ଭନ୍ ଟୁଚେର୍ (Marie Von Tucher) ନାମକ ଏକ ମହିଳାଙ୍କୁ ବିବାହ କରିଥିଲେ ଯାହାଙ୍କର ବୟସ ତାଙ୍କର ବୟସଠାରୁ ୨୨ ବର୍ଷ କମ୍ ଥିଲା । ତାଙ୍କର ତିନୋଟି ସନ୍ତାନ ଥିଲେ – ଗୋଟିଏ କନ୍ୟା ଜନ୍ମ ପରେ ପରେ ମରି ଯାଇଥିଲା ଏବଂ ଦୁଇଟି ପୁତ୍ର କାର୍ଲ (Karl) ଯେ ୧୮୧୩ ଖ୍ରୀଷ୍ଟାବ୍ଦରେ ଜନ୍ମ ହୋଇଥିଲା ଏବଂ ଇମାନୁଏଲ (Immanuel) ୧୮୧୪ ଖ୍ରୀଷ୍ଟାବ୍ଦରେ ଜନ୍ମ ହୋଇଥିଲା ।

ନ୍ୟୁରେମ୍‌ବର୍ଗରେ ଚାରି ବର୍ଷ ରହିବାବେଳେ ହେଗେଲ୍ ନ୍ୟାୟଶାସ୍ତ୍ରର ବିଜ୍ଞାନ (The Science of Logic) ନାମକ ଏକ ପୁସ୍ତକ ଲେଖିଥିଲେ । ଏହା ଫଳରେ ତାଙ୍କୁ ଏର୍‌ଲାଙ୍ଗେର୍ (Erlanger), ବର୍ଲିନ୍ (Berlin) ଏବଂ ହାଇଡ଼େଲ୍‌ବର୍ଗ (Heidelberg)ରେ ଅଧ୍ୟାପକ ହେବା ନିମିତ୍ତ ସୁଯୋଗ ମିଳିଥିଲା । କିନ୍ତୁ ସେ ହାଇଡ଼େଲ୍‌ବର୍ଗ ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ହୋଇଥିଲେ । ୧୮୧୭ ଖ୍ରୀଷ୍ଟାବ୍ଦରେ ସେ ତାଙ୍କ ସମଗ୍ର ଦର୍ଶନର ଏକ ସୁଚିନ୍ତିତ ବ୍ୟାଖ୍ୟା ପ୍ରକାଶ କରିଥିଲେ । ତାଙ୍କର ସମଗ୍ର ଦର୍ଶନକୁ ସମଗ୍ର ବିଶ୍ୱରେ ଜ୍ଞାନକୋଷ (Encyclopaedia) ରୂପେ ବୁଝାଇବା ପାଇଁ ଏହା ଏକ ପ୍ରଚେଷ୍ଟା ଥିଲା ।

ଏହି ଜ୍ଞାନକୋଷକୁ ତିନୋଟି ଭାଗରେ ବିଭକ୍ତ କରାଯାଇଥିଲା – ନ୍ୟାୟଶାସ୍ତ୍ର (Logic), ପ୍ରକୃତି (Nature) ଓ ମନ (Mind) । ହେଗେଲ୍ କହିଥିଲେ ଯେ ଯଦି ମନୁଷ୍ୟ ଶୁଦ୍ଧ ସତ୍ତାକୁ ଜାଣିବାକୁ ଚେଷ୍ଟା କରେ ତେବେ ସେ ଆବିଷ୍କାର କରିପାରିବ ଯେ ଏହା ଶୂନ୍ୟତା ବ୍ୟତୀତ ଅନ୍ୟ କିଛି ନୁହେଁ । ତଥାପି ଏହି ଶୂନ୍ୟତାର ଏକ ସ୍ଥିତି ଅଛି । ଏହା ପରସ୍ପର ବିରୋଧୀ ହେବା ସତ୍ତ୍ୱେ ଶୁଦ୍ଧ ସତ୍ତା ଓ ଶୂନ୍ୟତା ଏକତ୍ର ଅବସ୍ଥାନ କରନ୍ତି । ପ୍ରକୃତି (Nature) ଆତ୍ମାର ବିପରୀତ ପରି ମନେ ହୁଏ । ପ୍ରକୃତି ମଧ୍ୟରେ ଥିବା ସମସ୍ତ କିଛି ମହାକାଶ (Space) ଓ କାଳ (Time) ମଧ୍ୟରେ ଅବସ୍ଥାନ କରେ । ହେଗେଲ୍ କହିଥିଲେ ଯେ ମାନବ ମନ କିପରି ଅବଚେତନାରୁ ଚେତନା ମଧ୍ୟକୁ ଏବଂ ତତ୍ପରେ ସୁସଙ୍ଗତ ସଂକଳ୍ପ ମଧ୍ୟରୁ ମାନବ-ଇତିହାସ ମଧ୍ୟ ଦେଇ ସେହି ସଂକଳ୍ପର ପ୍ରତିମୂର୍ତ୍ତି ଭାବରେ ବିକଶିତ ହୋଇଥିଲା । ପରିଶେଷରେ ରହିଛି କଳା, ଧର୍ମ ଓ ଦର୍ଶନ – ଯେଉଁସବୁ ମଧ୍ୟ ଦେଇ ମନୁଷ୍ୟ ପରିଶେଷରେ ବୁଝିଲା ଯେ, ସେ ହେଉଛି ଈଶ୍ୱରଙ୍କର ଆତ୍ମା ବା ଯାହାକୁ ହେଗେଲ୍ କହୁଥିଲେ ପରମାତ୍ମାଙ୍କର ଏକ ଅଂଶ ।

ହେଗେଲ୍‌ଙ୍କ ମତରେ ଦର୍ଶନ ହେଉଛି ପରମାତ୍ମାଙ୍କର ବିକାଶ ଧାରାର ଏକ ପରିପ୍ରକାଶ । ପରମାତ୍ମା ହେଉଛନ୍ତି ଆତ୍ମବିକାଶ ଧାରାରେ ଶୁଦ୍ଧ ଚିନ୍ତା ବା ମନ । ତାଙ୍କର ଅଭିବ୍ୟକ୍ତି ହେଉଛି ଆତ୍ମ-ଚେତନା ଏବଂ ପରିଶେଷରେ ଦେଖାଦିଏ ମନର ବିକାଶ ମଧ୍ୟ ଦେଇ ।

### ଭବିଷ୍ୟତ୍ ସକାଶେ ଭାଷଣ :

୧୮୧୮ ଖ୍ରୀଷ୍ଟାବ୍ଦରେ ବର୍ଲିନ୍ ବିଶ୍ୱବିଦ୍ୟାଳୟ ହେଗେଲ୍‌ଙ୍କୁ ଦର୍ଶନ ଶିକ୍ଷାଦେବା ନିମିତ୍ତ ସୁଯୋଗ ଦେଇଥିଲା । ତାଙ୍କୁ ଜୀବନର ଶେଷ କାଳ ପର୍ଯ୍ୟନ୍ତ ବର୍ଲିନ୍‌ରେ ରହିବାକୁ ହୋଇଥିଲା । ଏହିଠାରେହିଁ ୧୮୨୧ ଖ୍ରୀଷ୍ଟାବ୍ଦରେ ସେ ''ଦର୍ଶନର ଯାଥାର୍ଥ୍ୟ'' (The Philosophy of the Right) ନାମକ ଏକ ପୁସ୍ତକ ପ୍ରକାଶ କରିଥିଲେ । ଏହା ଥିଲା ତାଙ୍କର ପୂର୍ଣ୍ଣାଙ୍ଗ ପୁସ୍ତକ । ଏହା ପରେ ସେ ପୂର୍ଣ୍ଣ ଭାବରେ ତାଙ୍କର ଭାଷଣ ଉପରେ ମନୋଯୋଗୀ ହୋଇଥିଲେ । ତାଙ୍କ ପ୍ରକାଶିତ ଭାଷଣଗୁଡ଼ିକର ଅନ୍ତର୍ଗତ ହେଉଛି, ୧୮୩୫ରୁ ୧୮୩୮ ଖ୍ରୀଷ୍ଟାବ୍ଦ ମଧ୍ୟରେ ସୁରୁଚିସମ୍ପନ୍ନ କଳାର ଦର୍ଶନ (The Philosophy of Fine Art) । ୧୮୩୩ରୁ ୧୮୩୬ ଖ୍ରୀଷ୍ଟାବ୍ଦ ମଧ୍ୟରେ ଦର୍ଶନର ଇତିହାସ (History of Philosophy) ଏବଂ ୧୮୩୭ ଖ୍ରୀଷ୍ଟାବ୍ଦରେ ଇତିହାସର ଦର୍ଶନ (Philosophy of History) ।

ହେଗେଲ୍‌ଙ୍କ ଜୀବନାବସାନ ବେଳକୁ ସେ ଜର୍ମାନୀର ଅଗ୍ରଗଣ୍ୟ ଦାର୍ଶନିକଭାବେ ପରିଚିତ ହୋଇସାରିଥିଲେ । ତାଙ୍କର

*(ଅବଶିଷ୍ଟାଂଶ ପୃଷ୍ଠା ୫୧ରେ ଦେଖନ୍ତୁ)*

# ଆମ ସ୍ୱାସ୍ଥ୍ୟ

## (୧୭)

## ଭୋଳେଶ୍ୱର ଭୂୟାଁ

### ହାତର ବ୍ୟାୟାମ

ଆମେ ଯେତେବେଳେ ବ୍ୟାୟାମ କରିବାକୁ ଯାଉ ସେତେବେଳେ ମନେ ରଖିବାକୁ ହେବ ଯେପରି ଶରୀରର ପ୍ରତ୍ୟେକ ଅଙ୍ଗର ବ୍ୟାୟାମ ହେଉଛି । ସବୁ ଅଙ୍ଗର ବ୍ୟାୟାମ ନ ହେଲେ ଆମେ ବ୍ୟାୟାମର ଯଥାର୍ଥ ଉପକାରିତା ପାଇବା ବଦଳରେ ଆମ ଶରୀରରେ ଶକ୍ତିସଂଚାଳନ, ରକ୍ତସଂଚାଳନ ଆଦିରେ ଅସମଞ୍ଜସତା ସୃଷ୍ଟି ହୁଏ । ଆମେ ବ୍ୟାୟାମରୁ ଶକ୍ତି ଆହରଣ କରିବା ବଦଳରେ ଶକ୍ତିକ୍ଷୟହିଁ କରିଥାଉ । ସେଥିପାଇଁ ଏହି ବ୍ୟାୟାମ କରିବା ଦ୍ୱାରା ଶକ୍ତିଶାଳୀ ହେବା ବଦଳରେ ଆମକୁ ଥକ୍କା ଲାଗିଥାଏ ଓ ଦୁର୍ବଳ ଅନୁଭବ କରିଥାଉ ।

ଆମକୁ ବୈଜ୍ଞାନିକ ପ୍ରଣାଳୀରେ ବ୍ୟାୟାମ କରିବାକୁ ହେବ । ସବୁ ଅଙ୍ଗର ବ୍ୟାୟାମ କରିବା ପାଇଁ ପ୍ରଥମେ ସବୁ ଅଙ୍ଗକୁ ଗରମ କରିବାର (Warming-up) ବ୍ୟାୟାମ କରି ପରେ କଠିନ ବ୍ୟାୟାମ କରିବାକୁ ହେବ । ଶେଷରେ ଶରୀରର ଶୀତଳୀକରଣ (Warming-down) ବ୍ୟାୟାମ କରିବାକୁ ହେବ । ଏହିପରି ଭାବରେ ବ୍ୟାୟାମ କଲେ ଆମ ଶରୀର-କୋଷ ନୂତନ ଗ୍ରହଣଶୀଳତା ପାଇଁ ଉନ୍ମୁକ୍ତ ହୁଅନ୍ତି ଓ ବିଶ୍ୱବ୍ରହ୍ମାଣ୍ଡରେ ଭରପୂର ଭାବରେ ରହିଥିବା ଜୀବନୀ-ଶକ୍ତିକୁ ଆହରଣ କରି ଶରୀର ଶକ୍ତିଶାଳୀ ହୋଇଥାଏ । ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ସମୟରେହିଁ ଏହି ବିଶ୍ୱର ଜୀବନୀ-ଶକ୍ତି ବାତାବରଣରେ ଅଫୁରନ୍ତ ଭାବେ ଭରି ରହିଥାଏ । ତେଣୁ ସକାଳ ଓ ସନ୍ଧ୍ୟାରେ ଆସନ, ବ୍ୟାୟାମ ଓ ପ୍ରାଣାୟାମ କରିବା ପ୍ରଥା ଆମ ଦେଶରେ ଆବହମାନ କାଳରୁ ରହିଆସୁଛି ।

ଆଜି ଆମେ ହାତର ବ୍ୟାୟାମ ବିଷୟରେ ଆଲୋଚନା କରିବୁ । ସାଧାରଣତଃ ଆମେ ହାତରେ ଅଧିକାଂଶ କାମ କରିଥାଉ । ଗାଧୋଇବା, ଲୁଗାପଟା ଧୋଇବା, ଝାଡୁଦେବା, ଗଛରେ ପାଣିଦେବା ଇତ୍ୟାଦି ନିଜର କାମ କରିଥାଉ । ତେଣୁ ହାତର ମାଂସପେଶୀ, ସ୍ନାୟୁ ଓ ତନ୍ତୁକୁ ସୁସ୍ଥ-ସବଳ-ନୀରୋଗ ରଖିବାକୁ ହେବ ଯଦ୍ଦ୍ୱାରା ଦୀର୍ଘଦିନ ଧରି ନିଜର କାମ ନିଜେ କରି ପାରିବୁ । ପ୍ରଥମେ ହାତର କଠିନ ବ୍ୟାୟାମ ବିଷୟରେ ଆଲୋଚନା କରିବୁ ।

#### ଦଣ୍ଡ :

ଆମେ କୌଣସି ବ୍ୟାୟାମ ପାଇଁ ଜିମ୍‌ରେ ଥିବା ଯନ୍ତ୍ରପାତିର ବ୍ୟାୟାମ ବିଷୟରେ ଆଲୋଚନା ନକରି କେବଳ ଖାଲି ହାତର ବ୍ୟାୟାମ ବିଷୟରେ ଗୁରୁତ୍ୱ ଦେବା; କାରଣ ଏହା ଦ୍ୱାରା ଆବାଳ-ବୃଦ୍ଧ-ବନିତା ସମସ୍ତେ ଉପକୃତ ହେବେ । ଦଣ୍ଡ କରିବା ପାଇଁ ପ୍ରଥମେ ପାଦ ଦୁଇଟିକୁ ୯ ଇଞ୍ଚରୁ ୧ ଫୁଟ ଫାଙ୍କ କରି ଛିଡ଼ା ହୁଅ । ଏଥର ବସି ହାତର ଦୁଇ ପାପୁଲିକୁ ଭୂମିରେ ଏପରି ସ୍ଥାନରେ ରଖ ଯେପରି ତୁମ ଶରୀର ସିଧା ହୋଇ ରହିବ । ଏଥର ନିଃଶ୍ୱାସ ନେଇ ନେଇ ଅଣ୍ଟାକୁ ଉପରକୁ ଉଠାଇ ପଛକୁ ଝୁଙ୍କ । ଏବେ ନିଃଶ୍ୱାସ ବନ୍ଦ କରି ହାତର କହୁଣିକୁ ବଙ୍କାଇ ଛାତି ଭୂମିରେ ସ୍ପର୍ଶ କଲା ଭଳି ଆବସ୍ଥାକୁ ଆସ ଏବଂ ଶରୀରକୁ ଆଗକୁ ନେଇ ମଥା ଟେକି ଅଣ୍ଟାକୁ ଧନୁ ଆକାର କରି ହାତ ସିଧା କର । ଅର୍ଥାତ୍ ପାପୁଲିରେ ଭାର ଦେଇ ଶରୀରକୁ ଏହି ଅବସ୍ଥାକୁ ଆଣ । ଏହା ପରେ ନିଃଶ୍ୱାସ ଛାଡ଼ । ଏହା ହେଲା ଏକ ଦଣ୍ଡ । ପୁଣି ନିଃଶ୍ୱାସ ନେଇ ନେଇ ପଛକୁ ଝୁଙ୍କି ଅଣ୍ଟା ଉପରକୁ କର; ଏବଂ ନିଃଶ୍ୱାସ ବନ୍ଦ କରି ହାତକୁ କହୁଣିରେ ବଙ୍କାଇ ଛାତିକୁ ଭୂମି ନିକଟକୁ ଆଣି ପାପୁଲିରେ ଭାର ଦେଇ ମୁଣ୍ଡ ଉପରକୁ କରିବା ସଙ୍ଗେ ସଙ୍ଗେ ଅଣ୍ଟାକୁ ଧନୁ ସଦୃଶ ବଙ୍କାଅ । ଏହା ହେଲା ଦୁଇ ଦଣ୍ଡ । ଏହିପରି ଏହାର ସଂଖ୍ୟା ବୃଦ୍ଧି କର । ଯୁବକ ଅବସ୍ଥାରେ ଏହାକୁ ୧୦୦ ଥର ପର୍ଯ୍ୟନ୍ତ କରାଯାଇପାରେ । ବାଳକ-ବାଳିକା ଏବଂ ବୃଦ୍ଧ ବୟସରେ ୧୦ରୁ ୨୦ ଥର ଏହା କରାଯାଇପାରେ ।

**ଉପକାରିତା :** ଦଣ୍ଡ କରିବା ଦ୍ୱାରା ହାତର ଉପର ଅଂଶର ପଛ ମାଂସପେଶୀ (Triceps)ର ବ୍ୟାୟାମ ହୋଇଥାଏ । ଉପର ବାହୁର ଆଗ ପାଖ ମାଂସପେଶୀକୁ ବାଇସେପ୍ (Biceps) କୁହାଯାଏ । ଦଣ୍ଡ କରିବା ଦ୍ୱାରା

ଟ୍ରାଇସେପ୍ ମାଂସପେଶୀର ଏପରିଭାବେ ବୃଦ୍ଧି ଓ ଶକ୍ତିଶାଳୀ ହୁଏ ଯେ ତୁମେ ନିଜେ ଆଶ୍ଚର୍ଯ୍ୟ ହେବ ।

ବର୍ତ୍ତମାନ ଦଣ୍ଡର ପ୍ରକାର ଭେଦ ବିଷୟରେ ଆଲୋଚନା କରିବା ।

### ବର୍ଗଦଣ୍ଡ (Square Danda) :

ଏଥିପାଇଁ ହାତ ପାପୁଲି ଓ ଗୋଡ଼ର ପାଦକୁ ନେଇ ଭୂମିରେ ଏକ ବର୍ଗାକାର ତିଆରି କର । ଏଥର ସାଧାରଣ ଦଣ୍ଡ ପରି ନିଃଶ୍ୱାସ ନେଇ ନେଇ ପଛକୁ ଯାଅ ଏବଂ ନିଃଶ୍ୱାସ ବନ୍ଦ କରି ଛାତିକୁ ଭୂମିକୁ ଛୁଇଁବା ଭଳି ଅବସ୍ଥାକୁ ଆଣି ସାପଫଣା ଟେକିଲା ଭଳି ମଥା ଉପରକୁ ଉଠାଅ । ସାଧାରଣ ଦଣ୍ଡଠାରୁ ଏହା ବହୁଗୁଣରେ କଷ୍ଟକର । ଏହାକୁ ୩ରୁ ୧୦ ଥର କରିପାରିଲେ ଯଥେଷ୍ଟ ।

### ଏକହସ୍ତ ଦଣ୍ଡ :

ଏକହସ୍ତ ଦଣ୍ଡ ଆରମ୍ଭ କରିବାକୁ ହେଲେ ପ୍ରଥମେ ଗୋଟିଏ ହାତର ପାପୁଲି ଭୂମିରେ ସ୍ଥାପନ କର । ଗୋଡ଼ ଦୁଇଟି ଏକ ସଙ୍ଗରେ ଗୋଟିକ ଉପରେ ଅନ୍ୟଟିକୁ ରଖ । ଅନ୍ୟ ହାତକୁ ଅଣ୍ଟା ପାଖରେ ପଛକୁ ରଖ । ଏଥର ଭୂମିରେ ସ୍ଥାପନ କରିଥିବା ହାତର କହୁଣି ବଙ୍କାଇ ଛାତିକୁ ଭୂମିରେ ଛୁଇଁବାକୁ ଚେଷ୍ଟା କର ଏବଂ ନିଃଶ୍ୱାସ ଛାଡ଼ି ଛାଡ଼ି ଉପରକୁ ଉଠ ଅର୍ଥାତ୍ ହାତର କହୁଣି ସିଧାକର । ଏଥର ହାତ ବଦଳାଇ ଅନ୍ୟ ହାତରେ ଦଣ୍ଡ କର । ଏହା ହେଉଛି ସବୁଠାରୁ କଠିନ ଦଣ୍ଡ । ଏହାକୁ ଥରେ ବା ଦୁଇଥର କରିପାରିଲେ ତୁମର ଯଥେଷ୍ଟ ଶକ୍ତି ଅଛି ବୋଲି ବୁଝାଯିବ ।

### ସିଧା ଦଣ୍ଡ (Push up) :

ଏହା କରିବା ପାଇଁ ସାଧାରଣ ଦଣ୍ଡର ପ୍ରଥମ ଅବସ୍ଥାକୁ ଆସ । ଅର୍ଥାତ୍ ପାଦ ଦୁଇଟିକୁ ଅଳ୍ପ ଫାଙ୍କ କରି ହାତର ପାପୁଲିକୁ ଭୂମି ଉପରେ ରଖିଲେ ଶରୀର ସିଧା ରହିବ । ଏହି ଅବସ୍ଥାକୁ ଜିମ୍ନାଷ୍ଟିକ୍‌ରେ Front support କୁହାଯାଏ । ଏଥର ନିଃଶ୍ୱାସ ନେଇ ନେଇ ଛାତି ତଳକୁ ନିଅ ଓ ନିଃଶ୍ୱାସ ଛାଡ଼ି ଛାଡ଼ି ଶରୀର ଉପରକୁ ଉଠାଅ । ଏହି ଦଣ୍ଡରେ ଶରୀର ସର୍ବଦା ସିଧା ରହିବ । ସାଧାରଣ ଦଣ୍ଡ (Push throw) ପରି ଶରୀର ଆଗକୁ, ପଛକୁ ହେବ ନାହିଁ । ଏହି ଦଣ୍ଡ ୩୦ରୁ ୪୦ ଥର କରାଯାଇ ପାରେ ।

### ହାତ ଅଙ୍ଗୁଳି ଦ୍ୱାରା ସିଧା ଦଣ୍ଡ :

ଏହା ସାଧାରଣ ସିଧା ଦଣ୍ଡ ପରି କରାଯିବ କିନ୍ତୁ ଏଥିରେ ଏତିକି ମାତ୍ର ତଫାତ ହେଲା – ହାତର ପାପୁଲିକୁ ଭୂମିରେ ରଖିବା ବଦଳରେ କେବଳ ହାତର ଅଙ୍ଗୁଳିକୁ ଭୂମିରେ ରଖିବାକୁ ହେବ । ଏହି ବ୍ୟାୟାମ ସାଧାରଣତଃ କ୍ରିକେଟ ଖେଳାଳି, ବାସକେଟ୍ ବଲ୍ ଖେଳାଳିମାନେ କରିଥାଆନ୍ତି, ଯଦ୍ୱାରା ହାତର ଅଙ୍ଗୁଳି ଶକ୍ତିଶାଳୀ ହୋଇଥାଏ ଓ ବଲ୍ ଫିଙ୍ଗିବାରେ ଅଙ୍ଗୁଳିସବୁ ଦକ୍ଷ ହୋଇଥାଏ ।

ଆମେ ହାତର ବିଶେଷତଃ କହୁଣି ଉପର ବାହୁ (Triceps) ମାଂସପେଶୀର ବୃଦ୍ଧି ଓ ଶକ୍ତିଶାଳୀ କରିବାର ବ୍ୟାୟାମ ବିଷୟରେ କହିଲୁ । କୌଣସି ଜିନିଷ ଠେଲିବା ଦ୍ୱାରା କହୁଣି ଉପର ବାହୁ ମାଂସପେଶୀର ବ୍ୟାୟାମ ହୋଇଥାଏ । ଏଥର କହୁଣି ବଙ୍କାଉଥିବା (Biceps) ମାଂସପେଶୀର ବ୍ୟାୟାମ ବିଷୟରେ କହିବୁ । କୌଣସି ବସ୍ତୁକୁ ଟାଣିବା ଦ୍ୱାରା ଏହି ମାଂସପେଶୀର ବ୍ୟାୟାମ ହୋଇଥାଏ ।

### ଚିନିଙ୍ଗ୍ (Chining) :

ମୁଣ୍ଡ ଉପରେ ଥିବା କୌଣସି ଦଣ୍ଡ (bar)କୁ ଧରି ଶରୀରକୁ ଉପରକୁ ଟୋକିବାକୁ ଚିନିଙ୍ଗ୍ କୁହାଯାଏ । ଏହି ବ୍ୟାୟାମ କରିବା ଦ୍ୱାରା ଉପର ବାହୁର ସମ୍ମୁଖ ମାଂସପେଶୀର ବ୍ୟାୟାମ ହୋଇଥାଏ । କୌଣସି ବସ୍ତୁ ଟାଣିବା ଦ୍ୱାରା ଏହି ମାଂସପେଶୀ (biceps)ର ବ୍ୟାୟାମ ହୋଇଥାଏ । ଏହି ବ୍ୟାୟାମକୁ ଦୁଇଟି ଉପାୟରେ କରାଯାଏ ।  ହସ୍ତର ମୁଠି (Over grasp) ଉପରି ଭାଗରେ ରଖି ଏହାକୁ (ଦଣ୍ଡକୁ) ଧରିବାକୁ ହେବ ଏବଂ ଶରୀରକୁ ଉପରକୁ ଉଠାଇବାକୁ ପଡ଼ିବ । ଶରୀରକୁ ଏପରି ଭାବରେ ଉପରକୁ ଉଠାଅ ଯେପରି ମୁଣ୍ଡ ଦଣ୍ଡର ଉପରକୁ ଯିବ । ତୁମର ଛାତିକୁ ଦଣ୍ଡ ପାଖକୁ ଆଣ । ଅନ୍ୟ ପ୍ରକାର ବ୍ୟାୟାମ ପାଇଁ ମୁଠି ଦଣ୍ଡର ତଳପଟେ ରଖି ଏହାକୁ ଧର ଏବଂ ପୂର୍ବ ବର୍ଣ୍ଣିତ ମୁତାବକ ଶରୀରକୁ ଉପରକୁ ଉଠାଅ ।

ଯୁବକ ଅବସ୍ଥାରେ ଶରୀରକୁ ଉପରକୁ ତୋଳିବା ସଂଖ୍ୟା ଅତି କମ୍‌ରେ ଆଠ ଥର ହେବା ଉଚିତ । ଏହାକୁ ସେମାନେ ୧୫ରୁ ୨୦ ଥର କରିପାରନ୍ତି । ବୃଦ୍ଧାବସ୍ଥାରେ ଏହି ବ୍ୟାୟାମ ଥରେ ମାତ୍ର କରି ହେବ ନାହିଁ । ତଥାପି ଦଣ୍ଡକୁ ଧରି ଉପରକୁ ଉଠିବାକୁ ଚେଷ୍ଟା କର । ଏପରି କରିବା ଦ୍ୱାରା ତୁମର କହୁଣି ଉପର ବାହୁ (Biceps) ମାଂସପେଶୀର ବ୍ୟାୟାମ ହୋଇଥାଏ ।

**Hand stand (peacock stand) :**

ଏହି ବ୍ୟାୟାମର ମୁଖ୍ୟ ଉଦ୍ଦେଶ୍ୟ ହେଲା ହାତ ପାପୁଲିରେ ଛିଡ଼ା ହେବା । ଏହା ଅତୀବ କଠିନ ବ୍ୟାୟାମ । ଏଥିପାଇଁ ମନର ପୂର୍ଣ୍ଣ ଏକାଗ୍ରତା ଓ ଶରୀରର ପୂର୍ଣ୍ଣ ସନ୍ତୁଳନ ଦରକାର । ଏହାକୁ ଶିଖିବା ପାଇଁ ପ୍ରଥମେ ଏକ କାନ୍ଥକୁ ପିଠି କରି ଛିଡ଼ା ହୁଅ । ତଳେ ବସି ଦୁଇ ହାତର ପାପୁଲିକୁ ଭୂମିରେ ରଖ । ଏଥର ପାଦ ଦୁଇଟିକୁ କାନ୍ଥ ଉପରକୁ ଉଠାଅ । ମନେ ରଖ ପାଦ ଯେପରି କାନ୍ଥକୁ ନଛାଡ଼େ । ଏଥିପାଇଁ ପ୍ରଥମେ ହାତ ପାପୁଲିକୁ କାନ୍ଥଠାରୁ ଦେଢ଼ଫୁଟ ଦୂରରେ ରଖି ପାଦ ଉଠାଅ । ଏବଂ କ୍ରମେ କ୍ରମେ ପାପୁଲି କାନ୍ଥ ନିକଟକୁ ଆଣି ଏହି ବ୍ୟାୟାମ କର । ଏହା ଦ୍ୱାରା ତୁମର ହାତର ମାଂସପେଶୀ ଶକ୍ତିଶାଳୀ ହୁଏ ।

ଏଥର ଏହି ବ୍ୟାୟାମକୁ କାନ୍ଥ ଆଡ଼କୁ ମୁଖ କରି ଅଭ୍ୟାସ କରିବାକୁ ହେବ । ପ୍ରଥମେ ହାତର ପାପୁଲିକୁ ଭୂମିରେ ରଖି ପାଦକୁ ଉପରକୁ ଠେଲି କାନ୍ଥରେ ଡେରା ଦେଇ ହାତରେ ଛିଡ଼ା ହେବାକୁ ଚେଷ୍ଟା କର । ଏହା ଅତି ସହଜରେ କରିପାରିଲେ କାନ୍ଥ ଛଡ଼ା ହାତର ପାପୁଲି ଦ୍ୱାରା ସନ୍ତୁଳନ ରଖି ଗୋଡ଼ ଉପରକୁ କରି ଛିଡ଼ା ହୋଇପାରିବ । ଏଥିପାଇଁ ପ୍ରଥମେ ଜଣେ ସାହାଯ୍ୟକାରୀ ପାଖରେ ରହିବା ଦରକାର ।

**ହାତୀ ଉତ୍ତୋଳନ (Elephant Lift) :**

ତୁମର ପେଟର ମାଂସପେଶୀ ସୁଦୃଢ଼ ଥିଲେ ନିମ୍ନଲିଖିତ ଉପାୟରେ ହାତରେ ଛିଡ଼ା ହୋଇପାରିବ । ଯାହାକୁ ହାତୀ ଉତ୍ତୋଳନ (Elephant lift) ବ୍ୟାୟାମ କୁହାଯାଏ । ପ୍ରଥମେ ପାଦ ଦୁଇଟିକୁ ପ୍ରାୟ ଅଢ଼େଇ ଫୁଟ ଫାଙ୍କ କରି ଛିଡ଼ା ହୁଅ । ଏଥର ହାତ ପାପୁଲି ଭୂମିରେ ରଖି ସାମନାକୁ ଝୁଙ୍କ । ଏଥର ଧୀରେ ଧୀରେ ପାଦ ଦୁଇଟିକୁ ଉପରକୁ ଉଠାଇ ଯୋଡ଼ । ଅର୍ଥାତ୍ ଏହି ବ୍ୟାୟାମ କରିବା ପାଇଁ ତୁମର ହାତୀକୁ ଉତ୍ତୋଳନ କରିବାର ଦକ୍ଷତା ଥିବା ଦରକାର । ତୁମର ପେଟର ମାଂସପେଶୀ ଲୌହଭଳି ଶକ୍ତ ହେବା ଦରକାର । ଏହି ବ୍ୟାୟାମ ଖୁବ୍ କମ୍ ଲୋକ କରିପାରନ୍ତି । ଏହା କେବଳ ଯୁବକ ଅବସ୍ଥାରେ କରାଯାଇ ପାରିଥାଏ ।

ଏହିସବୁ ବ୍ୟାୟାମ ହେଲା ହାତର କଠିନ ବ୍ୟାୟାମ । ପରେ ଆମେ ହାତର ଅନ୍ୟାନ୍ୟ ବ୍ୟାୟାମ ବିଷୟରେ ଆଲୋଚନା କରିବୁ ।

(କ୍ରମଶଃ)

❑❑❑

---

*(ପୃଷ୍ଠା ୪୮ ର ଅବଶିଷ୍ଟାଂଶ)*

ଛାତ୍ର ଓ ଅନୁସରଣକାରୀମାନେ ଦୁଇ ଭାଗରେ ବିଭକ୍ତ ହୋଇଥିଲେ – ଦକ୍ଷିଣପନ୍ଥୀ ଓ ବାମପନ୍ଥୀ ହେଗେଲ୍‌ବାଦୀ । ଦକ୍ଷିଣପନ୍ଥୀମାନେ ଥିଲେ ରାଜନୀତିରେ ପାରମ୍ପରିକତାର ସମର୍ଥକ ଏବଂ ଖ୍ରୀଷ୍ଟିଆନ ଧର୍ମ ଓ ହେଗେଲ୍‌ଙ୍କ ଦର୍ଶନ ଉପରେ ଜୋର ଦେଇଥିଲେ । ବାମପନ୍ଥୀମାନେ ଥିଲେ ନାସ୍ତିକ ଏବଂ ରାଜନୀତିରେ ଆନ୍ଦୋଳନକାରୀ ଲୁଡ୍‌ୱିଗ (Ludwig), ଫଭର୍ ବାକ୍ (Feuerbach), ବ୍ରୁନୋ ବୋର (Bruno Bauer), ଫ୍ରେଡ୍‌ରିକ୍ ଏଞ୍ଜେଲ୍‌ସ୍ (Friedrich Engels) ଏବଂ କାର୍ଲ ମାର୍କ୍‌ସ୍ (Karl Marx)ଙ୍କର ସମର୍ଥକ । ଏମାନେ ହେଗେଲ୍‌ଙ୍କ ଧାର୍ମିକ ଆଦର୍ଶ ପରିବର୍ତ୍ତେ ନାସ୍ତିକ ଜଡ଼ବାଦର ସମର୍ଥକ ଥିଲେ ।

୧୮୩୧ ଖ୍ରୀଷ୍ଟାବ୍ଦ ନଭେମ୍ବର ୧୪ ତାରିଖରେ ହେଗେଲ୍ ମହାମାରୀ ହଇଜା ରୋଗରେ ପୀଡ଼ିତ ହୋଇ ପୃଥିବୀପୃଷ୍ଠରୁ ବିଦାୟ ନେଇଥିଲେ ।

❑❑❑

# ‘ଶ୍ରୀମଦ୍ ଭାଗବତମ୍’ର ଉତ୍ପତ୍ତି କଥା

## ଧର୍ମକୁମାର ଶତପଥୀ

ଏ ବିରାଟ ବିଶ୍ୱକୁ ସର୍ଜନା କରି ସାରି ବ୍ରହ୍ମା ସ୍ୱସ୍ତିରେ ନିଃଶ୍ୱାସ ମାରୁଛନ୍ତି : ‘‘ଆଃ ! ବିଶ୍ୱ ବ୍ରହ୍ମାଣ୍ଡର ସୃଷ୍ଟି କରି ଦେଲି । ମୋର ଦାୟିତ୍ୱ ସରିଗଲା ।’’

ଭଗବାନ୍ ବିଷ୍ଣୁ ଉପସ୍ଥିତ ହୋଇ ପ୍ରଶ୍ନ କଲେ, ‘‘ବେଦବର ! ସୃଷ୍ଟିର ଜୀବଜଗତ୍ ପାଇଁ ସମସ୍ତ କଲ୍ୟାଣକାରୀ ଉପାଦାନର ବ୍ୟବସ୍ଥା କରିଛନ୍ତି ତ ?’’ ସେ ସତର୍କ କରିଦେଲେ ।

‘‘ହଁ ମହାଭାଗ ! ସବୁ ବନ୍ଦୋବସ୍ତ କରିସାରିଛି । କ୍ଷିତି, ଅପ୍, ତେଜ, ମରୁତ୍ ଓ ବ୍ୟୋମ ସମସ୍ତେ ଜୀବଜଗତର ସେବାରେ ସତତ ଲିପ୍ତ ରହିବେ । ସେମାନଙ୍କଠାରେ ସେହି ଉପାଦାନ ଭରପୂରଭାବେ ଗଚ୍ଛିତ ରଖି ଦେଇଛି ।’’

‘‘ଆଉ ମଣିଷମାନଙ୍କ ପାଇଁ ?’’

‘‘ତାହା ମଧ୍ୟ ବନ୍ଦୋବସ୍ତ କରି ସାରିଛି ଭଗବନ୍ ! ସବୁ ଜୀବଜଗତ୍ ସୃଷ୍ଟି କରି ସାରି ଆମ ଦେବତାମାନଙ୍କ ସମକକ୍ଷ ହେବା ପାଇଁ ସବାଶେଷରେ ମାନବସମାଜର ସର୍ଜନା କରିଛି । ସେମାନଙ୍କର କଲ୍ୟାଣ ପାଇଁ ଯାହା ହିତକର ତହିଁର ଯଥାର୍ଥ ବ୍ୟବସ୍ଥା ମଧ୍ୟ କରି ସାରିଛି ।’’

– ‘‘ତେବେ ମଣିଷର ଜ୍ଞାନୋଦୟ ପାଇଁ କ’ଣ ବ୍ୟବସ୍ଥା କରିଛନ୍ତି ପଦ୍ମନାଭ ?’’

ବ୍ରହ୍ମା ଉତ୍ତର ଦେଲେ – ମଣିଷର ଜ୍ଞାନୋଦୟ ପାଇଁ ମୋର ଚାରି ମୁଖରୁ ଚାରୋଟି ବେଦର ଉଚ୍ଚାରଣ କରିଛି । ତାହା ଋକ୍, ଯଜୁଃ, ସାମ ଓ ଅଥର୍ବ ନାମରେ ପରିଚିତ ହେବ । ସେହି ମହତ୍ ଗ୍ରନ୍ଥ ହେବ ମାନବସମାଜର ଆଦିଗ୍ରନ୍ଥ, ଆଦର୍ଶ ଜ୍ଞାନର ଭଣ୍ଡାର । ତାକୁ ଅଭ୍ୟାସ କରି କାର୍ଯ୍ୟରେ ଲଗାଇ ମଣିଷ ଦେବତ୍ୱର ପ୍ରାପ୍ତି ହେବ ମହାତ୍ମନ୍ !’’

‘‘ଧନ୍ୟ ! ଧନ୍ୟ ତୁମେ ବେଦପତି । ଧନ୍ୟ ତୁମର ଯତ୍ନଶୀଳତା । ଧନ୍ୟ ତୁମର ପ୍ରୟାସ । କିନ୍ତୁ... ...’’

‘‘କିନ୍ତୁ ପୁଣି କ’ଣ ମହାଭାଗ ?’’ ବ୍ରହ୍ମାଙ୍କ ମନରେ ପୁଣି ସନ୍ଦେହ ।

‘‘ତୁମର ଚାରି ବେଦକୁ ମାନବସମାଜର ସବୁ ବର୍ଗର ଲୋକ ହୃଦ୍‌ବୋଧ କରି ପାରିବେ ତ ? ସାଧାରଣ ମଣିଷ ପାଇଁ ଏହା ସରଳ, ବୋଧଗମ୍ୟ ହୋଇପାରିବ ତ ?’’

ବିଷ୍ଣୁଙ୍କର ଏକଥା ଶୁଣି ବ୍ରହ୍ମଦେବ କହିଲେ –

‘‘କରିଛି ମହାଭାଗ । ସେ ବ୍ୟବସ୍ଥା ମଧ୍ୟ କରି ସାରିଛି । ମହର୍ଷି ପରାଶରଙ୍କ ଆତ୍ମଜ ବେଦବ୍ୟାସ, ଦେବଚେତନା ନିପୁଣ ମହର୍ଷି, ଯେ କି ପୃଥିବୀର ଦୀର୍ଘକାୟ ମହାକାବ୍ୟ ମହାଭାରତର ସ୍ରଷ୍ଟା ହେବେ, ତାଙ୍କୁ ବେଦର ସରଳୀକରଣ ଦାୟିତ୍ୱ ଦିଆଯାଇଛି । ସେହିଁ ଏ କାର୍ଯ୍ୟ ପାଇଁ ସିଦ୍ଧହସ୍ତ ।’’

ବିଷ୍ଣୁ ପ୍ରସନ୍ନଚିତ୍ତରେ ଅନ୍ତର୍ଦ୍ଧାନ ହେଲେ । ବ୍ରହ୍ମା ମଧ୍ୟ କୃତକୃତ୍ୟ ହେଲେ ।

ସେହି ବେଦକୁ ଆଧାର କରି ପରେ ବିଭିନ୍ନ ମହର୍ଷି, ଉତ୍ତୁଙ୍ଗ ଜ୍ଞାନର ଅଧିକାରୀ ଋଷିଗଣ ବେଦର ସରଳ, ବୋଧଗମ୍ୟ ଭାବଧାରାରେ ଯାହା ବର୍ଣ୍ଣନା କରି ଗଲେ – ତାହା ପରବର୍ତ୍ତୀ ସମୟରେ ଉପନିଷଦ୍‌ଭାବେ ଆଖ୍ୟାୟିତ ହେଲା ।

ଏହି ଉପନିଷଦମାନଙ୍କର ମୂଳଭିତ୍ତିହିଁ ବେଦରୁ ଆନୀତ । କୁହାଯାଏ ଋକ୍ ବେଦର ଆଧାରରେ ଏକୋଇଶଟି ଉପନିଷଦ୍, ଯଜୁର୍ବେଦର ଆଧାରରେ ଏକଶହ ନଅଟି ଉପନିଷଦ୍, ସାମ ବେଦର ଆଧାରରେ ଏକ ହଜାରଟି ଉପନିଷଦ୍ ଓ ଅଥର୍ବ ବେଦର ଆଧାରରେ ପଚାଶଟି ଉପନିଷଦର ସର୍ଜନା ହୋଇଛି । ଏଣୁ ବେଦକୁ ଆଧାର କରି ସମୁଦାୟ ଉପନିଷଦ୍ ସଂଖ୍ୟା ଏଗାର ଶହ ଅଶୀ ।

ମାତ୍ର ଏତେ ସଂଖ୍ୟକ ଉପନିଷଦ୍ ମଧ୍ୟରୁ ଦଶଟିକୁ ଶ୍ରେଷ୍ଠ-ମାନ୍ୟତା ଦିଆଯାଏ । ସେଗୁଡ଼ିକ – ଈଶାବାସ୍ୟମ୍, କେନ, କଠ, ପ୍ରଶ୍ନ, ମୁଣ୍ଡକ, ମାଣ୍ଡୁକ୍ୟ, ତୈତ୍ତିରୀୟ, ଐତରେୟ, ଛାନ୍ଦୋଗ୍ୟ ଓ ବୃହଦାରଣ୍ୟକ ।

ପରାଶରାତ୍ମଜ ମହର୍ଷି କୃଷ୍ଣଦ୍ୱୈପାୟନ ଏଥିରେ ମଧ୍ୟ ସନ୍ତୁଷ୍ଟ ନହୋଇ ଏହାକୁ କାହାଣୀ ମାଧ୍ୟମରେ ସର୍ବସାଧାରଣଙ୍କ ଅବଧାରଣାକୁ ଛୁଇଁ ପାରିବା ଢଙ୍ଗରେ ଆହୁରି ସରଳ ଓ ମାର୍ମିକ କରିବାକୁ ସ୍ଥିର କଲେ । ବେଦ ଓ ଉପନିଷଦର କଥାବସ୍ତୁକୁ ଚିତ୍ତାକର୍ଷକ ଓ କୌତୂହଳପ୍ରଦ ଶୈଳୀରେ ଉପସ୍ଥାପନ ପାଇଁ ‘ପୁରାଣ’ର ସୃଷ୍ଟି କଲେ ।

ପୁରାଣମାନଙ୍କର ସଂଖ୍ୟା ଅଠରଟି । ସେସବୁ ‘ଅଷ୍ଟାଦଶ ପୁରାଣ’ ନାମରେ ନାମିତ ।

ଏହା ଭିତରେ ନିଗୂଢ଼ ଜ୍ଞାନର ତାତ୍ତ୍ୱିକ ବିଷୟ ଭରପୂର ରହିଛି । ସେଗୁଡ଼ିକ ହେଉଛି – ବ୍ରହ୍ମ, ପଦ୍ମ, ବିଷ୍ଣୁ, ଶିବ, ଲିଙ୍ଗ, ଗରୁଡ଼, ନାରଦ, ଅଗ୍ନି, ସ୍କନ୍ଦ, ଭବିଷ୍ୟ, ବ୍ରହ୍ମବୈବର୍ତ୍ତ, ମାର୍କଣ୍ଡେୟ, ବାମନ, ବରାହ, ମତ୍ସ୍ୟ, କୂର୍ମ, ବ୍ରହ୍ମାଣ୍ଡ ଏବଂ ଭାଗବତ । ଏମାନଙ୍କ ମଧ୍ୟରୁ 'ଭାଗବତମ୍'କୁ ସର୍ବୋତ୍କୃଷ୍ଟ, ଶ୍ରେଷ୍ଠ ଓ ଅଭିଜାତ ଶ୍ରେଣୀର ମାନ୍ୟତା ଦିଆଯାଏ । ଜୀବ ଜଗତର ସୃଷ୍ଟି ଶେଷରେ ମଣିଷମାନଙ୍କୁ ତିଆରି କରିଥିବା ପରି ପୁରାଣମାନଙ୍କର ଅନ୍ତିମ ସୃଷ୍ଟି ରୂପେ 'ଭାଗବତମ୍'କୁ ସର୍ବଶେଷରେ ସର୍ବୋତ୍କୃଷ୍ଟ କରି ସର୍ଜନା କରାଯାଇଛି । ଏଣୁ ସମସ୍ତ ପୁରାଣର ସାର ନିର୍ଯାସ ଏଥିରେ ସମ୍ପୃକ୍ତ ହୋଇଛି ।

'ଭାଗବତମ୍' – ସଂସ୍କୃତ ଭାଷାରେ ମହର୍ଷି ବେଦବ୍ୟାସ ପ୍ରଣିତ ଭକ୍ତିରସାଣିତ ମଣିଷଜାତି ପାଇଁ ଏହା ଏକ ଶ୍ରେଷ୍ଠଗ୍ରନ୍ଥ ।

ସାମ୍ପ୍ରତିକ ସମୟର ଉତ୍ତର ପ୍ରଦେଶ ରାଜ୍ୟର ଋଷିକେଶ ନିକଟସ୍ଥ, ହିମାଳୟର ମନୋରମ ପରିବେଷ୍ଟନୀ ମଧ୍ୟରେ ରହିଥିଲା ଏକ ଆଶ୍ରମ – ବଦ୍ରିକାଶ୍ରମ, ଯାହାର ଅନ୍ୟ ନାମ ଥିଲା ନାରାୟଣାଶ୍ରମ । ଏହାର ଅନତିଦୂରରେ ସଂଗୁପ୍ତ ସରସ୍ୱତୀ ନଦୀ କୂଳରେ ଏକ ସ୍ଥାନ ଥିଲା – 'ସାମ୍ୟପ୍ରାଶମ୍' । ଏହିଠାରେହିଁ ଗଢ଼ି ଉଠିଥିଲା ମହର୍ଷି ବେଦବ୍ୟାସଙ୍କ ତପୋବନ । ବିଶ୍ୱାସ କରାଯାଏ ଯେ, ଏହିଠାରେହିଁ ସେ ପୁରାଣସବୁକୁ ରଚନା କରି ପ୍ରଥମେ ତାଙ୍କ ଶିଷ୍ୟମାନଙ୍କୁ ଶୁଣାଇଥିଲେ । ତାହାକୁ ସେହି ଶିଷ୍ୟଗଣ ଅନ୍ୟତ୍ର ପ୍ରଚାର ପ୍ରସାର କରିଥିଲେ ।

ବେଦର ଅନ୍ତର୍ନିହିତ ତତ୍ତ୍ୱ ଉପନିଷଦ୍, ମହାଭାରତ ଓ ଅନ୍ୟାନ୍ୟ ପୁରାଣସବୁ ରଚନା କରି ସୁଦ୍ଧା ବେଦବ୍ୟାସ କୃତାର୍ଥ ଜଣା ପଡୁ ନଥିଲେ । ତାଙ୍କର ଏକ ଧାରଣା ଦୃଢ଼ ରହିଥିଲା ଯେ, କିଛି ଗୋଟିଏ ଗୂଢ଼ ବିଷୟକୁ ସେ ଯେପରି ଆଡ଼େଇ ଯାଉଛନ୍ତି । ଏମିତି କିଛି ଦିନ ଅନ୍ତରରେ ଦିନେ ହଠାତ୍ ମହର୍ଷି ନାରଦ ବେଦବ୍ୟାସଙ୍କ ପାଖରେ ଉପସ୍ଥିତ ହେଲେ । ମହାନୁଭବ ମହର୍ଷିଙ୍କ ଅସନ୍ତୁଷ୍ଟିର କାରଣ ଜାଣିବାକୁ ପାଇ ନାରଦ ତାଙ୍କୁ ପରାମର୍ଶ ଦେଲେ – ''ମହର୍ଷି ପ୍ରବର ! ଏପର୍ଯ୍ୟନ୍ତ ଆପଣ ଯାହାସବୁ ଗ୍ରନ୍ଥ ରଚନାରେ ନିମଗ୍ନ ରହିଛନ୍ତି, ସେସବୁରେ ଆପଣ ଜ୍ଞାନକୁ ପ୍ରାଧାନ୍ୟ ଦେଇଛନ୍ତି । ଜ୍ଞାନରହିଁ ସର୍ବାଦୌ ଆବଶ୍ୟକତା ରହିଛି – ଏହା ନିଃସନ୍ଦେହରେ କୁହାଯାଇପାରେ । ମାତ୍ର 'ଭକ୍ତି' ନାମକ ସେହି ଦୁର୍ଲଭ ଚିଜଟିକୁ ଆପଣ ଦୂରେଇ ଦେଇଛନ୍ତି ଆପଣଙ୍କର ସମସ୍ତ କୃତିରେ । ଦେବମାର୍ଗରେ ପରିଚାଳିତ ହେବା ପାଇଁ ଜ୍ଞାନ ଓ ଭକ୍ତି ଉଭୟର ଆବଶ୍ୟକତା ରହିଛି । ଏଣୁ ଆପଣ ଭକ୍ତି ମାଧ୍ୟମରେ ପ୍ରଭୁଙ୍କ ଗୁଣ ଗାନ କରିବାକୁ ବ୍ରତୀ ହୁଅନ୍ତୁ । ତାହାହିଁ ଆପଣଙ୍କୁ ଏ ବିଷାଦ, ଅବସାଦରୁ ମୁକ୍ତ କରିପାରିବ । ମାନବସମାଜ ମଧ୍ୟ ତଦ୍ୱାରା ଉପକୃତ ହେବ । ଅପେକ୍ଷମାଣ ପିଢ଼ି ପାଇଁ ଭକ୍ତିର ସର୍ଜନା କରି ଆପଣ ଆପଣଙ୍କର କୃତିକୁ ସମର୍ପିତ କରନ୍ତୁ । ତାହା ସଭିଙ୍କ ପାଇଁ ମଙ୍ଗଳକର ହେବ । ଆପଣ ମଧ୍ୟ ଅପ୍ରମେୟ ସନ୍ତୋଷ ପ୍ରାପ୍ତି କରିବେ । ଏଣୁ ମୋର ଏଇ ବିନମ୍ର ପରାମର୍ଶ ଗ୍ରହଣ କରନ୍ତୁ । ଅନେକ ବର୍ଷ ପୂର୍ବେ ଭଗବାନ୍ ବିଷ୍ଣୁ ମୋର ପିତା ବ୍ରହ୍ମାଙ୍କୁ ଏ ବିଷୟ ବିସ୍ତାର କରି କହିଛନ୍ତି । ତାହାହିଁ 'ଭାଗବତମ୍' । ମୋର ପିତା ବ୍ରହ୍ମା ମୋତେ ସେ ବିଷୟସବୁ କହିଛନ୍ତି । ଆପଣ ରାଜି ହେଲେ ମୁଁ ଏବେ ସେକଥା ଆପଣଙ୍କ ଆଗରେ ବଖାଣିବି । ଏହାକୁ ଏକ ପୁରାଣ ଢାଞ୍ଚାରେ ରଚନା କରନ୍ତୁ । ତାକୁ ପାଠ କରି ମାନବସମାଜ ଭକ୍ତିମାର୍ଗ ପ୍ରାପ୍ତ ହେବା ସହିତ ସନ୍ମାର୍ଗରେ ଯିବାର ବାଟ ପାଇବ । ଏହା ଦ୍ୱାରା ଦେଶ-ଦଶର ମଙ୍ଗଳ ହେବ ।''

ନାରଦଙ୍କ ପରାମର୍ଶ ବେଦବ୍ୟାସଙ୍କ ଚେତନାକୁ ସ୍ପର୍ଶ କଲା । ସେ ରାଜି ହେଲେ । 'ଭାଗବତ ପୁରାଣ' – ଯାହା ଆମେ ଜାଣୁ ତାହା ପ୍ରାପ୍ତ ହେଲୁ । ଏ ସମସ୍ତ ବୃତ୍ତାନ୍ତ ବ୍ୟାସ ନିଜେହିଁ ନିଜ ଭାଷାରେ ପ୍ରଦାନ କରିଛନ୍ତି ।

ଯଦିଓ ଭଗବତ୍ ସତ୍ତାର ମହାନତା ସମ୍ପର୍କରେ ସବୁ ପୁରାଣରେ ଭରପୂର ବର୍ଣ୍ଣନା ଅଛି, ଭାଗବତ ପୁରାଣର ଅନ୍ତିମ ପର୍ଯ୍ୟାୟରେ ତାହାକୁ ଅତି ବିସ୍ତାରିତଭାବେ ବର୍ଣ୍ଣନା କରାଯାଇଛି । ପ୍ରତ୍ୟେକ କାହାଣୀରେ ସେହି ପରମସତ୍ତାଙ୍କ ମହିମା, ଗୌରବର କଥା କୁହାଯାଇଛି ।

ଏଣୁ କେହି କେହି ବିଶ୍ୱାସ କରନ୍ତି ଯେ, କେବଳ ଭାଗବତ ପୁରାଣକୁ ଶୁଣି ଶୁଣି ଜଣେ ଦେବସତ୍ତାର ସନ୍ନିକଟ ହୋଇ ପାରିବ । ସେଥିପାଇଁ ବୋଧହୁଏ ନବଧା ଭକ୍ତିର ପ୍ରଥମରେ 'ଶ୍ରବଣ'କୁ ମାଧ୍ୟମ ରୂପେ ପ୍ରାଧାନ୍ୟ ଦିଆଯାଇଛି ।

'ଭାଗବତମ୍'ରେ ରହିଛି ବାରଟି ଖଣ୍ଡ । ପ୍ରତ୍ୟେକ ଖଣ୍ଡକୁ ସ୍କନ୍ଧ କହନ୍ତି । କାହା କାହା ମତରେ ତେଣୁ ଏହା 'ଦ୍ୱାଦଶ ସ୍କନ୍ଧ ପୁରାଣ' । ପ୍ରତ୍ୟେକ ସ୍କନ୍ଧ ପୁଣି ଅନେକ ଅଧ୍ୟାୟରେ ବିଭକ୍ତ । ଏହି ଦ୍ୱାଦଶ ସ୍କନ୍ଧରେ ମୋଟ ତିନିଶହ ପଇଁତିରିଶ ଅଧ୍ୟାୟ ରହିଛି । ଏଥିରେ ରହିଛି ଅଠର ହଜାର ଶ୍ଳୋକ । ପ୍ରତ୍ୟେକ ଶ୍ଳୋକ ହାରାହାରି ବତିଶ ପଦାଂଶ ବିଶିଷ୍ଟ ଦୀର୍ଘ ।

ପ୍ରଥମରୁ ଦ୍ୱାଦଶ ସ୍କନ୍ଧ ମଧ୍ୟରେ ଅଧ୍ୟାୟ ସଂଖ୍ୟା ଦଶରୁ ନବେ ମଧ୍ୟରେ ରହିଛି ।

'ଭାଗବତମ୍'ରେ ଭଗବାନ୍ ଶ୍ରୀକୃଷ୍ଣ ହେଉଛନ୍ତି ମୁଖ୍ୟ ଚରିତ୍ର । ସେ ସ୍ଥଳ ବିଶେଷରେ ଘଟଣାମାନଙ୍କରେ ଏପରି ସ୍ଥାନିତ ହୋଇଛନ୍ତି ଯାହା ଭାଗବତର ଘଟଣାଠାରୁ ମଧ୍ୟ ଆଗରୁ ସଂଘଟିତ ହୋଇଛି । ଏଣୁ ଆମେ ଯଦି ତାଙ୍କୁ ଜଣେ ଅବତାର ବା ତଦୂର୍ଦ୍ଧ୍ୱ ଏକ ଆଦର୍ଶ ପୁରୁଷ ବୋଲି ଗ୍ରହଣ କରିବା ତେବେ ଏଥିରେ କୌଣସି କାଳକ୍ରମ ରହିବ ନାହିଁ । ଏଣୁ କୁହାଯାଏ – ''କୃଷ୍ଣସ୍ତୁ ଭଗବାନ୍ ସ୍ୱୟଂ ।'' କୃଷ୍ଣହିଁ ସ୍ୱୟଂ ଭଗବାନ୍ – ସମୟ ଓ ପରିବେଶ ମଧ୍ୟରେ ସୀମିତ ନରହି ବିଭିନ୍ନ ଭୂମିକାର ରୂପାୟଣ କରିଛନ୍ତି ସେହି ସମୟ ଓ ପରିବେଶଠାରୁ ସର୍ବଦା ନିର୍ଲିପ୍ତ ରହି ।

ଏହି 'ଭଗବତ୍ ବାସୁଦେବଙ୍କ ସାନ୍ନିଧ୍ୟ ପ୍ରାପ୍ତ ହୋଇ ବ୍ୟାସଦେବ ପ୍ରତ୍ୟକ୍ଷଭାବେ ଆମକୁ ସେହି ବାସୁଦେବଙ୍କ ସମୀପକୁ ଟାଣି ନେଇଛନ୍ତି – 'ଭାଗବତମ୍' ମାଧ୍ୟମରେ ।

ଭଗବାନ୍ ଶ୍ରୀକୃଷ୍ଣଙ୍କ ସହାନୁଭୂତିଶୀଳ ଜବାବ, ଜ୍ଞାନର ଏକ ସାରଗର୍ଭକ ଅନ୍ତଃସାର ରହିଛି ଏହି ଚତୁଃଶ୍ଳୋକି 'ଭାଗବତମ୍'ରେ –

ଅହମେବାସମେବାଗ୍ରେ ନାନ୍ୟଦ୍ ଯତ୍ ସଦସତ୍ ପରମ୍ ।
ପଶ୍ଚାଦହଂ ଯଦେତଚ୍ଚ ଯୋଽବଶିଷ୍ୟେତ ସୋଽସ୍ମ୍ୟହମ୍ ॥ (୧)
ଋତେଽର୍ଥଂ ଯତ୍ ପ୍ରତୀୟେତ ନ ପ୍ରତୀୟେତ ଚାତ୍ମନି ।
ତଦ୍‌ବିଦ୍ୟାଦାତ୍ମନୋ ମାୟାଂ ଯଥାଭାସୋ ଯଥା ତମଃ ॥ (୨)
ଯଥା ମହାନ୍ତି ଭୂତାନି ଭୂତେଷୂଚ୍ଚାବଚେଷ୍ୱନୁ ।
ପ୍ରବିଷ୍ଟାନ୍ୟପ୍ରବିଷ୍ଟାନି ଯଥା ତେଷୁ ନ ତେଷ୍ୱହମ୍ ॥ (୩)
ଏତାବଦେବ ଜିଜ୍ଞାସ୍ୟଂ ତତ୍ତ୍ୱଜିଜ୍ଞାସୁନାତ୍ମନଃ ।
ଅନ୍ୱୟବ୍ୟତିରେକାଭ୍ୟାଂ ଯତ୍ ସ୍ୟାତ୍ ସର୍ବତ୍ର ସର୍ବଦା ॥ (୪)

ଏହାର ଅର୍ଥ – ''ଏଇ ସର୍ଜନା ପୂର୍ବରୁ ମୁହିଁ ବିଦ୍ୟମାନ ପ୍ରଥମେ । ମୋ ବ୍ୟତିରେକେ ଆଉ କିଛି ସତ୍ ବା ଅସତ୍ ରହି ନଥିଲା । ଏପରିକି ସୃଷ୍ଟି ସର୍ଜନା ପରେ ମଧ୍ୟ ମୁଁ ଏକମାତ୍ରହିଁ ଅଛି, ମୁହିଁ ଏହି ବିଶ୍ୱବ୍ରହ୍ମାଣ୍ଡ ମଧ୍ୟ; ଏ ସୃଷ୍ଟି ଧ୍ୱଂସ ହୋଇଗଲେ ମଧ୍ୟ ମୁଁ ରହିବି । ମୋ ମାୟା ଆତ୍ମାକୁ ଏକ ଅପୂର୍ବ ରୂପାକୃତି ଚେହେରାରେ ଦେଖେ । ଏହା ଏକ ଦୃଷ୍ଟି ଭିତ୍ତିକ ଭ୍ରାନ୍ତି ବା ଛଳନା । ଆତ୍ମାଟି ପ୍ରକୃତରେ ଦେଖାଯାଏ ନାହିଁ । ପୃଥିବୀ ଓ ଜଳର ସମୁଦାୟ ଉପାଦାନ ସକଳ ଭୌତିକ ଶରୀରରେ ସ୍ଥିତ ବୋଲି ଚିନ୍ତା କରାଯାଇପାରେ, ଏପରିକି ମୁଁ ମଧ୍ୟ ଜୀବସତ୍ତାରେ ପ୍ରବେଶ କରି ଏକ ସ୍ଥାୟୀ ସତ୍ତା ହୋଇପାରେ । ମାତ୍ର ତଥାପି ମୁଁ ନୁହେଁ ।

''ସତ୍ୟାନୁରାଗୀ ବ୍ୟକ୍ତିକୁ ଏହି ବିଷୟ ପ୍ରତି ଅନୁଧ୍ୟାନ କରିବାକୁ ହେବ ଯେ, ଏହା କ'ଣ 'ତାହା' ଯାହା ସବୁଠାରେ ଓ ସବୁ ସମୟରେ ବିଦ୍ୟମାନ ରହିଛି । ଯାହାର କ୍ଷୟ ନାହିଁ, ନିତ୍ୟ, ଶାଶ୍ୱତ, ଚିରନ୍ତନ ।

''ଏହି ତଥ୍ୟକୁ ଆଧାର କରି ଧ୍ୟାନସ୍ଥ ହୁଅ, ଅତ୍ୟନ୍ତ ଏକାଗ୍ରଭାବେ । ତୁମେ ମାୟାରୁ ମୁକ୍ତ ହୋଇଯିବ ଯେତେବେଳେ ତୁମେ ସର୍ଜନା କାର୍ଯ୍ୟରେ ଲିପ୍ତ ରହିଛ ।''

ଯଥାର୍ଥରେ ଏହି 'ଭାଗବତମ୍' ହେଉଛି ଆଦର୍ଶ ମାନବ ହୃଦୟରେ ଦେବତ୍ୱ ପ୍ରତିରୋପଣର ଶ୍ରେଷ୍ଠ କ୍ଷେତ୍ର । ଏ ନଶ୍ୱର ଶରୀରରେ ଅବିନାଶୀ ଆତ୍ମାର ସନ୍ଧାନୀ ହୋଇ ସେହି ଭଗବତ୍ ସତ୍ତାରେ ମଜ୍ଜମାନ ହେବାହିଁ ଯଥାର୍ଥ ଈଶ୍ୱରପ୍ରାପ୍ତି, ଯଥାର୍ଥ ଈଶ୍ୱରତ୍ୱ ।

❑❑❑

ଯେତେବେଳେ ତୁମେ କାହାକୁ ''**ସୁପ୍ରଭାତ**'' ବୋଲି କହୁଛ, ସେତେବେଳେ ତୁମେ ତାଙ୍କ ଲାଗି ଏକ **ଶୁଭଦିନ**ର କାମନା କରୁଛ । ଯଦି ତୁମେ ସଚେତନ ଭାବରେ ତାହା କରୁଥିବ, ଯାହା କହୁଛ ତାହାରି ବିଷୟରେ ଭାବୁଥିବ, ତେବେ ''**ସୁପ୍ରଭାତ**'' କଥାଟି ପ୍ରଭୂତ ଶକ୍ତିଯୁକ୍ତ ହୋଇପାରିବ ଏବଂ ଦିନଟିକୁ ଏକ ଶୁଭଦିନରେ ପରିଣତ କରିବାକୁ ସାହାଯ୍ୟ କରିବ ।

– ଶ୍ରୀମା

# ନୂଆ ଚାଦର
## ବ୍ରହ୍ମାନନ୍ଦ ସ୍ୱାଇଁ

ଗଙ୍ଗା କୂଳରେ ଆଶ୍ରମଟିଏ । ଥରେ ଶୀତ ଆରମ୍ଭରେ ଜଣେ ଶିଷ୍ୟ ଆସି ଗୁରୁଜିଙ୍କୁ ଗୋଟିଏ ନୂଆ ଚାଦର ପାଇଁ ଅନୁରୋଧ କଲା ।

ଗୁରୁଜି ପଚାରିଲେ, ''ନୂଆ ଚାଦର କାହିଁକି ଦରକାର ? ତୁମ ପୁରୁଣା ଚାଦର କୁଆଡ଼େ ଗଲା ।''

ଶିଷ୍ୟ : ପୁରୁଣା ଚାଦରଟି ଚିରିଯାଇଥିଲା । ତାକୁ ସିଲେଇ କରି ଏବେ ବିଛଣା ଉପରେ ପକାଉଛି ।

ଗୁରୁଜି : ଆଉ ପୁରୁଣା ବିଛଣା ଚାଦର ?

ଶିଷ୍ୟ : ସେଇଟା ତ ଆହୁରି ଖରାପ ଅବସ୍ଥାରେ ଥିଲା । ବଡ଼ କଷ୍ଟରେ ତାକୁ ସିଲେଇ କରି ଧ୍ୟାନ ସମୟରେ ବ୍ୟବହାର ପାଇଁ ଆସନ କରିଦେଇଛି ।

ଗୁରୁଜି : ଆଗରୁ କ'ଣ ତଳେ ବସି ଧ୍ୟାନ କରୁଥିଲ ?

ଶିଷ୍ୟ : ପୁରୁଣା ଆସନଟି ନାଁ'କୁ ଆସନ ଥିଲା । କିନ୍ତୁ କେବେଠାରୁ ଆଉ ବ୍ୟବହାର ଯୋଗ୍ୟ ନଥିଲା । ତାକୁ କାଟି, ସିଲେଇ କରି ଏବେ ପା'ପୋଛ ତିଆରି କରି ଦେଲି ।

ଗୁରୁଜି : ଆଉ ପୁରୁଣା ପା'ପୋଛଟି ଫୋପାଡ଼ି ଦେଲ ?

ଶିଷ୍ୟ : ନାଇଁ ଗୁରୁଜି, ପୁରୁଣା ପା'ପୋଛଟି ବି ଜୀର୍ଣ୍ଣ ଶୀର୍ଣ୍ଣ ଅବସ୍ଥାକୁ ଆସି ଯାଇଥିଲା । ଏବେ ସେଇ ଛିଣ୍ଡା ପା'ପୋଛଟିରୁ ସୂତା କାଢ଼ି, ଦୀପରେ ବଳିତା କରି ଜଳାଉଛି । ଆଗାମୀ ଦୁଇ ମାସ ପାଇଁ ମୋର ଆଉ ବଳିତାର ଆବଶ୍ୟକତା ହେବ ନାହିଁ ।

ଶିଷ୍ୟଜଣକୁ ଏକ ସୁନ୍ଦର ନୂଆ ଚାଦର ମିଳିଲା । ❑

*

ଉପରୋକ୍ତ କ୍ଷୁଦ୍ର କାହାଣୀଟିକୁ ଆଧାର କରି କିଛି ସମୀକ୍ଷାମୂଳକ ଆଲୋଚନା :

ସତ୍ୟ : ମହାତ୍ମା ଗାନ୍ଧିଙ୍କର ଏକ ବାଣୀ ମନେ ପଡ଼ୁଛି – "Nature has enough for everybody's need, but not for everybody's greed !" କିନ୍ତୁ ଆମେ ସମସ୍ତେ ପ୍ରାୟ ଆମର ଆବଶ୍ୟକତାଠାରୁ ଅନେକ ଅଧିକ ବ୍ୟବହାର କରିଚାଲିଛେ । ଏଣୁ ଅନେକ ଅସୁବିଧା ।

ନରେଶ : ଆବଶ୍ୟକତା ବଢ଼ି ଚାଲିଥିବା ଯୁଗରେ ଏକଥା ଲଙ୍କାରେ ହରି ଶବ୍ଦ ପରି । ଦରକାର ଥାଉ କି ନଥାଉ,ପଡ଼ିଶା ଘରେ ଅଛି ତ ମୁଁ କିଣିବି । ବ୍ୟାଙ୍କରୁ ଋଣ କରି ବିଳାସ-ସାମଗ୍ରୀ କିଣିବାର ଉଦାହରଣ କିଛି କମ୍ ଦେଖିବାକୁ ମିଳୁନି ଆଜିକାଲି ।

ସତ୍ୟ : ପୁଣି ଗାନ୍ଧିଜିଙ୍କ ବାଣୀ ମନେ ପଡ଼ୁଛି – "Live simply, so that somebody can simply live" – ବୋଧହୁଏ ଆଉ ଅଧିକ କହିବା ଦରକାର ନାହିଁ ।

ଆନନ୍ଦ : ମୁଁ ଥରେ ଗୋଟେ ଶିବିରରେ ଯୋଗଦେବା ବେଳେ ଗୋଟେ ସ୍କୁଲରେ ପାଞ୍ଚଦିନ କଟାଇ ଥିଲି । ସେଠି ପୁରୁଣା ଦାନ୍ତକାଠିକୁ ଶୁଖେଇ ଜାଳେଣି ଭାବରେ ବ୍ୟବହାର କରିବା, ଗୋଟିଏ କଞ୍ଚାଲଙ୍କାକୁ କାଟି ତିନିଜଣ ଖାଇବା ଇତ୍ୟାଦି ଅନେକ କମ୍ ଖର୍ଚ୍ଚ, recycling ଓ ସରଳ ଜୀବନଯାପନର ଉଦାହରଣ ଦେଖି ଅଭିଭୂତ ହୋଇ ଯାଇଥିଲି । ଆମେ ସମସ୍ତେ ପ୍ରତିଦିନ ଏମିତି ଅନେକ କାମ କରିପାରିବା ।

('କଥା ଓ ଲଥା'ରୁ ସଂଗୃହୀତ) ❑

# ଜିଜ୍ଞାସୁର ପୃଷ୍ଠା

*ପ୍ରଶ୍ନ : ଯେଉଁ ସାଧକମାନେ ଲକ୍ଷ୍ୟପ୍ରାପ୍ତିର ସାଧନାରୂପେ କର୍ମ ଗ୍ରହଣ କରି ନଥା'ନ୍ତି ସେମାନଙ୍କ କର୍ମରେ ଆଗ୍ରହ, ପ୍ରବୃତ୍ତି ଏବଂ ନିଷ୍ଠା ନଥାଏ, କେବଳ ପରିସ୍ଥିତି ଦୃଷ୍ଟିରୁ କର୍ମ କରନ୍ତି, ସମ୍ଭବତଃ ସେହିମାନେ ଅହଂ-ସ୍ୱାର୍ଥରୁ ମୁକ୍ତ ହୋଇଥିବେ ?*

ଉତ୍ତର : କଦାପି ନୁହେଁ । ଶରୀରରେ ରକ୍ତ ସଦୃଶ ବ୍ୟକ୍ତିର ମନ-ପ୍ରାଣରେ ଅହଂ ଏବଂ ସ୍ୱାର୍ଥ ଓତପ୍ରୋତ ଥାଏ; କୌଣସିରୂପେ ବ୍ୟକ୍ତି ମଧ୍ୟରେ ତାହା କ୍ରିୟା କରେ ।

*ପ୍ରଶ୍ନ : ଲୋକ-ସଂପର୍କୀୟ କର୍ମ ଛଡ଼ା ଅହଂ-ସ୍ୱାର୍ଥ କିପରି ପ୍ରକାଶିତ ହୁଏ ?*

ଉତ୍ତର : କର୍ମ ଛଡ଼ା କଥାବାର୍ତ୍ତାରେ ଅହଂ-ସ୍ୱାର୍ଥ କ୍ରିୟା କରିପାରେ । ଅହଂ, ସ୍ୱାର୍ଥ କର୍ମରେ ନଥାଏ, ଥାଏ ମନ-ପ୍ରାଣକୁ ଅଧିକାର କରି । ବ୍ୟକ୍ତିର ସ୍ୱଭାବ ଅନୁସାରେ ମନ-ପ୍ରାଣର କ୍ରିୟା ଯେଉଁଠାରେ ହୁଏ, ସେଥିରେ ତାହା ପ୍ରକାଶିତ ହୁଏ । ଉଦାହରଣରୂପେ କୌଣସି ବ୍ୟକ୍ତିର ସ୍ଥୂଳ ବୁଦ୍ଧି ଉନ୍ନତ ହୋଇଥାଉ ବା ଅନୁନ୍ନତ ହୋଇଥାଉ ସେ ଯଦି ନିଜ ବୁଦ୍ଧିକୁ ବିଶ୍ୱାସ କରେ, ତେବେ ପ୍ରଥମରେ ସେ ଯେଉଁ ବିଷୟ ବୁଝିଥାଏ, ତାହା ଭୁଲ୍ ଏବଂ ଅଯୌକ୍ତିକ ହେଲେ ମଧ୍ୟ ତାହାକୁ ପୂର୍ଣ୍ଣରୂପେ ନିର୍ଭୁଲ ବୋଲି ଧାରଣା କରେ, ସେଥିରେ ସନ୍ଦେହ ନଥିବା ଯୋଗୁଁ ତାହା ଭୁଲ୍ ବା ଠିକ୍, ବୁଝିବାକୁ ଚେଷ୍ଟା କରେ ନାହିଁ । ଯଦ୍ୟପି କୌଣସିମତେ ତାହା ଭୁଲ୍ ବୋଲି ବୁଝିପାରେ ତଥାପି ନିଜ ଭୁଲକୁ ସ୍ୱୀକାର ନକରିବା ସକାଶେ ବରାବର ଯୁକ୍ତି କରେ । ଏହିପରି ମଧ୍ୟ ନିଜ କାର୍ଯ୍ୟରେ ଏବଂ ଅନ୍ୟ କାର୍ଯ୍ୟରେ କରେ । ଅନ୍ୟ ବ୍ୟକ୍ତି ଯେଉଁ କାର୍ଯ୍ୟ କରେ ତାହା ଠିକ୍ ଥାଉ ବା ଭୁଲ୍ ଥାଉ, ତା' ବିଚାରରେ ଯଦି ଭୁଲ୍ ବୋଲି ମନେ ହୁଏ, ତେବେ ସେଥିରେ ପ୍ରତିବାଦ କରେ ଏବଂ ଏହି ପ୍ରତିବାଦକୁ ସ୍ୱୟଂ ନିର୍ଭୀକ, ସ୍ପଷ୍ଟବାଦୀ, ନ୍ୟାୟବାନ୍ ବୋଲି ଭାବି ନିଜ ଅହଂକୁ ସମର୍ଥନ କରେ । ପରେ କେବେ କେବେ ନିଜ ଭୁଲ୍ ଯଦି ବୁଝିପାରେ ତଥାପି ସେ ସମ୍ବନ୍ଧେ ଭବିଷ୍ୟତରେ ସାବଧାନ ହେବାକୁ ଦୃଢ଼ ସଂକଳ୍ପ ସହ ପ୍ରଯତ୍ନ କରେ ନାହିଁ । ଏହିରୂପେ ବୁଝିବା ଏବଂ ଅନ୍ୟ କର୍ମରେ ପ୍ରତିବାଦ କରିବା ହେଲା ଅହଂର ପରିଚୟ ।

*ପ୍ରଶ୍ନ : ଅନ୍ୟ ବ୍ୟକ୍ତି ଯଦି ଠିକ୍ କାର୍ଯ୍ୟ କରିଥାଏ, ସେହି କାର୍ଯ୍ୟକୁ ଭୁଲ୍ ଧାରଣା କରି ପ୍ରତିବାଦ କଲେ ଅହଂର କ୍ରିୟା ହୋଇପାରେ, କିନ୍ତୁ ଭୁଲ୍ କାର୍ଯ୍ୟରେ ପ୍ରତିବାଦ କଲେ ଦୋଷ କ'ଣ ?*

ଉତ୍ତର : ଦୋଷ ହୁଏ ପ୍ରତିବାଦ କରିବାରେ । ବ୍ୟକ୍ତିର ଭୁଲ୍ ସଂଶୋଧନ କରିବା ସକାଶେ ତୁମର ଯଦି ଶୁଭ-ଭାବନା, ସହାନୁଭୂତି, ହିତଚିନ୍ତା ତଥା ଭଗବତ୍ ସେବାଭାବ ଥାଏ, ତେବେ ତୁମେ ପ୍ରତିବାଦ କର ନାହିଁ । ନିଜେ ଶାନ୍ତ ଅବସ୍ଥାରେ ରହି ବ୍ୟକ୍ତିକୁ ତା'ର ଭୁଲ୍ ବୁଝାଇ ଦେବାକୁ ଚେଷ୍ଟା କରିପାର । ବ୍ୟକ୍ତି ଯଦି ବୁଝିବାକୁ ନଚାହିଁ ନିଜ କରିଥିବା କାର୍ଯ୍ୟକୁ ସମର୍ଥନ କରେ ଏବଂ ତୁମ ସହିତ ପ୍ରତିବାଦ କରେ ତେବେ ତୁମେ ତତ୍କ୍ଷଣାତ୍ ଚୁପ୍ ରହିଯାଅ । ସେଥିରେ ତୁମେ ଯଦି ପ୍ରତିବାଦ କର ତାହା ହେଉଛି ତୁମର ଅହଂ । ସେଥିରେ ବ୍ୟକ୍ତିର କଲ୍ୟାଣ ଭାବନା ନଥାଏ, ଥାଏ ନିଜର କହିବାଟା ଯଥାର୍ଥ ବୋଲି ପ୍ରମାଣ କରିବା । ଏହି ଧାରଣାହିଁ ଅହଂ ।

*ପ୍ରଶ୍ନ : ଯେଉଁ କାର୍ଯ୍ୟରେ ବ୍ୟକ୍ତିର କ୍ଷତି ହୁଏ ସେଥିରେ ପ୍ରତିବାଦ କରିବା ଉଚିତ ନୁହେଁ କାହିଁକି ?*

ଉତ୍ତର : ବ୍ୟକ୍ତି ଯଦି ତୁମର ପରାମର୍ଶ ସ୍ୱୀକାର ନକରେ ତୁମ ପ୍ରତିବାଦରେ କୌଣସି ଲାଭ ହୁଏ ନାହିଁ, ସୁତରାଂ ପ୍ରତିବାଦ କରିବା ଉଚିତ ନୁହେଁ । ବ୍ୟକ୍ତି ଅଧ୍ୟାତ୍ମ-ମାର୍ଗରେ ଯେକୌଣସି କାର୍ଯ୍ୟ କରେ, ତା'ର ଉଦ୍ଦେଶ୍ୟ ଥାଏ ନିଜ ଲକ୍ଷ୍ୟ-ସିଦ୍ଧି ବା ଭଗବାନଙ୍କ ସେବାଭାବ । ସେହି କର୍ମର ଭୁଲ୍ ସଂଶୋଧନ କରିବା ଦାୟିତ୍ୱ ଆମ ଅପେକ୍ଷା ଅଧିକ ତା' ନିଜର ଏବଂ ଭଗବାନଙ୍କର; ସେ ନିଜେ ଯଦି ନିଜ ଭୁଲ୍ ସଂଶୋଧନ କରିବାକୁ ନଚାହେଁ, ଭଗବାନ୍ ଯଦି ଚୁପ୍ ରହନ୍ତି ସେଥିରେ

ତୃତୀୟ ବ୍ୟକ୍ତିର ମସ୍ତିଷ୍କ ପୀଡ଼ା ହେବ କାହିଁକି ? ଅନ୍ୟର ଭୁଲ୍ ସଂଶୋଧନ କରିବା ଶକ୍ତି ତୁମର ନାହିଁ, ତୁମ କଥା ଅନ୍ୟ ବ୍ୟକ୍ତିମାନେ ଶୁଣନ୍ତି ନାହିଁ, ତୁମ ପ୍ରତିବାଦର ଫଳ ହୁଏ କେବଳ ତୁମ ମଧ୍ୟରେ ଅସ୍ଥିରତା, ଅନୁତାପ, ବିଶେଷ ବିବାଦ ହେଲେ ହୁଏ ଈର୍ଷ୍ୟା । ଅନ୍ୟ ବ୍ୟକ୍ତି ଭୁଲ୍ କରୁ ବା ଠିକ୍ କରୁ ସେ ଯଦି ତୁମର ଯଥାର୍ଥ ପରାମର୍ଶ ନଚାହେଁ, ତେବେ ପ୍ରତିବାଦ କରିବା ସର୍ବଦା ଅନୁଚିତ ।

*ପ୍ରଶ୍ନ : ଯେଉଁ କାର୍ଯ୍ୟରେ ଆମେ ସଂପୃକ୍ତ ଥାଉ ସେହି କାର୍ଯ୍ୟ ଅନ୍ୟ ଭୁଲ୍ କରିବା ଦ୍ୱାରା ଆମ ଉପରେ କିଛି ପ୍ରଭାବ ପଡ଼ିପାରେ । ସେ ଅବସ୍ଥାରେ ସେହି ଭୁଲ୍ କାର୍ଯ୍ୟରେ ପ୍ରତିବାଦ କରିବା କ'ଣ ଉଚିତ ନୁହେଁ ?*

ଉତ୍ତର : ଏକେବାରେ ଉଚିତ ନୁହେଁ । ତୁମକୁ ଯେଉଁ କାର୍ଯ୍ୟ କରିବାର ଦାୟିତ୍ୱ ଦିଆ ହୋଇଛି ତାହା ଠିକ୍ ଭାବରେ କର, ଅନ୍ୟର ଭୁଲ୍ କାର୍ଯ୍ୟର ପ୍ରଭାବ ତୁମ ଉପରେ ପଡ଼ିବ ସେଥିପାଇଁ ଏକେବାରେ ପରବାୟ କର ନାହିଁ । ଏହି ଯୋଗର ସାଧନା ସାମୂହିକ ହେବା ଯୋଗୁଁ ଅନ୍ୟର ଭୁଲର ପ୍ରଭାବ ସମୂହ ସାଧନାରେ ପଡ଼ିବ, ଏହା ନିଶ୍ଚିତ; କିନ୍ତୁ ପ୍ରତିବାଦ ଦ୍ୱାରା ତୁମେ ଏହା ସଂଶୋଧନ କରିପାରିବ ନାହିଁ । ସବୁଠାରୁ ଉତ୍ତମ ହେବ ନିଜ କାର୍ଯ୍ୟକୁ ନିର୍ଭୁଲ ଭାବରେ କରିବା ।

ଏହାଛଡ଼ା କୌଣସି ବ୍ୟବସ୍ଥାର ନିର୍ଦ୍ଧାରିତ ନିୟମ ପାଳନକୁ ନିଜ ସ୍ୱତନ୍ତ୍ରତାରେ ହସ୍ତକ୍ଷେପ କରାହେଉଛି, ତାହା ଏହି ଧାରଣାରେ ପାଳନ ନକରିବା ହେଲା ସିଧା ସିଧା ଅହଂକୁ ପ୍ରଶ୍ରୟ ଦେବା । ଯୋଗରେ ବାହ୍ୟ ନିୟମ ପାଳନ ବିଶେଷ ଆବଶ୍ୟକ । କାରଣ ଏହି ଯୋଗର ଲକ୍ଷ୍ୟ କର୍ମରେ ଭଗବତପ୍ରାପ୍ତି । ଏହି ସକାଶେ ଆଶ୍ରମରେ ତଥା ମା'ଙ୍କ ପ୍ରତ୍ୟେକ କର୍ମରେ ବାହ୍ୟ ନିୟମପାଳନରେ ଅଧିକ ଜୋର୍ ଦିଆହୋଇଛି । କୌଣସି କାର୍ଯ୍ୟରେ ଠିକ୍ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ହେବା, (କ୍ୟୁ) ଲାଇନ ଭଙ୍ଗ ନକରିବା ଇତ୍ୟାଦି ।

*ପ୍ରଶ୍ନ : କର୍ମ ସମସ୍ତ ଦ୍ୱନ୍ଦ୍ୱର କାରଣ । ସେଥିରେହିଁ କାମନା-ବାସନା ବିଦ୍ୟମାନ ଥାଏ । କର୍ମ ତ୍ୟାଗ କରି କେବଳ ଧ୍ୟାନ, ସମର୍ପଣ ଦ୍ୱାରା ଯୋଗ-ମାର୍ଗରେ ଅଗ୍ରସର ହେଲେ କ୍ଷତି କ'ଣ ?*

ଉତ୍ତର : କର୍ମ ତ୍ୟାଗ କରି କେବଳ ଧ୍ୟାନ ଦ୍ୱାରା ଶରୀର ସମର୍ପଣ ହୋଇପାରେ ନାହିଁ କିଂବା ବ୍ୟକ୍ତି ଲକ୍ଷ୍ୟ-ସିଦ୍ଧି କରିପାରେ ନାହିଁ । ଲକ୍ଷ୍ୟ ପ୍ରାପ୍ତି ନ ହେବାହିଁ ବିଶେଷ କ୍ଷତି । ବ୍ୟକ୍ତି ରାଜ୍ୟ ତ୍ୟାଗ କରି ସନ୍ନ୍ୟାସ ଗ୍ରହଣ କଲେ ବାସନା-କାମନା ରାଜ୍ୟ ଓ ଐଶ୍ୱର୍ଯ୍ୟରୁ ଯାଇ ଏକମାତ୍ର ସଂପତ୍ତି ଲେଙ୍ଗୁଟିରେ ଆଶ୍ରୟ ନିଏ ।  କାମନା-ବାସନା ରୂପାନ୍ତର ନ ହେବା ଅବସ୍ଥାରେ କର୍ମ ତ୍ୟାଗ କଲେ ଏହି ତ୍ୟାଗ କରିଥିବା ଭାବରେ ଅହଂ ଆଶ୍ରୟ ନିଏ । 'ମୁଁ ଜଣେ ତ୍ୟାଗୀ'– ଏହି ଭାବହିଁ ଅହଂ ।

ଏହାଛଡ଼ା ଏହି ରୂପାନ୍ତର-ଯୋଗରେ କୌଣସି ଭାଗକୁ ବାଦ୍ ଦେବା ଠିକ୍ ନୁହେଁ । ସବୁଭାଗ ସମସ୍ତ କର୍ମକୁ ରୂପାନ୍ତର କରିବାକୁ ହୁଏ ।

*ପ୍ରଶ୍ନ : ବ୍ୟକ୍ତି ଭଗବଦ୍ ଆଶ୍ରୟ ନେବା ସଙ୍ଗେ ସଙ୍ଗେ ତା' ଅନ୍ତରରେ ଯଦି ଭଗବାନ୍ ଜ୍ଞାନ-ଜ୍ୟୋତିଃ ପ୍ରଜ୍ୱଳିତ କରନ୍ତେ କିଂବା ବିବେକ ବିକାଶ କରି ଦିଅନ୍ତେ ତେବେ ବ୍ୟକ୍ତି ସାଧନା ଆରମ୍ଭରୁ ସଚେତ ହୋଇ ଅହଂ-ସ୍ୱାର୍ଥର କ୍ରିୟାକୁ ବର୍ଜନ କରିପାରନ୍ତା । ଭଗବାନ୍ ସର୍ବ ସମର୍ଥ, ଜୀବ ସର୍ବଦା ଅସମର୍ଥ । ଭଗବାନ୍ ଜୀବ ଉପରେ ଏହି ଦାୟିତ୍ୱ ଦିଅନ୍ତି କାହିଁକି ?*

ଉତ୍ତର : ଏହାର ଯଥାର୍ଥ ଉତ୍ତର ଭଗବାନ୍ ଦେଇ ପାରନ୍ତି । ଭଗବାନ୍ କୌଣସି ବିଧାନରେ ଆବଦ୍ଧ ନଥା'ନ୍ତି । କାହାଠାରୁ ସେ ତା'ର ସହଯୋଗ ଚାହାନ୍ତି; କାହାର ସହଯୋଗ ବିନା ତା' ଉପରେ କୃପା କରନ୍ତି ।

ଅନ୍ୟ କେହି ପ୍ରତିକୂଳ ଅବସ୍ଥାରେ ପଡ଼ି ସାଧନାରେ ବାଧା ପାଇ ପାଇ ଦୁଃଖକଷ୍ଟ ଭୋଗୀ ସେଥିରୁ ମୁକ୍ତ ହେବାକୁ ଇଚ୍ଛା କରି ଭଗବାନଙ୍କ ସାହାଯ୍ୟ ଚାହିଁଲେ ଭଗବାନ୍ ବିବେକ, ଜ୍ଞାନ, ଶକ୍ତି ପ୍ରଦାନ କରନ୍ତି । ତେବେ ସେ ସଚେତ ହୋଇ ଅହଂ-ସ୍ୱାର୍ଥ କ୍ରିୟାକୁ ବର୍ଜନ କରେ ।

ପ୍ରତ୍ୟେକ ଭକ୍ତ ସକାଶେ ଭଗବାନଙ୍କର ବିଧାନ ସ୍ୱତନ୍ତ୍ର ।

**– ରାମକୃଷ୍ଣ ଦାସ**

(ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ, ପ୍ରଥମ ଖଣ୍ଡ, ପୃ. ୪୮୦-୪୮୨) ❑

ଚେତନାର ଦିଗ୍‌ବଳୟ :

# ''ପଶୁମାନଙ୍କଠାରୁ ଅଧମ !''

ଏହିଭଳି ଏକ ଦୃଶ୍ୟ କଳ୍ପନା କରନ୍ତୁ : ଚକ୍ ଚକ୍ ଦ୍ୱିତଳ କୋଠା । ପଛପଟେ ମନୋରମ ଉପବନ । ମାଆ ମାଙ୍କଡ଼ଟିଏ ତା' କୁନି ଝିଅକୁ କହୁଛି, ''ଯା, ଝରକା ଦେଇ ଏଇ କୋଠରି ଭିତରକୁ ଚାଲିଯା । ସେଠି ଯେଉଁ ଯୁବକମାନଙ୍କୁ ଦେଖୁଛୁ, ସେମାନେ ଭାରି ସେବାପରାୟଣ । ରୋଗୀକୁ ଆରୋଗ୍ୟ କରନ୍ତି, ମୃତ୍ୟୁ କବଳରୁ ଲୋକଙ୍କୁ ମୁକୁଳାଇ ଆଣନ୍ତି । ତୋତେ ଦେଖିଲେ ଭାରି ଗେଲ କରିବେ । ହୁଏତ ବିସ୍କୁଟ ଧରାଇ ଦେବେ । ଯଦି ସେମାନଙ୍କ ଭିତରେ ଏମିତି କେହି ଥିବେ ଯାହାଙ୍କ ସାଧାରଣ ଜ୍ଞାନ ଅଧିକ ହୋଇଥିବ, ନ୍ୟାସନାଲ ଜିଓଗ୍ରାଫିକ ବା ସେମିତି ଚାନେଲ୍ ଦେଖିଥିବେ, ସେ ବୁଝିପାରିବେ ଯେ ତୁ ବୋନେଟ୍ ମାକାକ୍ ଗୋଷ୍ଠୀର ମାଙ୍କଡ଼ ଛୁଆ; ସଂରକ୍ଷିତ ଗୋଷ୍ଠୀ । ହୁଏତ ତୋତେ ହଠାତ୍ ଅତିଥି ରୂପେ ପାଇ ବିସ୍ମିତ ଓ ଉତ୍‌ଫୁଲ୍ଲ ହେବେ । କୋଳ କରି ନେଇଯାଇ ସେମାନଙ୍କ ଅଧ୍ୟାପକ ବଡ଼ ବଡ଼ ଡାକ୍ତରବାବୁମାନଙ୍କୁ ଦେଖାଇବେ । ସଙ୍କୋଚ କରିବୁ ନାହିଁ । ଯା !''

କୁନି ମାଙ୍କଡ଼ ଛୁଆ ମା' କୋଳରୁ ଡେଇଁ ଝରକା ଦେଇ ଭିତରକୁ ପଶିଗଲା । ମୁହୂର୍ତ୍ତକ ପରେ କୋଠରିର ଝରକାସବୁ ଦୁମ୍‌ଦାମ୍ ବନ୍ଦ ହୋଇଗଲା; ଭିତରୁ ଶୁଭିଲା କିଛି ହାସ୍ୟରୋଳ – କିନ୍ତୁ ସେ ଧ୍ୱନିରେ ଏମିତି କିଛି ଭୟାବହତା ଥିଲା, ଯାହା ମା' ମାଙ୍କଡ଼ଟି ଭିତରେ ହୃତ୍‌କମ୍ପ ଜାତ କରାଇଥିବ ।

ଆମେ ଆଉ ଅଧିକ କଳ୍ପନା କରିବା ଆବଶ୍ୟକ ନାହିଁ । ଏଥର ତଥ୍ୟ ଉପରେ ଦୃଷ୍ଟି ଦେବା । ଗତ ନଭେମ୍ବର ମାସ (୨୦୧୬) ଶେଷ ସପ୍ତାହରେ ସମ୍ବାଦଟି ବାରଂବାର ପ୍ରକାଶ ପାଉଥିଲା ବିଶିଷ୍ଟ ସମ୍ବାଦପତ୍ରମାନଙ୍କରେ । ଶେଷଥର ଏହା ପଢ଼ିଥିଲି ''ଟାଇମ୍‌ସ୍ ଅଫ୍ ଇଣ୍ଡିଆ''ର ୨୬.୧୧.୨୦୧୬ ସଂଖ୍ୟାରେ ।

ସ୍ଥାନ ଭେଲୋରସ୍ଥିତ ''ଖ୍ରୀଷ୍ଟିଆନ ମେଡ଼ିକାଲ କଲେଜ'' ଛାତ୍ରାବାସ । ସେମାନଙ୍କ କୋଠରି ଭିତରକୁ ପଶି ଆସିଥିଲା ମାଈ ମାଙ୍କଡ଼ ଛୁଆଟି । ସେ ଏକ ବିରଳ ଗୋଷ୍ଠୀର ଶାବକ । କୌଶଳ ଯୋଗେ ତାକୁ ଚାରିଜଣ ଯୁବକ ଛାତ୍ର କାବୁ କରି ତା' କୁନି ହାତ ଦୁଇଟିକୁ ପଛକୁ ଭିଡ଼ି ନେଇ ବାନ୍ଧି ପକାଇଲେ । ତା'ପରେ ତାକୁ ରକ୍ତାକ୍ତ କଲେ ପ୍ରତ୍ୟେକେ ନିଜ ନିଜ ମାର୍ଗରେ : ସେହି କ୍ଷୀଣ ଦେହଟିକୁ ଭିତ୍ତି କରି ତାକୁ କିଏ କେତେ ଅକଥ୍ୟ ଯନ୍ତ୍ରଣା ଦେଇ ପାରିବାର ଦୃଷ୍ଟାନ୍ତ ରଖିପାରିବ – ସେହିଭଳି ଏକ ପ୍ରତିଯୋଗିତାମୂଳକ ମନୋବୃତ୍ତି ସହକାରେ । ଅବଶେଷରେ ଶାବକଟିର ନିମ୍ନ ଦେଶରୁ ଏକ ଶୂଳିବିଦ୍ଧ କରି ସେମାନେ ପରିତୃପ୍ତ ହେଲେ । ତଳେ ଏକ ବଣୁଆ ସ୍ଥାନରେ ସେମାନେ ତାକୁ ପୋତି ଦେଲେ ।

ଯଦିଓ ଏ କର୍ମଟି କରୁଥିଲେ ଚାରିଜଣ, ଏହାର ଦର୍ଶକ ଥିଲେ ବେଶ୍ କେତେଜଣ ଅନ୍ତେବାସୀ । ସେମାନଙ୍କ ପ୍ରତିକ୍ରିୟା ବିଧାତାକୁ ଜଣା । ତଦନ୍ତରୁ ଜଣାଯାଏ କେହି ଆପତ୍ତି କରି ନଥିଲେ, ବାଧା ଦେବା ତ ଦୂରର କଥା । ତେବେ କେହି ଜଣେ ଏ ସମ୍ପର୍କରେ ସ୍ଥାନୀୟ ପଶୁକଲ୍ୟାଣ ସମିତିକୁ ଅବହିତ କରାଇ ଦେଲେ ଏବଂ ଥାନାରେ ଏତଲା ଦିଆଗଲା, ଅନୁସନ୍ଧାନ ଆରମ୍ଭ ହେଲା । ସେତେବେଳେ ଦର୍ଶକ ବନ୍ଧୁମାନଙ୍କର ସୁଖନିଦ୍ରାଭିଭୂତ ବିବେକ ଜାଗ୍ରତ୍ ହେଲା । ସେମାନେ ଦୃଶ୍ୟଟିର ବର୍ଣ୍ଣନା ଦେଲେ । ମାଙ୍କଡ଼ ଛୁଆର ଶବ ବାହାର କରି ଦେଖାଗଲା ହାତ ଦୁଇଟି ବନ୍ଧା ଓ ଶୂଳିଟି ସେଯାବତ୍ ବିଦ୍ଧ ହୋଇ ରହିଛି । ଚାରି କରିତ୍‌କର୍ମା ଯୁବକ ଛାତ୍ରାବାସରୁ ଏବଂ କଲେଜରୁ ବହିଷ୍କୃତ ହେଲେ; ଗିରଫ ହେଲେ; ଯଥାବିଧି ମକଦମା ଦାଏର ହୋଇଛି ।

ଏହା ନୂଆ କଥା ନୁହେଁ । କେତେ ମାସ ତଳେ ଆଉ ଏକ ମେଡ଼ିକାଲ ଛାତ୍ରାବାସର ଜଣେ ଛାତ୍ର ଗୋଟାଏ କୁକୁର ଛୁଆକୁ ଛାତ ଉପରୁ ତଳକୁ ଫୋପାଡ଼ିଲେ ଏବଂ ତାଙ୍କ ବନ୍ଧୁ ସେ ଦୃଶ୍ୟର ଫଟୋ ନେଲେ । ସେ ଦୁହିଙ୍କୁ ମଧ ବହିଷ୍କାର କରାଯାଇଛି ।

ଏଭଳି ନିଷ୍ଠୁର ପ୍ରକୃତିର ବିକାଶର ପଟଭୂମି ବ୍ୟାପକ । କାହାରି କାହାରି ମତରେ ଡାକ୍ତରୀ ଛାତ୍ରମାନେ ନାନାଦି ଜୀବନ୍ତ ପଶୁ ଉପରେ ବ୍ୟବଚ୍ଛେଦ କରିବାରେ ଅଭ୍ୟସ୍ତ ହେବା ଫଳରେ ସେମାନଙ୍କ ସମ୍ବେଦନଶୀଳତା ହ୍ରାସ ହୋଇଯାଏ । କାହା କାହା ଉପରେ ସେଭଳି ପ୍ରଥାର ପ୍ରଭାବ ହୁଏତ କିଛି ମାତ୍ରାରେ ପଡୁଥିବ, କିନ୍ତୁ ଆମେ ଜାଣୁ, ମାନବିକତାର, ମହାନୁଭବତାର ଅସଂଖ୍ୟ ଦୃଷ୍ଟାନ୍ତ ସେହି ବୃତ୍ତିର ବ୍ୟକ୍ତିମାନଙ୍କ ଭିତରେ

ଜାଜ୍ୱଲ୍ୟମାନ । ଉପରୋକ୍ତ ଘଟଣାର ସମତୁଲ ଘଟଣା ଅନ୍ୟ ଯେକୌଣସି ଅଣ-ମେଡ଼ିକାଲ ପ୍ରତିଷ୍ଠାନରେ ବି ଘଟିପାରନ୍ତା ।

ଏଭଳି କର୍ମରେ ପ୍ରବୃତ୍ତ ହେବା ତରୁଣ ବିରଳ; କିନ୍ତୁ ସେମାନେ ଯୁଗେ ଯୁଗେ ଥିଲେ । ଯାହା ଦୁର୍ଭାଗ୍ୟର କଥା, ସେମାନଙ୍କ ବିକୃତିକୁ ସମର୍ଥନ ନକଲେ ମଧ୍ୟ ସେଥିରେ ହସ୍ତକ୍ଷେପ ନକରିବାର ସାମୂହିକ ମାନସିକତା । ଏହି ମାନସିକତା ପଶ୍ଚାତରେ ଥିବା ହେତୁସବୁ ନିରୂପଣ କରିବା ଶିକ୍ଷାବିତ୍ ତଥା ମନସ୍ତତ୍ତ୍ୱବିଦ୍‌ମାନଙ୍କ ସକାଶେ ଏକ ଆହ୍ୱାନ । କହିବା ବାହୁଲ୍ୟ, ସମଗ୍ର ସମାଜରେ, ଆଜି ଗଣମାଧ୍ୟମସବୁର ପ୍ରାଦୁର୍ଭାବରେ, ଆମର ସୂକ୍ଷ୍ମ ଅବବୋଧ ଶକ୍ତିରେ ଅବକ୍ଷୟ ଦେଖା ଦେଇଛି । ତାହା ଅବଶ୍ୟ ଏକ ବ୍ୟାପକ ଆଲୋଚନାର ବିଷୟ । ତେବେ ପଶୁମାନଙ୍କ ପ୍ରତି ସଦ୍‌ଭାବର ବିକାଶ ହେଲେ ବାଳକ-ବାଳିକାମାନେ ଉପକୃତ ହେବେ ବୋଲି ଗୋଟିଏ ବିଶେଷ ଗବେଷଣାରୁ ଜଣାଯାଏ । କୁକୁର, ବିଲେଇ ପୋଷିବାକୁ ସେମାନଙ୍କୁ ଅଭ୍ୟସ୍ତ କରାଇବା ଏକ ସୁସ୍ଥ ପଦକ୍ଷେପ ବୋଲି ସେମାନଙ୍କର ଗବେଷଣା-ସମ୍ମତ ପରାମର୍ଶ ।

୧୯୩୪ ମସିହାର ଏକ ଛୋଟ ଘଟଣା — ଆଶ୍ରମର କୌଣସି ବିଭାଗରେ ଚାକିରି କରୁଥିବା ଜଣେ ଯୁବକ ଗୋଟାଏ କୁକୁରକୁ ଅଯଥା ଆଘାତ କରନ୍ତେ ଶ୍ରୀମାଙ୍କ ଆଦେଶକ୍ରମେ ତାକୁ କାର୍ଯ୍ୟରୁ ଅନ୍ତର କରାଗଲା । ଦୁଇଦିନ ପରେ ଗୋଶାଳା ଦାୟିତ୍ୱରେ ଥିବା ସାଧକ ସେ ଯୁବକକୁ ଅସ୍ଥାୟୀ ଭାବରେ ତାଙ୍କ ବିଭାଗରେ କାମ ଦେବା ପାଇଁ ମା'ଙ୍କ ଅନୁମତି ପ୍ରାର୍ଥନା କଲେ । ମା' କହିଲେ, ଯିଏ ପ୍ରାୟ ଇଚ୍ଛା କରି ଗୋଟାଏ କୁକୁରକୁ ଆଘାତ ଦେଇପାରେ, ସେ ଗାଈ ଏବଂ ଗୋଶାବକମାନଙ୍କ ପ୍ରତି ମଧ୍ୟ ସେହିପରି ଆଚରଣ କରିପାରେ । ତା'ପରେ ମା' ଲେଖିଲେ,

"A man who is cruel with beasts is worse than a beast." (CWM - 16, p. 110)

''ଯେଉଁ ଲୋକ ପଶୁମାନଙ୍କ ପ୍ରତି ନିର୍ମମ, ସେ ପଶୁମାନଙ୍କଠାରୁ ଅଧମ ।''

— **ମନୋଜ ଦାସ**

❑❑❑

**At last a pimple / acne treatment that *REALLY* works !!**

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyala, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Bhubaneswar Contact
Phone/Whatsapp: 9937786512

Mfr: **Ayurlabs India**, Pondicherry 605001.Ph: 0413-2224935,2339477 Email: ayurlabs@gmail.com

tarika

AYURVEDIC HERBAL REMEDIES

**Pimple / Acne Remover**

Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

**Night oil for face**

Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and texture within 3 to 4 weeks.*

**Daily Facial**

**Sandal & Saffron Beauty Masks**

For a fair, glowing, radiant complexion.
Improves skin tone. Removes marks, scars.

**Hair Vitaliser oil**

Controls hair loss and improves hair growth
*Regular use prevents hair thinning and receding hair line*

**Gum oil**

Quick relief from toothache, sensitive teeth, receding gum, bleeding gum, mouth ulcers, weak gum.
*Sure relief from multiple oral problems.*

**agni Pain relief oil**

Fast relief from arthritis, joint and back pain, spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA, Germany, Italy, Australia etc.*

Bhubaneswar Contact
Phone/Whatsapp: 9937786512

Made in India by: Ayurlabs India
32 Lally Tollendal Street, Pondicherry 605001. Phone: 0413-2224935, 2339477
Email: office@ayurlabsindia.com, ayurlabs@gmail.com Website: www.ayurlabsindia.com